# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୪ /୨୦୧୮ (୨୦ ପୃଷ୍ଠା) | Balasore, Friday, August 24 / 2018 | ★★★★

୪୪ଶ ଭାଗ ୨୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



DSPL - 133

ODISHA ONE

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,
ଓଡ଼ିଶା ସରକାର

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
ଓଡ଼ିଶା ସରକାର

## ୧୫ ଅଗଷ୍ଟ ୨୦୧୮ରୁ

ପରିବାର ପିଛା ବାର୍ଷିକ **୫ ଲକ୍ଷ** ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ଭରସା

ପରିବାର ସହ ମହିଳା ସଦସ୍ୟଙ୍କ ନିମନ୍ତେ **୭ ଲକ୍ଷ** ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ଭରସା

**୭୦ ଲକ୍ଷ**ରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ

ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଗତ ପ୍ରତ୍ୟେକ କାର୍ଡ଼ଧାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ ଉପକୃତ ହେବେ

ରାଜ୍ୟର ସମୁଦାୟ ଜନସଂଖ୍ୟାର **୭୦%** ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଭରସା ଯୋଜନାର ପରିକଳ୍ପନା

ଟୋଲ୍ ଫ୍ରୀ ନମ୍ବର - ୧୫୫୩୬୯

10001/13/0014/1819



**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା | ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା**

“ବୌଦ୍ଧଧର୍ମ ହେଉଛି ଭୁଟାନକୁ ଭାରତର ସର୍ବଶ୍ରେଷ୍ଠ ଉପହାର। ଏହି ପ୍ରାଚୀନ ଧର୍ମ ଦୁଇ ପଡ଼ୋଶୀ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିଛି।
- ଆଶି ଦୋର୍ଜୀ ୱାଙ୍ଗମୋ ୱାଙ୍ଗଚୁକ୍, ଭୁଟାନ ରାଜମାତା



## ସଂକ୍ଷେପରେ

### ଦୁର୍ଘଟଣାରେ ୧୧ ମୃତ

ଶିମ୍ଲା, ୨୩।୮ (ପି.ଟି.)-ହିମାଚଳପ୍ରଦେଶର କୁଲ୍ଲୁ ଜିଲାରେ ଗୁରୁବାର ଏକ କାର୍ ଦୁର୍ଘଟଣାରେ ୧୧ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ପାଞ୍ଚ ମହିଳା, ତିନି ପୁରୁଷ ଏବଂ ତିନି ପିଲା ଅଛନ୍ତି। ରହ୍ନି ନୁଲ୍ଲା ଅନ୍ତର୍ଗତ ମନାଲି-ଲେହ ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିବା କୁଲ୍ଲୁ ଏସ୍‌ପି ଶାଲିନୀ ଅଗ୍ନିହୋତ୍ରୀ କହିଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ଲୋକେ ଚାମ୍ବା ଜିଲା ଅନ୍ତର୍ଗତ ପାଙ୍ଗିର ବାସିନ୍ଦା। ସେମାନେ ମନାଲିରୁ ପାଙ୍ଗି ଅଭିମୁଖେ ଏକ କାର୍‌ରେ ଯାଉଥିବାବେଳେ ରୋହତାଙ୍ଗ୍ ପାସ୍ ନିକଟରେ ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ ନେଇ ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜଇରାମ ଠାକୁର ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇଦେବାକୁ ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ଏଆଇସିସିରେ ୯ ନୂଆ ସମ୍ପାଦକ

ନୂଆଦିଲ୍ଲୀ, ୨୩।୮ (ପି.ଟି.)-କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଗୁରୁବାର ଗୁଜରାଟର ଓବିସି ନେତା ଅଳ୍ପେଶ ଠାକୁରଙ୍କ ସମେତ ୯ ଜଣଙ୍କୁ ଏଆଇସିସିର ନୂଆ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର ରାଏବରେଲି ସଦର ବିଧାୟିକା ଅଦିତି ସିଂଙ୍କୁ ଅଖିଳ ଭାରତ ମହିଳା କଂଗ୍ରେସର ସାଧାରଣ ସମ୍ପାଦକ ଦାୟିତ୍ୱ ଦେଇଛନ୍ତି। ନବନିଯୁକ୍ତ ଏଆଇସିସି ସମ୍ପାଦକଙ୍କ ମଧ୍ୟରେ ଅଛନ୍ତି ବିଧାୟକ ଶକିଲ ଅହମ୍ମଦ ଖାନ୍। ଅଳ୍ପେଶଙ୍କୁ ବିହାର, ଶକିଲଙ୍କୁ ଜମ୍ମୁ-କଶ୍ମୀର ଓ ରାଜେଶ ଧାମନିଙ୍କୁ ଉତ୍ତରାଖଣ୍ଡ ଦାୟିତ୍ୱ ଦିଆଯାଇଛି। ସେହିପରି ବି.ପି. ସିଂ, ମହମ୍ମଦ ଜୱାଇଦ୍ ଓ ଶରତ ରାଉତଙ୍କୁ ପଶ୍ଚିମବଙ୍ଗ ଦାୟିତ୍ୱ ପ୍ରଦାନ କରାଯାଇଛି। ଚଲ୍ଲା ଭମ୍ସୀ ଚାନ୍ଦ ରେଡ୍ଡୀ ଏବଂ ବି.ଏମ୍. ସନ୍ଦୀପଙ୍କୁ ମହାରାଷ୍ଟ୍ରର ଏଆଇସିସି ସମ୍ପାଦକ କରାଯାଇଛି। ଦୀପକ ରାଠୋଡ୍ ଓ ରାଜପାଲ୍ ବିଷ୍ଟଙ୍କୁ ମିଜୋରାମ୍ ସ୍କ୍ରିନିଙ୍ଗ୍ କମିଟି ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିବା ଏଆଇସିସି ସାଧାରଣ ସମ୍ପାଦକ ଅଶୋକ ଗେହଲଟ୍ ସୂଚନା ଦେଇଛନ୍ତି।

# ଏକ ନିର୍ବାଚନର ସମ୍ଭାବନା ନାହିଁ

## ସ୍ପଷ୍ଟ କଲେ ସିଇସି

ଔରଙ୍ଗାବାଦ, ୨୩।୮ (ପି.ଟି.)



ଓ.ପି. ରାୱତ୍

ଖୁବ୍‌ଶୀଘ୍ର ଲୋକ ସଭା ଓ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ ଏକସଙ୍ଗେ ହେବ ବୋଲି କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି। ଏନେଇ ରାଜନୈତିକ କାଦୁଅଫିଙ୍ଗା ମଧ୍ୟ ଚାଲିଛି। ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ.ପି. ରାୱତ୍। ଏକକାଳୀନ ନିର୍ବାଚନ ହେବାର ଆଦୌ ସମ୍ଭାବନା ନାହିଁ ବୋଲି ଗୁରୁବାର ସେ ସ୍ପଷ୍ଟ କରିଛନ୍ତି। ଲୋକ ସଭା ଓ ବିଧାନସଭା ନିର୍ବାଚନ ଏକ ସମୟରେ କରିବା ଲାଗି ସ୍ୱତନ୍ତ୍ର ଆଇନଗତ ବିଧିବ୍ୟବସ୍ଥା ହେବା ଜରୁରୀ ବୋଲି ରାୱତ୍ ପ୍ରକାଶ କରିଛନ୍ତି।

ଆଗକୁ ଆସୁଛି ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଏବଂ ମିଜୋରାମ ବିଧାନସଭା ନିର୍ବାଚନ। ମିଜୋରାମ୍ ବିଧାନସଭାର କାର୍ଯ୍ୟକାଳ ଆସନ୍ତା ଡିସେମ୍ବର ୧୫ରେ ଶେଷ ହେଉଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭାର କାର୍ଯ୍ୟକାଳ ଯଥାକ୍ରମେ ୨୦୧୯ ଜାନୁୟାରୀ ୫, ୭ ଏବଂ ୨୦ରେ ପୂରିବ। ତେଣୁ ଚଳିତବର୍ଷ ଶେଷଭାଗ ଆଡ଼କୁ ଏହି ଚାରି ରାଜ୍ୟର ନିର୍ବାଚନ ହେବାର ଅଛି। କିନ୍ତୁ ଏହାକୁ ଘୁଞ୍ଚାଇଦେଇ ୨୦୧୯ ଏପ୍ରିଲରୁ ମେ ମଧ୍ୟରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ସହିତ ଏକାଠି ନିର୍ବାଚନ କରାଯିବ ବୋଲି କିଛି ସପ୍ତାହ ହେଲା ଶୁଣିବାକୁ ମିଳୁଛି। ଏ ପ୍ରସଙ୍ଗରେ ଖୋଲା ବିତର୍କ କରିବାକୁ ନିକଟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଧ୍ୟ ବିଭିନ୍ନ ପକ୍ଷକୁ ଆହ୍ୱାନ ଦେଇଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏକ ନିର୍ବାଚନ ହେଉ ବୋଲି ଚାହୁଁଥିବା ଦଳ ପ୍ରକାଶ କରିସାରିଛି। ଭାଜପାର ଏହି ନିଷ୍ପତ୍ତିକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ସମାଲୋଚନା କରୁଛନ୍ତି। ଏହି କ୍ରମରେ ଔରଙ୍ଗାବାଦରେ ଏକ ବୈଠକବେଳେ ମୁଖ୍ୟ ନିର୍ବାଚନ କମିଶନର ନିଜ ମତ ସ୍ପଷ୍ଟ କରିଛନ୍ତି। ଏକକାଳୀନ ନିର୍ବାଚନକୁ ବର୍ତ୍ତମାନ ପରିସ୍ଥିତିରେ ବାସ୍ତବ ରୂପ ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ବିରାଟ ପରିବର୍ତ୍ତନ ପାଇଁ ଆଇନ ପ୍ରଣୟନ ହେବା ନିହାତି ଆବଶ୍ୟକ। ଆଇନ ଆଣିବା ଲାଗି ଅତିକମ୍‌ରେ ବର୍ଷେ ସମୟ ଲୋଡ଼ା। ସାମ୍ବିଧାନିକ ବ୍ୟବସ୍ଥାରେ ସଂଶୋଧନ ଆଣିବା ଲାଗି ସ୍ୱତନ୍ତ୍ର ବିଧେୟକ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଯାଇ ନିର୍ବାଚନ କମିଶନ ଆଗେଇପାରିବେ ବୋଲି ରାୱତ୍ କହିଛନ୍ତି।

ସିଇସି ଆହୁରି କହିଛନ୍ତି, ଲୋକ ସଭା ନିର୍ବାଚନର ୧୪ ମାସ ପୂର୍ବରୁ ନିର୍ବାଚନ କମିଶନ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି। ଉଣେଇଶ ନିର୍ବାଚନକୁ ଆଉ କିଛି ମାସ ବାକି ରହିଲା। ଏତିକିବେଳେ ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ପୂର୍ଣ୍ଣ ଅସମ୍ଭବ। ତା’ଛଡ଼ା ନିର୍ବାଚନ କମିଶନ ମାନବ ସମ୍ବଳ ଅଭାବରେ ଚାଲିଛି ବୋଲି ସେ କହିଛନ୍ତି। କମିଶନ୍‌ରେ ମାତ୍ର ୪୦୦ କର୍ମଚାରୀ ଅଛନ୍ତି। କିନ୍ତୁ ନିର୍ବାଚନ ସମୟରେ ଦେଶବ୍ୟାପୀ ୧.୧୧ କୋଟି ଲୋକଙ୍କୁ ଭୋଟିଂ କାର୍ଯ୍ୟରେ ନିୟୋଜିତ କରାଯାଏ। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ତ୍ରୁଟି ପରିଲକ୍ଷିତ ହେଉଥିବାରୁ ଏ ସମ୍ପର୍କରେ ସିଇସିଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସେ କହିଛନ୍ତି, ଦେଶର ଅଧିକାଂଶ ଭାଗରେ ଲୋକେ ଇଭିଏମ୍ ବ୍ୟବସ୍ଥା ସମ୍ପର୍କରେ ଅବଗତ ନାହାନ୍ତି। ମାତ୍ର ୦.୫ରୁ ୦.୬ ପ୍ରତିଶତ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳୁଛି। ଏହା କୌଣସି ଚିନ୍ତାଜନକ ବିଷୟ ନୁହେଁ।

# ବାଗ୍‌ଦାଦୀ ଜୀବିତ

## ଆସିଲା ନୂଆ ଅଡିଓ

କାଏରୋ/ୱାଶିଂଟନ୍, ୨୩।୮ (ପି.ଟି.)



ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ମୁଖ୍ୟ ଅବୁ ବକର ଅଲ୍-ବାଗ୍‌ଦାଦୀଙ୍କ ମୃତ୍ୟୁ ହୋଇ ନାହିଁ। ସେ ଏବେ ବି ଜୀବିତ ଅଛନ୍ତି। ତାଙ୍କର ଏକ ନୂଆ ଅଡିଓ ପ୍ରସାର କରିଛି ଆଇଏସ୍। ଇରାକ୍ ଓ ସିରିଆରେ ବ୍ୟାପକ କ୍ଷତି ସହିବା ସତ୍ତ୍ୱେ ଧୈର୍ଯ୍ୟ ଧରିବା ଲାଗି ସେ ଆଇଏସ୍ ଆତଙ୍କବାଦୀମାନଙ୍କୁ ବାର୍ତ୍ତା ଦେଇଛନ୍ତି। ମୁସଲମାନମାନେ ଜେହାଦ ପ୍ରସାର କରନ୍ତୁ ବୋଲି ବାଗ୍‌ଦାଦି କହିଛନ୍ତି।

ଗତବର୍ଷ ମେ’ରେ ସିରିଆର ରାକ୍କା ସହର ଉପକଣ୍ଠସ୍ଥ ଆଇଏସ୍ ଶିବିରଗୁଡ଼ିକ ଉପରେ ଆକାଶମାର୍ଗରୁ ଆକ୍ରମଣ କରି ଉଡ଼ାଇଦେଇଥିଲା ରୁଷିଆ। ସେଠାରେ ଲୁଚିଥିବା ବାଗ୍‌ଦାଦି (ପ୍ରକୃତ ନାମ ଇବ୍ରାହିମ୍ ଅୱାଦ ଇବ୍ରାହିମ୍ ଅଲ୍-ବଦ୍ରି) ଏହି ଆକ୍ରମଣରେ ପ୍ରାଣ ହରାଇଥିବା ରିପୋର୍ଟ ମିଳିଥିଲା। କିନ୍ତୁ ସେ ଜୀବିତ ଥିବା ଆଇଏସ୍ ସଙ୍ଗଠନ ଦାବି କରିଆସୁଛି ଏବଂ ଅନେକ ଅଡିଓ ରିଲିଜ୍ କରି ତାହା ବାଗ୍‌ଦାଦିଙ୍କ ବାର୍ତ୍ତା ବୋଲି ଦର୍ଶାଉଛି। ଏପରିସ୍ଥଳେ ବାଗ୍‌ଦାଦିଙ୍କ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିବାବେଳେ ଆଇଏସ୍‌ର ମିଡିଆ ଶାଖା ଅଲ୍-ଫୁର୍କାନ୍‌ରେ ବୁଧବାର ଚାଞ୍ଚଲ୍ୟ ଖେଳାଇବା ଭଳି ତଥ୍ୟ ପ୍ରସାର ହୋଇଥିଲା। ବାଗ୍‌ଦାଦିଙ୍କ ୫୫ ମିନିଟ୍ ବିଶିଷ୍ଟ ଅଡିଓ ରେକର୍ଡିଂ ରିଲିଜ୍ କରାଯାଇଥିଲା। ସେଥିରେ ସେ ଆତଙ୍କବାଦୀଙ୍କୁ ଖଲିଫା ଶାସନ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି। ଉକ୍ତ ରେକର୍ଡିଂରେ ଯେଉଁ ବ୍ୟକ୍ତିଙ୍କ ସ୍ୱର ଶୁଣିବାକୁ ମିଳୁଛି, ତାହା ବାଗ୍‌ଦାଦିଙ୍କ କଥା କି ନା ସ୍ପଷ୍ଟ ଜଣାପଡୁନାହିଁ। ତେବେ ଆଇଏସ୍ ପରାଜିତ ହୋଇଥିବା ବ୍ୟକ୍ତିଜଣକ ସ୍ୱୀକାର କରିଛନ୍ତି। ଭୟ ଓ ଭୋକରେ କାଳାତିପାତ କରୁଥିବା ତାଙ୍କ ଅନୁଗାମୀଙ୍କ ପରୀକ୍ଷା ନେଉଛନ୍ତି ଆଲ୍ଲା। କିନ୍ତୁ ସମସ୍ତେ ଧୈର୍ଯ୍ୟ ନ ହରାନ୍ତୁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ୨୦୧୪ ଜୁଲାଇରେ ବାଗ୍‌ଦାଦିଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଇରାକ୍‌ର ମୋସୁଲ ସହରରେ ଥିବା ଗ୍ରେଟ୍ ମସ୍କରୁ ସେ ଖଲିଫା ଶାସନ ପ୍ରତିଷ୍ଠା କରିବେ ବୋଲି ଘୋଷଣା କରିଥିଲେ। ୨୦୧୭ ସେପ୍ଟେମ୍ବରରେ ବାଗ୍‌ଦାଦିଙ୍କ ଶେଷ ଅଡିଓ ରିଲିଜ୍ କରାଯାଇଥିଲା।

ବାଗ୍‌ଦାଦିଙ୍କ ସଦ୍ୟ ଅଡିଓ ରେକର୍ଡ ବିଷୟରେ କୌଣସି ମନ୍ତବ୍ୟ ଦେବେ ନାହିଁ ବୋଲି ଆମେରିକାର ସେଣ୍ଟ୍ରାଲ କମାଣ୍ଡ ମୁଖପାତ୍ର କ୍ୟାପ୍‌ଟେନ୍ ୱିଲିୟମ୍ ଅର୍ବାନ୍ କହିଛନ୍ତି। ଇରାକ୍ ଓ ଯୁଦ୍ଧଗ୍ରସ୍ତ ସିରିଆରେ ଏବେ ମଧ୍ୟ ୨୦,୦୦୦ରୁ ୩୦,୦୦୦ ଆଇଏସ୍ ଆତଙ୍କବାଦୀ ସକ୍ରିୟ ଥିବା ଗତ ସପ୍ତାହରେ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ସିରିଆର ଦେର୍ ଅଲ-ଜୌର୍ ପ୍ରଦେଶ ଏବେ ମଧ୍ୟ ଆଇଏସ୍ କବ୍‌ଜାରେ ରହିଛି।

# ରାହୁଲଙ୍କ ଆଇଏସ୍ ମନ୍ତବ୍ୟକୁ ନେଇ ଝଡ଼

ନୂଆଦିଲ୍ଲୀ, ୨୩।୮ (ପି.ଟି.)

ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି। ରାହୁଲ ଆତଙ୍କବାଦକୁ ସମର୍ଥନ କରି ଭାରତକୁ ଅପମାନିତ କରିଥିବାରୁ ସେ କ୍ଷମାମାଗନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।

ଜର୍ମାନୀ ଗସ୍ତରେ ଥିବା ରାହୁଲ ବୁଧବାର ହାମ୍‌ବର୍ଗର ବୁସେରିୟସ୍ ସମର ସ୍କୁଲରେ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କୁ ବିକାଶରୁ ବାଦ୍ ଦେଇଛନ୍ତି। ଏହା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ଲୋକଙ୍କୁ ମୁଖ୍ୟ ଧାରାରୁ ବାଦ୍ ଦେବା ଏକ ବିପଜ୍ଜନକ କଥା। ଜନସାଧାରଣଙ୍କୁ ବିକାଶର ଚିତ୍ର ନ ଦେଖାଇଲେ ସେମାନଙ୍କ ମୁଣ୍ଡରେ ଅନ୍ୟ କେହି ଭିନ୍ନ ବିଷୟ ପୂରାଇବେ। ଏହାଦ୍ୱାରା ଆଇଏସ୍ ଭଳି ଆତଙ୍କବାଦୀ ସଙ୍ଗଠନ ଜନ୍ମ ନେଇପାରେ ବୋଲି ରାହୁଲ କହିଥିଲେ। ଏହାକୁ ନେଇ ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି, ରାହୁଲ ବିଦେଶ ମାଟିରେ ମୋଦି ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ମିଛ କହିଛନ୍ତି। ଏହାସହ ଆଇଏସ୍ ଭଳି ଆତଙ୍କବାଦୀ ସଙ୍ଗଠନର ଯଥାର୍ଥତା ପ୍ରତିପାଦିତ କରିବାକୁ ସେ ଉଦ୍ୟମ କରିଛନ୍ତି। ଏଥିରୁ ବଡ଼ ଭୟଙ୍କର ଓ ଚିନ୍ତାଜନକ ବିଷୟ କିଛି ନାହିଁ। ଏଥିଯୋଗୁ ବିଶ୍ୱ ଦରବାରରେ ଭାରତ ଅପମାନିତ ହୋଇଛି। ରାହୁଲ ଦେଶବାସୀଙ୍କୁ କ୍ଷମାମାଗିବା ଉଚିତ ବୋଲି ସମ୍ବିତ୍ ଦାବି କରିଛନ୍ତି।



ନୂଆଦିଲ୍ଲୀସ୍ଥିତ ସାଉଥ୍ ବ୍ଲକ୍‌ରେ ଗୁରୁବାର ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ତାଙ୍କ ଚାଇନା ପ୍ରତିପକ୍ଷ ଜେନେରାଲ ୱି ଫେଙ୍ଗେଙ୍କୁ ସ୍ୱାଗତ କରୁଛନ୍ତି।

# କେରଳ ବିପନ୍ନଙ୍କୁ ଦାନ କଲେ ୪ ବର୍ଷର ଝିଅ

କୋଲ୍‌କାତା, ୨୩।୮ (ପି.ଟି.)

କୋଲ୍‌କାତାର ଜଣେ ୪ ବର୍ଷର ଝିଅ କେରଳ ରିଲିଫ୍ ଫଣ୍ଡକୁ ଦାନ କରିଛନ୍ତି। ଏହି ବଦାନ୍ୟତା ଦେଖାଇଥିବା ବାଳିକାଙ୍କ ନାମ ଅପରାଜିତା ଶାହ। ଯାଦବପୁରନିବାସୀ ଅପରାଜିତା ଜନ୍ମଦିନରେ ପାଇଥିବା ଉପହାରରୁ ୧୪,୮୦୦ ଟଙ୍କା ସଞ୍ଚୟ କରି ରଖିଥିଲେ। ଏଥିରେ ସେ ସିଡୀ ପ୍ଲେୟର କିଛି ନୃତ୍ୟ ଶିକ୍ଷା କରିଥାଆନ୍ତେ। କିନ୍ତୁ ଟିଭିରେ କେରଳ ବନ୍ୟାର ଦୃଶ୍ୟ ଦେଖି ତାଙ୍କ ମନ ଆନ୍ଦୋଳିତ ହୋଇଥିଲା। ନିଜଆଡ଼ୁ କିଛି ସାହାଯ୍ୟ କରିବାକୁ ସେ ଆଗେଇ ଆସିଲେ ଏବଂ ମାବାପାଙ୍କୁ ମନର କଥା କହିଲେ। ଏହାପରେ ଅପରାଜିତା ସବୁତକ ଟଙ୍କାକୁ ନେଇ ସିପିଏମ୍ ନେତା ବିମାନ ବୋଷ୍‌ଙ୍କୁ ହସ୍ତାନ୍ତର କରିଛନ୍ତି।

## ଫୁର୍‌ସତ

### ଇତିହାସର ଆଇନାରେ

### ଅଗଷ୍ଟ ୨୪ର ପ୍ରମୁଖ ଘଟଣା

#### ଇଂଲିଶ୍ ଚ୍ୟାନେଲ୍ ଅତିକ୍ରମ କଲେ ମାଥ୍ୟୁ ୱେବ୍

୧୮୭୫ ଅଗଷ୍ଟ ୨୪ରେ ବ୍ରିଟେନ୍‌ର ସର୍ପଶାୟାର ନିବାସୀ ମାଥ୍ୟୁ ୱେବ୍ ପ୍ରଥମ ବ୍ୟକ୍ତି ଭାବେ ଇଂଲିଶ୍ ଚ୍ୟାନେଲ୍ ପହଁରି ରେକର୍ଡ ସୃଷ୍ଟି କରିଥିଲେ। ଏଥିପାଇଁ ସେ କୌଣସି କୃତ୍ରିମ ଉପକରଣ ସହାୟତା ନେଇ ନ ଥିଲେ। ଇଂଲଣ୍ଡର ଡୋଭରଠାରୁ ଫ୍ରାନ୍ସର କାଲାଇ ପର୍ଯ୍ୟନ୍ତ ସେ ପହଁରିଥିଲେ। ଏଥିପାଇଁ ତାଙ୍କୁ ୨୨ ଘଣ୍ଟାରୁ କମ୍ ସମୟ ଲାଗିଥିଲା। ୧୮୪୮ରେ ସେ ଜନ୍ମିତ ମାଥ୍ୟୁ ୧୫ ବର୍ଷ ବୟସରେ ଆଇରନ୍ ବ୍ରିଜ୍ ନିକଟରେ ବୁଡ଼ିଯାଉଥିବା ତାଙ୍କର ସାନଭାଇ ଟମାସ୍‌ଙ୍କୁ ଉଦ୍ଧାର କରିଥିଲେ। ୧୮୭୩ରେ ସେ ଷ୍ଟିମ୍ ଜାହାଜ ଇମେରାଲ୍‌ଡର କ୍ୟାପ୍‌ଟେନ୍ ଭାବେ କାର୍ଯ୍ୟ କରିଥିଲେ।

#### ସୁରଟ୍‌ରେ ପହଞ୍ଚିଲେ ପ୍ରଥମ ବ୍ରିଟିଶ୍ ପ୍ରତିନିଧି

୧୬୦୮ ଅଗଷ୍ଟ ୨୪ରେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ପ୍ରଥମ ପ୍ରତିନିଧି ପଶ୍ଚିମ ଭାରତୀୟ ରାଜ୍ୟ ଗୁଜରାଟର ସୁରଟ୍‌ରେ ପହଞ୍ଚିଥିଲେ। ବ୍ୟବସାୟ କରିବା ଉଦ୍ଦେଶ୍ୟରେ ସେ ଏଠାରେ ପହଞ୍ଚିଥିଲେ। ଇଷ୍ଟ ଇଣ୍ଡିଆ କମ୍ପାନୀ ଥିଲା ଏକ ଯୁଗ୍ମ ବ୍ରିଟିଶ୍ ଷ୍ଟକ୍ କମ୍ପାନୀ। ଇଷ୍ଟ ଇଣ୍ଡିଜ୍ (ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆ)ରେ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଏହା ୧୬୦୦ ମସିହାରେ ପ୍ରତିଷ୍ଠିତ। ପ୍ରାଥମିକ ଭାବେ ଏହି କମ୍ପାନୀ ଭାରତ ଉପମହାଦେଶ, ଉତ୍ତର-ପଶ୍ଚିମ ଫ୍ରଣ୍ଟିୟର୍ ପ୍ରଦେଶ ଏବଂ ବେଲୁଚିସ୍ତାନରେ ବ୍ୟବସାୟ ଆରମ୍ଭ କରିଥିଲା। ଏହି କମ୍ପାନୀ ପ୍ରଥମେ ରେଶମ, ଇଣ୍ଡିଗୋ ଡାଇ, ସୂତା, ଚା ଏବଂ ଅଫିମ ବ୍ୟବସାୟ ଆରମ୍ଭ କରିଥିଲା। ଏହା ହେଉଛି ସର୍ବପୁରାତନ ୟୁରୋପୀୟ ଇଷ୍ଟ ଇଣ୍ଡିଆ କମ୍ପାନୀ। ୧୬୦୦ ମସିହାରେ ମହାରାଣୀ ଏଲିଜାବେଥ୍ ଏହାକୁ ରୟାଲ୍ ଚାର୍ଟର୍ ପ୍ରଦାନ କରିଥିଲେ।

# ଜାତିସଂଘରେ ପ୍ଲାଷ୍ଟିକ୍-ନିରୋଧୀ ସଂଗୀତ

ମୁମ୍ବାଇ:

‘ଟିକ୍ ଟିକ୍ ପ୍ଲାଷ୍ଟିକ୍ ଟିକ୍ ନା ପାଏ ରେ’ ଭଳି ଏକ ସଂଗୀତ ଭିତ୍ତିକ ଭିଡିଓ ନ୍ୟୁୟର୍କସ୍ଥିତ ଜାତିସଂଘ କାର୍ଯ୍ୟାଳୟରେ ପ୍ରଦର୍ଶିତ ହୋଇଛି। ପ୍ରସିଦ୍ଧ ଗୀତିକାର ସ୍ୱାନନ୍ଦ କିର୍‌କିରେ ଗୀତ ରଚନା କରିଥିବା ବେଳେ ଏହାକୁ ସଂଗୀତ ରୂପ ଦେଇଛନ୍ତି ଶାନ୍। ଜାତିସଂଘର ପ୍ଲାଷ୍ଟିକ୍ ନିରୋଧୀ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଏହାକୁ ପରଦାରେ ପ୍ରଦର୍ଶନ କରାଯାଇଛି।

ମୁମ୍ବାଇର ଏକ ସ୍ୱେଚ୍ଛାସେବୀ ସଂଗଠନ ଭାମ୍‌ଲା ଫାଉଣ୍ଡେଶନ୍ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଥିଲା। ଏହି ସମବେତ ସଂଗୀତରେ ବହୁ କଳାକାର ସ୍ୱର ଦେଇଛନ୍ତି। ଏହାକୁ ଜାତିସଂଘରେ ଅଗଷ୍ଟ ୪ରେ ପ୍ରଦର୍ଶିତ କରାଯାଇଥିଲା। ଜାତିସଂଘ ପକ୍ଷରୁ ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ବାର୍ତ୍ତା ‘ବିଟ୍ ଦି ପଲ୍ୟୁଶନ୍’ ଘୋଷଣା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉକ୍ତ ସଂଗୀତ ଭିତ୍ତିକ ଭିଡିଓ ବେଶ୍ ମହତ୍ତ୍ୱ ରଖେ ଏବଂ ପ୍ଲାଷ୍ଟିକ ପ୍ରଦୂଷଣ ମାତ୍ରା ହ୍ରାସ କରିବାରେ ଏହା ସଚେତନତା ସୃଷ୍ଟି କରିପାରିବ ବୋଲି ଏନଜିଓ ମୁଖ୍ୟ ଆସିଫ୍ ଭାମ୍‌ଲା ପ୍ରକାଶ କରିଛନ୍ତି।

# ପ୍ରଦୂଷଣରୁ ଭାରତୀୟଙ୍କ ଆୟୁଷ କମୁଛି

**ହ୍ୟୁଷ୍ଟନ:** ବାୟୁ ପ୍ରଦୂଷଣ ଯୋଗୁ ଭାରତୀୟଙ୍କ ହାରାହାରି ଆୟୁଷ ଦେଢ଼ବର୍ଷ ହ୍ରାସ ପାଉଛି। ଅପେକ୍ଷାକୃତ ବିଶୁଦ୍ଧ ବାୟୁ ବିଶ୍ୱରେ ମାନବ ଆୟୁଷ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦିତ ବାୟୁ ଗୁଣବତ୍ତା ମାର୍ଗଦର୍ଶିକା ଅନୁସାରେ ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରୋଗ୍ରାମ ପିଏମ୍ (ପାର୍ଟିକୁଲେଟ୍ ମ୍ୟାଟର) ରହିଲେ ବିଶ୍ୱରେ ଲୋକଙ୍କ ହାରାହାରି ଆୟୁଷ ୦.୫୯ ବର୍ଷ ବୃଦ୍ଧିପାଇବ। ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଚାଇନାରେ ଲୋକଙ୍କ ଆୟୁଷ ୦.୮ରୁ ୧.୪ ମଧ୍ୟରେ ହ୍ରାସ ପାଇଛି। ବିଶ୍ୱରେ ଲୋକଙ୍କ ଆୟୁଷ ଉପରେ ବାୟୁ ପ୍ରଦୂଷଣ କିପରି ପ୍ରଭାବ ପକାଏ ତାହା ଆକଳନ କରିବା ପାଇଁ ପ୍ରଥମ କରି ଏକ ଅଧ୍ୟୟନ କରାଯାଇଥିଲା। ଆମେରିକାର ଅଷ୍ଟିନ୍‌ସ୍ଥିତ ଟେକ୍ସାସ୍ ୟୁନିଭର୍ସିଟିର ଗବେଷକମାନେ ପରୀକ୍ଷା କରି ଦେଖିଛନ୍ତି, ବାହାର ବାୟୁରେ ଥିବା ପାର୍ଟିକୁଲେଟ୍ ମ୍ୟାଟର ୨.୫ ମାଇକ୍ରନ୍‌ଠାରୁ ଅପେକ୍ଷାକୃତ କ୍ଷୁଦ୍ର। ଏତେ କ୍ଷୁଦ୍ର କଣିକା ଫୁସ୍‌ଫୁସ୍ ଭିତରକୁ ପଶିଯାଇପାରେ। ଏହି କଣିକା ପ୍ରଶ୍ୱାସ ବାୟୁରେ ଶରୀର ମଧ୍ୟକୁ ପ୍ରବେଶ କରି ହୃଦ୍‌ଘାତ, ହୃଦ୍‌ରୋଗ, ଶ୍ୱାସରୋଗ ଏବଂ କ୍ୟାନସର ଆଶଙ୍କା ବୃଦ୍ଧି କରାଇଥାଏ।



ପିଏମ୍ ୨.୫ (ବାୟୁରେ ଥିବା କଣିକାର ବ୍ୟାସ ୨.୫ ମାଇକ୍ରୋମିଟର)କୁ ଅତି କ୍ଷୁଦ୍ର କଣିକାଯୁକ୍ତ ପ୍ରଦୂଷିତ ବାୟୁ କୁହାଯାଏ। ପ୍ରଦୂଷଣଯୁକ୍ତ ବାୟୁ ପାୱାର ପ୍ଲାଣ୍ଟ, କାର, ଟ୍ରକ୍ ଏବଂ ଶିଳ୍ପ କାରଖାନାରୁ ନିର୍ଗତ ହୋଇଥାଏ। ତେବେ ଏହି ମାତ୍ରାର ପ୍ରଦୂଷିତ ବାୟୁ ଦ୍ୱାରା ପ୍ରଭାବିତ ବାଂଲାଦେଶ ଲୋକଙ୍କ ହାରାହାରି ଆୟୁଷ ୧.୮୭ ବର୍ଷ ହ୍ରାସ ପାଉଥିବା ବେଳେ, ଇଜିପ୍ଟ (୧.୮୫ ବର୍ଷ), ପାକିସ୍ତାନ (୧.୫୬ ବର୍ଷ), ସୌଦିଆରବ (୧.୪୮ ବର୍ଷ), ନାଇଜେରିଆ (୧.୨୮ ବର୍ଷ) ଏବଂ ଚାଇନା ଲୋକଙ୍କ ହାରାହାରି ବୟସ ୧.୨୫ ବର୍ଷ ହ୍ରାସ ପାଇଛି। ତେବେ ଭାରତୀୟଙ୍କ ଆୟୁଷ ୧.୫୩ ବର୍ଷ ହ୍ରାସ ପାଇଥିବା ଉକ୍ତ ଅଧ୍ୟୟନରେ କୁହାଯାଇଛି।



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅନେକ ଅଞ୍ଚଳରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଥରେ କିମ୍ବା ଦୁଇଥର ବର୍ଷା ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୮ | ୨୪.୩ |
| ଚାନ୍ଦବାଲି | ୩୩.୬ | ୨୫.୪ |
| କଟକ | ୩୨.୨ | ୨୫.୦ |
| ପାରାଦ୍ୱୀପ | ୩୨.୯ | ୨୭.୪ |
| ଭୁବନେଶ୍ୱର | ୩୩.୫ | ୨୬.୩ |
| ଗୋପାଳପୁର | ୩୩.୫ | ୨୭.୭ |
| ପୁରୀ | ୩୩.୬ | ୨୬.୦ |
| ଅନୁଗୋଳ | ୩୧.୭ | ୨୩.୬ |
| ବାରିପଦା | ୩୨.୪ | ୨୬.୨ |
| ଝାରସୁଗୁଡ଼ା | ୩୧.୨ | ୨୫.୦ |
| କେନ୍ଦୁଝର | ୨୯.୩ | ୨୩.୧ |
| ସମ୍ବଲପୁର | ୩୧.୫ | ୨୨.୯ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୦.୮ | ୨୧.୨ |
| ତାଳଚେର | ୩୨.୮ | ୨୫.୫ |
| ଭବାନୀପାଟଣା | ୨୮.୪ | ୨୪.୪ |
| ବଲାଙ୍ଗୀର | ୨୯.୮ | ୨୪.୫ |
| କୋରାପୁଟ | ୨୪.୦ | ୨୦.୬ |
| ଫୁଲବାଣୀ | --- | ୨୧.୫ |
| ଟିଟିଲାଗଡ଼ | ୨୯.୦ | ୨୨.୦ |
| ମାଲକାନଗିରି | ୨୯.୦ | ୨୪.୦ |
| ସୋନପୁର | ୩୧.୮ | ୨୩.୪ |
| ଦାରିଙ୍ଗିବାଡ଼ି | --- | ୧୮.୦ |
| ଢେଙ୍କାନାଳ | ୩୧.୮ | ୨୫.୬ |

ଡିଗ୍ରୀ ସେଲ୍‌ସିୟସ୍

# ଅକ୍ଷୟ, ସଲମାନ୍ ଅଧିକ ଆୟକାରୀ

ନ୍ୟୁୟର୍କ:

ବିଶ୍ୱରେ ସବୁଠୁ ଅଧିକ ପ୍ରାପ୍ୟ ପାଇଥିବା ପ୍ରଥମ ୧୦ ଅଭିନେତାଙ୍କ ମଧ୍ୟରେ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ଏବଂ ସଲମାନ୍ ଖାନ୍ ସ୍ଥାନ ପାଇଛନ୍ତି। ଫୋର୍ବସ ମାଗାଜିନ୍‌ର ‘ୱାର୍ଲଡ୍ସ ହାୟେଷ୍ଟ ପେଡ ଆକ୍ଟର୍ସ-୨୦୧୮’ ତାଲିକାର ଶୀର୍ଷରେ ରହିଛନ୍ତି ହଲିଉଡ ଅଭିନେତା ଜର୍ଜ କ୍ଲୁନି।

ସାମାଜିକ ସଚେତନତା ସୃଷ୍ଟି କଲାଭଳି ଫିଲ୍ମ ‘ଟଏଲେଟ୍: ଏକ ପ୍ରେମ୍ କଥା’ ଏବଂ ‘ପ୍ୟାଡ୍ ମ୍ୟାନ୍’ରେ ଅଭିନୟ କରି ଅକ୍ଷୟ ବେଶ୍ ସୁପରିଚିତ। ଜୁନ୍ ୧, ୨୦୧୭ରୁ ଜୁନ୍ ୧, ୨୦୧୮ ମଧ୍ୟରେ ଫିଲ୍ମ ଅଭିନେତାଙ୍କ ଆୟ ଆକଳନ କରାଯାଇ ଉକ୍ତ ତାଲିକା ପ୍ରସ୍ତୁତ କରାଯାଇଛି। ୪୦ ନିୟୁତ ଆମେରିକୀୟ ଡଲାର ଆୟ କରି ଉକ୍ତ ତାଲିକାର ସପ୍ତମ ସ୍ଥାନରେ ଅକ୍ଷୟ କୁମାର ରହିଛନ୍ତି। ସେହିଭଳି ସଲମାନ୍ ‘ଟାଇଗର ଜିନ୍ଦା ହୈ’ରେ ଅଭିନୟ କରି ଏହି ତାଲିକାର ନବମ ସ୍ଥାନରେ ରହିଛନ୍ତି। ସେ ୩୮.୫ ନିୟୁତ ଆମେରିକୀୟ ଡଲାର ଆୟ କରିଛନ୍ତି। ୫୭ ବର୍ଷ ବୟସ୍କ କ୍ଲୁନି ୨୩୯ ନିୟୁତ ଆମେରିକୀୟ ଡଲାର ଆୟ କରି ତାଲିକାର ଶୀର୍ଷରେ ରହିଛନ୍ତି। ଉଭୟ ପରଦାରେ ଏବଂ ପରଦା ବାହାରେ ବର୍ଷକ ମଧ୍ୟରେ ଅର୍ଜିତ ଆୟକୁ ଏଥିପାଇଁ ବିଚାରକୁ ନିଆଯାଇଥିଲା। ‘ଦି ରକ୍’ରେ ଅଭିନୟ କରିଥିବା ଡାଓନେ ୧୨୪ ନିୟୁତ ଡଲାର ଆୟ କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରବର୍ଟ ଡାଓନେ ଜୁନିୟର (୮୧ ନିୟୁତ ଡଲାର) ତୃତୀୟ ସ୍ଥାନ ଏବଂ ତାଙ୍କ ସହ ଅଭିନେତା କ୍ରିସ୍ ହେମ୍‌ସୱର୍ଥ (୬୪.୫ ନିୟୁତ ଡଲାର) ଚତୁର୍ଥ ସ୍ଥାନରେ ରହିଛନ୍ତି।





## ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୪ /୨୦୧୮ | Balasore, Friday, August 24 / 2018 | ପୃଷ୍ଠା-୧




## କାର୍ଯ୍ୟରେ ଯୋଗଦେଲେ ଜେଟ୍‌ଲୀ

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଦୀର୍ଘଦିନ ପରେ ଗୁରୁବାର ପୁଣି ଥରେ କାର୍ଯ୍ୟରେ ଯୋଗଦେଇଥିବା ଟୁଇଟର୍‌ରେ ସୂଚନା ଦେଇଛନ୍ତି।

୧୫

୧୭

## କୋହଲି ନମ୍ବର ୱାନ୍

ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ ବ୍ୟାଟ୍ସମ୍ୟାନ ତାଲିକାର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି।



**ଆଜିର ସମ୍ପାଦକୀୟ**

କୋଠର ଦୂରେଇ ରହନ୍ତୁ

**ଆଜିର ମନ୍ତବ୍ୟ**

"୭୦ ବର୍ଷ ପୂର୍ବେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଥିଲେ ଆଜି ଦେଶ ରୋଗମୁକ୍ତ ହୋଇଥାଆନ୍ତା ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଅତିରିକ୍ତ ବଜେଟ ୧୨,୭୬୮ କୋଟି

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୧୨, ୭୬୮ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିବେ। ବଜେଟ ଉପସ୍ଥାପନ ପୂର୍ବରୁ ଏହାକୁ ରାଜ୍ୟ ମନ୍ତ୍ରିପରିଷଦର ବୈଠକରେ ଅନୁମୋଦନ କରାଯାଇଛି। ଗୁରୁବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଖର୍ଚ୍ଚ ଦାବିକୁ ଗୃହୀତ କରାଯାଇଛି। ୨୦୧୭-୧୮ ଆର୍ଥିକବର୍ଷଠାରୁ ଚଳିତ ଅତିରିକ୍ତ ବଜେଟରେ ୨୦ ପ୍ରତିଶତ ବ୍ୟୟ ବୃଦ୍ଧି କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ୯,୮୨୮.୫୭ କୋଟି ଟଙ୍କା ଅତିରିକ୍ତ ବଜେଟରେ ବ୍ୟୟ ବରାଦ କରାଯାଇଥିଲା। ୧,୭୯.୬୫ କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ବରାଦ କରାଯାଇଥିବା ବେଳେ ବିଭିନ୍ନ ଯୋଜନା ପାଇଁ ୬,୮୧୨.୭୬ କୋଟି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ଲାଗି

**ମନ୍ତ୍ରୀ ପରିଷଦର ଅନୁମୋଦନ**



**ସେପ୍ଟେମ୍ବର ୪ରେ ବିଧାନସଭାରେ ଉପସ୍ଥାପନ ହେବ**

୮୧.୭୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା।

ବୈଠକ ଶେଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ବିଧାନସଭା ଅଧିବେଶନରେ ଉପସ୍ଥାପନ କରାଯିବ। ଏଥିରେ ରାଜ୍ୟର ଖାଦ୍ୟ ସୁରକ୍ଷା ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହ କେନ୍ଦ୍ର ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବ୍ୟୟ ବରାଦ କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କର ଚାଲୁ ରହିଥିବା ନିଜସ୍ୱ ଯୋଜନା ପାଇଁ ମଧ୍ୟ ବ୍ୟୟ ବରାଦ କରାଯାଇଛି। ସାମାଜିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ସାଧାରଣତଃ ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ ପରେ କେନ୍ଦ୍ରୀୟ ଯୋଜନା ପାଇଁ ପାଣ୍ଠି ଅନୁମୋଦନ ହୋଇଥାଏ। ବିଭିନ୍ନ ବିଭାଗକୁ ଶତ ପ୍ରତିଶତ ୟୁସି ଦେବାକୁ ବାଧ କରାଯାଇଥାଏ। ବାର୍ଷିକ ବଜେଟରେ ବ୍ୟୟ ଭାର ପ୍ରତିବର୍ଷ ବୃଦ୍ଧି କରାଯାଉଥିବା ବେଳେ ଅତିରିକ୍ତ ବଜେଟରେ ମଧ୍ୟ ଖର୍ଚ୍ଚ ପରିମାଣ ବୃଦ୍ଧି କରାଯାଇଛି।

■ ଚିକିତ୍ସାଳୟରେ ଶିଶୁ ବିକ୍ରି ଅଭିଯୋଗ

# ହଜାରେ ଟଙ୍କା ଦେଇ ପୁଅକୁ ନେଇଗଲେ

କେନ୍ଦୁଝର/ରାଇସୁଆଁ, ୨୩।୮(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ହୋଇଥିବା ଶିଶୁପୁତ୍ରଙ୍କୁ ଗୁରୁବାର ସ୍ଥାନୀୟ ପୁରୁଣା ସହରର ଜଣେ ମହିଳାଙ୍କୁ ଏକ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଶିଶୁ ସୁରକ୍ଷା କମିଟି ଶିଶୁପୁତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଶିଶୁ ୱାର୍ଡର ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରିଥିଲା। ଚିକିତ୍ସାଳୟର ଜଣେ କର୍ମଚାରୀଙ୍କ ମରାମର୍ଶରେ ଶିଶୁଙ୍କୁ ବିକ୍ରି କରିଥିବା



ଚର୍ଚ୍ଚା ହେଉଛି। କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତର ଜଣେ ଜୁଆଙ୍ଗ ମହିଳା ଜିଲା ମୁଖ୍ୟ ଡାକ୍ତରଖାନାରେ ମଙ୍ଗଳବାର ରାତିରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ବୁଧବାର ଡାକ୍ତରଖାନାରୁ ମା'ଙ୍କ ସହ ଶିଶୁପୁତ୍ର ଜୁଆଡେ ଚାଲି ଯାଇଥିଲେ। ☞ପୃଷ୍ଠା-୨




NECC NATIONAL EGG CO-ORDINATION COMMITTEE 23.08.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers

# ସାମ୍ବାଦିକ କୁଲ୍‌ଦୀପଙ୍କ ବିୟୋଗ

ନୂଆଦିଲ୍ଲୀ,୨୩।୮(ପି.ଟି.)

ପ୍ରଖ୍ୟାତ ସାମ୍ବାଦିକ, ଲେଖକ ତଥା ରାଜ୍ୟ ସଭାର ପୂର୍ବତନ ସଦସ୍ୟ କୁଲଦୀପ ନାୟାର ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ଏକ ହସ୍ପିଟାଲରେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଛି। କୁଲଦୀପଙ୍କୁ ୯୫ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ନିମୋନିଆରେ ପୀଡ଼ିତ କୁଲଦୀପଙ୍କୁ ୫



ଦିନ ତଳେ ନୂଆଦିଲ୍ଲୀର ଏସ୍କର୍ଟସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ବୁଧବାର ରାତି ୧୨ଟା ୩୦ରେ ଆଖି ବୁଜିଦେଇଥିବା କୁଲଦୀପଙ୍କ ବଡ଼ପୁଅ ସୁଧୀର ନାୟାର କହିଛନ୍ତି। ଗୁରୁବାର ଅପରାହ୍ନ ଗୋଟାଏରେ ଲୋଧି ଦାହସ୍ଥଳୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। କୁଲଦୀପଙ୍କ ପରଲୋକ ପରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି । ☞ପୃଷ୍ଠା-୨

# ପରଲୋକରେ ଦେବୁ ବୋଷ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ଓଡ଼ିଆ ସିନେମାରେ ଏକ ଯୁଗର ଅବସାନ ଘଟାଇ ଆରପାରିକୁ ଚାଲିଯାଇଛନ୍ତି ବର୍ଷୀୟାନ୍ ଅଭିନେତା ଦେବୁ ବୋଷ। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀରେ ବାପା ଭାବେ ପରିଚିତ ଏହି ଅଭିନେତାଙ୍କର ୭୬ବର୍ଷ ବୟସରେ ପରଲୋକ ଘଟିଛି। ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତି ପ୍ରାୟ ୧ଟା ୧୦ମିନିଟ୍‌ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ବ୍ରେନ୍‌ଷ୍ଟ୍ରୋକ୍ ସହ



ମଲ୍‌ଟି ଅର୍ଗାନ୍ ଫେଲ୍ୟୁଅରର ଶିକାର ହୋଇ ସେ ଦୀର୍ଘ ୪ମାସ ଧରି ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ଦୁଇପୁଅଙ୍କ ସହ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏପଟେ ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ କେବଳ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ନୁହେଁ, ସମଗ୍ର ଓଡ଼ିଶାବାସୀ ମର୍ମାହତ ହୋଇଛନ୍ତି। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ବାପଛେଉଣ୍ଡ ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ...............................


କ୍ରିଷ୍ଣ
ପରିବାରବର୍ଗ


ଦିବ୍ୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

ଭୁବନେଶ୍ୱରର **IIT** ଅରଗୁଳଠାରେ ପିଚୁରୋଡକୁ ଲାଗିକରି ଘରବାରି ପ୍ଲଟ କିଣନ୍ତୁ ଓ ନିଜ ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। **Ranapratap: 9777342153.** D-63584

Gharabari Boundary Plot Infront Krapujal Engineering College, Bhubaneswar: 9090899281, 8908805482. D-63474

ଭୁବନେଶ୍ୱର ପିତାପଲ୍ଲୀ NH-5ରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି। 9583032439. D-63588

Bhubaneswar low cost plot Pitapalli NH side, investment Barakuda 110/-. 7437853535. D-63591

**3BHK duplex 38 Lakh near Balianta, residential plot near KIIT, Jagannath Temple, Trisulia, Trinath Bazar, Janal. 8249065456, 9938340505, 9040033905.** D-63590

Immediate ready for possession with bank finance facility (2/3)BHK flats, duplex available at Hanspal, Bomikhal, Patia, Patrapada. Details: 9937850303. (ଲକ୍ଷ୍ମୀଧର). D-7976

ଉତ୍ତରାରୁ 5km. ଦୂରରେ ଘରବାରି boundary plot with 20' road 260/-ରେ ମିଳୁଛି। 8480447967. D-63075

Mega duplex house sales near Patia Raghunathpur with all mordern amenities. 8455826156. D-63592

Gharabari plot Garage Chhak- 2,600/-, Jharapada- 1,700/-, Dhauli- 1,650/-, KEC- 800/-, Jaispatna- 350/-, 120/-. 8249447089. D-7999

New 3BHK duplex near VSS Nagar, Chakeisihani, 2650 sqft. plot at Jharapada. 9439541870, 7978723473. D-8000

healthcare

Madam Monalisa massage club-50% discount full body massage by hiprofile smart lady therapist. 9708545108. D-7948

BBSR opening newly ayurvedic full body massage ladies & gents. 7438851534, 7609923705. D-38523

Herbal full body massage smart boys therapist home service available. Phone: 9937929638. D-7970

All type of massage and good therapy full body massage Sai herbal spa. 7609005923. D-64201

## ACCOMMODATION

ଯାଜପୁର ରେଲୱେ ଷ୍ଟେଶନ ଅଥବା ଦାନଗଦି (ଯାଜପୁର ଷ୍ଟେଶନ ନିକଟସ୍ଥ)ରେ ଦୁଇ ବଖରା ବିଶିଷ୍ଟ ଫ୍ଲାଟ/ ଘର ଛୋଟ ପରିବାର ରହିବା ପାଇଁ ଭଡା ନେବି। ଘର ମାଲିକ ଯୋଗାଯୋଗ କରନ୍ତୁ। **6370728412.** D-7988

## LOST

ଆମ୍ଭେ ଶ୍ରୀ ଅଶୋକ କୁମାର ଦାସ ଓ ଅତୁଲ୍ୟ କୁମାର ଦାସ, ପିତା- ବାସୁଦେବ ବାରିକ, ସା/ପୋ- ଖଣ୍ଡହତା, ଥାନା- ଗଡ଼ିଶାଗୋଦା, ଜିଲ୍ଲା- ପୁରୀ, ଆମ୍ଭେ କିଣିଥିବା ମଙ୍ଗଳାଘାଟ ରୋଡ, ପୁରୀ ଜମିର କବଲା ନଂ ୩୪୪୩, ତା. ୨୮।୦୮।୧୯୯୫, ଖାତା ନଂ ୧୩୯/୨୨୧, ପ୍ଲଟ ନଂ- ୧୦୫/ ୮୭୭, ଏ୦-୦୨୫ ଡିସିମିଲ କେଉଁଆଡେ ହଜିଯାଇଅଛି। ଆମ୍ଭେ ଏହି କବଲାକୁ ସିଣ୍ଡିକେଟ ବ୍ୟାଙ୍କ, ପୁରୀ ଶାଖାରେ ବନ୍ଧକ ଦେଇ ଘର ଲୋନ୍ ନେବାକୁ ଇଚ୍ଛା କରୁଅଛୁ। ଯଦି କୌଣସି ବ୍ୟକ୍ତି, ସଂସ୍ଥା ଏବଂ ବ୍ୟାଙ୍କର ଏହା ଉପରେ ଯଦି କିଛି ଦାବିଥାଏ ଦଶଦିନ ମଧ୍ୟରେ ସିଣ୍ଡିକେଟ୍ ବ୍ୟାଙ୍କ, ପୁରୀ ଶାଖାକୁ ଜଣାଇବେ ଅନ୍ୟଥା ଆମ୍ଭେ କୌଣସିମତେ ଦାୟୀ ରହିବୁ ନାହିଁ। ଧ-୬୪୦୦୭

ମୁଁ ଶ୍ରୀ ପ୍ରତାପ କୁମାର ସ୍ୱାଇଁ, ପିତା- ଜଇରାମ ସ୍ୱାଇଁ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଛି ଯେ ମୋର ମୂଳ କବଲା ନମ୍ବର ୧୧୦୮୧୪୦୭୬୬୧ ତାରିଖ ୦୪।୦୯।୨୦୧୪ କେଉଁଠାରେ ହଜିଯାଇଛି। ମୁଁ ଏହାକୁ କୌଣସି ବ୍ୟାଙ୍କ କିମ୍ବା ଅନ୍ୟ ଅନୁଷ୍ଠାନରେ ବନ୍ଧକ ରଖିନାହିଁ। ଯଦି କୌଣସି ବ୍ୟକ୍ତି ଏହାକୁ ପାଇଥିବେ ତେବେ ଦୟାକରି ମୋତେ ମୋର ୭୯୦୫୪୩୫୭୨୮, ନାମ- ପ୍ରତାପ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରିବେ। ଧ-୮୦୦୯

## AFFIDAVIT



By virtue of an affidavit No.- 4115/ Dt.- 16.09.17 before the Executive Magistrate, Bhadrak, I Gangadhar Sahoo, S/o- Birendra Kumar Sahoo declare that the name wrongly mentioned as Lipu Sahoo in a LIC Bond document which belongs to me. Hence it should be understood that both Lipu Sahoo and Gangadhar Sahoo are one and same person. D-8010

## AFFIDAVIT

I Sarawage Begum, D/o- Osid Khan from Barahala change my name from Sarawage Begum to Sarah Begum. Affidavit- 44AA193065. D-7998

ମୁଁ ଶୁଭଶ୍ରୀ ତ୍ରିପାଠୀ, ସ୍ୱାମୀ- ନାରାୟଣ ଦାସ ପଣ୍ଡା, ଭୁବନେଶ୍ୱର ନୋଟାରୀ ସତ୍ୟପାଠ- 31AA228630 ଅନୁଯାୟୀ ଏତଦ୍ୱାରା ସମସ୍ତ ଉଦ୍ଦେଶ୍ୟ ପାଇଁ ଲକ୍ଷ୍ମୀପ୍ରିୟା ପଣ୍ଡା ଭାବେ ପରିଚିତ ହେବି। ଧ-୭୨୧୨୪

I Gitanjali Patanaik, W/o- Markanda Majhi, Ramagiri, Gajapati, henceforth be known as Babita Majhi for all purposes vide Executive Magistrate, R. Udayagiri, Gajapati Dist. D-49280

Now Matrimonial ads. only on Wednesday &Sunday Book 1 Get 1 FREE

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## କୁଲ୍‌ଦୀପ ନାୟାରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୩।୮(ବ୍ୟୁରୋ)- ପ୍ରଖ୍ୟାତ ସାମ୍ବାଦିକ, କୂଟନୀତିଜ୍ଞ ତଥା ପୂର୍ବତନ ଏମ୍‌ପି କୁଲ୍‌ଦୀପ ନାୟାରଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଟୁଇଟର ଆକାଉଣ୍ଟରୁ ଟୁଇଟ୍ କରି କହିଛନ୍ତି ଯେ , ସାମ୍ପ୍ରତିକ ରାଜନୈତିକ ବିଶ୍ଳେଷଣ ଏବଂ ମୁକ୍ତ ବକ୍ତବ୍ୟର ସେ ଜଣେ ଚାମ୍ପିୟନ। ତାଙ୍କର କୃତି ପାଇଁ ସେ ସର୍ବଦା ସ୍ମରଣୀୟ ହୋଇରହିବେ।

## ଶରତ ରାଉତ ହେଲେ ଏଆଇସିସି ସମ୍ପାଦକ

ଭୁବନେଶ୍ୱର, ୨୩।୮(ବ୍ୟୁରୋ) ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶରତ ରାଉତଙ୍କୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ସମ୍ପାଦକ ଭାବେ ଗୁରୁବାର ନିଯୁକ୍ତ କରିଛନ୍ତି। ଶରତଙ୍କୁ ଏଆଇସିସି ପକ୍ଷରୁ ପଶ୍ଚିମବଙ୍ଗ ଦାୟିତ୍ୱ ପ୍ରଦାନ କରାଯାଇଛି। ଶରତଙ୍କ ବ୍ୟତୀତ ଦେଶର ଅନ୍ୟ ସାତ ଜଣ ନେତାଙ୍କୁ ମଧ୍ୟ ଦଳରେ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି।

### କିଛି ତଥ୍ୟ

୨୦୧୬-୧୭ ଆର୍ଥିକ ବର୍ଷରେ ଘରୋଇ ବଜାରରେ ୨୦.୩ ନିୟୁତ ଟନ ଚିନି ଉତ୍ପାଦନ ହୋଇଥିବା ବେଳେ ଏହା ୨୦୧୭-୧୮ ଆର୍ଥିକ ବର୍ଷରେ ୩୨ ନିୟୁତ ଟନ ଛୁଇଁବ ବୋଲି ଆକଳନ କରାଯାଇଛି। ଏହି ସମୟରେ ଚାହିଦା ୨୫ ନିୟୁତ ଟନ୍ ରହିଛି। **– ସରକାରଙ୍କ ପ୍ରଦତ୍ତ ତଥ୍ୟ**

### ପ୍ରଥମ ପୃଷ୍ଠାରୁ...

## ହଜାରେ ଟଙ୍କା ଦେଇ...

ପରେ ଡାକ୍ତରଖାନାର ଜଣେ କର୍ମଚାରୀଙ୍କ ସହାୟତାରେ ପୁରୁଣା ସହରରେ ରହୁଥିବା ଜଣେ ମହିଳା ଟଙ୍କା ଦେଇ ଶିଶୁଙ୍କୁ କିଣିଥିଲେ। ଟଙ୍କା ଲୋଭରେ ଏଭଳି ଘଟଣା ଘଟିଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଅଭାବ ଅନଟନ ଯୋଗୁଁ ଜିଲାର ପୁରାତନ ଜନଜାତି ଜୁଆଙ୍ଗ ଶିଶୁଙ୍କୁ ବିକ୍ରି କରିବା ଭଳି ଅଭିଯୋଗ ସାଧାରଣରେ ଆଲୋଡ଼ନା ସୃଷ୍ଟି କରିଛି।

ଏ ନେଇ ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକଙ୍କୁ ପଚାରିବାରୁ ଖବର ପାଇବା ପରେ ଶିଶୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ଶିଶୁ କିଣାବିକା ଘଟଣାରେ ଅର୍ଥ କାରବାର ହୋଇଛି। କିଣାବିକା ହୋଇ ନ ଥିବା ଶିଶୁଙ୍କୁ ରଖିଥିବା ମହିଳା ଜଣଙ୍କ କହୁଛନ୍ତି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ। ଏ ନେଇ ତଦନ୍ତ ପାଇଁ ଥାନାରେ ରିପୋର୍ଟ କରିବାକୁ କୁହାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜନ୍ମ ଦେଇଥିବା ଜୁଆଙ୍ଗ ମହିଳା ଅଭିଯୋଗ କରିଛନ୍ତି ଯେ, ଏକ ଶାଢ଼ି ଓ ୧ ହଜାର ଟଙ୍କା ଦେଇ ଶିଶୁଙ୍କୁ ନେଇ ଭଣ୍ଡେଇ ଦେଲେ। ପରେ ଟଙ୍କା ଫେରାଇ ନିଜ ଶିଶୁଙ୍କୁ ନେବାକୁ ପାଇଁ ସେ କହିଥିଲେ। ଅନ୍ୟପଟେ ଶିଶୁଙ୍କୁ ରଖିଥିବା ମହିଳାଙ୍କୁ ପଚାରିବାରୁ ପିଲାଟିକୁ ରଖିବାକୁ ତାର ମା' ଅନିଚ୍ଛା ପ୍ରକାଶ କରିଥିଲେ। ଚିକିତ୍ସାଳୟର ଜଣେ ଦିଦି କହିବାରୁ ନିଃସନ୍ତାନ ଥିବାରୁ ରଖିଦେଇଥିଲି ବୋଲି ସେ କହିଛନ୍ତି। ଏ ନେଇ ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ପଚାରିବାରୁ ଏହାର ତଦନ୍ତ ଶିଶୁ ସୁରକ୍ଷା କମିଟି କରୁଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ଶିଶୁ ମଙ୍ଗଳ କମିଟି କିପରି ଜାଣିପାରିଲା ନାହିଁ ତାହାକୁ ନେଇ ଆଲୋଚନା ଜୋର ଧରିଛି। ଟଙ୍କା ଲୋଭରେ ଏଭଳି ଆଗରୁ ବହୁ ଶିଶୁଙ୍କୁ ଚିକିତ୍ସାଳୟର କେତେଜଣ ଦିଦି ନେଇ ବିକ୍ରି କରିଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ପରଲୋକରେ ଦେବୁ ...

ହୋଇଯାଇଥିବା ବେଳେ ତାଙ୍କ ଅନୁପସ୍ଥିତି ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ୧୯୪୨ ମସିହା ଡିସେମ୍ବର ୨ରେ ଜନ୍ମଗ୍ରହଣ କରିଥିବା ଦେବୁ ବୋଷ ୩୮ ବର୍ଷର କ୍ୟାରିୟର ମଧ୍ୟରେ ୧୧୫ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଥିଲେ। ପ୍ରାୟ ୪ ଦଶନ୍ଧି ଧରି ସେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ସହ ଜଡ଼ିତ ଥିଲେ। ଏହାସହ ଦୂରଦର୍ଶନ, ଓଡ଼ିଆ ଟେଲିଭିଜନ, ମଞ୍ଚ ନାଟକ ଏବଂ ଓଡ଼ିଆ ଭଜନରେ ମଧ୍ୟ ନିଜର ଜୀବନ୍ତ ଅଭିନୟ ମାଧ୍ୟମରେ ଓଡ଼ିଶାର ଘରେ ଘରେ ପରିଚିତ ହୋଇଥିଲେ। ଏପରି କି, ବଙ୍ଗଳା ଫିଲ୍ମ ଇଣ୍ଡଷ୍ଟ୍ରୀରେ ମଧ୍ୟ ତାଙ୍କର ଉପସ୍ଥିତି ଦେଖିବାକୁ ମିଳିଥିଲା। ମନ ଆକାଶରୁ ସେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ୧୯୮୦ରେ ନଗେନ୍ ରାୟଙ୍କ 'ତପସ୍ୟା' ଚଳଚ୍ଚିତ୍ରରେ ଦେବୁ ବୋଷ ଚରିତ୍ର ଅଭିନେତା ଭାବେ ଅଭିନୟ କରି ଓଡ଼ିଆ ଫିଲ୍ମରେ ପ୍ରବେଶ କରିଥିଲେ। ଏଥିରେ ତାଙ୍କ ଅଭିନୟକୁ ଦର୍ଶକ ପସନ୍ଦ କରିଥିଲେ ମଧ୍ୟ ୧୯୮୨ରେ 'ଫୁଲ ଚନ୍ଦନ' ଫିଲ୍ମ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ବାସ୍, ଏହାପରେ ସେ ଗୋଟିଏ ପରେ ଗୋଟିଏ ହିଟ୍ ଦେଇ ସଫଳତାର ଶୀର୍ଷରେ ପହଞ୍ଚିଥିଲେ। ଶତାଧିକ ଚଳଚ୍ଚିତ୍ରରେ ବାପା ଭୂମିକାରେ ଅଭିନୟ କରି କେବଳ ଦର୍ଶକଙ୍କ ମନ ଜିଣି ନ ଥିଲେ, ବରଂ ପରଦାରେ ଅନେକ କଳାକାରଙ୍କ ବାପା ହୋଇ ଶାସନ କରିବା ସହ ଆଗକୁ ଯିବାର ରାସ୍ତା ଦେଖାଇଥିଲେ। କେତେକ ଫିଲ୍ମରେ ତାଙ୍କୁ ଖଳନାୟକ ଭାବେ ମଧ୍ୟ ଦେଖିବାକୁ ମିଳିଥିଲା। 'ଜନନୀ', 'ପରଝିଅ ଘର ଭାଙ୍ଗେନା', 'କାବେରୀ', 'ହାକିମ ବାବୁ', 'ପୁଅ ମୋର କଳାଠାକୁର', 'ସୁନା ଚଢ଼େଇ', 'ସବୁ ମାୟାରେ ବାୟା', 'କୁରୁକ୍ଷେତ୍ର', 'ସିଂହବାହିନୀ', 'ଯେ ପାଞ୍ଚେ ପରମନ୍ଦ' ଭଳି ସୁପରହିଟ୍ ଓଡ଼ିଆ ଫିଲ୍ମରେ ତାଙ୍କର ଚିତ୍ତାକର୍ଷକ ଅଭିନୟ ଆଜି ବି ଦର୍ଶକଙ୍କ ମନରେ ଉଜ୍ଜୀବିତ ହୋଇ ରହିଛି। ସେହିଭଳି ବିପ୍ଳବ ରାୟ ଚୌଧୁରୀଙ୍କ ହିନ୍ଦୀ ଫିଲ୍ମ 'ଆଶ୍ରୟ' ଏବଂ 'ଆଇ ଲଭ୍ ୟୁ' ଭଳି ବଙ୍ଗଳା ଫିଲ୍ମରେ ତାଙ୍କ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁଥିଲା। ତାଙ୍କ ଅଭିନୀତ ଶେଷ ଓଡ଼ିଆ ଚଳଚ୍ଚିତ୍ର ଥିଲା 'ରାସ୍ତା'। ସେ ଓଡ଼ିଆ ସିନେ ଆର୍ଟିଷ୍ଟ ଆସୋସିଏଶନର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଶିଳ୍ପ ଉନ୍ନୟନ ନିଗମର ଜେନେରାଲ ମ୍ୟାନେଜର ଭାବେ ଅବସର ଗ୍ରହଣ କରିଥିବା ଦେବୁ ବୋଷ ଅବସର ପରେ ବି ଅଭିନୟ କ୍ଷେତ୍ରରେ ବେଶ୍ ସକ୍ରିୟ ଥିଲେ। ମିଳିଥିବା ସୂଚନା ମୁତାବକ, ହାଇଦ୍ରାବାଦଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ପାଇଁ ଏହା ଏକ ବିରାଟ କ୍ଷତି ବୋଲି କହିଛନ୍ତି।

## ସାମ୍ବାଦିକ କୁଲଦୀପଙ୍କ ...

ଜରୁରୀ ପରିସ୍ଥିତି ବେଳେ କୁଲଦୀପ ଗଣତନ୍ତ୍ରର ସଂକଳ୍ପବଦ୍ଧ ସମର୍ଥକ ଥିଲେ। ତାଙ୍କୁ ପାଠିକାପାଠକମାନେ ସବୁଦିନ ମନେପକାଇବେ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁଲଦୀପଙ୍କୁ ଜଣେ ନିଷ୍କପଟ ଓ ନିର୍ଭୀକ ଲେଖକ ତଥା ବିଶିଷ୍ଟ ବୁଦ୍ଧିଜୀବୀ ଭାବେ ଅଭିହିତ କରି ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଟୁଇଟର୍‌ରେ ସମବେଦନା ଜଣାଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କୁଲଦୀପଙ୍କ ସେବା ଓ ଦକ୍ଷତାକୁ ପ୍ରଶଂସା କରି ତାଙ୍କ ଧର୍ମପତ୍ନୀଙ୍କ ନିକଟକୁ ଏକ ସମବେଦନାପତ୍ର ପଠାଇଛନ୍ତି। ସେହିପରି କୁଲଦୀପ ନିଜ ବିଚକ୍ଷଣତା, ବିଶ୍ୱସନୀୟତା ଓ ଉଦ୍ୟମ ପାଇଁ ଯୁବ ଖବରଦାତାଙ୍କ ଲାଗି ସବୁଦିନ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ପକ୍ଷରୁ ଏକ ବାର୍ତ୍ତାରେ କୁହାଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ କୁଲଦୀପଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।

୧୯୨୩ ଅଗଷ୍ଟ ୧୪ରେ ପାକିସ୍ତାନର ପଞ୍ଜାବ ପ୍ରଦେଶସ୍ଥିତ ସିଆଲକୋଟରେ ଜନ୍ମିତ କୁଲଦୀପ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ଏକାଧାରରେ ଥିଲେ ଜଣେ ସ୍ତମ୍ଭକାର, ଲେଖକ, କୂଟନୀତିଜ୍ଞ, ରାଜନୈତିକ ସମୀକ୍ଷକ ଓ ଭାରତ-ପାକିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠାର ପ୍ରସ୍ତାବକ। ୧୯୪୮ରେ ଉର୍ଦ୍ଦୁ ଦୈନିକ 'ଅଞ୍ଜାମ୍'ରେ ସାମ୍ବାଦିକତା ଆରମ୍ଭ କରିଥିବା କୁଲଦୀପ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ଗୋବିନ୍ଦବଲ୍ଲଭ ପନ୍ତ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରେସ୍ ଅଫିସର ଭାବେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ରେ କାର୍ଯ୍ୟ କରିଥିଲେ। ପରେ ସେ ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ଇଣ୍ଡିଆ (ୟୁଏନ୍‌ଆଇ)ର ସମ୍ପାଦକ ତଥା ମହାପ୍ରବନ୍ଧକ ଦାୟିତ୍ୱ ତୁଲାଇଥିଲେ। ପରବର୍ତ୍ତୀ ସମୟରେ 'ଇଣ୍ଡିଆନ୍ ଏକ୍ସପ୍ରେସ' ଏବଂ 'ଷ୍ଟେଟ୍ସମ୍ୟାନ୍' ଭଳି ଇଂଲିଶ ଖବରକାଗଜର ସମ୍ପାଦକ ପଦ ସମ୍ଭାଳି ବୃତ୍ତିଗତ ଉତ୍କର୍ଷର ପ୍ରମାଣ ଦେଇଥିଲେ କୁଲଦୀପ। ସେ ପ୍ରେସ୍ ସ୍ୱାଧୀନତା ଓ ନାଗରିକ ସ୍ୱାଧୀନତା ପାଇଁ ସାରା ଜୀବନ ଲଢ଼େଇ ଜାରି ରଖିଥିଲେ। ଏହାସହ ମାନବାଧିକାର ସୁରକ୍ଷାର ସେ ଥିଲେ ଅଗ୍ର ଅଧିବକ୍ତା। ୧୯୯୦ରେ କୁଲଦୀପ ବ୍ରିଟେନରେ ଭାରତର ଉଚ୍ଚାୟୁକ୍ତ ଭାବେ ନିଯୁକ୍ତ ହୋଇଥିଲେ। ୧୯୯୭ରେ ସେ ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ। କୁଲଦୀପ ହେଉଛନ୍ତି 'ବିୟଣ୍ଡ ଦି ଲାଇନ୍ସ', 'ଇଣ୍ଡିଆ ଆଫ୍ଟର ନେହେରୁ' ଏବଂ 'ଏମର୍ଜେନ୍ସି ରିଟୋଲ୍ଡ' ଭଳି ୧୫ଟି ପ୍ରସିଦ୍ଧ ପୁସ୍ତକର ରଚୟିତା। ଜରୁରିକାଳୀନ ପରିସ୍ଥିତି ବେଳେ ଏହି ସାମ୍ବାଦିକ-ଲେଖକଙ୍କୁ ଗିରଫ କରି ଜେଲ ପଠାଯାଇଥିଲା।

### ବ୍ଲକ ଗ୍ରାଣ୍ଟ ଶିକ୍ଷକ-କର୍ମଚାରୀଙ୍କ ସତ୍ୟପାଠ ମାମଲା

# ସୁପ୍ରିମକୋର୍ଟ ଯିବେ ସରକାର

ଭୁବନେଶ୍ୱର, ୨୩।୮(ବ୍ୟୁରୋ)- ନୂତନ ଅନୁଦାନ ପାଇବା ପାଇଁ ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନଙ୍କ ମୁଣ୍ଡ ଉପରେ ରାଜ୍ୟ ସରକାର ଲଦିଥିବା ସତ୍ୟପାଠ ଦାଖଲ ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଏହି ରାୟ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟକୁ ଯିବେ। ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ନୂତନ ଅନୁଦାନ ନୀତି ଘୋଷଣା କରିବା ପରେ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରି ରାଜ୍ୟ ସରକାର ୨୦୧୮ ଜାନୁୟାରୀ ପହିଲାରୁ ତଥାକଥିତ ନୂତନ ଅନୁଦାନ ନୀତି ପ୍ରଣୟନ କରିଛନ୍ତି। ଏଥିରେ କୌଣସି ଚାକିରି ସର୍ତ୍ତାବଳୀ କିମ୍ବା ଅବସରକାଳୀନ ଫାଇଦା ନାହିଁ। କେବଳ ମୁଣ୍ଡାମୁଣ୍ଡି କିଛି ଅର୍ଥ ରାଶି ବୃଦ୍ଧି କରାଯାଇଛି ବୋଲି ଶିକ୍ଷକ ସଂଘ ଅଭିଯୋଗ କରିଛି। ଯେଉଁ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀମାନ ଏହି ଅନୁଦାନ ଗ୍ରହଣ କରିବେ ସେମାନେ ସତ୍ୟପାଠ ଦାଖଲ କରିବାକୁ ବାଧ୍ୟହେବେ। ସତ୍ୟପାଠ ଜରିଆରେ ଶିକ୍ଷକମାନେ ହାତକାଟି ଲେଖିଦେବେ ଯେ ସରକାରଙ୍କ ବିରୋଧରେ ଅଦାଲତରେ ପୂର୍ବରୁ ରୁଜୁ କରିଥିବା ମାମଲାକୁ ସେମାନେ ପ୍ରତ୍ୟାହାର କରିବେ। ନିଜର ଦାବି ପୂରଣ ପାଇଁ ଭବିଷ୍ୟତରେ ନ୍ୟାୟାଳୟର ଆଶ୍ରୟ ନେଇ ପାରିବେ ନାହିଁ। ଏହାକୁ ବିରୋଧ କରି ଶିକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ମଧ୍ୟ ଏ ନେଇ କେତେଜଣ ଶିକ୍ଷକ ଓ ଅଧ୍ୟାପକଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ସରକାରଙ୍କ ଏହି ଅଜବ ନିଷ୍ପତ୍ତିକୁ ହାଇକୋର୍ଟ ଗତ ୨୧ ତାରିଖରେ ଖାରଜ କରି ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ବିରୋଧରେ ରାଜ୍ୟ ସରକାର ପୁଣି ସୁପ୍ରିମକୋର୍ଟ ଯିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ଁ ଲାୟନ ମୀନତୀ ବେହେରା**

**ଆବିର୍ଭାବ: ୨୯.୯.୧୯୫୦**
**ବ୍ରହ୍ମଲୀନ: ୯.୮.୨୦୧୪**
**(ଶ୍ରାବଣ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ)**

ତୁମର ଅମର ଆତ୍ମା ପରମାତ୍ମାଙ୍କ ପାଦପଦ୍ମରେ ସୁରକ୍ଷିତ ଅଛି। ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ସ୍ୱାମୀ- ଡ. ସୂର୍ଯ୍ୟନାରାୟଣ ବେହେରା, ପୁଅଝିଅ- ଏଲି, ଲାଲି, ଲୁସି, ନାତି- ରୋହନ, ଲୋହିତ,ଗେଲୁ, ବାଇନୁ, ଟିକୁଲୁ ଓ ବେହେରା ପରିବାରର ସମସ୍ତ ସଦସ୍ୟ

ଧ-୮୦୨୩

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଲକ୍ଷ୍ମୀ ବିଷୋୟୀ**

ସ୍ୱାମୀ- ରଙ୍କ ବିଷୋୟୀ
ନେହେରୁନଗର ୯ମ ଗଳି, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୦୩।୦୮।୧୯୫୦
ତିରୋଧାନ: ୧୩।୦୮।୨୦୧୮

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କର୍ତ୍ତବ୍ୟପରାୟଣତା ଆମ ପାଇଁ ଅବିସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ- ପ୍ରଦୀପ, ପ୍ରଦ୍ୟୁମ୍ନ, ଝିଅ- ବବିତା, ଜ୍ୱାଇଁ- ଶିଶିର, ବୋହୂ- ସସ୍ମିତା ଓ ସ୍ୱର୍ଣ୍ଣଲତା, ଆତ୍ମୀୟସ୍ୱଜନ ଓ ବେଦବ୍ୟାସ ରେସିଡେନସିଆଲ ମହାବିଦ୍ୟାଳୟର କର୍ମଚାରୀବୃନ୍ଦ। ଧ-୪୯୨୭୯

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଚନ୍ଦନୀ ଗିରି** (୧୦୩ ବର୍ଷ)

ସ୍ୱାମୀ: ସ୍ୱର୍ଗତ କୈଳାସ ଚନ୍ଦ୍ର ଗିରି
ଗ୍ରାମ- ବାଘୁଆପାଳ, ଶିଆଳିଘାଟି, ମୟୂରଭଞ୍ଜ
ତିରୋଧାନ: ୧୪।୦୮।୨୦୧୮

ପୁଣ୍ୟ ଆତ୍ମାର ସଦ୍‌ଗତି ନିମନ୍ତେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସରଳତା, କର୍ତ୍ତବ୍ୟପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଶୋକାକୁଳ ପରିବାରବର୍ଗ ଓ ବନ୍ଧୁପ୍ରିୟଜନ।

ଧ-୮୦୨୨

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର କର୍ମସ୍ଥାନରେ ମଙ୍ଗଳଙ୍କ ସଂଯୋଗରେ କାର୍ଯ୍ୟସିଦ୍ଧି କରାଇବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବା କାରଣରୁ କାମଗୁଡ଼ିକ ସହଜରେ ସମ୍ପନ୍ନ ହୋଇଯିବ । ଦୂରଯାତ୍ରା କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ସାହିତ୍ୟ ,କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ରବି ଓ ଚନ୍ଦ୍ରଙ୍କ ଷଡାଷ୍ଟକ ସ୍ଥିତି ହେତୁ ମନ ଅନୁଯାୟୀ କାମ କରି ପାରିବେ ନାହିଁ। ସ୍ୱାସ୍ଥ୍ୟହାନି, ବନ୍ଧୁମାନଙ୍କ ବେଖାତିର ମନୋଭାବ ଓ ଅର୍ଥସଂକଟଜନିତ ମନ ଅଶାନ୍ତ ରହିବ। ପରିସ୍ଥିତି ଅନୁଯାୟୀ କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ।

**ମିଥୁନ**
ଧନସ୍ଥାନରେ ବୁଧ ଏକାଦଶାଧିପତିଙ୍କ ଦୃଷ୍ଟିରେ ଥିବାରୁ ଅର୍ଥଲାଭର ସୂଚନା ରହିଛି। କାର୍ଯ୍ୟସିଦ୍ଧି ହେବା ସାଙ୍ଗକୁ ଜମିଜମା କାରବାରରେ ଆଶା ପୂରଣ ହୋଇପାରିବ। ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିଲେ ମଧ୍ୟ କାମଗୁଡ଼ିକ ଠିକ୍ ସମୟରେ କରିପାରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଅର୍ଥାଭାବ କେତେକ କାମକୁ ଅଟକାଇ ଦେଇପାରେ।

**କର୍କଟ**
ଆଜିର ଗ୍ରହଯୋଗ ପ୍ରଭାବରୁ ପରିବାରର ସମର୍ଥନ ନେଇ କୌଣସି କାମରେ ଅଗ୍ରସର ହେବେ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଥିଲେ ମଧ୍ୟ ପରିସ୍ଥିତିବଶତଃ କାମରେ ଅବହେଳା କରିପାରିବେ ନାହିଁ। ତଥାପି ଏମିତି କେତେକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ବ୍ୟବସାୟିକ ସ୍ଥିତି ସୁଦୃଢ ରହିବ କିନ୍ତୁ ରାଜନୈତିକ ସ୍ଥିତି ସରଗରମ ରହିବ।

**ସିଂହ**
ସ୍ୱଗୃହୀ ରବି ହେତୁ ଦେହ ଭଲ ରହିବ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସୀ ହୋଇପାରନ୍ତି। ସରକାରୀ ସ୍ତରରୁ କୌଣସି ସାହାଯ୍ୟ, ସହଯୋଗ ପାଇବାର ଆଶା ରହିଛି। ପାପଯୁକ୍ତ ବୁଧ ହେତୁ ଆର୍ଥିକ ଅନଟନ, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ଦୀର୍ଘ ସମୟ ଅତିକ୍ରାନ୍ତ ପରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା**
ଦେବଗୁରୁ ଧନ ସ୍ଥାନରେ ପାପଗ୍ରହ ମଧ୍ୟସ୍ଥ ହେତୁ ସବୁ ପ୍ରକାରର ସୁବିଧା ଥାଇ ମଧ୍ୟ ପାରିବାରିକ ଜୀବନରେ କିଛିଟା ମାନସିକ ଶାନ୍ତିର ଅଭାବ ଅନୁଭବ କରିବେ। ଅଧିକାଂଶ ସମୟରେ ଅପୂରଣୀୟ ଆଶା ମନରେ ନିରାଶା ଭାବ ସୃଷ୍ଟି କରିବ। ଗୃହ ନିର୍ମାଣ କିମ୍ବା ମରାମତି ଅଥବା ସାଜସଜ୍ଜାରେ ପାଖ ପଡୋଶୀଙ୍କ ନିକଟରୁ ସାହାଯ୍ୟ ମଧ୍ୟ ପାଇବେ।

**ତୁଳା**
ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଆଜି କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ପରାମର୍ଶରେ ଏକ ପ୍ରକାର ସମାଧାନର ରାସ୍ତା ବାହାର କରି ପରିବାରରେ ଶାନ୍ତି ଫେରି ଆସିବା ପାଇଁ ଚେଷ୍ଟା କରିବେ । ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବାର ଆଶଙ୍କା ରହିଛି ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ମନ ଅନୁଯାୟୀ କାମ ନ ହେବା କାରଣରୁ ବ୍ୟସ୍ତତା ପ୍ରକାଶ କରିବେ। ବିଭିନ୍ନ ପ୍ରକାର ପାରିବାରିକ ସମସ୍ୟା ବିଷୟ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଧାର କରଜ କରି ଚଳାଇ ନେବେ। କ୍ରୀଡ଼ା, ପ୍ରତିଯୋଗିତା, ଲେଖାପଢା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ରାଶ୍ୟାଧିପ ବୃହସ୍ପତି ଏକାଦଶସ୍ଥ ଓ ଧନ ସ୍ଥାନରେ ଚନ୍ଦ୍ର ଯୋଗୁ ଯେଉଁ କାମରେ ହାତ ଦେବେ ତାହା ନିଶ୍ଚିତ ପୂରଣ ହୋଇପାରିବ। ନୂତନ କର୍ମାରମ୍ଭ, ବନ୍ଧୁମିଳନ, ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କିନ୍ତୁ ମୂଳା ନକ୍ଷତ୍ର ଆଲୋଚନା ଅବକାଶରେ କଠୋର କଥା କହି କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**ମକର**
କର୍ମପରିସର ବୃଦ୍ଧି ପାଇବା କାରଣରୁ ଘରର ଅସମ୍ପୂର୍ଣ୍ଣ କାମଗୁଡ଼ିକୁ ପୂର୍ଣ୍ଣାଙ୍ଗ କରିବାରେ ବିଳମ୍ବ ଘଟିବ। ସମସ୍ୟା ତ ଅନେକ ରହିଛି ତଥାପି ଅପରାହ୍ଣରେ ବନ୍ଧୁଙ୍କ ଜରିଆରେ କାମ ହାସଲ ମଧ୍ୟ କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରିବା ପାଇଁ ଚେଷ୍ଟା କରି ଉପକୃତ ହେବେ।

**କୁମ୍ଭ**
ଉଚ୍ଚସ୍ଥ ମଙ୍ଗଳଙ୍କ ପ୍ରଭାବରୁ ଆଜି ଆତ୍ମୀୟମାନଙ୍କ ସହଯୋଗରେ ସହଜ ଓ ସୁବିଧାରେ ଆଜିର କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅନ୍ୟମାନଙ୍କର ପ୍ରତିବନ୍ଧକ ଯୁକ୍ତ କାମ ଆପଣଙ୍କ କୌଣସି କାର୍ଯ୍ୟକୁ ଅଟକାଇ ପାରିବ ନାହିଁ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ**
ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ବନ୍ଧୁମାନଙ୍କ ସାହାଯ୍ୟ,ସହଯୋଗରେ କାମକୁ ଆଗେଇ ନେବାରେ ସମର୍ଥ ହେବେ। ପରିବାରରେ ଅସନ୍ତୁଷ୍ଟ ରହିଥିବା ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ନିର୍ମାଣ ଓ ପରିବହନରେ ସଫଳତା ହାସଲ କରିବେ ଓ ଜମା ଧନ ବୃଦ୍ଧି ପାଇବ।

ଆଜି ଶ୍ରାବଣ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଶୁକ୍ରବାର, ଶିବ ପବିତ୍ରାରୋପଣ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅଗଷ୍ଟ ୨୪ ତାରିଖ, ରାଶି, ନକ୍ଷତ୍ର-ସକାଳ ଘ୭।୨୦ମି. ଗତେ ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ୬।୫୦ମି. ମଧ୍ୟେ ଘ୪।୪୪ମି. ଗତେ, ଘ୬।୨୦ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ମଧ୍ୟେ ଘ୪।୪୪ମି. ଗତେ, ଘ୬।୨୦ମି. ମଧ୍ୟେ ଅମୃତବେଳା । ଦିବା ଘ୬।୫୦ମି. ଗତେ ଘ୮।୨୨ମି. ମଧ୍ୟେ, ଘ୧୧।୪୩ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା ।




## ସଂକ୍ଷେପରେ

### ଆଜି କ୍ୟାବିନେଟ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ): ଶୁକ୍ରବାର ପୂର୍ବାହ୍ନ ୧୧ଟା ୧୫ ମିନିଟରେ ରାଜ୍ୟ ସଚିବାଳୟଠାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ କ୍ୟାବିନେଟ ମୋହର ଲାଗିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମେତ ବିଭିନ୍ନ ବିଭାଗର ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। କ୍ୟାବିନେଟ୍‌ର ସମସ୍ତ ଏଜେଣ୍ଡାକୁ ଗୁପ୍ତ ରଖାଯାଇଛି।




# ସବୁ ସରକାରୀ ବିଦ୍ୟାଳୟରେ ଓଡ଼ିଆରେ ନାମଫଳକ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ରାଜ୍ୟର ସବୁ ସରକାରୀ ବିଦ୍ୟାଳୟର ନାମଫଳକ ଓଡ଼ିଆରେ ହେବ। ଏଥିସହ ସବୁ ଫଳକ ରଙ୍ଗ ଗୋଟିଏ ପ୍ରକାର କରାଯିବ ବୋଲି ପୂର୍ବରୁ ନିର୍ଦ୍ଦେଶନାମା ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉକ୍ତ ନିୟମକୁ କଡାକଡି ଅନୁପାଳନ କରିବା ପାଇଁ ଗୁରୁବାର ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ଏବଂ ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ୍‌ର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି।

ମିଳିଥିବା ସୂଚନାନୁସାରେ, ଏଣିକି ସମସ୍ତ ସରକାରୀ ବିଦ୍ୟାଳୟରେ ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ବଡ ଅକ୍ଷରରେ ଲେଖାଯିବ। ଓଡ଼ିଆ ଲେଖା ତଳକୁ ଇଂଲିଶ କିମ୍ବା ଅନ୍ୟ କୌଣସି ଭାଷାରେ ତୁଳନାତ୍ମକ ଭାବେ ଛୋଟ ଅକ୍ଷରରେ ଲେଖାଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଲେଖାର ପ୍ରଚ୍ଛଦପଟ ଟେରାକୋଟା ରଙ୍ଗର ହେବା ସହ ଅକ୍ଷରଗୁଡ଼ିକ ଧଳା ରଙ୍ଗରେ ଲେଖାଯିବ। ନାମଫଳକଗୁଡ଼ିକ ସ୍କୁଲ ଗୃହର ସମ୍ମୁଖ ଭାଗରେ ଲଗାଯିବ। ନାମଫଳକ ବ୍ୟତୀତ ବିଦ୍ୟାଳୟରେ କେତୋଟି ଶ୍ରେଣୀରେ ପାଠପଢା ଯାଉଛି, ବିଦ୍ୟାଳୟ କେବେ ପ୍ରତିଷ୍ଠିତ ହୋଇଛି, ସେ ସମ୍ପର୍କିତ ବିବରଣୀ ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ସମାନ ଢାଞ୍ଚାରେ ନାମକରଣ କରିବା ପାଇଁ ନିଷ୍ପତ୍ତି ହୋଇଛି।

# ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ଲୋକାର୍ପିତ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ବହୁ ପ୍ରତୀକ୍ଷିତ ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ୩୫ କୋଟି ଟଙ୍କା ବ୍ୟୟରେ ଏହି ଓଭରବ୍ରିଜ ତିଆରି ହୋଇଛି। ଏହି ଓଭରବ୍ରିଜ୍ ନିର୍ମାଣ ହେବା ଦ୍ୱାରା ନବୀନ ନିବାସ, ଭୀମଟାଙ୍ଗୀ, ପୁରୁଣା ଭୁବନେଶ୍ୱର, ଉତ୍ତରା ଏବଂ ପିପିଲି ଅଞ୍ଚଳର ଲୋକଙ୍କୁ ଗମନାଗମନ ସୁବିଧା ମିଳିବ। ଏଥିସହିତ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ଲେଭଲ କ୍ରସିଂ ଭିଡ ଆଉ ରହିବନାହିଁ। ସୂଚନାଯୋଗ୍ୟ, ୨୦୧୨ରେ ଶୁଭ ଦିଆଯାଇ ଯାଇଥିବା ଏହି ଓଭରବ୍ରିଜର ନିର୍ମାଣ କାର୍ଯ୍ୟ ୬ବର୍ଷ ପରେ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଉଦଘାଟନ ହୋଇପାରୁ ନ ଥିଲା। ଗୁରୁବାର ବ୍ରଜ ଉଦଘାଟନ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜୟ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ପୂର୍ତ୍ତ ବିଭାଗର ନଳୀନ କୁମାର ପ୍ରଧାନ, ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, ସ୍ଥାନୀୟ କର୍ପୋରେଟର ଉଦୟବଲ୍ଲଭ ସାମନ୍ତରାୟ ଉପସ୍ଥିତ ଥିଲେ।



ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ଗୁରୁବାର ଉଦ୍‌ଘାଟିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

# ଆଜି ସମ୍ମାନିତ ହେବେ ୨୪ ବିଧାୟକ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ଓଡ଼ିଶା ବିଧାନସଭାର ପୂର୍ବତନ ଓ ବର୍ତ୍ତମାନ ୨୪ଜଣ ବିଧାୟକଙ୍କୁ ଶୁକ୍ରବାର ଶ୍ରେଷ୍ଠ ବିଧାୟକ ଭାବେ ସମ୍ମାନିତ କରାଯିବ। ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିବେ। ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଦିଆଯାଇ ନ ଥିବା ୩ଟି ବର୍ଗର ଶ୍ରେଷ୍ଠ ବିଧାୟକମାନଙ୍କୁ ସମ୍ମାନିତ କରାଯିବ। ବାଚସ୍ପତିଙ୍କ ଅଧକ୍ଷତାରେ ଗଠିତ ଓଡ଼ିଶା ବିଧାନସଭା ଚୟନ କମିଟି ଦ୍ୱାରା ଚୟନ ହୋଇଥିବା ବିଧାୟକଙ୍କୁ ପଣ୍ଡିତ ନୀଳକଣ୍ଠ, ଉତ୍କଳମଣି ଗୋପବନ୍ଧୁ ଓ ଉତ୍କଳ ଗୌରବ ମଧୁସୂଦନ ସମ୍ମାନରେ ସମ୍ମାନିତ କରାଯିବ। ବିଧାନସଭା ବାଚସ୍ପତି ବିଧାୟକମାନଙ୍କ ନାମ ଘୋଷଣା କରିବେ। ଗତ ୯ ବର୍ଷ ଧରି ଶ୍ରେଷ୍ଠ ବିଧାୟକ ସମ୍ମାନ ପ୍ରଦାନ କରାଯାଇ ନାହିଁ। ବିଷ୍ଣୁ ଚରଣ ଦାସ, ଅରୁଣ କୁମାର ସାହୁ, ପ୍ରଭାତ କୁମାର ବିଶ୍ୱାଳ, ପ୍ରଫୁଲ୍ଲ ମାଝି, ଅମର ଶତପଥୀ, ପ୍ରମିଳା ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ପଣ୍ଡିତ ନୀଳକଣ୍ଠ ସମ୍ମାନ ପ୍ରଦାନ କରାଯିବା ବେଳେ ସୁରେନ୍ଦ୍ରନାଥ ନାୟକ, ବିମ୍ବାଧର କୁଅଁର, ନିତ୍ୟାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ସ୍ୱାଇଁ, ବିକ୍ରମ କେଶରୀ ବର୍ମା, ରାଜେନ୍ଦ୍ର ଢୋଲକିଆ, ସୁରେନ୍ଦ୍ର ପରମାଣିକ ଏବଂ ଚକ୍ରଧର ପାଇକଙ୍କୁ ମଧୁସୂଦନ ସମ୍ମାନ ପ୍ରଦାନ କରାଯିବ। ସେହିପରି ସଞ୍ଜୟ ଦାସବର୍ମା, ପ୍ରୀତିରଞ୍ଜନ ଘଡାଇ, ସମୀର ରଞ୍ଜନ ଦାଶ, ପ୍ରଶାନ୍ତ କୁମାର ମୁଦୁଲି, ବିଜୟ କୁମାର ମହାନ୍ତି, ରାସେଶ୍ୱରୀ ପାଣିଗ୍ରାହୀ, ଦିବ୍ୟଶଙ୍କର ମିଶ୍ର ଏବଂ ପ୍ରଦୀପ ପୁରୋହିତଙ୍କୁ ଉତ୍କଳମଣି ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରାଯିବ।

# ଉଦ୍‌ଘାଟନ ପରେ ଦୁର୍ଘଟଣା

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

- ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ
- ହସ୍ପିଟାଲରେ ରାଜନେତାଙ୍କ ଭିଡ଼
- ୫ଲକ୍ଷ ଟଙ୍କାର ସହାୟତା

ପୋଖରୀପୁଟ ରେଳ ଓଭରବ୍ରିଜକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା ପରେ ଦୁର୍ଘଟଣା ଘଟିଛି। ଓଭରବ୍ରିଜ୍ ଉପରେ ସଜା ହୋଇଥିବା ଝଲମଲ ଲିଟୁ ତାର ନେଇଛି ଜଣେ ଯୁବକଙ୍କ ଜୀବନ। ଖୁସିରେ ଓଭରବ୍ରିଜ ଉପରେ ସଜା ହୋଇଥିବା ବେଲୁନକୁ ଛିଡାଇବା ସମୟରେ ଲିଟୁ ତାରରେ ଥିବା ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲାର ସୀମାଞ୍ଚଳ ପଣ୍ଡା(୩୨)। ସେ ସୁନ୍ଦରପଦା ଉପରସାହିରେ ଥିବା ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ଯୁବକଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଦିଆଯିବ।

ସୂଚନା ମୁତାବକ, ସୀମାଞ୍ଚଳ ଶାଶୁଙ୍କ ଦେହ ଖରାପ ହୋଇଥିବାରୁ ତାଙ୍କୁ ଦେଖିବା ପାଇଁ ସୁନ୍ଦରପଦା ଆସିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ରେଳ ଓଭରବ୍ରିଜ ଉଦ୍‌ଘାଟନ କରୁଥିବାରୁ ସେ ଏହାକୁ ଦେଖିବା ପାଇଁ ସେଠାକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟା ୧୫ରେ ମୁଖ୍ୟମନ୍ତ୍ରୀ ଓଭରବ୍ରିଜ୍‌କୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନର ପ୍ରାୟ ୧୦ ମିନିଟ ପରେ ସେଠାରେ ଥିବା କେତେଜଣ ବ୍ୟକ୍ତି ଖୁସିରେ ଓଭରବ୍ରିଜ୍ ଉପରକୁ ଚଢିଯାଇଥିଲେ। ବର୍ଷା ହୋଇଥିବାରୁ ଓଭରବ୍ରିଜ୍ ଉପରେ ଲାଗିଥିବା ଲିଟୁର ବିଦ୍ୟୁତ ତାର ଓଦା ହୋଇଯାଇଥିଲା। ସୀମାଞ୍ଚଳ ବେଲୁନ ଛିଡାଉଥିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୂରକୁ ଛିଟିକି ପଡିଥିଲେ। ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏହି ଘଟଣା ପ୍ରଚାରିତ ହେବା ପରେ ହସ୍ପିଟାଲକୁ ରାଜନେତାଙ୍କର ସୁଅ ଛୁଟିଥିଲା। ଭାଜପା ନେତା ମନମୋହନ ସାମଲ ଓ ଅମିୟ ଦାଶ, ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏହି ଦୁର୍ଘଟଣା ପାଇଁ ସେମାନେ ଶାସକ ଦଳକୁ ଦାୟୀ କରିଥିଲେ।







# ଗୋରୁ ଚାଲାଣରେ ଟିଟୋ ଗ୍ୟାଙ୍ଗ୍

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

- ମାଷ୍ଟରମାଇଣ୍ଡ ବଟୁ ଗିରଫ
- ଓଡ଼ିଶାରୁ ବାଂଲାଦେଶ ଚାଲାଣ ହେଉଥିଲା ଗୋରୁ, ଚମଡ଼ା
- କେନ୍ଦ୍ରାପଡ଼ାରୁ ଅନ୍ୟତମ ସହଯୋଗୀଙ୍କୁ ଗିରଫ କଲା ଏସ୍‌ଟିଏଫ୍

କେବଳ ବଟି ଆଦାୟ, ହତ୍ୟା, ଟେଣ୍ଡର ଫିକ୍ସିଂ, ବୋମାମାଡ଼ ନୁହେଁ, ଆନ୍ତଃ ରାଜ୍ୟ ଗୋଚାଲାଣରେ ବି ଟିଟୋ ଓରଫ ସୟଦ ଉସ୍‌ମାନ ଅଲୀ ମାଷ୍ଟରମାଇଣ୍ଡ। ଟିଟୋ ଗ୍ୟାଙ୍ଗ୍ ଓଡ଼ିଶାରୁ ବିଭିନ୍ନ ରାଜ୍ୟକୁ ଗୋରୁ ଚାଲାଣ କରୁଥିଲା। ଗୋରୁ ସଂଗ୍ରହଠାରୁ ଆରମ୍ଭ କରି ଗୋରୁ ବୋଝେଇ ଟ୍ରକଗୁଡ଼ିକୁ ବିଭିନ୍ନ ଥାନା ଅଞ୍ଚଳରେ ଏସ୍କର୍ଟ ଦେଇ ରାଜ୍ୟ ସୀମା ପାର କରାଇବା ପର୍ଯ୍ୟନ୍ତ ସବୁକିଛି ଟିଟୋ ଗ୍ୟାଙ୍ଗ ସମ୍ଭାଳୁଥିଲା। ଏସବୁର ମଙ୍ଗ ଧରିଥିଲେ ଖୋର୍ଦ୍ଧା ଜିଲା ସୁଣାପଲା ଗ୍ରାମର ବଟକୃଷ୍ଣ ପାଣି ଓରଫ ବଟୁ(୪୫)। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ବଟୁଙ୍କୁ ଗିରଫ କରିବା ପରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ବଟୁ ଭୁବନେଶ୍ୱର କଳିଙ୍ଗବିହାରରେ ଥିବା କେ-୪ ଏଲ୍‌ଆଇଜି ଫ୍ଲଟ ନଂ. ୨୮୦ରେ ରହୁଥିଲେ। ତାଙ୍କଠାରୁ ୧୨ ଲକ୍ଷ ଟଙ୍କାର ଏକ ଦାମୀ ବାଇକ୍ ସହ ଦୁଇଟି ଚାରି ଚକିଆ ଯାନ ଏକ ବନ୍ଧୁକ ଜବତ ହୋଇଛି। ସେହିଭଳି ଟିଟୋଙ୍କର ଅନ୍ୟତମ ସହଯୋଗୀ କେନ୍ଦ୍ରାପଡ଼ା ଜିଲା ମହିପଲା ଗ୍ରାମର ସରୋଜ ପତି(୩୧)ଙ୍କୁ ଏସ୍‌ଟିଏଫ୍ କେନ୍ଦ୍ରାପଡ଼ାରୁ ଗିରଫ କରିଛି। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ବଟକୃଷ୍ଣ ଟିଟୋଙ୍କ ଗୋରୁ ଚାଲାଣ ର୍‍ୟାକେଟର ମଙ୍ଗ ଧରିଥିଲେ। ସେ ୮ବର୍ଷ ହେବ ଏହି ର୍‍ୟାକେଟ ଚଳାଇ ଆସୁଥିଲେ। ଖୋର୍ଦ୍ଧା ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଗୋରୁ ସଂଗ୍ରହ କରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। କେବଳ ଖୋର୍ଦ୍ଧା ନା ଅନ୍ୟ କୌଣସି ଅଞ୍ଚଳରୁ ଗୋଚାଲାଣରେ ବଟକୃଷ୍ଣଙ୍କ ସମ୍ପୃକ୍ତି ରହିଛି ସେନେଇ ଏସ୍‌ଟିଏଫ ଖୋଳତାଡ଼ କରୁଛି। ଖୋର୍ଦ୍ଧା ବେଗୁନିଆରୁ କୋଲକାତା-ତ୍ରିପୁରା ଦେଇ ବାଂଲାଦେଶକୁ ଗୋରୁ ଏବଂ ଚମଡ଼ା ଚାଲାଣ ହେଉଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଥର ସେ ବାଂଲାଦେଶକୁ ଗୋରୁଚାଲାଣ କରିଥିବା ଏସ୍‌ଟିଏଫ ପଚରାଉଚରାବେଳେ ଜାଣିବାକୁ ପାଇଛି। ଗୋରୁ ବୋଝେଇ ଗାଡ଼ିଗୁଡ଼ିକୁ ୨୫ରୁ ୩୦ ଯୁବକ ଏସ୍କର୍ଟ ଦିଅନ୍ତି। ସେମାନେ ବୋଲେରୋରେ ଗାଡ଼ି ଆଗରେ ଯାଇ ରାସ୍ତା କ୍ଲିୟର କରନ୍ତି। ଯଦି କେଉଁଠି ପୋଲିସ ଅଟକାଏ ତେବେ ଟଙ୍କା ଦେଇ ଚୁପ କରାନ୍ତି। ପ୍ରତି ଥର ଗୋରୁ ଚାଲାଣରେ ସେ ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏସବୁ ଟଙ୍କା ବିଭିନ୍ନ ଥାନାକୁ ବଟି ଆକାରରେ ଯାଇଥାଏ। ସେହିପରି ଲାଭ ହେଉଥିବା ଟଙ୍କାରୁ କିଛି ଅଂଶ ଟିଟୋଙ୍କ ନିକଟକୁ ଯାଏ। ଖୋର୍ଦ୍ଧା ଅଞ୍ଚଳରେ ଟିଟୋ ଏକାଧିକ ଜମି କିଣିଛନ୍ତି। ଏଥିରେ ବଟକୃଷ୍ଣ ତାଙ୍କୁ ସହଯୋଗ କରୁଥିଲେ। ବଟକୃଷ୍ଣଙ୍କ ନାମରେ ଟେଣ୍ଡର ଫିକ୍ସିଂ, ଦାଦାବଟି, ବୋମା ମାଡ ଓ ହତ୍ୟା ଭଳି ସଙ୍ଗିନ ମାମଲା ରହିଛି।

ଅନ୍ୟପଟେ ସରୋଜ କେନ୍ଦ୍ରାପଡାରେ ଟିଟୋଙ୍କ ବେଆଇନ ଅର୍ଥ କାରବାର କଥା ବୁଝୁଥିଲେ। ବଟି ଆଦାୟ, ଲୁଟପାଟ ଭଳି ଅନେକ ମାମଲାରେ ସେ ସମ୍ପୃକ୍ତ ଥିବା ଜଣାପଡିଛି। ଏସ୍‌ଟିଏଫ ଡିଆଇଜି ହିମାଂଶୁ ଲାଲ୍ କହିଛନ୍ତି, ୮ବର୍ଷ ଧରି ଟିଟୋ ଇସାରାରେ ବଟକୃଷ୍ଣ ଗୋଚାଲାଣ ର୍‍ୟାକେଟ ଚଳାଉଥିଲେ। କୋଟି କୋଟି ଟଙ୍କାର ବ୍ୟବସାୟ ହେଉଥିଲା। ଏହି ଟଙ୍କାରେ ଟିଟୋ ଭୁବନେଶ୍ୱର, ବେଗୁନିଆ, ପୁରୀ ଓ ପିପିଲି ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ଜମି କିଣିଛନ୍ତି। ଏସ୍‌ଟିଏଫ ଏହାର ସୁରାକ ପାଇଛି। ଟିଟୋଙ୍କର ତିନୋଟି ଦାମୀ ଗାଡି ଜବତ ହୋଇଛି। ଏହି ଗାଡି ଭିତରେ ୧୨ ଲକ୍ଷ ଟଙ୍କାର ଏକ ହାର୍ଲି ଡାଭିଡ୍‌ସନ ବାଇକ୍ ରହିଛ, ଯାହାକୁ ବଟୁ ନିଜ ପାଖରେ ରଖିଥିଲେ।

ଏହାବ୍ୟତୀତ ଏସ୍‌ଟିଏଫ୍ ବର୍ତ୍ତମାନ ସୁଦ୍ଧା ଟିଟୋଙ୍କ ରାଜନୈତିକ ଲିଙ୍କ୍ ଖୋଲିବାରେ ବିଫଳ ହୋଇଛି। ଟିଟୋଙ୍କର ଅନେକ ରାଜନେତାଙ୍କ ସହ ସମ୍ପର୍କ ଥିଲେ ମଧ୍ୟ ଏସ୍‌ଟିଏଫ୍ ରାଜନୈତିକ ଚାପରେ ପଡ଼ି ଏସବୁକୁ ଅଣଦେଖା କରୁଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି।



# କୋଚର ଦୂରେଇ ରହନ୍ତୁ

ଆଇସିଆଇସିଆଇ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଚନ୍ଦା କୋଚର ଆଇସିଆଇସିଆଇ ସିକ୍ୟୁରିଟିଜ୍ (ଆଇ-ସେକ୍) ବୋର୍ଡର ନିର୍ଦ୍ଦେଶକ ପଦରେ ପୁନଃ ଅବସ୍ଥାପିତ ହେବା ଲାଗି ଇଚ୍ଛା ପ୍ରକାଶ କରିଛନ୍ତି। ଅଗଷ୍ଟ ୩୦ରେ ଆଇ-ସେକ୍ ବୋର୍ଡର ବାର୍ଷିକ ସାଧାରଣ ବୈଠକରେ ପ୍ରସ୍ତାବଟି ବିଚାର ପାଇଁ ଉପସ୍ଥାପନ କରାଯିବ। ଯଦି ତାହା ଅନୁମୋଦନ ଲାଭ କରେ, ତେବେ ସେ ବ୍ୟାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଶାଖାର ମଙ୍ଗୁଆଲ ଭାବେ ପ୍ରତ୍ୟାବର୍ତ୍ତନ କରିବେ। ଆଇ-ସେକ୍‌ର ଏକ ବିଜ୍ଞପ୍ତି ଅନୁସାରେ କୋଚର ଉକ୍ତ ପଦରୁ ଅବସର ନେବା ପରେ ନିଜକୁ ଯୋଗ୍ୟ ମନେକରି ପୁନର୍ନିଯୁକ୍ତି ପାଇଁ ପ୍ରସ୍ତାବ ଦେଇଛନ୍ତି। ଯଦି ସେ ଉକ୍ତ ପଦ ଲାଗି ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ଏକ ସାଧାରଣ ରିଜଲ୍ୟୁଶନ ମାଧ୍ୟମରେ ତାଙ୍କର ପୁନର୍ନିଯୁକ୍ତିକୁ ଅନୁମୋଦନ ଦିଆଯିବ। କୋଚରଙ୍କ ଏ ପ୍ରସ୍ତାବ ନୈତିକତା ଦୃଷ୍ଟିରୁ ଦେଶର ଆର୍ଥିକ ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କାମ କରୁଥିବା ବାବୁମାନଙ୍କ ମଧ୍ୟରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ପ୍ରତିନିଧି ଉପଦେଷ୍ଟା ଫାର୍ମ 'ଇନ୍‌ଷ୍ଟିଟ୍ୟୁଶନାଲ ଇନ୍‌ଭେଷ୍ଟର ଆଡ୍‌ଭାଇଜରୀ' କୋଚରଙ୍କ ସମ୍ଭାବ୍ୟ ପୁନର୍ନିଯୁକ୍ତିକୁ ବିରୋଧ କରିବା ଲାଗି ଶେୟାର୍‌ହୋଲ୍‌ଡରମାନଙ୍କୁ ପରାମର୍ଶ ଦେଇଛି। ଦେଶର ବୃହତ୍ତମ ଘରୋଇ ବ୍ୟାଙ୍କରେ କର୍ପୋରେଟ୍ ପ୍ରଶାସନିକ କାର୍ଯ୍ୟରେ ସେ ତ୍ରୁଟିବିଚ୍ୟୁତି କରିଥିବା ନେଇ ତାଙ୍କ ବିରୋଧରେ ଅନେକ ଅଭିଯୋଗ ରହିଛି।

ସେବି ସମେତ ଅନେକ ନିୟାମକ ସଂସ୍ଥା ପକ୍ଷରୁ ତାଙ୍କ ବିରୋଧରେ ତଦନ୍ତ କରାଯାଉଛି। ଆଇସିଆଇସିଆଇ ବ୍ୟାଙ୍କ ନିଜେ ମଧ୍ୟ ତାଙ୍କ ବିରୋଧରେ ଭିଡିଓକନ୍ ଗ୍ରୁପ୍‌କୁ ଋଣ ପ୍ରଦାନରେ କରିଥିବା ଅନିୟମିତତା ନେଇ ଏକ ଆଭ୍ୟନ୍ତରୀଣ ତଦନ୍ତ ଜାରି ରଖିଛି। ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି ବି.ଏନ୍. ଶ୍ରୀକୃଷ୍ଣଙ୍କ ନେତୃତ୍ୱରେ ଗଠିତ ଏକ ପ୍ୟାନେଲ କୋଚରଙ୍କ ବିରୋଧରେ ଥିବା ବିଭିନ୍ନ ଅଭିଯୋଗର ଏକ ନିରପେକ୍ଷ ତଦନ୍ତ କରୁଛନ୍ତି। ସିବିଆଇ ମଧ୍ୟ କୋଚରଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡିଓକନ୍ ଗ୍ରୁପ୍ ଅଧ୍ୟକ୍ଷ ବେଣୁଗୋପାଳ ଧୂତ୍‌ଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଉପରେ ଏକ ପ୍ରାରମ୍ଭିକ ତଦନ୍ତ ପଞ୍ଜୀକୃତ କରିଛି। ଅଭିଯୋଗ ଅନୁସାରେ, ଭିଡିଓକନ୍ ଆଇସିଆଇସିଆଇ ବ୍ୟାଙ୍କରୁ ଦୁଇଟି ପର୍ଯ୍ୟାୟରେ ୩,୨୫୦ କୋଟି ଓ ୬୬୦ କୋଟି ଟଙ୍କା ଋଣ ପାଇବାର ଛଅମାସ ପରେ ଧୂତ୍ ଦୀପକ କୋଚରଙ୍କ ଫାର୍ମକୁ ବହୁ କୋଟି ଟଙ୍କା ଦେଇଥିଲେ। ଅଭିଯୋଗ ଅନୁସାରେ ୨୦୧୨ରେ ଋଣ ପାଇଲା ପରେ ଦୀପକ କୋଚରଙ୍କ କମ୍ପାନୀ ନ୍ୟୁପାୱାର ରିନ୍ୟୁଏବ୍‌ଲସ୍‌କୁ ଧୂତ୍ ୧୦ ପ୍ରତିଶତ ବିଦେଶୀ ଫଣ୍ଡିଙ୍ଗ୍ ଆକାରରେ ଦେବେ ବୋଲି ସର୍ତ୍ତ ରହିଥିଲା। ୨୦୦୮ରେ ଦୀପକ କୋଚର ଓ ଧୂତ୍ ନ୍ୟୁପାୱାର ରିନ୍ୟୁଏବ୍‌ଲସ୍ ନାମରେ ୫୦:୫୦ ଶେୟାର୍‌ରେ ଏକ ଯୁଗ୍ମ ଉଦ୍ୟୋଗ ଆରମ୍ଭ କରିଥିଲେ।

## ଆଜିର ଅର୍ଥନୀତି

କୋଚର ମଧ୍ୟ ଅନେକ ଆଇସିଆଇସିଆଇ ବ୍ୟାଙ୍କ ଗ୍ରୁପ୍ କମ୍ପାନୀ ଯଥା ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନ୍‌ସ୍ୟୁରାନ୍ସ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ, ଆଇସିଆଇସିଆଇ ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ଏବଂ ଆଇସିଆଇସିଆଇ ବ୍ୟାଙ୍କ କାନାଡ଼ାର ନିର୍ଦ୍ଦେଶକ ପଦରେ ରହିଛନ୍ତି। ମୂଳ ଫାର୍ମର ପରିଚାଳନା ନିର୍ଦ୍ଦେଶକ ଓ ସିଇଓଭାବେ ସେ ଆପେ ଆପେ ଏହିସବୁ ପଦବୀର ଅଧିକାରିଣୀ ହୋଇଥିଲେ। ବର୍ତ୍ତମାନ ତାଙ୍କର କାର୍ଯ୍ୟକଳାପକୁ ନେଇ ସନ୍ଦେହ ଉପୁଜିବାରୁ ତାଙ୍କୁ ବାଧ୍ୟତାମୂଳକ ଭାବେ ଛୁଟି ଦିଆଯାଇଛି। ତେଣୁ ସେ ସ୍ୱେଚ୍ଛାକୃତ ଭାବେ ଉକ୍ତ ସମସ୍ତ ପଦବୀରୁ ଇସ୍ତଫା ଦେବା ଉଚିତ। କିନ୍ତୁ ତାହା ନ କରି ତାଙ୍କ ବିରୋଧରେ ତଦନ୍ତ ଚାଲିଥିବା ବେଳେ ସେ ଆଉ ଏକ ବୋର୍ଡ ପଦବୀରେ ପୁନର୍ନିଯୁକ୍ତି ଲାଗି ଆବେଦନ କରିବା ନିନ୍ଦନୀୟ ଓ ଅଧିକ ସନ୍ଦେହଜନକ। ୨୦୧୯ ମାର୍ଚ୍ଚ ମାସରେ କୋଚର ଅବସର ନେବାର ଅଛି।

ଯଦି କୋଚରଙ୍କୁ ଆଇ-ସେକ୍‌ରେ ନିଯୁକ୍ତି ଦିଆଯାଏ, ତେବେ ସଂସ୍ଥା ବଦନାମ ହେବା ସହିତ ସମଗ୍ର ଗ୍ରୁପ୍‌ର ସୁନାମରେ ଆଞ୍ଚ ଆସିବ। ବ୍ୟାଙ୍କ ମଧ୍ୟ ଏହାର ସୁନାମରେ ଆଞ୍ଚ ଆସିବା କାରଣ ଦର୍ଶାଇ କୋଚରଙ୍କୁ ବାଧ୍ୟତାମୂଳକ ଛୁଟି ଦେଇଥିବା ପ୍ରକାଶ କରିଥିଲା। ଏହି ପୃଷ୍ଠଭୂମିରେ କୋଚର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଲାଗି ଆବେଦନ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ। ଆଇ-ସେକ୍ ବୋର୍ଡ ମଧ୍ୟ ତରବର ହୋଇ ତାଙ୍କର ପୁନର୍ନିଯୁକ୍ତି ଲାଗି ଆଗ୍ରହ ପ୍ରକାଶ କରିବା ଦୁଃଖଦାୟକ। ତେବେ ତାଙ୍କ ବିରୋଧରେ ଆସିଥିବା ସାଂଘାତିକ ଅଭିଯୋଗଗୁଡ଼ିକ ମିଥ୍ୟା ବୋଲି ଯଦି ପ୍ରମାଣିତ ହୁଏ ଏବଂ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହୁଅନ୍ତି, ତା'ପରେ ତାଙ୍କର ପୁନର୍ନିଯୁକ୍ତି ଲାଗି କୌଣସି ବାଧା ରହିବ ନାହିଁ। ସେ ପର୍ଯ୍ୟନ୍ତ ସେ ଗ୍ରୁପ୍‌ଠାରୁ ଦୂରରେ ରହିବା ଉଚିତ।

## ଚିରନ୍ତନୀ

ଗୀତାର ଉଚ୍ଛ୍ୱାସେ ସେ ତା'ର ପ୍ରାଣ ଉଠେ ମାତି
ସ୍ୱପନ ଭାଙ୍ଗିଲେ ପୁଣି ହୃଦ ଯାଏ ତାତି। (ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 3 | | | | | 6 | 7 | C | A | E | B | |
| | | | | 5 | | | | C | | | E | 7 | | |
| | 6 | 2 | 4 | | | 0 | 1 | | 3 | D | | | | |
| | | E | | | 1 | A | 5 | | | | 8 | | | |
| | | 9 | | C | 8 | | | D | 4 | | | | | |
| | 7 | 1 | 8 | 3 | E | 4 | 2 | | | | | | | |
| | 9 | D | | | | 6 | | | E | 8 | | | | |
| 0 | | | | | 9 | | 7 | E | | 1 | | | 5 | |
| | | | | | C | | | 3 | | | | 0 | | |
| | 4 | 8 | A | | 7 | | | 0 | B | 2 | D | | | |
| | 8 | 3 | | | | | | 1 | | B | 2 | | | |
| | D | | | | 4 | 7 | | | | | | | 0 | |
| | | 0 | 7 | | | D | | | 9 | | | 6 | 1 | |
| 4 | 2 | | 9 | | | | A | | | | | | | |
| | | | C | A | D | B | | | | 0 | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | 5 | D | 6 | 8 | C | E | 3 | 0 | 4 | A | B | 7 | 9 |
| 4 | 8 | 3 | 5 | A | 7 | 6 | 1 | 9 | B | 2 | C | D | E | 0 |
| 9 | 7 | B | 4 | E | 0 | 5 | A | D | 3 | 1 | 6 | C | 2 | 8 |
| E | C | A | 9 | 2 | 1 | 0 | B | 8 | D | 5 | 7 | 6 | 3 | 4 |
| 0 | D | 6 | C | B | 3 | 4 | 7 | 2 | 8 | E | 9 | A | 1 | 5 |
| B | 1 | C | 0 | 9 | 5 | 3 | 2 | 4 | A | 8 | D | 7 | 6 | E |
| 2 | 0 | 7 | B | D | 4 | A | 9 | C | E | 6 | 5 | 3 | 8 | 1 |
| 3 | E | 9 | A | 8 | C | 1 | 6 | 5 | 7 | B | 4 | 2 | 0 | D |
| A | 6 | 8 | 7 | 1 | E | B | D | 0 | 2 | 9 | 3 | 4 | 5 | C |
| D | 5 | 4 | 2 | 3 | 6 | E | 8 | 7 | C | 0 | 1 | 9 | B | A |
| C | 9 | D | 3 | 7 | B | 8 | 0 | E | 5 | A | 2 | 1 | 4 | 6 |
| 5 | A | 2 | 6 | 0 | 9 | 7 | 4 | B | 1 | D | E | 8 | C | 3 |
| 7 | 3 | 1 | 8 | 4 | D | 2 | 5 | 6 | 9 | C | 0 | E | A | B |
| 6 | B | 0 | E | C | A | D | 3 | 1 | 4 | 7 | 8 | 5 | 9 | 2 |
| 8 | 4 | E | 1 | 5 | 2 | 9 | C | A | 6 | 3 | B | 0 | D | 7 |

ଗତକାଲିର ଉତ୍ତର

# ପାକିସ୍ତାନର ଭବିଷ୍ୟତ-ଅନେକ ପ୍ରଶ୍ନବାଚୀ

**ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର, ଲେଖକ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା କୂଟନୀତିଜ୍ଞ କୁଲଦୀପ ନାୟାରଙ୍କର ବୁଧବାର ବିଳମ୍ବିତ ରାତ୍ରିରେ ପରଲୋକ ଘଟିଛି। ଅତୀତରେ ସେ ଧରିତ୍ରୀର ନିୟମିତ ଖବରଦାତା ଓ ସ୍ତମ୍ଭକାର ଥିଲେ। ପାଠକଙ୍କ ଅବଗତି ନିମନ୍ତେ ଧରିତ୍ରୀରେ ୨୩।୦୮।୧୯୮୮ ତାରିଖରେ ପ୍ରକାଶିତ ତାଙ୍କର ଏକ ଲେଖା ଏଠାରେ ପୁନରୁପସ୍ଥାପନ କରାଯାଉଛି।**

କୁଲଦୀପ ନାୟାର




ଜିଆଙ୍କ ଇଚ୍ଛା ମୁତାବକ ପାକିସ୍ତାନ କ'ଣ ଇସ୍‌ଲାମ ରାଷ୍ଟ୍ର ହେବ ? ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଦେଶରେ ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ସାଧାରଣ ନିର୍ବାଚନ ହେବ। ଯଦି ହେବ, ପୂର୍ବ ନିଷ୍ପତ୍ତିମତେ ନିର୍ଦ୍ଦଳୀୟ ଭିତ୍ତିରେ ହେବ ନା ନିଷ୍ପତ୍ତି ବଦଳିବ ?- ଏ କେତୋଟି ମୌଳିକ ପ୍ରଶ୍ନ ଜେନେରାଲ ଜିଆଙ୍କ ଆକସ୍ମିକ ମୃତ୍ୟୁ ପରେ ସମସ୍ତଙ୍କୁ ଆନ୍ଦୋଳିତ କରୁଛି।

ପାକିସ୍ତାନୀ ଜନସାଧାରଣ ଏବଂ ଜିଆଙ୍କ ମଧ୍ୟରେ ଗତ କିଛିବର୍ଷ ମଧ୍ୟରେ ସୁସମ୍ପର୍କ ରକ୍ଷା ହୋଇପାରି ନ ଥିଲେ ହେଁ ଜନସାଧାରଣ ଜାଣୁଥିଲେ ସେମାନେ କୌଣସି ବିକଳ୍ପ ଶାସନ ପଦ୍ଧତି ଓ ଶାସକ ଖୋଜି ପାଇବା ପର୍ଯ୍ୟନ୍ତ ଜିଆଙ୍କ ଶାସନ ଚାଲିବ ହିଁ ଚାଲିବ। ୧୧ ବର୍ଷ ତଳେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ନେତା ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କୁ ବହିଷ୍କାର କରି ଜେନେରାଲ ଜିଆ ସାମରିକ ଶାସନ ପ୍ରତିଷ୍ଠା କରିଥିଲେ। ତେବେ ସେ ପ୍ରଥମରୁ ହିଁ ଘୋଷଣା କରି ଆସୁଥିଲେ, ଦିନେନା ଦିନେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପୁନଃ ପ୍ରବର୍ତ୍ତନ କରାଇବେ। ପାକିସ୍ତାନୀ ଜନସାଧାରଣ ଜିଆଙ୍କ ଏହି ଘୋଷଣା କେତେଦୂର ସତ୍ୟ, ତାହା ବୁଝିପାରୁ ନ ଥିଲେ। କିନ୍ତୁ ଜିଆ ପ୍ରଥମେ ତାଙ୍କ ଦ୍ୱାରା ମନୋନୀତ ଏକ ପରିଷଦ ମଜଲିସ୍ ମୁସୱାରିଆତ୍‌କୁ ସୀମିତ କ୍ଷମତା ଅର୍ପଣ କରିବା ଓ ପରେ ନିର୍ଦ୍ଦଳୀୟ ଭିତ୍ତିରେ ଏକ ସାଧାରଣ ନିର୍ବାଚନ କରାଇ ଜାତୀୟ ଆସେମ୍ବ୍ଲି ଗଠନ କରାଇବା ପରେ ଲୋକଙ୍କ ଧାରଣା ହୋଇଥିଲା-କ୍ରମେ ନିଶ୍ଚୟ ସାମରିକ ଶାସନ ହାତରୁ ଲୋକପ୍ରତିନିଧିଙ୍କ ନିକଟକୁ ଶାସନ କ୍ଷମତା ଲେଉଟିଆସିବ। କିନ୍ତୁ ଜିଆଙ୍କ ଖେଳ ଭିନ୍ନ ପ୍ରକାର। ତାଙ୍କର ନୀତି ଥିଲା, ନିର୍ବାଚିତ ଲୋକ ପ୍ରତିନିଧିଙ୍କ ହାତରେ ଖୁବ୍ କମ୍ କ୍ଷମତା ନ୍ୟସ୍ତ କରିବା, ଯେଭଳି ସେ କହିଥିଲେ ମହମ୍ମଦ ଖାଁ ଜୁନେଜୋଙ୍କୁ ବହିଷ୍କାର କରିବା ପୂର୍ବରୁ । ଆସନ୍ତା ନଭେମ୍ବର ମାସରେ ଘୋଷିତ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ସେ ଏଭଳି କୌଶଳ ପ୍ରସ୍ତୁତ କରିଥିଲେ ଯେଭଳି ପାକିସ୍ତାନ ପିପୁଲ୍ସ ପାର୍ଟି(ପିପିପି) ଭଳି ଦେଶର ଲୋକପ୍ରିୟ ରାଜନୈତିକ ଦଳକୁ ନିର୍ବାଚନ ଲଢ଼ିବାର ଏବଂ ଏହାର ନେତ୍ରୀ ବେନଜିର ଭୁଟ୍ଟୋଙ୍କୁ କ୍ଷମତାଠାରୁ ଦୂରରେ ରଖିବେ । ପୂର୍ବତନ ପ୍ରଧାନମନ୍ତ୍ରୀ ଜୁନେଜୋଙ୍କୁ ଅଲଗା ରଖି ପୀର ପାଗୋରାଙ୍କ ନେତୃତ୍ୱ ଅଧୀନରେ ପାକିସ୍ତାନ ମୁସଲିମ ଲିଗ୍‌କୁ ସଂଗଠିତ କରିବାରେ ସଫଳତା ଜିଆଙ୍କ ଏହି ଉଦ୍ୟମର ଅଂଶବିଶେଷ ଥିଲା ।

ମନେହୁଏ, ଜେନେରାଲ ଜିଆ ନିର୍ବାଚନ କମିଶନଙ୍କ ସ୍ୱୀକୃତି ଲାଭ କରିଥିବା ରାଜନୈତିକ ଦଳଗୁଡିକୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବା ସକାଶେ ଚିନ୍ତା କରୁଥିଲେ। ପାକିସ୍ତାନ ପିପୁଲ୍ସ ପାର୍ଟି ନିର୍ବାଚନ କମିଶନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଦଳ ମଧ୍ୟରେ ଅନ୍ୟତମ ।

ବର୍ତ୍ତମାନର କାମଚଳା ରାଷ୍ଟ୍ରପତି ଗୁଲାମ ଇଶାକ ଖାଁ ବିଭିନ୍ନ ଜାତିଆଣ ଗୋଷ୍ଠୀ କିମ୍ବା ହତାଶ ନେତାମାନଙ୍କୁ ଏକତ୍ରିତ କରି ରଖିପାରିବା ତ ଦୂରର କଥା, ପାକିସ୍ତାନରେ ତାଙ୍କ ନିଜ ଭିତ୍ତି ମଧ୍ୟ ସୁଦୃଢ଼ ନୁହେଁ। ଜାତୀୟ ଆସେମ୍ବ୍ଲିର ବାଚସ୍ପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ସେ ଫଖର ଇମାମଙ୍କଠାରୁ ହାରିଯାଇଥିଲେ। ତେଣୁ ଇଶାକ ଖାଁ ଜେନେରାଲ ଜିଆଙ୍କ ଭଳି କିମ୍ବା ତାଙ୍କ ନୀତି ଅନୁସରଣ କରି କାର୍ଯ୍ୟ କରିପାରିବେ ନାହିଁ । ସାମରିକ ପ୍ରଶାସନ ପ୍ରକୃତ କ୍ଷମତା ଉପଭୋଗ କରୁଥିବା ବେଳେ ଲୋକଙ୍କ ମନରେ ଲୋକପ୍ରିୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ ହେବା, ଉଜ୍ଜୀବିତ କରି ରଖିବା କ୍ଷମତା କେବଳ ଜିଆଙ୍କର ହିଁ ଥିଲା। ଶେରୱାନୀଠାରୁ ଖିରିର କ୍ଷମତା ଥିଲା ବେଶି। ଏବେ ଏ ଦୁଇଟି ମଧ୍ୟରେ ଭାରସାମ୍ୟ ରଖିବା ଲୋକ ଆଉ କିଏ ଅଛି ?

ଜେନେରାଲ ଜିଆଙ୍କ ମୃତ୍ୟୁ ପରେ ପ୍ରଥମ କ୍ୟାବିନେଟ ବୈଠକରେ ତିନି ବାହିନୀର ମୁଖ୍ୟ ଉପସ୍ଥିତ ଥିଲେ। ଏଥିରୁ ଅନୁମାନ ହୁଏ ଭବିଷ୍ୟତରେ ପାକିସ୍ତାନରେ ଯେ କୌଣସି ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ ହେବ, ସାମରିକ ବାହିନୀର ମୁଖ୍ୟ ସେଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ତେବେ ଦେଶର ନୂତନ ସାମରିକ ମୁଖ୍ୟ ଯିଏ ହେବେ, ସେ କିଭଳି ଭାବେ କାର୍ଯ୍ୟ କରିବେ ସେଥିରୁ ପାକିସ୍ତାନର ଭବିଷ୍ୟତ ନିର୍ଭର କରିବ। ଏବେ ପାକିସ୍ତାନରେ ସାମରିକ ଆଇନ ପ୍ରବର୍ତ୍ତନର ସମ୍ଭାବନା ନାହିଁ। କିନ୍ତୁ ରାଜନେତିକ ଦଳମାନେ ଯଦି ଜିଆଙ୍କ ସ୍ଥାନ ପୂରଣ କରିବାକୁ ଚେଷ୍ଟା କରନ୍ତି, ସାମରିକ ଆଇନ ଜାରି ଅବଶ୍ୟମ୍ଭାବୀ। ସାମରିକ ବାହିନୀ ବର୍ତ୍ତମାନ ଯେଭଳି ଲୋଭନୀୟ ପଦବୀମାନଙ୍କରେ ଅଛନ୍ତି ଓ କ୍ଷମତା ଉପଭୋଗ କରୁଛନ୍ତି ତାହା ସେମାନେ କେବେ ହେଲେ ହାତରୁ ଛାଡିବାକୁ ମନକରିବେ ନାହିଁ। ଅନ୍ତତଃ ସେମାନେ ଏଭଳି ଏକ ପରିସ୍ଥିତି ପାଇଁ ଅଦ୍ୟାବଧି ନିଜକୁ ପ୍ରସ୍ତୁତ କରିନାହାନ୍ତି। ସେମାନେ ଆଜକୁ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି କ୍ଷମତା ଉପଭୋଗ କରିଆସିଛନ୍ତି।

ଆମ ଦୂରଦର୍ଶନ ପୁଣିଥରେ ତା'ର ଦାୟିତ୍ୱ ତୁଲାଇବାରେ ପଛୁଆ ପଡିଗଲା । ଜେନେରାଲ ଜିଆଙ୍କ ମୃତ୍ୟୁ ଖବର ଖବରକାଗଜ ଏବଂ ସମ୍ବାଦ ସଂସ୍ଥା ଅଫିସରେ ରାତିପ୍ରାୟ ସାଢେ ଆଠଟା ବେଳେ ପହଞ୍ଚିଲା। ହିନ୍ଦୀ ବୁଲେଟିନ ରାତି ୯ଟାରେ ଶେଷ ହୁଏ। ଅଥଚ ଏଥିରେ ଜିଆଙ୍କ ସମ୍ପର୍କରେ ଧାଡିଏ ସୁଦ୍ଧା ରହିଲା ନାହିଁ ।

# ନିଜେ ହିଁ ନିଜର ତୁଳନା



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଗଙ୍ଗାଧର ମେହେରଙ୍କୁ ରାଧାନାଥ ରାୟଙ୍କ ଯୁଗରେ ଅନ୍ତର୍ଭୁକ୍ତ କରାଗଲେ ମଧ୍ୟ ସ୍ୱକୀୟ କାବ୍ୟଶୈଳୀ ଓ ବୈଶିଷ୍ଟ୍ୟ ଯୋଗୁ ସେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। 'ଚିଲିକା' ଓ 'ମହାଯାତ୍ରା'କୁ ଛାଡ଼ିଦେଲେ ରାଧାନାଥଙ୍କର ପ୍ରାୟ ସମସ୍ତ କାବ୍ୟକବିତା ବିଦେଶୀ କଥାବସ୍ତୁର ପଟ୍ଟଭୂମିରେ ପର୍ଯ୍ୟବସିତ। କିନ୍ତୁ ତାଙ୍କ ବିଶେଷତ୍ୱ ଏହି ଯେ, ନିଜ ପ୍ରତିଭା ଦ୍ୱାରା ବିଦେଶୀ କଥାବସ୍ତୁକୁ ତାଙ୍କ କାବ୍ୟ କବିତାରେ ସେ ନୂତନ ରୂପ ଦେଇଛନ୍ତି।

ଗଙ୍ଗାଧରଙ୍କ 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ' ଓ 'କୀଚକ ବଧ' ଆଦି କାବ୍ୟରେ ଆମେ ଯଦିଓ ମଧ୍ୟଯୁଗୀୟ ସାହିତ୍ୟଶୈଳୀର ବାସ୍ନା ପାଇଥାଉ, କିନ୍ତୁ ଏହି କାବ୍ୟ କାରିଗର ଶବ୍ଦ ସଂଯୋଜନା, ଛାନ୍ଦ ଓ ଅଳଂକାରରେ ଅନେକ ପରିବର୍ତ୍ତନ ଆଣିବା ଦ୍ୱାରା ଏଥିରେ ଆଧୁନିକତାର ପ୍ରବାହ ଦେଖିବାକୁ ମିଳେ। ଯଥାର୍ଥରେ କହିବାକୁ ଗଲେ ଗଙ୍ଗାଧର ହେଉଛନ୍ତି ମଧ୍ୟଯୁଗ ଓ ଆଧୁନିକ ଯୁଗ ସାହିତ୍ୟର ଏକ ସଂଯୋଗକାରୀ ସେତୁ।

ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ପ୍ରଥମେ 'ରସ ରତ୍ନାକର' କାବ୍ୟ ରଚନା କରିଥିଲେ। ଆଦ୍ୟପ୍ରାନ୍ତ 'ର' ଅକ୍ଷର ନିୟମରେ ଏହା ରଚିତ। ଆଠ ଛାନ୍ଦ ବିଶିଷ୍ଟ ଏହି କାବ୍ୟରେ କବି ନାୟିକା ଉଷା ଓ ନାୟକ ଅନିରୁଦ୍ଧଙ୍କ ପ୍ରଣୟ କାହାଣୀ ବର୍ଣ୍ଣନା କରିଛନ୍ତି। ଏଥିରେ ସେପରି କିଛି ବିଶେଷତ୍ୱ ଥିବା ମନେହୁଏ ନାହିଁ।

ସାତଗୋଟି ଛାନ୍ଦରେ ରଚିତ 'କୀଚକ ବଧ' ସାତଗୋଟି ଚରିତ୍ରର ସମାହାର। ସେଥିରୁ ପୁରୁଷ ଚରିତ୍ର ସଂଖ୍ୟା ଚାରି ଏବଂ ସ୍ତ୍ରୀ ଚରିତ୍ର ତିନି। ପୁରୁଷ ଚରିତ୍ରଗୁଡ଼ିକ ହେଉଛନ୍ତି- ଭୀମ, ରାଜା ବିରାଟ, ଯୁଧିଷ୍ଠିର ଏବଂ କୀଚକ। ନାରୀ ଚରିତ୍ରମାନେ- ଦ୍ରୌପଦୀ, ବିରାଟ ରାଜାଙ୍କ ପତ୍ନୀ ସୁଦେଷ୍ଣା ଓ କୀଚକର ଦାସୀ ଚପଳା। ମହାଭାରତର ବିରାଟ ପର୍ବ ଅବଲମ୍ବନରେ ଏହା ରଚିତ ହୋଇଥିଲେ ମଧ୍ୟ ଏଥିରେ କବିଙ୍କ କବିତ୍ୱ ଓ ମୌଳିକତା ସ୍ପଷ୍ଟ ବାରିହୁଏ। ୧୯୦୨ ମସିହାରେ କବିଙ୍କ ଜ୍ୟେଷ୍ଠ ପୁତ୍ରର ମୃତ୍ୟୁ ହୁଏ। ଏହି ଶୋକାକୁଳ ପରିବେଶ ମଧ୍ୟରେ ସେ ଲେଖିଛନ୍ତି 'କୀଚକ ବଧ' କାବ୍ୟ। ଏହାର ବିଶେଷତ୍ୱ ହେଉଛି, କବି ଉଭୟ ଭଲ ଓ ମନ୍ଦ ଗୁଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଭଲ ଗୁଣର ହିଁ ସବୁବେଳେ ବିଜୟ ହୋଇଥାଏ ବୋଲି କହିଛନ୍ତି। 'କୀଚକ ବଧ' କାବ୍ୟର ମୁଖବନ୍ଧରେ କବିବର ରାଧାନାଥ ରାୟ ଲେଖିଛନ୍ତି- "ଗଙ୍ଗାଧର ଯେତେବେଳେ ଯାହା ଲେଖନ୍ତି, ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି। ଏହି ହେତୁ ତାଙ୍କର ଉକ୍ତିଗୁଡ଼ିକ ଭାବପ୍ରଧାନ ନ ହୋଇ ରସପ୍ରଧାନ ହୁଏ।"

କେବଳ ସେତିକି ନୁହେଁ, ଭକ୍ତକବି ମଧୁସୂଦନ ଯେପରି ପ୍ରକୃତି ମଧ୍ୟରେ ଈଶ୍ୱରୀୟ ସତ୍ତା ଅନୁଭବ କରିଛନ୍ତି, ଗଙ୍ଗାଧରଙ୍କ ପ୍ରକୃତିରେ ସେହିପରି ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଛି। କବି ନିଜକୁ ଅମୃତସିନ୍ଧୁର ବିନ୍ଦୁ ବୋଲି କହିଛନ୍ତି। 'ମଧୁମୟ' କବିତାରେ କବି ଲେଖିଛନ୍ତି- 'ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ / ମଧୁର ଝରଣ କରିବ ହରଣ ମୋ ପାପ ମରଣ ଭୟ' ଇତ୍ୟାଦି।

ଭକ୍ତି କବିତା 'ଅର୍ଘ୍ୟଥାଳି'ରେ କବି ଭଗବାନଙ୍କୁ ସିନ୍ଧୁ ସଙ୍ଗେ ତୁଳନା କରିବାକୁ ଦ୍ୱିଧାବୋଧ କରିଛନ୍ତି। ତାଙ୍କ ଭାଷାରେ- "ବିଶ୍ୱ ଜୀବନ ହେ! ତୁମ୍ଭଙ୍କୁ କରୁଣା ସିନ୍ଧୁ / ବୋଲିବାକୁ ମନ ବଳୁନାହିଁ ଯେଣୁ / ସିନ୍ଧୁ ତବ କୃପାବିନ୍ଦୁ।" ସିନ୍ଧୁ ଯାହାର କରୁଣାର ଅଣୁଟିଏ ମାତ୍ର, ସେହି ସିନ୍ଧୁକୁ କିପରି ଈଶ୍ୱରଙ୍କ ସହ ତୁଳନା କରାଯିବ! ପୁଣି କବି କହୁଛନ୍ତି ଏ ବିଶ୍ୱର ଯେ ସୃଷ୍ଟିକର୍ତ୍ତା, ତାଙ୍କୁ କ'ଣ ଦେଇ ପୂଜା କରାଯିବ ? କବିଙ୍କ ଭାଷାରେ "ଯାହା ପରସାଦ ତାଙ୍କୁ ଅରପିଲେ ହେବ ସିନା ଅପରାଧ।"

'ତପସ୍ୱିନୀ' ଗଙ୍ଗାଧରଙ୍କ ସର୍ବଶ୍ରେଷ୍ଠ କୃତି। ଏଥିରେ ସେ ପ୍ରକୃତିକୁ ଜୀବନ୍ତ ଭାବେ ପ୍ରତିଭାତ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଗଙ୍ଗାଧରଙ୍କ ସୀତା ବିନୟୀ ଓ ସହନଶୀଳତାର ପ୍ରତୀକ। ତାଙ୍କ ପତିଭକ୍ତିର ତୁଳନା ନାହିଁ। ତାଙ୍କ ପ୍ରେମ ପବିତ୍ର ଓ ଶାଶ୍ୱତ। ଶ୍ରୀରାମଙ୍କ ଚରଣରେ ସେ ସମର୍ପିତା। ଭବଭୂତି, କାଳିଦାସ ଏବଂ ବାଲ୍ମୀକିଙ୍କଠାରୁ ମେହେରଙ୍କ ସୀତା ସ୍ୱତନ୍ତ୍ର ଏବଂ ସ୍ୱୟଂସମ୍ପୂର୍ଣ୍ଣା ; ରଘୁବଂଶର ସୀତା ରାମଚନ୍ଦ୍ର ତାଙ୍କୁ ଲୋକାପବାଦ ଭୟରେ ପରିତ୍ୟାଗ କରିଛନ୍ତି ବୋଲି କହିଥିବା ବେଳେ ତପସ୍ୱିନୀର ସୀତା ରାମଙ୍କୁ ଦୋଷାରୋପ ନ କରି ଅତ୍ୟନ୍ତ ବିନୟ ଭାବରେ କହିଛନ୍ତି- "ମୁଁ ମରେ, ତୁମର ହେଉ କଳଙ୍କ ଭଞ୍ଜନ।"

'ଅଭିଜ୍ଞାନ ଶାକୁନ୍ତଳମ୍'ରେ ଦୁଷ୍ମନ୍ତଙ୍କ ଦ୍ୱାରା ଶକୁନ୍ତଳା ପ୍ରତ୍ୟାଖ୍ୟାତ ହେଲା ପରେ କ୍ରୋଧଜର୍ଜରିତା ହୋଇଛନ୍ତି। କିନ୍ତୁ 'ପ୍ରଣୟବଲ୍ଲରୀ'ରେ ଶକୁନ୍ତଳା ପ୍ରଣୟମୁଗ୍ଧା ନାରୀ। ଏହାର କାରଣ ନିର୍ଦ୍ଦେଶ କରିବାକୁ ଯାଇ କବି କହିଛନ୍ତି- ପତିପତ୍ନୀର ପାରସ୍ପରିକ ବ୍ୟବହାରରେ କାହାର ହୃଦୟ ଭଗ୍ନ ହୋଇଗଲେ, ପ୍ରଣୟରେ ବିଷ ମିଶିଯାଏ। ଦୁଷ୍ମନ୍ତ ଯେଉଁ ବିଷ ଢାଳିଦେଇଥିଲେ, ତାହା ଶକୁନ୍ତଳାଙ୍କ ପ୍ରଣୟକୁମ୍ଭ ଭିତରେ ପଡ଼ି ନ ଥିଲା। ଗଙ୍ଗାଧରଙ୍କ କାବ୍ୟକବିତାରେ ବିଦେଶୀ କଥାବସ୍ତୁ ନକଲର ସ୍ଥାନ ନାହିଁ। ସୁତରାଂ ରାଧାନାଥଙ୍କ ସମକାଳୀନ ସାହିତ୍ୟ ଯୁଗରେ ଗଙ୍ଗାଧରଙ୍କ ତୁଳନା ନିଜେ ହିଁ ଗଙ୍ଗାଧର।

ଅତିରିକ୍ତ ଶାସନ ସଚିବ, ପୂର୍ତ୍ତ ବିଭାଗ,
ଓଡ଼ିଶା, ମୋ.: ୯୪୩୮୦୭୨୮୫୦

## ଏଇ ଭାରତରେ

ପିଲାମାନେ ଖେଳନା ଦେଖିଲେ ସେମାନଙ୍କ ଆନନ୍ଦ କହିଲେ ନ ସରେ। ଗୋଟିଏ ହାତରେ ନୁହେଁ, ଦୁଇ ହାତରେ ସେମାନେ ଖେଳନା ଧରି ଖେଳିବାକୁ ଭଲ ପାଆନ୍ତି। କିନ୍ତୁ ନିକଟରେ ପ୍ରଳୟଙ୍କରୀ ବନ୍ୟା କେରଳୀ ପିଲାଙ୍କ ସବୁ ଖେଳନା ଧୋଇନେଇଛି। ସେମାନେ ଏବେ କରିବେ କ'ଣ ? ସବୁବେଳେ ମନମାରି ବସୁଛନ୍ତି। ସେମାନଙ୍କ ହାତକୁ ଖେଳନା ବଢ଼ାଇଦେବା ପାଇଁ ନଗରୀଭିତ୍ତିକ ଏକ ଏନ୍‌ଜିଓ ଅଭିନବ ଅଭିଯାନ ଆରମ୍ଭ କରିଛି। ରିଲିଫ୍ କ୍ୟାମ୍ପ୍‌ର ପିଲାଙ୍କ ପାଇଁ 'ରାଇଟ୍ସ' ନାମକ ଏହି ସ୍ୱେଚ୍ଛାସେବୀ ସଂଗଠନ ଟଏ କାର୍, କ୍ରେୟନ୍, ଫୁଟବଲ୍, କ୍ରିକେଟ ବ୍ୟାଟ୍ ସମେତ ଗପବହି ସଂଗ୍ରହ କରୁଛି। ଅପ୍ରତ୍ୟାଶିତ ବନ୍ୟାରେ ଖେଳ ସାମଗ୍ରୀ ହରାଇଥିବା ପିଲାମାନେ ଏହାଦ୍ୱାରା କେତେକାଂଶରେ ଖୁସି ହୋଇପାରିବେ। ବୟସ୍କ ବ୍ୟକ୍ତିମାନେ ସର୍ବହରା ହୋଇପଡିଥିବା ବେଳେ ପିଲାଙ୍କ ପ୍ରତି ସେମାନଙ୍କର ଅଧିକ ଧ୍ୟାନ ରହୁନାହିଁ। ଏତିକିବେଳେ ପିଲାଙ୍କୁ ମନସ୍ତାତ୍ତ୍ୱିକ ସମର୍ଥନ ଯୋଗାଇ ଦେବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ରାଇଟ୍ସ ନିର୍ଦ୍ଦେଶକ ରାଧାଲକ୍ଷ୍ମୀ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କଠାରୁ ସଂଗ୍ରହ ବ୍ୟତୀତ କେତେକ କମ୍ପାନୀରୁ ଖେଳନା ଓ ଗପବହି ସଂଗ୍ରହ କରାଯାଉଛି। ସଂଗୃହୀତ କିଛି ଖେଳନା ଇତିମଧ୍ୟରେ ପିଲାମାନଙ୍କୁ ବଣ୍ଟାଯାଇ ସାରିଥିବା ଉକ୍ତ ସଂଗଠନ ପକ୍ଷରୁ କୁହାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଅଗଷ୍ଟ ୧୯୯୩

- ପୂର୍ବତନ ଯୁଗୋସ୍ଲାଭିଆର ମୁସଲମାନ ସମ୍ପ୍ରଦାୟ ଅଧ୍ୟୁଷିତ ଅଞ୍ଚଳ ମୋଷ୍ଟାରକୁ ଜାତିସଂଘ ଆସନ୍ତା ବୁଧବାର ରିଲିଫ ସାମଗ୍ରୀ ପଠାଇବାକୁ ନିଷ୍ପତ୍ତି ଗ୍ରହଣ କରିଥିବାର ସୂଚନା।
- ରାଜସ୍ଥାନର ଫତେପୁର ସହରରେ ବିଷାକ୍ତ ମଦ୍ୟପାନ କରି ୨୯ଜଣ ଲୋକଙ୍କ ମୃତ୍ୟୁ।
- ମେହେନ୍ତର ପ୍ରଥାର ଉଚ୍ଛେଦ ପାଇଁ ଅଣାଯାଇଥିବା ସଫାଇ କର୍ମଚାରୀ ବିଲ୍‌ଟି ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ମିଥ୍ୟା ମକଦ୍ଦମା

ମହାଶୟ,

ଧରିତ୍ରୀ(୬।୮)ରେ ପ୍ରକାଶିତ ପେସାଦାର ମିଥ୍ୟା ମକଦ୍ଦମାକାରୀଙ୍କ ବିରୋଧରେ ଦଣ୍ଡ ଜରୁରୀ ଶୀର୍ଷକ ଖବରଟି ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ମିଥ୍ୟା ମକଦ୍ଦମାର ପେସାଦାରମାନଙ୍କ ଏତାଦୃଶ କର୍ମକୁ ଘୃଣ୍ୟ ଓ ଅମାନୁଷିକ ବୋଲି ବିଚାରପତି କହିଛନ୍ତି। ସାଧାରଣ ଜନତା ଛଟପଟ ହେଲେ ତାଙ୍କୁ ବଞ୍ଚାଇବାକୁ କେହି ନାହାନ୍ତି। ଆଇନ ତା' ବାଟରେ। ପୁଣି ଆଇନର ହାତ କୁଆଡ଼େ ବହୁତ ଲମ୍ବା। ମକଦ୍ଦମା ଦାୟର ହେଲାପରେ, ତାହା ସତ କି ମିଛ ନିର୍ଣ୍ଣୟ ହେଲେ ମକଦ୍ଦମା ଦାଉରୁ ଅନେକେ ରକ୍ଷା ପାଆନ୍ତେ। ପେସାଦାର ମିଥ୍ୟା ମକଦ୍ଦମାକାରୀମାନେ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇଲେ ଆଉ ମକଦ୍ଦମା କରିବାକୁ ମନ ବଳାନ୍ତେ ନାହିଁ।

କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

### ଲିଭ୍ ଇନ୍ ରିଲେଶନ୍‌ଶିପ୍

ସର୍ବୋଚ୍ଚ ନ୍ୟାୟାଳୟ ସାବାଳକ ଯୁବକ ଯୁବତୀ ସହମତିରେ ବସବାସ କରିପାରିବେ ବୋଲି ରାୟ ଦେଇଛନ୍ତି। ବିବାହ ନ କରି ଏପରି ବସବାସରେ ପିଲାଛୁଆ ହେଲେ ସେମାନେ ବାପାମା'ଙ୍କ ଉତ୍ତରାଧିକାରୀ ବିବେଚିତ ହୋଇ ସମ୍ପତ୍ତିରେ ଭାଗୀଦାର ହୋଇପାରିବେ। ଆମ ଦେଶରେ ଏହାକୁ ଗ୍ରହଣ କରିବା ଭଳି ସ୍ଥିତି ଆସିନାହିଁ। ସେପରି କେହି କଲେ ଲୋକନିନ୍ଦାର ପାତ୍ର ହୁଅନ୍ତି। ସିରିଏଲ୍, ସିନେମାରେ ପ୍ରେମ ଓ ଯୌନ ଆବେଦନକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ବ୍ୟଭିଚାର ଦିନକୁ ଦିନ ବଢ଼ିବାରେ ଲାଗିଛି।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚିତାଭସ୍ମ ଶୋଭାଯାତ୍ରାକୁ ଅଣ୍ଡାମାଡ଼

#### ଅଭିଯୋଗ କଲେ ପ୍ରଭାତୀ

**ପୁରୀ ଅଫିସ, ୨୩।୮ :** ମହୋଦଧିରେ ବିସର୍ଜନ ପାଇଁ ପୁରୀ ଆସୁଥିଲା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ। ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଶହ ଶହ ଜନସାଧାରଣ। ଚନ୍ଦନପୁର ଥାନା ନିକଟରେ ଚିତାଭସ୍ମ ଉପରକୁ ଜଣେ ଯୁବକ ଅଣ୍ଡାମାଡ଼ କରିଥିବା ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା। ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଚନ୍ଦନପୁର ଥାନା ନିକଟରେ ବିଜୁ ଯୁବବାହିନୀର ଜଣେ କର୍ମୀ ଚିତାଭସ୍ମ ଗାଡ଼ିକୁ ଅଣ୍ଡାମାଡ଼ କରିଥିଲେ। ସୌଭାଗ୍ୟବଶତଃ ଅଣ୍ଡା ଚିତାଭସ୍ମ ଉପରେ ନ ପଡି ଟ୍ରକ୍‌ର ଡାହାଣ ପାର୍ଶ୍ୱରେ ପଡିଥିଲା। ସେଠାରେ ଗଣ୍ଡଗୋଳ ହୋଇଥିଲା। ଆମ ଲୋକମାନେ ଥାନାକୁ ଯାଇଥିଲେ। କିନ୍ତୁ ଥାନାରେ ପୋଲିସ ନ ଥିଲେ। ଏହା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ। ରାଷ୍ଟ୍ରନାୟକଙ୍କ ପ୍ରତି ଏଭଳି କରାଯିବା ନିନ୍ଦନୀୟ। ଏ ସଂକ୍ରାନ୍ତରେ ଭାଜପା ପକ୍ଷରୁ ଚନ୍ଦନପୁର ଥାନାରେ ଲିଖିତ ଏତଲା ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ମଧ୍ୟ ଚିତାଭସ୍ମ ଗାଡ଼ିକୁ ଅଣ୍ଡାମାଡ଼ ହୋଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ କହିଛନ୍ତି, ଏ ନେଇ ଚନ୍ଦନପୁର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଶୋଭାଯାତ୍ରା ପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ମହୋଦଧିରେ ବିଲୀନହେଲା ଅଟଳଙ୍କ ଚିତାଭସ୍ମ

## ■ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କଲା ଅସ୍ଥି କଳସ

**ପୁରୀ ଅଫିସ, ୨୩।୮**

ମହାନ୍ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସକୁ ଗୁରୁବାର ଅପରାହ୍ନରେ ପୁରୀ ମହୋଦଧି ବିସର୍ଜନ କରାଯାଇଛି। ଶ୍ରୀକ୍ଷେତ୍ର ପଞ୍ଚତୀର୍ଥ ମଧ୍ୟରେ ଅନ୍ୟତମ ମହୋଦଧିରେ ବିଲୀନ ହୋଇଛି ବାଜପେୟୀଙ୍କ ଚିତାଭସ୍ମ। ଶ୍ରୀକ୍ଷେତ୍ର ମାଟିରେ ଅଗଣିତ ଜନତା ପ୍ରାକ୍ତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ବୁଧବାର ସନ୍ଧ୍ୟାରେ ବାଜପେୟୀଙ୍କ ଅସ୍ଥି କଳସ ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରୁ ପୁରୀ ଅଭିମୁଖେ ଅସ୍ଥି କଳସକୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ଏକ ସୁସଜ୍ଜିତ ମିନିଟ୍ରକ୍‌ରେ ଅସ୍ଥି କଳସକୁ ରଖାଯାଇଥିଲା। ପିପିଲି, ସତ୍ୟବାଦୀ, ଚନ୍ଦନପୁର, ଚାରିନଳା ଆଦି ସ୍ଥାନରେ ଜନସାଧାରଣ ଅଟଳଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅପରାହ୍ନ ୩ଟା ବେଳେ ଅସ୍ଥି କଳସ ପୁରୀ ଅଠରନଳାରେ ପହଞ୍ଚିଥିଲା। ସେଠାରେ ପୂର୍ବତନ ଜିଲା ପରିଷଦ ସଭାପତି ଶଙ୍କର୍ଷଣ ପରିଡ଼ା, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର, ଗୌରହରି ପ୍ରଧାନ, ଶ୍ରୀପ୍ରକାଶ ମିଶ୍ର, ପ୍ରୀତମ ଜଗଦ୍ଦେବ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ ଆରମ୍ଭ ହୋଇଥିଲା ପଦଯାତ୍ରା। ଅସ୍ଥି କଳସକୁ ନେଇ ନେତା ଓ ଜନସାଧାରଣ ବଡ଼ଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ଏହାପରେ ଶୋଭାଯାତ୍ରା ଦୋଳମଣ୍ଡପ ସାହି, ମୋଚିସାହି ଛକ ଓ ଟାଉନହଲ ଦେଇ ସମୁଦ୍ରକୂଳ ଦିଗବାରେଣି ଖୁଣ୍ଟି ନିକଟରେ ପହଞ୍ଚିଥିଲା। ସେଠାରେ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଭାରତୀୟ ଜନତା ପାର୍ଟିର ନେତୃମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବେଦପାଠ ସହିତ ବୈଦିକ ରୀତିନୀତିରେ ଅସ୍ଥି କଳସକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ନେଇ ମହୋଦଧିରେ ବିସର୍ଜନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ଭାଜପା ନେତା ଗିରିଧର ଗମାଙ୍ଗ, ଭୃଗୁ ବକ୍ସିପାତ୍ର, ବିଶ୍ୱଭୂଷଣ ହରିଚନ୍ଦନ, ସୁରମା ପାଢୀ, ମନମୋହନ ସାମଲ, ପ୍ରଭାତି ପରିଡା, ବାଇଧର ମଲ୍ଲିକ, ରମାରଞ୍ଜନ ବଳିଆରସିଂ, କୃଷ୍ଣଚନ୍ଦ୍ର ଜଗଦ୍ଦେବ, ପ୍ରଭଞ୍ଜନ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।



ବାଜପେୟୀଙ୍କ ଅସ୍ଥି କଳସକୁ ମହୋଦଧିରେ ବିସର୍ଜନ କରାଯାଉଛି।

# ଶୋଭାଯାତ୍ରାକୁ ନେଇ ରାଜନୀତି

■ ଏହା ପିକ୍‌ନିକ୍ ଯାତ୍ରା: ନିରଞ୍ଜନ

■ ସାଧାରଣ ଜନତାଙ୍କ ଯୋଗଦାନ ନିରଞ୍ଜନବାବୁଙ୍କୁ ପୀଡ଼ା ଦେଇଛି: ଭାଜପା

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥିକୁ ଗୁରୁବାର ଭାଜପା କାର୍ଯ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ମହୋଦଧିରେ ବିସର୍ଜନ କରାଯାଇଛି। ଏହି ଶୋଭାଯାତ୍ରାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ଶୋଭାଯାତ୍ରା ସମୟରେ ବିଜେଡି କର୍ମୀ ଅଣ୍ଡାମାଡ କରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ କଂଗ୍ରେସ ଏହାକୁ ପିକ୍‌ନିକ୍ ଯାତ୍ରା କହି ସମାଲୋଚନା କରିଛି। ଏହାକୁ ନେଇ ସବୁ ରାଜନୈତିକ ଦଳ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ବାଜପେୟୀଙ୍କ ଚିତାଭସ୍ମ ଶୋଭାଯାତ୍ରାକୁ ନିନ୍ଦା କରି କହିଛନ୍ତି ଯେ, ଅଟଳଜୀଙ୍କ ଚିତାଭସ୍ମକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର ନିନ୍ଦନୀୟ। କିଛି ଭାଜପା ନେତାଙ୍କ ଆଚରଣ ବେଶି ଖରାପ ଲାଗିଲା। ଶୋଭାଯାତ୍ରା ସମୟରେ କିଛି ନେତାଙ୍କ ଆଚରଣ ଏପରି ଥିଲା ଲାଗୁଥିଲା ଯେମିତି ଶୋଭାଯାତ୍ରା ନୁହେଁ ପିକ୍‌ନିକ୍ ଯାତ୍ରା ହେଉଥିଲା। ଏପରି ଦୃଶ୍ୟ ଶୋକସନ୍ତପ୍ତ ପରିବାରକୁ କେତେ କଷ୍ଟ ଦେଇଥିବ ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାସ କହିଛନ୍ତି ଯେ, ବାଜପେୟୀଙ୍କ ଅସ୍ଥି ବିସର୍ଜନ ପାଇଁ ଆସିବାକୁ ଆମେ ସ୍ୱାଗତ କରୁଛୁ। ଏଥିରୁ ଯଦି କିଏ ରାଜନୈତିକ ଫାଇଦା ନେବାକୁ ପ୍ରୟାସ କରୁଛି, ତାହା ଠିକ୍ ନୁହେଁ। ଭାଜପା ନେତୃବୃନ୍ଦ ଅଣ୍ଡାମାଡ ଘଟଣାରେ ବିଜେଡି ସମ୍ପୃକ୍ତି ଆଣିବା ଦୁର୍ଭାଗ୍ୟଜନକ। ଭାଜପା ରାଜ୍ୟ ନେତାମାନଙ୍କର ସବୁ କଥାରେ ବିଜେଡିକୁ ଟାଣି ରାଜନୀତି କରିବା ନୀତିଗତ ଅଭ୍ୟାସ ବୋଲି ସେ କହିଛନ୍ତି।

ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଚିତାଭସ୍ମ ଶୋଭାଯାତ୍ରା ଦେଖି ନିରଞ୍ଜନବାବୁ ଏତେ ବ୍ୟତିବ୍ୟସ୍ତ କାହିଁକି। ବାଜପେୟୀଙ୍କ ଅସ୍ଥି ବିସର୍ଜନ ଶୋଭାଯାତ୍ରାରେ ସାଧାରଣ ଜନତା ବହୁ ମାତ୍ରାରେ ସାମିଲ ହୋଇଛନ୍ତି। କାରଣ ବାଜପେୟୀଙ୍କୁ ଓଡିଶାବାସୀ ଖୁବ୍ ଭଲ ପାଉଥିଲେ। ଏହା ନିରଞ୍ଜନବାବୁଙ୍କୁ ପୀଡା ଦେଇଛି ବୋଲି ମହାନ୍ତି କହିଛନ୍ତି।

ଜୋସ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ!!!
ତୁରନ୍ତ ପ୍ରଭାବ
କୌଣସି କୋର୍ସର ଆବଶ୍ୟକତା ନାହିଁ
୧ କ୍ୟାପ୍‌ସୁଲ ୧ ଘଣ୍ଟା ପୂର୍ବରୁ ଖାଆନ୍ତୁ
ଶୀଘ୍ରପତନ ରୋକିବାରେ ସହାୟକ
100% ଆୟୁର୍ବେଦିକ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ପ୍ଲେ ୱିନ୍ ପ୍ଲସ୍ କ୍ୟାପ୍‌ସୁଲ
ପାୱାରଫୁଲ ଷ୍ଟାମିନା ପାଇଁ

## ■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୯ ଜିଲା ପାଇଁ ୪୭.୨୪କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ୯ ଜିଲାର ୧୦ଟି ବ୍ଲକ ପାଇଁ ୪୭.୨୪କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ୨୧ ପଞ୍ଚାୟତ ପାଇଁ ୫.୨୬କୋଟି ଟଙ୍କାରେ ୧୯୫ ପ୍ରକଳ୍ପ, ପୁରୀ ଜିଲା ଗୋପ ବ୍ଲକର ୩୧ପଞ୍ଚାୟତ ପାଇଁ ୯.୬୮କୋଟି ଟଙ୍କାରେ ୪୨୬ ପ୍ରକଳ୍ପ, କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ୨୯ ପଞ୍ଚାୟତ ପାଇଁ ୭.୩୪କୋଟି ଟଙ୍କାରେ ୩୧୫ ପ୍ରକଳ୍ପ, କେନ୍ଦୁଝର ଜିଲା ଘସିପୁରା ବ୍ଲକର ୨୫ପଞ୍ଚାୟତ ପାଇଁ ୫.୯୮କୋଟି ଟଙ୍କାରେ ୨୧୯ ପ୍ରକଳ୍ପ, ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକର ୨୫ ପଞ୍ଚାୟତ ପାଇଁ ୩.୫୯କୋଟି ଟଙ୍କାରେ ୧୫୫ ପ୍ରକଳ୍ପ, ରାୟଗଡା ଜିଲା ବିଷମ କଟକ ବ୍ଲକର ୨୧ ପଞ୍ଚାୟତ ପାଇଁ ୩.୯୯କୋଟି ଟଙ୍କାରେ ୧୬୯ ପ୍ରକଳ୍ପ, ଗଜପତି ଜିଲା ଗୁମ୍ମା ବ୍ଲକର ୨୦ପଞ୍ଚାୟତ ପାଇଁ ୪କୋଟି ଟଙ୍କାରେ ୧୦୭ ପ୍ରକଳ୍ପ, କନ୍ଧମାଳ ଜିଲା ବାଲିଗୁଡା ବ୍ଲକର ୧୪ପଞ୍ଚାୟତ ପାଇଁ ୨.୮୦କୋଟି ଟଙ୍କାରେ ୬୯ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲା ତିରିଙ୍ଗ ବ୍ଲକର ୧୦ ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୧୦୧ପ୍ରକଳ୍ପ ଏବଂ ବିଶୋଇ ବ୍ଲକର ୧୩ପଞ୍ଚାୟତ ପାଇଁ ୩.୩୦କୋଟି ଟଙ୍କାରେ ୧୧୩ ପ୍ରକଳ୍ପ ମଞ୍ଜୁର ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ୧୫୫ବ୍ଲକର ୩୫୦୮ ପଞ୍ଚାୟତ ପାଇଁ ବିଭିନ୍ନ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିସବୁ ବ୍ଲକର ପଞ୍ଚାୟତଗୁଡିକରେ ୩୨,୪୭୨ ପ୍ରକଳ୍ପ ପାଇଁ ୭୯୩.୯୬କୋଟି ଟଙ୍କା ମଞ୍ଜୁର ହୋଇଛି।

# ୧୯୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ସିଟ୍ ବଢ଼ିବ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ରାଜ୍ୟର ଆଦିବାସୀ ଅଞ୍ଚଳରେ ଥିବା ୧୯୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ସିଟ୍ ବଢ଼ିବ। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ବିଭିନ୍ନ ବିଷୟର ମୋଟ୍ ସିଟ୍ ଉପରେ ୧୦% ସିଟ୍ ବୃଦ୍ଧି କରିବାକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। କେବଳ ଆଦିବାସୀ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକରେ ସିଟ୍ ବଢାଇବାକୁ ବିଭାଗ ନିଷ୍ପତ୍ତି ନେଇଛି। ଅନ୍ୟ ବିଦ୍ୟାଳୟରେ ସିଟ୍ ବଢିବ ନାହିଁ ବୋଲି ଡେପୁଟି ଡାଇରେକ୍ଟର ଚିଠିରେ ଉଲ୍ଲେଖ କରିଛନ୍ତି। ଯେଉଁସବୁ ବିଦ୍ୟାଳୟରେ ବିଭିନ୍ନ ବିଭାଗର ସିଟ୍ ପୂରଣ ହୋଇସାରିଛି ସେହି ବିଦ୍ୟାଳୟରେ ସିଟ୍ ବୃଦ୍ଧି କରାଯିବ। ସେହି ବିଦ୍ୟାଳୟରେ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର ପଢିବାକୁ ଚାହୁଁଥିବା ଲକ୍ଷ୍ୟକରି ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

ରାଜ୍ୟସ୍ତରୀୟ
ଆତ୍ମୋତ୍ସର୍ଗ ଦିବସ
ତା. ୨୪.୦୮.୨୦୧୮ରିଖ
ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ
ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରତାପ ଜେନା
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ
ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ବଳଭଦ୍ର ମାଝୀ, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ଝିନ ହିକକା, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଭୁଜବଳ ମାଝୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମାନସ ମାଡକାମୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଜଗନ୍ନାଥ ସାରକା, ମାନ୍ୟବର ବିଧାୟକ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଗୌରଚନ୍ଦ୍ର ତ୍ରିପାଠୀ, ବାଣିଜ୍ୟ ବିଭାଗ ମୁଖ୍ୟ, ଅଲ୍ ଇଣ୍ଡିଆ ରେଡିଓ, କଟକ
ସଭା ପରେ କୋରାପୁଟର ମୀରା ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ
ଆଦିବାସୀ ନୃତ୍ୟ ପରିବେଷଣ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
ଭାରତବର୍ଷକୁ ବ୍ରିଟିଶ ଶାସନ କବଳରୁ ମୁକ୍ତ କରି ଭାରତଭୂମିର ସ୍ୱାଧୀନତା ପାଇଁ ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ସଂଗ୍ରାମୀମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ । ନିଜ ମାତୃଭୂମିର ସ୍ୱାଧୀନତା ପାଇଁ ଏହି ସଂଗ୍ରାମୀମାନେ ଯେଉଁଭଳି ଆତ୍ମବଳିଦାନ ଓ ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ତାହା ଅତୁଳନୀୟ । ୧୯୪୨ ମସିହା ଅଗଷ୍ଟ ମାସ ୧୧ ତାରିଖରେ ନବରଙ୍ଗପୁରର ସଦାଶିବ ତ୍ରିପାଠୀ ପ୍ରମୁଖ ସଂଗ୍ରାମୀବୃନ୍ଦ ବ୍ରିଟିଶ୍ ପୋଲିସ୍ ଦ୍ୱାରା ଗିରଫ ହେବା ପରେ ପରେ ସେହି ମାସ ୨୪ ତାରିଖରେ ଅନ୍ୟ କର୍ମୀମାନେ ସଂଗ୍ରାମୀ ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ଏକତ୍ରିତ ହୋଇ ଡ଼ାବୁଗାଁ ଅଭିମୁଖେ ଯାତ୍ରା କରିଥିଲେ । ଜାତୀୟ ପତାକା ଶୋଭିତ, ଭାରତମାତାର ଜୟଗାନ ଓ ଭାରତଛାଡ଼ ସ୍ଲୋଗାନ୍‌ରେ ପ୍ରକମ୍ପିତ ଶୋଭାଯାତ୍ରା ପାପଡ଼ାହାଣ୍ଡିର ତୁରୀ ନଦୀ ନିକଟରେ ପହଞ୍ଚିବାକ୍ଷଣି ବ୍ରିଟିଶ୍ ପୋଲିସର ଅମାନୁଷିକ ଗୁଳିବର୍ଷଣ, ଲାଠିମାଡ଼ ଓ ବନେଟ୍ ମାଡ଼ରେ ବହୁ ସଂଗ୍ରାମୀ ମୃତ୍ୟୁ ବରଣ କରିଥିଲେ । ଅନେକ ଗିରଫ ହୋଇ କାରାବରଣ କରିଥିଲେ । ଅତ୍ୟନ୍ତ ଲୋମହର୍ଷଣକାରୀ ଏହି ଐତିହାସିକ ଘଟଣା ବାସ୍ତବରେ ଅବିସ୍ମରଣୀୟ । ଆଜିର ଏହି ଆତ୍ମୋତ୍ସର୍ଗ ଦିବସରେ ସେହି ସଂଗ୍ରାମୀମାନଙ୍କୁ ଆମ ଓଡ଼ିଆ ଜାତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି ।
DADLS-85
15001/13/0177/1819

## CLASSIFIED DISPLAY

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Estd.2000
Ph.0674-2385773, M:9437114882, 9090366575

ALL LEADING FOOTWEAR BRANDS
LIBERTY | Lee Cooper | RED CHIEF | WOODLAND | Hitz | inblu | DUKE | Tracer | Helios | SOLETHREADS | NEOZ
For Dealership Contact
RAMJI ENTERPRISES
Hanspal, Bhubaneswar
Mob.: 9437006984, 7788000590

EARN IN DOLLARS
NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

ବ୍ରେନ୍‌ଷ୍ଟ୍ରୋକ୍
ବ୍ରେନ୍‌ଷ୍ଟ୍ରୋକ୍ କିମ୍ବା ପାରାଲିସିସ୍ ଆକ୍ରାନ୍ତ ହେବାର ତିନି ଘଣ୍ଟା ମଧ୍ୟରେ ଅଶ୍ୱିନୀ ହସ୍ପିଟାଲ୍ ରେ ପହଞ୍ଚିଲେ ଅତ୍ୟାଧୁନିକ ଚିକିତ୍ସା ମାଧ୍ୟମରେ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାର ସମ୍ଭାବନା ରହିଛି ।
ASHWINI HOSPITAL empowered to heal....
ଯୋଗାଯୋଗ - ୭୮୯୪୪୬୦୪୪୩

## ସଂକ୍ଷେପରେ

### ସିମୁଳିଆ କଲେଜରେ ସ୍ୱାଗତ ଉତ୍ସବ

**ସିମୁଳିଆ,୨୩।୮(ଡି.ଏନ.ଏ.):** ସିମୁଳିଆ କଲେଜ ପରିସରରେ ରାଜନୀତି ସମ୍ମାନ(ଅନର୍ସ) ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ଶରତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ନବାଗତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଅଧକ୍ଷ ଡ. ଅଜୟ କୁମାର ପଣ୍ଡା, ଆମନ୍ତ୍ରୀତ ଅତିଥି ରୂପେ ଅଧାପକ ଗୋପବନ୍ଧୁ ମିଶ୍ର, ଉମାକାନ୍ତ ନାୟକ, ଅଶୋକ କୁମାର କବି, ସୁକଦେବ ମଲିକ, ସ୍ୱର୍ଣ୍ଣଲତା ମିଶ୍ର ଓ ରାଜନୀତି ଅଧାପକ ଡ. ରଞ୍ଜନ କୁମାର ମୁଦୁଲି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ସୂଚନା ଦେବା ସହିତ ରାଜନୀତି ବିଭାଗର ପୂର୍ବ ଗୌରବ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ।

### ରାସ୍ତାକଡ଼ ଡ୍ରେନ୍ ସଫା କଲେ ଗ୍ରାମବାସୀ

**ସୋର,୨୩।୮(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତରେ ଗ୍ରାମ୍ୟସଡ଼କ ଯୋଜନାରେ ନିର୍ମିତ ଅନନ୍ତପୁର- ଅଇଁରୀ ରାସ୍ତାକଡ଼ ଡ୍ରେନ୍‌କୁ ଗ୍ରାମବାସୀ ସଫା କରି ଜଳ ନିଷ୍କାସନ ବ୍ୟବସ୍ଥା କରିଛନ୍ତି। ଡ୍ରେନେଜ ବ୍ୟବସ୍ଥା ଦୟନୀୟ ହୋଇପଡ଼ିଥିବାରୁ ଏହି ରାସ୍ତାକଡ଼ ଗାଁ ବର୍ଷାପାଣିରେ ବୁଡିଯାଇଥିଲା। ବିଭାଗୀୟ ଅଧିକାରୀଙ୍କ ନିକଟରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିଲା । ଶେଷରେ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ବେହେରା, ଗ୍ରାମବାସୀ ରତ୍ନାକର ରାଉତ, ପୂର୍ଣ୍ଣଚନ୍ଦ୍ର ବାରିକ ପ୍ରମୁଖଙ୍କ ଉଦ୍ୟମରେ ଡ୍ରୋଜର ଦ୍ୱାରା ନାଳ ସଫା କରାଯିବାରୁ ଜଳ ନିଷ୍କାସନ ହୋଇ ପାରିଛି।

# ‘ସାହିତ୍ୟ ଦେଇଆସିଛି ଦିଗ୍‌ଦର୍ଶନ’

## କାଳିପଦାରେ ସାରସ୍ୱତ ସମାରୋହ

**ବାଲିଆପାଳ,୨୩।୮(ଡି.ଏନ.ଏ.)**

ସାହିତ୍ୟ ଓ ସମାଜ ପରିପୂରକ। ସାହିତ୍ୟରେ ପ୍ରତିଫଳିତ ଜନଜୀବନର ଛବି ଯୁଗେ ଯୁଗେ ସମାଜ ଜୀବନକୁ ଦିଗ୍‌ଦର୍ଶନ ଦେଇଆସିଛି। ସାହିତ୍ୟ ବିନା ସମାଜ ଜୀବନର ଅଗ୍ରଗତି ଚିନ୍ତା କରାଯାଇ ନ ପାରେ ବୋଲି ରବିବାର କାଳିପଦାଠାରେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ବିଶିଷ୍ଟ ଅତିଥି ଓ ବକ୍ତା ମତବ୍ୟକ୍ତ କରିଛନ୍ତି।

ବର୍ଷୀୟାନ କବି ବ୍ରଜେନ୍ଦ୍ର ନାଥ କବିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ବିଶିଷ୍ଟ ସମାଜସେବିକା ସୁବାସିନୀ ଜେନା ମୁଖ୍ୟଅତିଥି, ଜଳେଶ୍ୱର ଦୀନକୃଷ୍ଣ ପରିଷଦର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟବକ୍ତା, ଫକୀରମୋହନ ସାହିତ୍ୟ ପରିଷଦର ଯୁଗ୍ମ ସମ୍ପାଦକ ଡ.କୁମାର ଗୋପାଳ, ବରିଷ୍ଠ ଅଧ୍ୟାପକ ଅଶ୍ୱିନୀ ପ୍ରଧାନ, ବର୍ଷୀୟାନ କବି ଧୀରେନ୍ଦ୍ର କରଣ, ବାଲେଶ୍ୱର ବହିଘର ମୁଖ୍ୟ ଅଭୟ ଦାସ, ଅଧ୍ୟାପକ ସୁକାନ୍ତ କୁମାର ଗିରି, ଜିଲା ପରିଷଦ ସଦସ୍ୟା କସ୍ତୁରୀବାଳା ପାତ୍ର, ମିନତି ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସର୍ବେଶ୍ୱର ଜେନାଙ୍କ ଦ୍ୱାରା ସମ୍ପାଦିତ ସମୟର ଚକ୍ର, ଅଗଷ୍ଟ ସଂଖ୍ୟା, କବି ନଳିନୀକାନ୍ତ ପାଢୀଙ୍କ ଶିଶୁ କବିତା ପୁସ୍ତକ, ବଣଭୋଜିର ମଜା, ଡ.ସିପ୍ରା ସରକାରଙ୍କ ରଚିତ ‘ମୋର କବିତା’ ପୁସ୍ତକଙ୍କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାହିତ୍ୟ କ୍ଷେତ୍ରକୁ ବିଶେଷ ଅବଦାନ ଦେଇଥିବା ସର୍ବେଶ୍ୱର ଜେନା, ଶିଶିର ହାଜିରା, ଅଜୟ କୁମାର ପାତ୍ର, ବିଜନ କୁମାର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ଶ୍ରୀକାନ୍ତ ନାୟକ, ଭାରତ ଚନ୍ଦ୍ର ବେହେରା, ଅନାଦି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରମାନାଥ କର, ରାମରଞ୍ଜନ ରାଉତ, ମନ୍ମଥ ମଣ୍ଡଳ, ମାହେଶ୍ୱରୀ ଗିରି, ଅର୍ଦ୍ଧେନ୍ଦୁ ପ୍ରାଣିଗ୍ରାହୀ, ଭୀମଚରଣ ବେହେରା, ଅଧ୍ୟାପିକା କୃଷ୍ଣା କୁମାରୀ ନାୟକ ସ୍ୱରଚିତ କବିତା ପାଠ କରିଥିଲେ। ସଂଯୋଜନା କରିଥିଲେ ଅଧ୍ୟାପକ ନିରଞ୍ଜନ ବେହେରା, ପ୍ରଶାନ୍ତ କରଣ।

## ୧୨ଦିନ ବିତିଲା, ନିଖୋଜ ପୁଅର ସନ୍ଧାନ ମିଳିନି

**ରୂପ୍‌ସା, ୨୩।୮(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରସଲପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ଧନାଡ଼ି ଗ୍ରାମର ଗୋପାଳ ବଢ଼େଇ (୧୬) ନାମକ ଜଣେ ୯ମ ଶ୍ରେଣୀ ଛାତ୍ର ନିଖୋଜ ହେବା ଘଟଣାକୁ ୧୨ଦିନ ବିତିଲାଣି। ପରିବାର ଲୋକେ, ବନ୍ଧୁବାନ୍ଧବ ଓ ପୋଲିସ ପକ୍ଷରୁ ତନାଘନା ଜାରି ରହିଥିଲେ ମଧ ଏଯାବତ୍ ତାଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ପୁଅର ଫେରିବାର ବାଟକୁ ଅନେଇ ଅନେଇ ମା’ବାପାଙ୍କ ଆଖିରୁ ଲୁହ ଶୁଖୁନାହିଁ। ମା’ ବିମଳି ବଢ଼େଇ, ବାପା ଘନଶ୍ୟାମ ବଢ଼େଇଙ୍କର ସାନ ପୁଅ ଗୋପାଳ। ସମସ୍ତେ ତାଙ୍କୁ ସତି ବୋଲି ଡାକନ୍ତି। ଗତ ୧୨ ତାରିଖ ରବିବାର ବାହାରକୁ ଯାଇ ସେ ଆଉ ଘରକୁ ଫେରି ନ ଥିଲେ। ତାଙ୍କୁ ଅପହରଣ କରାଯାଇଛି ନା କୌଣସି ଦୁର୍ଘଟଣାର ଶିକାର ହୋଇଛନ୍ତି ସେନେଇ ନାନା ସନ୍ଦେହ ଉପୁଜୁଛି। ଏ ସମ୍ପର୍କରେ ବାପା ଘନଶ୍ୟାମ ବସ୍ତା ଥାନାରେ ଗତ ୧୬ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଧନେଶ୍ୱର ସାହୁ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣକୁ ପୂଜା,**
**ଅବିଗୁଣ ହେଲେ ବାଇଦ ବଜା ।**

ଗୁଣବାନ୍ ପ୍ରତିଭାବାନ ବ୍ୟକ୍ତି ସମାଜରେ ଉଚ୍ଚପ୍ରଶଂସା ଲାଭ କରିବାକୁ ସମର୍ଥ ହୋଇଥାନ୍ତି। ସେହିପରି ସେମାନଙ୍କ ବ୍ୟକ୍ତିତ୍ୱ ପ୍ରତି ଅନ୍ୟମାନଙ୍କର ମଧ ଯଥେଷ୍ଟ ସମ୍ମାନବୋଧ ରହିଥାଏ। ପରନ୍ତୁ, ଯାହାର ଗୁଣଗ୍ରାମ ଭଲ ହୋଇ ନ ଥାଏ ସେ କେବଳ ନିନ୍ଦା ଅପବାଦ ମୁଣ୍ଡାଇବା ସହ ତିରସ୍କାର ପାଇବା ସାର ହୋଇଥାଏ। ମନ୍ଦଗୁଣ ଯୋଗୁ ଶୀଘ୍ର ଦୁର୍ନାମ ବ୍ୟାପିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଟିକିଆ ପୁଅ ଖେଳେ ନାହିଁ,**
**ଖଣ୍ଡିକିଆ କାଠ ଜଳେ ନାହିଁ ।**

ସାଧାରଣତଃ ଛୋଟ ଛୋଟ ପିଲାମାନେ ନିଜ ବୟସର ପିଲାଙ୍କ ସହ ଖେଳକୁଦ କରିବାକୁ ଅଧିକ ପସନ୍ଦ କରିଥାନ୍ତି। ତେବେ ଯେଉଁ ଘରେ କେବଳ ଗୋଟିଏ ସନ୍ତାନ ରହିଥାଏ ସେ ଖେଳିବା ଲାଗି ଉପଯୁକ୍ତ ସାଥୀଟିଏ ପାଇପାରି ନ ଥାଏ। ସେହିପରି ଖଣ୍ଡିକିଆ ବା ଗୋଟିକିଆ କାଠରେ ସହଜରେ ନିଆଁ ଧରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

## ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବାହାନଗା,୨୩।୮(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଶକୁନ୍ତଳା ଟ୍ୟୁଟୋରିଆଲ ପରିସରରେ ନବାଗତ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଟ୍ୟୁଟରିଆଲର ଅଧକ୍ଷ ସଞ୍ଜୟ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷାବିତ ବିଶ୍ୱନାଥ ମିଶ୍ର ଯୋଗ ଦେଇ ଭଲ ମଣିଷ ହେବାକୁ ହେଲେ ଛାତ୍ର ଜୀବନ ଶୃଙ୍ଖଳିତ ଓ କର୍ତ୍ତବ୍ୟ ନିଷ୍ଠା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ପଦ୍ମନାଭ ଦାଶ, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଶଙ୍କର୍ଷଣ ଶିଅଳ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ନବାଗତ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ଚନ୍ଦନ ଟିକା ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଅଧ୍ୟାପକ ସତ୍ୟରଞ୍ଜନ ପଣ୍ଡା ଓ ସଞ୍ଜିତ କୁମାର ଗିରି, ବଳରାମ ନାୟକ, ମାନସ ରଞ୍ଜନ ପ୍ରଧାନ, ଅନିରୁଦ୍ଧ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡିଆ ଅଧ୍ୟାପକ ଅମରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଇଦ୍-ଉଜ୍-ଜୁହା ଉପଲକ୍ଷେ ବାଡ଼ିଖେଳ

**ଖଇରା,୨୩।୮(ଡି.ଏନ.ଏ.)**

ଖଇରା ବ୍ଲକର ଡୁଡ଼ିଗଡ଼ିଆ, କ୍ଷିରିପଦା, ଡଗରପଡ଼ା, ମୁସ୍ତଫାବାଦ, ଝିଙ୍କିରିଆ, ବରଦା ସ୍ଥାନରେ ବୁଧବାର ପବିତ୍ର ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। କ୍ଷିରିପଦାରେ ନାଶିର ହାଫିଜ୍, ବସ୍ତି ସର୍ଦ୍ଦାର ସାବିବ୍ ମୌଲାନା, ପିର ବସ୍ତିଙ୍କ ନେତୃତ୍ୱରେ ସମୂହ ନମାଜପାଠ କରାଯାଇଥିଲା। ସେହିଭଳି ଡୁଡ଼ିଗଡ଼ିଆ ନିକଟସ୍ଥ ତେନ୍ତୁଳିଆପଡ଼ା ବସ୍ତିରେ ସର୍ଦ୍ଦାର ମିର ଆଲାଉଦ୍ଦିନ, ସମ୍ପାଦକ ମିର କାଲାମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ବସ୍ତିବାସିନ୍ଦାଙ୍କ ପକ୍ଷରୁ ସାମୂହିକ ନମାଜ ପାଠ କରାଯାଇଥିଲା। ପରେ ବସ୍ତିରେ ଯୁବକଙ୍କ ପକ୍ଷରୁ ବାଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ମୁସ୍ତଫାବାଦ ଗ୍ରାମରେ ସର୍ଦ୍ଦାର ଶେଖ୍ ନଜିମ୍‌ଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଥାନରେ ହିନ୍ଦୁ ମୁସଲିମ ସମ୍ପ୍ରଦାୟଙ୍କ ମଧ୍ୟରେ ଭାଇଚାରା ଦେଖିବାକୁ ମିଳିଥିଲା।

# ବିଜ୍ଞାନମେଳାରେ ୨୮ ପ୍ରକଳ୍ପ ପ୍ରଦର୍ଶିତ

**ରୂପ୍‌ସା,୨୩।୮(ଡି.ଏନ.ଏ.)**

ରୂପ୍‌ସା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରାଦେଶିକ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଭାରତୀୟ ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି ମେଳାରେ କୁନି ବୈଜ୍ଞାନିକମାନେ ନିଜ ପ୍ରତିଭାର କମାଲ ଦେଖାଇ ୨୮ଟି ପ୍ରକଳ୍ପ ପ୍ରଦର୍ଶିତ କରିଛନ୍ତି। ସେଥିମଧ୍ୟରୁ ଗଣିତର ଭଗ୍ନାଂଶ ନମୁନା, ପର୍ଯ୍ୟାବରଣ, ପ୍ରାଥମିକ ଚିକିତ୍ସା, ବନ୍ୟା ସଂରକ୍ଷଣ, ଓ ଜଳବାୟୁ ପ୍ରଦୂଷଣ ଆଦି ଆକର୍ଷଣୀୟ ଥିଲା। ପ୍ରଧାନଆଚାର୍ଯ୍ୟା ପ୍ରନିମା ଦାସଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ହୀରାପୁର ନୋଡ଼ାଲ ହାଇସ୍କୁଲର ବିଜ୍ଞାନଶିକ୍ଷକ ପ୍ରଭାକର ସାହୁ ଓ ମହାପାତ୍ର ନୋଡାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ସୁକନ୍ୟା ସାହୁ, ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ମାୟାଧର ବେହେରା ଓ ମହିଳା ସଦସ୍ୟା ଚନ୍ଦନା ଦାସ ପ୍ରମୁଖ ଯୋଗଦେଇ କୁନି ପ୍ରକଳ୍ପକାରୀଙ୍କୁ ଉତ୍ସାହିତ କରିଥିଲେ। ଶିଶୁବର୍ଗରେ ହରିହର ରଣା, ସୁଜୟ ପରିଚ୍ଛା, ଶ୍ୱେତପ୍ରଜ୍ଞା ପଣ୍ଡା, ପ୍ରତ୍ୟୁଷ କୁମାର ଦେ ଏବଂ ବାଲ୍‌ବର୍ଗରେ ଅଭିଲିପ୍ସା ବେହେରା, ଶୁଭମ କୁମାର ବେହେରା ଓ ଅତିଥି ମୁର୍ମୁଙ୍କୁ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଶିଶୁ ମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ବିଜ୍ଞାନମେଳାରେ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଫାଇନାନ୍ସ
ଧନଜନ ଯୋଜନା
ଶ୍ରୀ ହରି ଫାଇନାନ୍ସ LTD
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହଋଣ, କୃଷି ।
2% ସୁଧ, 50% ରିହାତି
(ଠକମାନଙ୍କ ପ୍ରତି ସାବଧାନ)
9634736108
9634734514

Kuber Finance
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ
1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

JAGANNATH FINANCE COMPNAY
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

B.N. FINANCE
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ। 2% ସୁଧ।
M: 8337957615
7064797490

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

9911436726, 8750311430

PRAVEEN B.ED. COLLEGE
ADMISSIONS OPEN 2018-20 BATCH
Affiliated by Acharya Nagarjuna University
Equivalent to Utkal University
College Add.
Bestavari Peta (Mandal)
Dist.: Prakashm (AP)
Contact No.
6304175249 (AP)
M- 8895550398 (BBSR)

SRI RAM FINANCE LTD.
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FIRST FINANCE LIMITED
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

BANAJ FINANCE GROUP LTD.
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି ।
କଲ୍ କରନ୍ତୁ SAMIR MONAL
07363008993
07363008928

+2 ବିଜ୍ଞାନ ପରେ ପଢ଼ନ୍ତୁ
ପାରାମେଡ଼ିକାଲ କୋର୍ସ
ବ୍ୟାଚେଲର ଇନ୍ ପ୍ରୋସ୍ଥେଟିକ୍ସ ଆଣ୍ଡ ଅର୍ଥୋଟିକ୍ସ
(ଟି.ଏନ୍.ଏମ୍.ଜି.ଆର୍. ମେଡ଼ିକାଲ ୟୁନିଭର୍ସିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ, ଚେନ୍ନାଇ)
ଆଡ୍‌ମିଶନର ଶେଷ ତାରିଖ ୩୧ ଅଗଷ୍ଟ
ଫୋନ୍- 8695540011
www.iipoinstitute.in

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର
FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍।
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ
2% ସୁଧ 40% ରିହାତି
ଘରେ ବସି ପାଆନ୍ତୁ।
OM FINANCE
9557124359
7895699233

FINANCE
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
7347695603
8941029381

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

FINANCE
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର୍ ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଣ୍ଟିକାରୁ ଅପରାହ୍ନ ୨ ଘଣ୍ଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରେଳଷ୍ଟେଶନରୁ ୯୧ କଇଁଛ ଉଦ୍ଧାର

ରୂପ୍‌ସା/ବସ୍ତା, ୨୩।୮(ଡି.ଏନ.ଏ./ସ୍ୱ.ପ୍ର.)



- ଜେଲ ଗଲେ ୨ ଅଭିଯୁକ୍ତ
- ଆରପିଏଫ୍, ବନବିଭାଗର ମିଳିତ ଚଢ଼ାଉ
- ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା ଦେଶୀ କଇଁଛ

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ବାଲେଶ୍ୱର ଜିଲା ଅନ୍ତର୍ଗତ ରାଜଘାଟ ରେଳ ଷ୍ଟେଶନରେ ବୁଧବାର ରାତିରେ ଆରପିଏଫ୍ ଓ ବନବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୯୧ ଦେଶୀ କଇଁଛ ଉଦ୍ଧାର କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମ ମେଦିନାପୁରର କାର୍ତ୍ତିକ ପାତ୍ର ଓ ଭୋଗରାଇ ଅଞ୍ଚଳର ରବୀନ୍ଦ୍ର ପ୍ରଧାନ। ବନ୍ୟଜନ୍ତୁ ସୁରକ୍ଷା ଆଇନ-୧୯୭୨ ଅନୁଯାୟୀ ଧାରା ୯ ଓ ୧୧ରେ ବନବିଭାଗ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୩୮/୧୮) ରୁଜୁ ହୋଇ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଉଦ୍ଧାର କଇଁଛଗୁଡ଼ିକୁ ବୁଢ଼ାବଳଙ୍ଗ ନଦୀରେ ଛଡ଼ାଯାଇଛି।

ଉକ୍ତ ୨ ଅଭିଯୁକ୍ତ ଡାଉନ ପୁରୀ-ସାନ୍ତ୍ରାଗାଛି ପାସେଞ୍ଜର ଟ୍ରେନ୍‌ରେ ମାର୍କୋଣା ଅଞ୍ଚଳରୁ ୯୧ କଇଁଛକୁ ବୁରାରେ ବାନ୍ଧି ପଶ୍ଚିମବଙ୍ଗରେ ଚଢ଼ା ଦରରେ ବିକ୍ରି କରିବା ପାଇଁ ଯାଉଥିଲେ। ରୂପ୍‌ସା ଆରପିଏଫ୍ ଆଉଟପୋଷ୍ଟ ଏସ୍‌ଆଇ ଭଗବାନ ସିଂ ବିଭାଗୀୟ କର୍ମଚାରୀଙ୍କ ସହ ରାଜଘାଟ ଷ୍ଟେଶନରେ ସେମାନଙ୍କୁ ଠାବ କରି ବନବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଚାନ୍ଦିପୁର ରେଞ୍ଜର ପ୍ରଫୁଲ ମଲିକ, ଡେପୁଟି ରେଞ୍ଜର ମନୁଅର ଖାନ, ଫରେଷ୍ଟର ପ୍ରହ୍ଲାଦ ନାୟକ, ବସ୍ତା ଫରେଷ୍ଟଗାର୍ଡ ଜୟଦେବ ମଲିକ ଓ ଶଶଧର ମହାନ୍ତି ପ୍ରମୁଖ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲେ। ଉଦ୍ଧାର କଇଁଛ ସବୁକୁ ରେଞ୍ଜ ଅଫିସ୍‌କୁ ନେଇ ଯାଇଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### 'ସହାୟତା' ପକ୍ଷରୁ ରକ୍ତଦାନ ଶିବିର




**ବାଲେଶ୍ୱର ଅଫିସ, ୨୩।୮:** ବାଲେଶ୍ୱର ଜିଲା ରକ୍ତଭଣ୍ଡାରଠାରେ ସାମାଜିକ ଅନୁଷ୍ଠାନ 'ସହାୟତା' ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୁବାସିନୀ ଜେନା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବ୍ରିଟ୍ ଅଧକ୍ଷ ଗୌରୀ ରାଉତ, କବି ପ୍ରଶାନ୍ତ ଦାସ, ମନୋଜ କୁମାର ରାଉତ ଏବଂ ଅନନ୍ତ ପ୍ରଧାନ ଯୋଗ ଦେଇଥିଲେ। 'ସହାୟତା'ର ସଭାପତି ଦେବବ୍ରତ ଭୂୟାଁଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଉପସଭାପତି କୌଶିକ ପଟ୍ଟନାୟକ, ପ୍ରତିଶ୍ରୁତି ପଣ୍ଡା, ସିଦ୍ଧାର୍ଥ ଦେ, ଅଦିତି ମହାନ୍ତି, ହିମାଂଶୁ ପତି ଓ ସମ୍ପାଦକ ବିବେକାନନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶିବିରରେ ମୋଟ୍ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ରାସ୍ତା ମରାମତି ଦାବିରେ ଆନ୍ଦୋଳନ

**ସୋର, ୨୩।୮ (ଡ଼ି.ଏନ୍.ଏ.):** ସୋର ଥାନା ଗୁଡ଼ ପଞ୍ଚାୟତର ମଠ ଛକ ଠାରୁ କେଶଗଡ଼ିଆ ପର୍ଯ୍ୟନ୍ତ ରାସ୍ତା ମରାମତି ଦାବି କରି ଗ୍ରାମର ମହିଳାମାନେ ଆନ୍ଦୋଳନ କରିଥିଲେ। ଏହି ଅବସରରେ ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଉକ୍ତ ରାସ୍ତା ଦେଇ ଦୈନିକ ଶହ ଶହ ଜନସାଧାରଣ ବିଦ୍ୟାଳୟର ଛାତ୍ରୀଛାତ୍ର ଯାତାୟାତ କରୁଥିବା ବେଳେ ରାସ୍ତାର ଅବସ୍ଥା ଦୟନୀୟ ହୋଇପଡିଛି। ଗ୍ରାମର ପୁଷ୍ପଲତା ବନ୍ଧ, ଶାନ୍ତିଲତା ବେହେରାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

### ମହିଳାଙ୍କ ଆତ୍ମହତ୍ୟା

**ନୀଳଗିରି, ୨୩।୮ (ଡି.ଏନ.ଏ.):** ନୀଳଗିରି ଥାନା ଅଧୀନ ବାରୁଦଖାନା ଗାଁର ଝୁନୁମଣି ଜେନା ନାମ୍ନୀ ମହିଳା ଗୁରୁବାର ବେକରେ ରଶି ଲଗାଇ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ୫ବର୍ଷ ତଳେ ବାରୁଦକାନା ଗାଁର ରଘୁନାଥ ଜେନାଙ୍କ ପୁଅ ଗୟାଧର ଧୋବଶିଳା ଗାଁର ଝୁନୁ ମଣିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେ କୌଣସି କାରଣରୁ ନିଜ ଶୋଇବା ଘରେ ବେକରେ ରଶି ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ।

### 'ବାଲେଶ୍ୱରରେ ଏମ୍ସ ହସ୍‌ପିଟାଲ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ'



**ବାଲେଶ୍ୱର ଅଫିସ, ୨୩।୮:** ବାଲେଶ୍ୱରରେ ଖୋଲିଥିବା ଏମ୍ସର ଅସ୍ଥାୟୀ ଓ.ପି.ଡ଼ି. କ୍ଲିନିକ ଗତ ୧୪ମାସ ଧରି କେନ୍ଦ୍ରବିଦ୍ୟାଳୟ ଛକ ନିକଟସ୍ଥ ପ୍ରତିରକ୍ଷା ବିଭାଗର କ୍ୟାମ୍ପସରେ ଚାଲୁଛି। ଏଠାରେ ସ୍ଥାୟୀ ହସ୍‌ପିଟାଲ ନିର୍ମାଣ ଲାଗି ଆସନ୍ତା ୨୫ ତାରିଖରେ ଶିଳାନ୍ୟାସ କାର୍ଯ୍ୟକ୍ରମ ସ୍ଥିର ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଓ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ସବରେ ଯୋଗ ଦେବେ। ବାଲେଶ୍ୱରରେ ଏମ୍ସ ହସ୍‌ପିଟାଲ ପ୍ରତିଷ୍ଠା ସ୍ୱାସ୍ଥ୍ୟସେବା ତଥା ବିକାଶ କାର୍ଯ୍ୟକ୍ରମର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ଭାଜପା ପକ୍ଷରୁ ଗୁରୁବାର ଦଳର ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ଜିଲାସଭାପତି ମଦନ ମୋହନ ଦତ୍ତ ଏହି ସୂଚନା ଦେଇ କହିଥିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓଡ଼ିଶାରେ ପ୍ରଥମେ ଏମ୍ସର ଶୁଭାରମ୍ଭ କରିଥିଲେ। ତାଙ୍କର ସ୍ୱପ୍ନକୁ ଆଉ ପାଦେ ଆଗକୁ ନେଇ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଏହି ହସ୍‌ପିଟାଲକୁ ବାଲେଶ୍ୱରବାସୀଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି। ନଗର ଭାଜପା ସଭାପତି ସୀତାକାନ୍ତ ସ୍ୱାଇଁ, କାଉନସିଲର ଚିତ୍ତରଞ୍ଜନ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ନିଶା ହଟାଅ ଅଭିଯାନରେ ସାମିଲ ମହିଳା, ପୁରୁଷ।

# ନୀଳଗିରି ଆଦିବାସୀ ସୁରକ୍ଷା ସେନା ତରଫରୁ 'ନିଶା ହଟାଅ' ଅଭିଯାନ

ସଜନାଗଡ଼/ନୀଳଗିରି, ୨୩।୮(ଡି.ଏନ.ଏ.)

ନୀଳଗିରିକୁ ଏକ ନିଶାମୁକ୍ତ ଅଞ୍ଚଳରେ ପରିଣତ କରିବା ଉଦ୍ଦେଶ୍ୟରେ 'ନୀଳଗିରି ଆଦିବାସୀ ସୁରକ୍ଷା ସେନା' ଗଠନ କରାଯାଇଛି। ଭୁଲ୍ ରାସ୍ତାରେ ଯାଉଥିବା ଯୁବପିଢ଼ିଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କେସିପୁର, ପିଠାହତା ପଞ୍ଚାୟତରେ ଶତାଧିକ ଆଦିବାସୀ ମହିଳା, ପୁରୁଷ ଓ ବୁଦ୍ଧିଜୀବୀମାନେ ଗୁରୁବାର ନୀଳଗିରି ଜଗନ୍ନାଥ ମନ୍ଦିର ସାମ୍ନାରେ ଏକାଠି ହୋଇ ଶୋଭାଯାତ୍ରାରେ ବାହାରି 'ନୀଳଗିରିରୁ ନିଶା ହଟାଅ' ସ୍ଲୋଗାନ ଦେଇ ନୀଳଗିରି ଉପ-ଜିଲାପାଳ ଆବୋଲି ସୁନୀଲ ନରଅଣେଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଦିବାସୀ ସୁରକ୍ଷା ସେନାର ରାଜ୍ୟ ସଭାପତି ରଞ୍ଜନ କୁମାର ଦାସ, ନୀଳଗିରି ଶାଖା ସଭାପତି ହେମାଙ୍ଗିନୀ କବାଟ, ସମ୍ପାଦିକା ସୁଚିତ୍ରା ବେହେରା, ଶକୁନ୍ତଳା ବେହେରା, ସୁଷମା ଟୁଡୁ, ତୁଳସୀ କିସ୍କୁ, ସୀତା ମୁର୍ମୁଙ୍କ ସମେତ ଅନ୍ୟମାନେ ଅଭିଯାନରେ ସାମିଲ ହୋଇଥିଲେ।



ମିଶ୍ରଣ ପର୍ବରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

# ଶତାଧିକ କର୍ମୀ, ନେତା ବିଜେଡିରେ ସାମିଲ

ବାଲେଶ୍ୱର ଅଫିସ, ୨୩।୮

ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର ଶତାଧିକ କଂଗ୍ରେସ ନେତା ଓ କର୍ମୀ ଗୁରୁବାର ବାଲେଶ୍ୱରସ୍ଥିତ ଏକ କଲ୍ୟାଣମଣ୍ଡପ ପରିସରରେ ବିଜେଡି ଜିଲାସଭାପତି ତଥା ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି।

ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ଜିଲାର ଦାୟିତ୍ୱ ନେବା ପରେ ୮ଟି ନିର୍ବାଚନମଣ୍ଡଳୀରେ ବହୁ ଭାଜପା ଏବଂ କଂଗ୍ରେସ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏହି ମିଶ୍ରଣ ପର୍ବରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଚକ୍ରଧର ଗିରି ପୌରୋହିତ୍ୟ କରିଥିବା ବେଳେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସୁବାସିନୀ ଜେନା, ବିଜେଡି ନେତା ରବୀନ୍ଦ୍ର ଅଣ୍ଡିରା, ବଳରାମ ସାହୁ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଜାମକୁଣ୍ଡା ପଞ୍ଚାୟତ ସମିତିସଭ୍ୟ ଶତ୍ରୁଘ୍ନ ପାତ୍ର, ୨୩ ନମ୍ବର ଜୋନ୍‌ର ଜିଲାପରିଷଦ କସ୍ତୁରୀବାଳା ପାତ୍ରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏହି ପର୍ବରେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ।

## ନଈଯୋଡ଼ିରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସୋର, ୨୩।୮(ଡି.ଏନ.ଏ.)

ସୋର ଥାନା ଗୋପିନାଥପୁର ପଞ୍ଚାୟତ ମଙ୍ଗଳପୁର ଆଦିବାସୀ ସାହି ନିକଟସ୍ଥ ଏକ ନଈଯୋଡ଼ିରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉଦ୍ଧାର ଯୁବକ ହେଲେ ବୁଦ୍ଧିରାମ ସିଂ (୩୬)। ବୁଦ୍ଧିରାମ ସକାଳୁ ବୁଧବାର ସକାଳେ ଘରୁ ପଳାଇ ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇପାରି ନ ଥିଲେ। ସ୍ଥାନୀୟ ଲୋକେ ଅପରାହ୍ନରେ ନଈଯୋଡ଼ରେ ଶବ ପଡ଼ିଥିବା ନେଇ ଜାଣିବା ପରେ ସୋର ପୋଲିସକୁ ଖବର ଦେଇଥିଲେ। ସୋର ପୋଲିସ ବିଳମ୍ବିତ ରାତିରେ ଶବ ଜବତ କରି ଗୁରୁବାର ବ୍ୟବଚ୍ଛେଦ କରାଇଛି।

# ଧାରଣାରେ ବସିଲା ନାଗରିକ ମଞ୍ଚ

ବାହାନଗା, ୨୩।୮(ଡି.ଏନ.ଏ.)

ବାହାନଗା ବ୍ଲକ ଖନ୍ତାପଡା ଉଚ୍ଚ ବିଦ୍ୟାଳୟରେ ଜଣେ ନବନିଯୁକ୍ତି ପ୍ରଧାନ ଶିକ୍ଷକଙ୍କ ନିଯୁକ୍ତି ଓ ବଦଳିକୁ ନେଇ ଏବେ ରାଜନୀତି ଜୋର ଧରିଛି। କିଛି ଦିନ ତଳେ ପ୍ରଧାନ ଶିକ୍ଷକ ବଦଳିକୁ ନେଇ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ତରଫରୁ ଧାରଣା ଦିଆଯାଇଥିଲା। ତାଙ୍କୁ ଜିଲା ଶିକ୍ଷାଧିକାରୀ ପ୍ରତ୍ୟାହାର କରିନେବା ଘଟଣା ଦୁଇ ଦିନ ନ ପୂରୁଣୁ ପୁନର୍ବାର ତାଙ୍କୁ ଏହି ବିଦ୍ୟାଳୟରେ ନିଯୁକ୍ତି ଦେବା ପାଇଁ ଧାରଣା ଆରମ୍ଭ ହୋଇଛି। ଅଞ୍ଚଳର ନାଗରିକ ମଞ୍ଚ ତରଫରୁ ବିଦ୍ୟାଳୟ ସାମ୍ନାରେ ଗୁରୁବାର ଧାରଣା ଦିଆଯାଇଛି। ଧାରଣାକାରୀମାନେ ପ୍ରତ୍ୟାହାର କାରଣ ସମ୍ପର୍କରେ ବାଲେଶ୍ୱର ଜିଲାପାଳ ରମେଶ ରାଉତ, ଜିଲା ଶିକ୍ଷାଧିକାରୀ ହୃଷିକେଶ କାଣ୍ଡି, ନୀଳଗିରି ନିର୍ବାଚନମଣ୍ଡଳୀ ବିଧାୟକ ଇଂ ସୁକାନ୍ତ ନାୟକ, ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ପ୍ରମୁଖଙ୍କୁ ଅବଗତ କରାଇବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ଯେତେଦିନ ଯାଏ ପ୍ରତ୍ୟାହାର କରିନେଇଥିବା ପ୍ରଧାନ ଶିକ୍ଷକଙ୍କୁ ଫେରାଇ ଦିଆ ନ ଯାଇଛି ସେପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କୁହାଯାଇଛି। ଜିଲା ଶିକ୍ଷାଧିକାରୀ ହୃଷିକେଶ କାଣ୍ଡି ଧାରଣାସ୍ଥଳକୁ ଆସି ବୁଝାଶୁଝା କରିଥିଲେ ମଧ୍ୟ ମଞ୍ଚର କର୍ମକର୍ତ୍ତାମାନେ ତାଙ୍କ ଜିଦ୍‌ରେ ଅଟଳ ରହିଛନ୍ତି।



ଶ୍ରଦ୍ଧାଞ୍ଜଳି ସଭାରେ ବ୍ରାହ୍ମଣ ସମିତିର କର୍ମକର୍ତ୍ତା।

# ଯଦୁନାଥ ଥିଲେ ନିର୍ବିବାଦୀୟ ରାଜନେତା

ବାଲେଶ୍ୱର ଅଫିସ, ୨୩।୮

ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ପୂର୍ବତନ ଶିକ୍ଷାମନ୍ତ୍ରୀ ଯଦୁନାଥ ଦାସ ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ମହାପାତ୍ର ଜଣେ ଆଇନଜୀବୀ ଭାବେ ଅନେକ ଦିନ ଧରି ବାଲେଶ୍ୱରରେ ଓକିଲାତି କରିବା ସହ ସମାଜସେବା କରିବା ଲକ୍ଷ୍ୟରେ ରାଜନୀତିରେ ସାମିଲ ହୋଇଥିଲେ। ଏହାପରେ ଓଡ଼ିଶାର ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀ ଭାବେ କାର୍ଯ୍ୟ କରି ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ଜିଲାରେ ତଥା ରାଜ୍ୟରେ ଖୁବ୍ ଲୋକପ୍ରିୟ ଥିଲେ।

ଗୁରୁବାର ଓକିଲ ସଂଘର ନିଷ୍ପତ୍ତିକ୍ରମେ ଶ୍ରଦ୍ଧାଞ୍ଜଳି ସଭା ସହ କୋର୍ଟବର୍ଜନ କରିବାରୁ କାର୍ଯ୍ୟ ବନ୍ଦ ହୋଇଥିଲା। ଓକିଲ ସଂଘ ସଭାପତି ନିରଞ୍ଜନ ପଣ୍ଡା, ସମ୍ପାଦକ ସମ୍ବିତ ନନ୍ଦୀ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ପ୍ରଭାତ ଦାସ, ଭବେଶ ମହାପାତ୍ର, ଆଇନଜୀବୀ ଉର୍ମିଳା ମାଝି, ସ୍ନେହଲତା ଦାସ, ପୁରୁଷୋତ୍ତମ ଦାସ, କମଳ ମହାପାତ୍ର ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ବାଲେଶ୍ୱର ଜିଲା ବ୍ରାହ୍ମଣ ସମିତି ତରଫରୁ ଦାମୋଦରପୁରସ୍ଥିତ ସମିତିର ନିଜସ୍ୱ କାର୍ଯ୍ୟାଳୟରେ ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସମ୍ପାଦକ ଗୌର ଚନ୍ଦ୍ର ଦାଶ ମହାପାତ୍ର ଜଣେ ନିର୍ବିବାଦୀୟ ରାଜନେତା ଓ ଓଡ଼ିଶାର ତଥା ବାଲେଶ୍ୱର ଜିଲାରେ ଶିକ୍ଷାର ବିକାଶ ପାଇଁ ବହୁ କାର୍ଯ୍ୟ କରିଥିବା ପ୍ରକାଶ କରିଥିଲେ। ସେ ଏକାଧାରାରେ କବି, ଔପନ୍ୟାସିକ ଓ ଜଣେ ଭଲ ମଣିଷ ଥିଲେ ବୋଲି ବକ୍ତାମାନେ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ କରିଥିଲେ। ସଭାରେ ସମିତିର କର୍ମକର୍ତ୍ତା ଡ. କ୍ଷୀତିଶ୍ୱର ଦାଶ, ଶୁଭଙ୍କର ମହାପାତ୍ର, ସର୍ବେଶ୍ୱର ପତି, ଶକ୍ତିପଦ ପଣ୍ଡା, ବୈଦ୍ୟନାଥ ଆଚାର୍ଯ୍ୟ, ଅକ୍ଷୟ କୁମାର ତ୍ରିପାଠୀ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆନ୍ତଃରାଜ୍ୟ ଖବରଦାତା ସମାବେଶ, କର୍ମଶାଳା ଲାଗି ପ୍ରସ୍ତୁତି

ବାଲେଶ୍ୱର ଅଫିସ, ୨୩।୮

ଆସନ୍ତା ସେପ୍ଟେମ୍ବର ୨୨ ଓ ୨୩ ତାରିଖ ଦୁଇଦିନ ଧରି ଆନ୍ତଃରାଜ୍ୟ ଖବରଦାତା ସମାବେଶ ଓ କର୍ମଶାଳା କରାଯିବା ଲାଗି ଓଡ଼ିଶା ୟୁନିୟନ ଜର୍ଣ୍ଣାଲିଷ୍ଟ (ଓୟୁଜେ) ବାଲେଶ୍ୱର ଶାଖା ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର-ଭଦ୍ରକ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ସଭାପତି ଶିଶିର କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ରାମନାରାୟଣ ଶତପଥୀ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ଆଲୋଚନାରେ ଖବରଦାତା ରତିକାନ୍ତ ପାତ୍ର, ଉବାଚକ ମହାନ୍ତି, ଗଙ୍ଗାଧର ରାଉତ, ଅନାମ ଚରଣ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସମାବେଶ ଓ କର୍ମଶାଳା ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ କର୍ମଶାଳାରେ ଏନ୍‌ୟୁଜେର ସଭାପତି ପ୍ରଜ୍ଞାନନ୍ଦ ଚୌଧୁରୀଙ୍କ ସମେତ ବିହାର, ଛତିଶଗଡ଼, ପଶ୍ଚିମବଙ୍ଗର ଖବରଦାତା ଯୋଗଦେବେ ବୋଲି ସୂଚନା ଦିଆଯାଇଥିଲା।

## କେରଳରେ ରିଲିଫ ବାଣ୍ଟିଲେ ବାଲିଆପାଳ ସ୍ୱେଚ୍ଛାସେବୀ

**ବାଲିଆପାଳ, ୨୩।୮(ଡି.ଏନ୍.ଏ.):** କେରଳର ବନ୍ୟା ପରିସ୍ଥିତିରେ କିଛିଟା ଉନ୍ନତି ହୋଇଥିଲେ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଚାଲିଛି। ବାଲିଆପାଳରୁ ଯାଇଥିବା ୨୦ଜଣିଆ ସ୍ୱେଚ୍ଛାସେବୀ ଟିମ୍ ଏହି ସୂଚନା ଦେଇଛନ୍ତି। ଲମ୍ବୋଦର ମାହାନା ଓ ଚନ୍ଦନ ଜେନାଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ଗୁରୁବାର ତ୍ରିଶୁଲ, ଖୁରାନଚରି ଓ ପାଲପଡ଼ା ଆଦି ଅଞ୍ଚଳରେ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିସ୍କୁଟ, ଚୁଡ଼ା, ଗୁଡ଼, ପାଣିପାଉଚ ଓ ପାଣି ବୋତଲ ବଣ୍ଟନ କରିଛନ୍ତି। ସେମାନେ ପଠାଇଥିବା ସୂଚନା ଅନୁସାରେ ଖୁରାନଚରିରେ ପାହାଡ଼ ଧସିଯିବାରୁ ପଥର ତଳେ ୧୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଚାପି ହୋଇ ରହିଯାଇଥିଲେ। ସେମାନେ ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



କେରଳରେ ସ୍ୱେଚ୍ଛାସେବୀ ଟିମ୍।

# କ୍ୟାନସର ସଚେତନତା ଶିବିର

ସିମୁଳିଆ, ୨୩।୮(ଡି.ଏନ.ଏ.)

ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର କ୍ୟାନସର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ବିଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କଟକ ପଣ୍ଡା କ୍ୟାନସର ହସ୍‌ପିଟାଲର ମୁଖ୍ୟ ଡା. ରଣଜିତ କର ଯୋଗଦେଇ କ୍ୟାନସର ସଚେତନତା ସମ୍ପର୍କରେ ସୂଚନା ଦେଇଥିଲେ। ଡା. କର ନାରୀ ଓ ପୁରୁଷଙ୍କ ନିକଟରେ ଦେଖାଯାଉଥିବା ବିଭିନ୍ନ ପ୍ରକାର କ୍ୟାନସର ସମ୍ପର୍କରେ ସୂଚନା ଦେଇ ଖାଦ୍ୟରେ ଅତ୍ୟଧିକ ସାର ବିଷ ପ୍ରୟୋଗ ସହିତ ତେଲ ମସଲାଯୁକ୍ତ ଖାଦ୍ୟ, ଆଲକହଲ, ତମାଖୁ, ସିଗାରେଟ, ଫାଷ୍ଟଫୁଡ, ଶୁଖୁଆ, ସାମୁଦ୍ରିକ ମାଛ, ମାଂସାହାରୀ, ଚା', କାଠ, ଧୂପ ଆଦି ପ୍ଲାଣ୍ଟ କର୍ମଚାରୀମାନଙ୍କ ନିକଟରେ ବିଭିନ୍ନ କିସମର କ୍ୟାନସର ରୋଗ ଦେଖାଯାଇଥାଏ ବୋଲି କହିଥିଲେ। ଏକ ସର୍ବେକ୍ଷଣ ଅନୁସାରେ କ୍ୟାନସର ଯୋଗୁ ଘଣ୍ଟାରେ ୧୩ଜଣ, ପ୍ରତ୍ୟେକ ଦିନ ୬ଜଣ ଓ ବର୍ଷରେ ପ୍ରାୟ ୧ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥାଏ। ବିଭିନ୍ନ ଗଣମାଧ୍ୟମରେ ସଚେତନାତ୍ମକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ହେଁ ତମାଖୁ ଓ ଧୂମ୍ରପାନ ସଂଖ୍ୟା କମୁ ନ ଥିବାରୁ ଆସନ୍ତା ୨୦୨୦ରେ ଭାରତ ମୁଖକର୍କଟ(ଓରାଲ କ୍ୟାନସର)ରେ ୧ନମ୍ବର ହେବାକୁ ଯାଉଛି। ଅଦ୍ୟାବଧି ଲିଭର ଓ ଗର୍ଭାଶୟ କ୍ୟାନସରର ଔଷଧ ବାହାରିଥିବା ବେଳେ ଓଡିଶାରେ ମଧ୍ୟ କେତେକ କ୍ୟାନସର ଚିକିତ୍ସା କରାଯାଇପାରୁଛି ବୋଲି ସୂଚନା ଦେଇଥିଲେ। ନିୟମିତ ଯୋଗ, ବ୍ୟାୟାମ ସହିତ ବିଭିନ୍ନ ଋତୁରେ ମିଳୁଥିବା ପନିପରିବା ଖାଇବା ଦ୍ୱାରା ଏହି ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଥାଏ। ଅପରପକ୍ଷେ ପ୍ରାଥମିକ ସ୍ତରରୁ ଏହି ରୋଗର ଚିହ୍ନଟ କରାଯାଇ ଚିକିତ୍ସା କରାଯାଇପାରିଲେ ନିରାକରଣ ସମ୍ଭବପର ହୋଇଥାଏ ବୋଲି ଡା. କର ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଉମେଶ ଚନ୍ଦ୍ର ପଣ୍ଡା, ଡା. ଡାନିଏଲ ସାମଲ, ଡା. ସମ୍ବିତ ଦାଶ, ଡା. ସୋନାଲି ପତି, ଡା. ସୁବାଷ ଚନ୍ଦ୍ର ଦାସ, ଡା. ରବୀନ୍ଦ୍ର ମହାନ୍ତି ଓ ଡା. ସନ୍ତୋଷ କୁମାର ସାହୁଙ୍କ ସମେତ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କର୍ମଚାରୀ ଯୋଗ ଦେଇଥିଲେ।




ଡା. ରଣଜିତ କର କ୍ୟାନସର ସଚେତନତା ସମ୍ପର୍କରେ ସୂଚନା ଦେଉଛନ୍ତି।



ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଉଦ୍‌ବୋଧନ ଦେଉଛନ୍ତି।

# ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

ଭୋଗରାଇ, ୨୩।୮(ଡି.ଏନ.ଏ.)

ଓଡ଼ିଶାର ସ୍କୁଲ-କଲେଜ ସଂଖ୍ୟା ପଡ଼ୋଶୀ ରାଜ୍ୟ ତୁଳନାରେ ଅଧିକ। ହେଲେ ମାଟ୍ରିକ୍ ପାସ୍ ପରେ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଶୁଦ୍ଧ ଭାବେ ଓଡ଼ିଆ ଦରଖାସ୍ତ ଖଣ୍ଡିଏ ଲେଖି ପାରୁନାହାନ୍ତି। ଯାହାକି ଓଡ଼ିଆ ମାତୃଭାଷା ପ୍ରତି ଲଜ୍ଜାର ବିଷୟ। ସ୍କୁଲ, କଲେଜ ବଢ଼ିଛି ମାତ୍ର ଦୁଃଖର ବିଷୟ ଗୁଣାତ୍ମକ ଶିକ୍ଷାର ମାନ କମୁଛି। ଏଥିପାଇଁ ଶିକ୍ଷାନୀତିର ପରିବର୍ତ୍ତନ ଆବଶ୍ୟକ। ଦେଶରେ ଏକକ ପରୀକ୍ଷା ଜରୁରୀ ହୋଇପଡ଼ିଥିବା ବେଳେ ଓଡ଼ିଶାରେ ପୁରୁଣାକାଳିଆ ଶିକ୍ଷା ସିଲାବସ୍ ପରିବର୍ତ୍ତନ କରାଯାଇ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗୀ ସିଲାବସ୍ ଶିକ୍ଷା ଖସଡ଼ା ପ୍ରସ୍ତୁତି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଭୋଗରାଇ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆର୍.ଆଇ.ଏଚ୍.ଏସ୍) ମହାବିଦ୍ୟାଳୟ ପରିସରରେ ଆୟୋଜିତ ଓଡ଼ିଆ ଏବଂ ଇଂରାଜୀ ବିଭାଗର ଏମ୍‌ଏ ନୂତନ ପାଠ୍ୟକ୍ରମ ଖୋଲିବା ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମନ୍ତବ୍ୟ ଦେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗଦାଧର ଦାସମହାପାତ୍ରଙ୍କ ପୌରୋହିତ୍ୟରେ ବେଦ ପାଠ କରିଥିଲେ ଅଧ୍ୟାପକ ଦେବାଶିଷ ପଣ୍ଡା। ପ୍ରାଧ୍ୟାପକ ଗଙ୍ଗାଧର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଜୟ କୁମାର ମିଶ୍ର, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ସୁଶାନ୍ତ ଚାନ୍ଦ, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ଛାତ୍ରୀଛାତ୍ର ମାନେ ସାଧାନ ମନ୍ଦିରରେ ଶୃଙ୍ଖଳାବୋଧ, ସମାଜ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ ସମାଜର ପରିବର୍ତ୍ତନ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଶିଷ୍ଟ ସାମାଜିକ କର୍ମୀ ଜାମ୍‌ସେଦ୍ ଅଲ୍ଲୀ ଖାଁ ବୁଧବାର ଇଦ୍ ଉଲ ଜୁହାରେ ହିନ୍ଦୁ-ମୁସଲିମ୍ ଭାଇଭାଇ ଓ ସଦ୍‌ଭାବନା ଉପରେ ରଚିତ ଏକ କୋରାନ୍ ପୁସ୍ତକ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଅଧ୍ୟାପକ ଜଗଦୀଶ ଚନ୍ଦ୍ର ଗିରି ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପକ ଦିଲ୍ଲୀପ କୁମାର ପାତ୍ର, କେଦାର ସିଂ ଦାସ, ରମେଶ ଚନ୍ଦ୍ର ପାତ୍ର, ବ୍ରଜ ବିହାର ପତି, ଧୀରେନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଚନ୍ଦନେଶ୍ୱର ଶୈବପୀଠରେ ସୁରକ୍ଷା କଡ଼ାକଡ଼ି

**ଭୋଗରାଇ, ୨୩।୮(ଡି.ଏନ.ଏ.):** ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଚନ୍ଦନେଶ୍ୱରଜୀଉଙ୍କଠାରେ ଲକ୍ଷାଧିକ କାଉଡ଼ିଆଙ୍କ ଜଳାଭିଷେକ କରିବାର ସୂଚନା ମିଳିବା ପରେ ଟ୍ରଷ୍ଟବୋର୍ଡ଼ ଓ ପ୍ରଶାସନ ତତ୍ପର ହୋଇପଡିଛି। ବଙ୍ଗ-ବିହାର-ଝାଡ଼ଖଣ୍ଡ ସମେତ ରାଜ୍ୟରୁ ଲକ୍ଷାଧିକ କାଉଡ଼ିଆ ଜଳାଭିଷେକ କରିବା ପାଇଁ ଆସୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଥିସହିତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ପାନୀୟଜଳ, ବିଦ୍ୟୁତ୍ ବ୍ୟବସ୍ଥା, ଅଗ୍ନିଶମ ସେବା, ଗମନାଗମନ, ଆଇନଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜଳେଶ୍ୱର, ଚନ୍ଦନେଶ୍ୱର, ବର୍ଡ଼ର-ଚନ୍ଦନେଶ୍ୱର, ପନ୍ତେଇଘାଟ-ଥାନାଛକଠାରେ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ସିଦ୍ଧାନ୍ତ ନିଆଯାଇଛି। ଜଳେଶ୍ୱର ଏବଂ ପଶ୍ଚିମମେଦିନୀପୁର, ବାଲିଆପାଳରୁ ଆସୁଥିବା ସମସ୍ତ ଚାରିଚକିଆ ଯାନକୁ ଥାନା ଛକଠାରେ ପାର୍କିଂ କରାଯିବାର ବ୍ୟବସ୍ଥା ହୋଇଛି। ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଡିଜେ ଶବ୍ଦ ପ୍ରଦୂଷଣ ପାଇଁ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗାଯାଇଛି।

# ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

**ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**
- ତୃତୀୟ ଦିନରେ ଆନ୍ଦୋଳନ
- ୭ ଦିନରେ ହେବ ସବୁ ସମାଧାନ

**ବାରିପଦା ଅଫିସ,୨୩।୮**

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟରେ ଗତ ମଙ୍ଗଳବାରଠାରୁ ଛାତ୍ରମାନେ ମୁଖ୍ୟ ଫାଟକ ବନ୍ଦ କରି ଆନ୍ଦୋଳନରେ ବସିଥିଲେ। ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ବିଶ୍ୱ ବିଦ୍ୟାଳୟରେ ଅଚଳାବସ୍ଥା ଜାରି ରହିଥିବା ବେଳେ ଗୁରୁବାର ଏହି ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଗୁରବାର ଖୋଦ କୁଳପତି ପ୍ରଦୀପ କୁମାର ଚାନ୍ଦ ଆନ୍ଦୋଳନରତ ପୂର୍ବତନ ଛାତ୍ର ସଂସଦ ସଭାପତି ଦୁର୍ଯୋଧନ ବେହେରା, ଶଙ୍କର୍ଷଣ ପଣ୍ଡା , ଛାତ୍ର ନେତା ସୁନିଲ କୁମାର ନାୟକ ଓ ଅନ୍ୟ ଛାତ୍ରନେତାଙ୍କ ସହିତ ଆଲୋଚନା କରିଛନ୍ତି। ଆଲୋଚନା ମାଧ୍ୟମରେ ଆସନ୍ତା ୭ ଦିନ ମଧ୍ୟରେ ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରନେତାମାନେ ମଧ୍ୟାହ୍ନ ପ୍ରାୟ ୧୨ ଟା ବେଳେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଏହା ପରେ ଆନ୍ଦୋଳନରତ ଛାତ୍ରଙ୍କ ସହିତ କୁଳପତି ଚାନ୍ଦ ବିଶ୍ୱବିଦ୍ୟାଳୟର ଛାତ୍ରାବାସରେ ହେଉଥିବା ଅବ୍ୟବସ୍ଥା ନିଜେ ତଦାରଖ କରିବା ପାଇଁ ଯାଇଥିଲେ। ସେଠାରେ ହଷ୍ଟେଲର ଅନ୍ତେବାସୀମାନେ ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ କୁଳପତି ଚାନ୍ଦଙ୍କୁ ଜଣାଇବା ସହିତ ତୁରନ୍ତ ସମାଧାନ ଦାବି କରିଥିଲେ।

ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଅଧୀନ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ସମସ୍ତ ଡିଗ୍ରୀ କଲେଜର ଛାତ୍ରୀମାନେ ବିନା ଅନର୍ସ(ପାସ)ରେ ପାଠ ପଢୁଛନ୍ତି। ଏହାପରେ ସେମାନେ ଉଚ୍ଚ ଶିକ୍ଷା ପାଇଁ ସ୍ନାତକୋତ୍ତର କରିବା ପାଇଁ ଉତ୍ତର ଓଡିଶା ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆବେଦନ କରିଛନ୍ତି। ହେଲେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କ ନାମଲେଖାକୁ ବାତିଲ କରୁଛନ୍ତି। ପୂର୍ବରୁ ବିନା ଅନର୍ସ ଛାତ୍ରୀଛାତ୍ରମାନେ ଏହି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପଢ଼ିବା ପାଇଁ ସୁଯୋଗ ପାଉଥିଲେ। ଚଳିତ ବର୍ଷ କିନ୍ତୁ ତାହା ବାରଣ କରାଯାଉଛି। ସମସ୍ତ ଭାଷା ଓ ଶିକ୍ଷା ବିଭାଗରେ ସିଟ ଖାଲି ରହୁଥିଲେ ସୁଦ୍ଧା ସେମାନଙ୍କୁ ନାମଲେଖା ଆବେଦନକୁ କର୍ତ୍ତୃପକ୍ଷ ବାତିଲ କରୁଛନ୍ତି। ପ୍ରତିବାଦରେ ଗତ ୧୪ ତାରିଖରେ ଛାତ୍ରୀଛାତ୍ରମାନେ ଲିଖିତ ଭାବେ ଏ ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଏହି ଆନ୍ଦୋଳନ ହୋଇଛି। କର୍ତ୍ତୃପକ୍ଷ ପାସ ଷ୍ଟୁଡେଣ୍ଟଙ୍କୁ ନାମ ଲେଖାଇବା ପାଇଁ ନ ଦେବା କ୍ଷୋଭର ବିଷୟ ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି। ସେହିପରି ଛାତ୍ରମାନେ ପିଜି କାଉନସିଲ ଚେୟାରମ୍ୟାନଙ୍କ ବଦଳି ଜଣାଇଛନ୍ତି। ଏ ସମ୍ପର୍କରେ କୁଳପତି ପ୍ରଦୀପ କୁମାର ଚାନ୍ଦଙ୍କ ସହିତ ଆଲୋଚନା କରିବାରୁ ଗୁରୁବାର ସେ ଫୋନ ଯୋଗେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ବିଶ୍ୱ ବିଦ୍ୟାଳୟର ଅବ୍ୟବସ୍ଥାଗୁଡିକର ସମାଧାନ କରାଯିବ ବୋଲି କହିଛନ୍ତି। ଏହି ଛାତ୍ର ଆନ୍ଦୋଳନରେ ସନତ କୁମାର ଗୋପ, ରଞ୍ଜନ କୁମାର ନାଏକ, ସୂର୍ଯ୍ୟକାନ୍ତ ବେହେରା, ପ୍ରଦୀପ୍ତ ପଣ୍ଡା, ଓମ ପ୍ରକାଶ ଶତପଥୀ, ବେଣୁଧର ନାଏକ , ଓମକାର ଅନ୍ୱେଶ, ମିହିର କୁମାର ବେହେରା, ଦୁଷ୍ମନ୍ତ ବେହେରା, ସୌମ୍ୟରଞ୍ଜନ ଗିରି, ଲାଲମୋହାନ ହାଁସଦା, ଦେବ କୁମାର ସାଇଆ ପ୍ରମୁଖ ସାମିଲ ହୋଇଥିଲେ।


ଛାତ୍ରବାସରେ କୁଳପତି ଛାତ୍ରମାନଙ୍କ ସହିତ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ଡାକ୍ତର ବଦଳି ବାତିଲ ନ ହେଲେ ଆନ୍ଦୋଳନ

**ଠାକୁରମୁଣ୍ଡା,୨୩।୮(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ପଦବୀ ଦୀର୍ଘ ଦିନ ହେଲା ଖାଲି ପଡିଛି। ବର୍ତ୍ତମାନ ଥିବା ୩ ଡାକ୍ତର ଏବଂ ୨ଜଣ ଆୟୁଷ ଡାକ୍ତରଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର । ଏପରି ସ୍ଥଳେ ଦନ୍ତ ଚିକିତ୍ସିକ ୪ମାସ ହେଲା ଛୁଟିରେ ଥିବା ବେଳେ ଜଣେ ଡାକ୍ତର ଶିକ୍ଷାଦାନ ପାଇଁ ରିଲିଭ ହୋଇ ସାରିଛନ୍ତି । ଅନ୍ୟଜଣେ ଡାକ୍ତର ଆଗାମୀ ସୋମବାର ରିଲିଭ ହେବାର ନିଶ୍ଚିତ ହୋଇସାରିଛି । ଏଥିଯୋଗ ସୃଷ୍ଟି ହୋଇଥିବା ଅଚଳାବସ୍ଥା ପାଇଁ ଖୋଦ୍ ପ୍ରଶାସନ ଦାୟୀ ବୋଲି ବ୍ଲକ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟଯେ ବିଗତ ୧୨ ବର୍ଷ ଧରି ଥିବା ଆୟୁଷ ଡାକ୍ତର ଗିରିଶ ଚନ୍ଦ୍ର ଅଧିକାରୀଙ୍କ ବଦଳିକୁ ସ୍ଥାନୀୟ ଲୋକେ ଓ ରାଜନେତା ବିରୋଧ କରି ଏହାକୁ ବାତିଲ କରିବାକୁ ଜିଦ୍ ଧରି ବସିଛନ୍ତି। ଯଦି ତୁରନ୍ତ ତାଙ୍କ ବଦଳିକୁ ବାତିଲ କରା ନଯାଏ ତାହାଲେ ଭାରତୀୟ ଜାତୀୟ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଏଥି ସହିତ ଆଗାମୀ ଏକ ମାସ ମଧ୍ୟରେ ୩୦ ଶଯ୍ୟା ବିଶିଷ୍ଟ ମା’ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା,ସମସ୍ତ ବିଶେଷଜ୍ଞ ପଦବୀ ଶହ ଅନ୍ୟାନ୍ୟ ଡାକ୍ତର ପଦବୀ ପୂରଣ କରିବା ପାଇଁ ସିଡିଏମଓଙ୍କ ନିକଟରେ ଦାବୀ ହୋଇଛି। ଖୁବ୍ ଶୀଘ୍ର ଡାକ୍ତରଙ୍କ ବଦଳି ଆଦେଶ ବାତିଲ କରା ନ ଗଲେ ସିଡିଏମଓ ଏବଂ ପ୍ରଶାସନ ଦାୟୀ ରହିବ ବୋଲି ଦଳ କହିଛି । ଉକ୍ତ ସମ୍ମିଳନୀରେ ଏଆଇସିସି ସଭ୍ୟା ଜବାମଣୀ ଟୁଡୁ, ବ୍ଲକ କଂଗ୍ରେସ ସଭାପତି ରବିନ୍ଦ୍ର ତ୍ରିପାଠୀ, ୧୮ନଂ ଜୋନ ସଭାପତି ସତ୍ୟାନନ୍ଦ ପଲେଇ,ବ୍ଲକ ଯୁବ କଂଗ୍ରେସ ସଭାପତି ଅର୍ଜିତ୍ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

### ଶାରଦୀୟ କ୍ରୀଡା ପ୍ରତିଯୋଗିତା ଉଦ୍ଯାପିତ

**ଠାକୁରମୁଣ୍ଡା,୨୩।୮(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକର ଦୁଇ ଦିବସୀୟ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଠାକୁରମୁଣ୍ଡା ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହ ପ୍ରତିଯୋଗିତାରେ ଠାକୁରମୁଣ୍ଡା ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ସମୁଦାୟ ୨୦ଟି ଉଚ୍ଚ ବିଦ୍ୟାଳୟ ଓ ୪୦ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ଶହ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୫୦ ଜଣ କୃତି ଛାତ୍ରୀଛାତ୍ରଙ୍କୁ ବଛାଯାଇଥିବା ବେଳେ ଏମାନେ ଜିଲାସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ନୋଡାଲ ଖେଳ ଶିକ୍ଷକ ରବୀନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଖେଳ ଶିକ୍ଷୟତ୍ରୀ ଅନୁପମା ମହାନ୍ତି,ରୁକ୍ମଣୀ ମହାନ୍ତ,ପ୍ରତିଭା ମହାନ୍ତ,ତପସ୍ୱିନୀ ମହାନ୍ତ ଓ ଖେଳ ଶିକ୍ଷକ ସୁଧାକର ଦେହୁରୀ, ସନ୍ତୋଷ ନାଏକ,ଜିତେନ୍ଦ୍ରେ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ଝାଡାବାନ୍ତି ଯୋଗୁ ଦିଅର ଭାଉଜ ମୃତ

**ବେତନଟୀ,୨୩।୮(ଡି.ଏନ.ଏ)**

ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ସେବା ପାଇ ନ ପାରି ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଇଁଫୁଲିଆ ଗ୍ରାମର ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ଦାସ ମାଝୀଙ୍କ ପତ୍ନୀ ଲକ୍ଷ୍ମୀ ମାଝୀ (୩୭) ଓ ତାଙ୍କ ସମ୍ପର୍କୀୟ ଦିଅର ହୁଦାନ ମାଝୀ (୨୭) । ବୈଶିଙ୍ଗା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୩୭/୧୮) ରଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ।

ମୃତକଙ୍କ ପରିବାର ସୂତ୍ରରୁ ପ୍ରକାଶ, ବୁଧବାର ଅପରାହ୍ନରେ ଉଭୟ ଲକ୍ଷ୍ମୀ ଓ ହୁଦାନଙ୍କର ୩, ୪ ଥର ଝାଡାବାନ୍ତି ହୋଇଥିଲା । ଏହାର ଚିକିତ୍ସା ପାଇଁ ସ୍ଥାନୀୟ ଗ୍ରାମର କ୍ୱାକଙ୍କୁ ଡାକି ପରିବାର ଲୋକେ ସେମାନଙ୍କ ଚିକିତ୍ସା କରାଇଥିଲେ । ମାତ୍ର ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିଲେ। ଗୁରବାର ସକାଳୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ବେତନଟୀ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

## ମାସା ଆର୍ମି ବ୍ଲକ କମିଟି ଗଠିତ

**ବଡ଼ସାହି,୨୩।୮(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ଆଦିବାସୀ ଛାତ୍ର ସଙ୍ଗଠନ ‘ମାସା ଆର୍ମି’ ପକ୍ଷରୁ ବ୍ଲକ କମିଟି ଗଠିତ ହୋଇଯାଇଛି । ଜିଲା ସଭାପତି ମୁକେଶ ମାର୍ଣ୍ଡିଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍, ପାନୀୟ ଜଳ ଆଦି ବିଭିନ୍ନ ସମସ୍ୟାକୁ ନେଇ ସରକାରୀ ସ୍ତରରେ କରାଯାଉଥିବା ଅବହେଳା ବିରୋଧରେ ମାସା ଆନ୍ଦୋଳନ କରିବ ବୋଲି ରାଜ୍ୟ ସଭାପତି ଚେତାବନୀ ଦେଇଛନ୍ତି । ଏହି ଅବସରରେ ନବ ଗଠିତ କମିଟି ସଭାପତି ଭାବେ କୁଅଁର ଚରଣ ମାର୍ଣ୍ଡି,କାର୍ଯ୍ୟକାରୀ ସଭାପତି ଭାବେ କାଳନ୍ଦି ଚରଣ ସରେନ, ସାଧାରଣ ସମ୍ପାଦକ ଭାବେ ଲକ୍ଷ୍ମଣ କିସ୍କୁ, ସମ୍ପାଦକ ଲକ୍ଷ୍ମଣ ମୁର୍ମୁ, ଉପସଭାପତି ରଘୁ ସରେନ, ମଧୁ ମାର୍ଣ୍ଡି ପ୍ରମୁଖଙ୍କୁ ଚୟନ କରାଯାଇଛି ।



## ବାରୁଣେଶ୍ୱର ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

**ବାରିପଦା ଅଫିସ,୨୩।୮**

ଆଗକୁ ନବମୀ ବାର୍ଷିକ ଦୁର୍ଗାପୂଜା ଥିବାରୁ ବାରୁଣେଶ୍ୱର ଦୁର୍ଗା ପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିକ୍ରମ କେଶରୀ ଜେନା ଓ ସଭାପତି ଉଦୟନାଥ ଜେନାଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। ଅର୍ଥ ପରାମର୍ଶଦାତା ରବୀନ୍ଦ୍ର ନାଥ ନାୟକ ଆଗାମୀ ପୂଜା ପାଇଁ ବଜେଟ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ପାତ୍ର ବିଗତ ବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ଏବଂ ଚଳିତ ବର୍ଷ ପୂଜା ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଉଦୟନାଥ ଜେନା, କାର୍ଯ୍ୟକାରୀ ସଭାପତି ରଘୁନାଥ ପଣ୍ଡା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ବଳଭଦ୍ର ମହାନ୍ତି, ଜୀବନ କୁମାର ଜେନା ଓ ଗୌତମ କୁମାର ବେହେରା, ସମ୍ପାଦକ ବିକ୍ରମ କେଶରୀ ଜେନା, ସହ ସମ୍ପାଦକ ସତ୍ୟଜିତ ସାହୁ, ଅର୍ଥ ପରାମର୍ଶଦାତା ରବୀନ୍ଦ୍ର କୁମାର ନାୟକ, କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ପାତ୍ର ଏବଂ ସହକୋଷାଧ୍ୟକ୍ଷ ଭାବେ ଅଜିତ କୁମାର ମହାପାତ୍ରଙ୍କୁ ଚୟନ କରାଯାଇଛି। ସେହିପରି ୨୦ ଜଣ ସଭ୍ୟଙ୍କୁ କାର୍ଯ୍ୟକାରୀ କମିଟିକୁ ମନୋନୀତ କରାଯାଇଛି। ବୈଠକ ଶେଷରେ ସମ୍ପାଦକ ବିକ୍ରମ କେଶରୀ ଜେନା ଧନ୍ୟବାଦ ଦେଇଥିଲେ।

## ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି

**ବାରିପଦା ଅଫିସ,୨୩।୮**

ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂରେ ଚଳିତ ଶିକ୍ଷା ବର୍ଷର ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଗଙ୍ଗାଧର ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପୌରହିତ୍ୟ କରି ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ନିଜର ପରିବାର,ସମାଜ ତଥା ଦେଶର ଆଶା ପୂରଣ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ରଣଜିତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ପ୍ରଶାନ୍ତ କୁମାର କର ଧନ୍ୟବାଦ ଦେଇଥିଲେ। ଅଧ୍ୟକ୍ଷ ଇଂ ଧରମବୀର ବୁଗୁଡେଇଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟସ୍ତରୀୟ ସେମିଷ୍ଟାର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲାସ୍ତରୀୟ କ୍ରିକେଟକୁ ବାରିପଦାରୁ ଯିବେ ୨୦ ଖେଳାଳି

**ବାରିପଦା ଅଫିସ,୨୩।୮**

ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବାରିପଦା ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞାପାରମିତା ଜେନାଙ୍କ ତତ୍ତ୍ୱାବଧାନରେ ବାରିପଦା ବ୍ଲକ ନୋଡାଲ ପିଇଟି ବ୍ରଜ ଗୋପାଳ ବ୍ରହ୍ମା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପଣ୍ଡା ପ୍ରମୁଖ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଶିକ୍ଷକ ଡ.ଶଶୀଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୋଲିସ ହାଇସ୍କୁଲର ଶିକ୍ଷକ ଜୟନ୍ତ ପଣ୍ଡା ସଂଯୋଜନା ଓ ଧନ୍ୟବାଦ ଦେଇଥିଲେ। ଏଥିରେ ବିଚାରକ ଭାବେ ପିଇଟି କୁମାରେନ୍ଦ୍ର ମହାନ୍ତ, ପିଇଟି ଦୀପକ ରାମ ଓ ଅଭିଷେକ ବେହେରା ଯୋଗ ଦେଇ ବାଳକ ବିଭାଗରୁ ୫ ଜଣ ଓ ବାଳିକା ବିଭାଗରୁ୧୫ ଜଣଙ୍କୁ ଚୟନ କରିଥିଲେ। ଏହି ଖେଳାଳିମାନେ ଆସନ୍ତା ସେପ୍ଟେମ୍ବରରେ ବାଙ୍ଗିରିପୋଷୀ ବ୍ଲକଠାରେ ହେବାକୁ ଥିବା ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବେ। ନାରାୟଣ ହେମ୍ବ୍ରମ, ପ୍ରଦୀପ ମହାନ୍ତ, ସୋନାଲି ପରିଡା, ବିଜୟ ଜେନା, ରାମଚନ୍ଦ୍ର ବେଶ୍ରା, ସନତ ଦାସ ପ୍ରମୁଖ ସହଯୋଗ କରିଥିଲେ।


ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ ।

## ବିଜୁ ଯୁବ ବାହିନୀର ବୃକ୍ଷରୋପଣ

**ଭଞ୍ଜକିଆ,୨୩।୮**

ମୟୁରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନ ନିୟୁନ୍ତି ଗ୍ରାମପଞ୍ଚାୟତର ନିୟୁନ୍ତି-ପୁରୁଣିଆ ରାସ୍ତା କଡରେ ଓ ଅଙ୍ଗନୱାଡି ପରିସରରେ ବିଜୁଯୁବ ବାହିନୀ ପକ୍ଷରୁ ବୃକ୍ଷ ରୋପଣ ହୋଇଛି। ସଭାପତି ନିତ୍ୟାନନ୍ଦ ରାଉତ,ସମ୍ପାଦକ ପାର୍ଥ ସାରଥୀ ମହାନ୍ତ, ଲଳିତ ଦଳେଇ, ପବିତ୍ର ଆପଟ, ସୁଧୀର ଆପଟ, ପ୍ରାକାଶ ମହାନ୍ତ,ଅଜିତ ମହାକୁଡ଼,ପୃଥ୍ୱିରାଜଙ୍କ ସମେତ କୋଷାଧ୍ୟକ୍ଷ ନିରୂପମା ବାରିକ ସାମିଲ ହୋଇଥିଲେ। ବିନ୍ଦୁସାଗର ମାଟିଆ କାର୍ଯ୍ୟକ୍ରମକୁ ସଫଳ ରୂପେ ତୁଲାଇ ଥିଲେ।

## ନୁଦୁଡିହା ମେଘାସନ କଲେଜରେ ସ୍ୱାଗତ ଉତ୍ସବ


ଉତ୍ସବରେ ଉପସ୍ଥିତ ଅତିଥି ମାନେ ।

**କପ୍ତିପଦା,୨୩।୮(ଡି.ଏନ.ଏ)**

କପ୍ତିପଦା ବ୍ଲକ୍ ଅଧିନ ନୁଦୁଡିହାସ୍ଥିତ ମେଘାସନ କଲେଜର ସ୍ୱାଗତ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ଫକିର ଚରଣ ବେହେରା ଅଧକ୍ଷତା କରିଛନ୍ତି । ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ଅଧକ୍ଷ ଡ. ଦିଲୀପ କୁମାର ଦିକ୍ଷୀତ, ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ରମେଶ ଚନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବେ ପ୍ରଫେସର ପ୍ରମୋଦ କୁମାର ରାଉତ, ପ୍ରଫେସର ନିରଞ୍ଜନ ପାଠୀ, ପ୍ରଫେସର ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶୃଙ୍ଖଳାଜ୍ଞାନ, କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା ଓ ଉତ୍ତମ ଚରିତ୍ର ଗଠନ ସମ୍ପର୍କରେ ଅତିଥିମାନେ ସାରଗର୍ଭକ ଅଭିଭାଷଣ ଦେଇଥିଲେ ।

## ସଂକଳ୍ପ ସମାବେଶରେ ସ୍ଥିତି ସମୀକ୍ଷା

**ବାରିପଦା ଅଫିସ,୨୩।୮**

ବାରିପଦା ସହର ବ୍ୟାଣ୍ଡଷ୍ଟାଣ୍ଡ ଗୋଲେଇ ସ୍ଥିତ ରୋଟାରୀ କ୍ଲବ ସଭାଗୃହରେ ବହୁଜନ ସମାଜବାଦୀ ପାର୍ଟିର ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ଛତୁରାମ ଜୀ, ରାଜ୍ୟ ସଭାପତି ଟଙ୍କଧର ବାଗ୍ ଏବଂ ଓଡିଶା ପ୍ରଭାରୀ ଚମ୍ପାଲାଲ ଜୀ ପ୍ରମୁଖ ଯୋଗ ଦେଇ ସେମାନଙ୍କୁ ସମର୍ଥନ କରିବାକୁ କହିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଆଇନଜୀବୀ ରଞ୍ଜନ କୁମାର ମଲିକ, ଜିଲା ସଭାପତି ଜୟକୃଷ୍ଣ ନାୟକ, ଗୁରୁଚରଣ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଜିଲାର ସାଙ୍ଗଠାନିକ ସ୍ଥିତି ଉପରେ ସମୀକ୍ଷା କରିଥିଲେ।

# ବିଦ୍ୟୁତ୍ ଖୁଣ୍ଟ ଆସିଛି, ସଂଯୋଗ ନାହିଁ

- ଭରସା ଡିବିରି ଆଲୁଅ
- ମୋବାଇଲ ଚାର୍ଜ ପାଇଁ ୩ କି.ମି.
- ଲାଗିରହୁଛି ଜଙ୍ଗଲୀ ଜନ୍ତୁଙ୍କ ଭୟ

**ବଡସାହି,୨୩।୮(ସ୍ୱ.ପ୍ର)**

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶରେ ଅନେକ ଗାଁଗଣ୍ଡା ଅନ୍ଧାରୀ ମୂଲକ ହୋଇ ରହିଛି। ରାସ୍ତା ଘାଟ ନାହିଁ କି ବିଜୁଳି ନାହିଁ। ହିଂସ୍ର ବନ୍ୟପ୍ରାଣୀଙ୍କ ଭୟ ଯୋଗୁ ସନ୍ଧ୍ୟା ହେଲେ ଗାଁ ଲୋକଙ୍କ ଘରେ ତାଟି କବାଟ ପଡୁଛି। ସବୁ ଗାଁକୁ ବିଜୁଳି ଯୋଗାଇବା ଲାଗି ସରକାର ଯୋଜନା କରିଥିବା ବେଳେ ଏସବୁ କାର୍ଯ୍ୟକ୍ରମ କେବଳ କାଗଜପତ୍ରରେ ସୀମିତ ରହିଛି। ବିଜୁ ଜ୍ୟୋତି, ରାଜୀବ ଜ୍ୟୋତି, ଦୀନଦୟାଲ ଯୋଜନା ମଧ୍ୟ ଦୁର୍ଗମ ଅଞ୍ଚଳରେ ପହଞ୍ଚି ପାରି ନାହିଁ। ଲୋକେ ପୂର୍ବ ଭଳି ଡିବିରି ଆଲୁଅକୁ ଭରସା କରି ରାତି କାଟୁଛନ୍ତି ।

ଶିମିଳିପାଳ ପାଦଦେଶରେ ଥିବା ବଡ଼ସାହି ବ୍ଲକ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ପଞ୍ଚାୟତ ୭ନମ୍ବର ୱାର୍ଡର ବାଉଳା ସାହି ଗ୍ରାମକୁ ୨ ମାସ ତଳେ ବିଜୁଳି ଖୁଣ୍ଟ, ଟ୍ରାନ୍ସଫର୍ମର ଆସିଥିଲେ ମଧ୍ୟ ଏବେ କୌଣସି କର୍ମଚାରୀଙ୍କ ଦେଖା ମିଳୁନାହିଁ। ବିଜୁଳି ଆଲୁଅ ମିଳିବା ଖୁସିରେ ଆତ୍ମହରା ହୋଇଉଠିଥିବା ଗ୍ରାମବାସୀ ବିଦ୍ୟୁତ୍‌କରଣ କାର୍ଯ୍ୟର ମନ୍ଥରତା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ବିକାଶ ଧାରାଠାରୁ ବହୁ ଦୂରରେ ଥିବା ଏହି ଗାଁରେ ମଧ୍ୟ ବହୁବିଧ ସମସ୍ୟା ଲାଗି ରହିଛି। ବଡ଼ସାହି ମୁଖ୍ୟାଳୟରୁ ବଉଳା ସାହିର ଦୂରତା ପ୍ରାୟ ୩୦ କି.ମି. । ଗ୍ରାମର ସମସ୍ତ ପରିବାର ବିପିଏଲ ଶ୍ରେଣୀର । ଗାଁକୁ ଯିବା ପାଇଁ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଏଠାକୁ କୌଣସି ଅଧିକାରୀ ଆସୁ ନ ଥିବା ଗ୍ରାମବାସୀ କହିଛନ୍ତି। ପୂର୍ବରୁ ପ୍ରଶାସନ ଦ୍ୱାରା ଉପେକ୍ଷିତ ହୋଇ ଆସିଥିବା ଏହି ଗ୍ରାମବାସୀ ବିଭିନ୍ନ ଲୋକ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରି କୌଣସି ସୁଫଳ ପାଇନାହାନ୍ତି।

ଗ୍ରାମର ରବୀନ୍ଦ୍ର ବାରିକ କୁହନ୍ତି, ଦୀର୍ଘଦିନ ଧରି ବିଭାଗୀୟ ଅଧିକାରୀ ଆମକଥା କେହି ଶୁଣୁ ନାହାନ୍ତି । ଗାଁକୁ ଆସିଥିବା ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଏଠି ପଡିରହିଛି । ଏ ନେଇ ବାରମ୍ବାର ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହିପରି ରଇବାରୀ ବାରିକ କହିଛନ୍ତି, କିଛି ବର୍ଷ ପୂର୍ବେ ରାସ୍ତା କଡରେ କେତେକ ଖୁଣ୍ଟ ଆଣି ପକାଯାଇଥିଲା। ବିଦ୍ୟୁତୀକରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ମନମୁଖୀ କାମ ହେତୁ କେବେ ବିଜୁଳି ସଂଯୋଗ ମିଳିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି। ସରକାରଙ୍କ ପକ୍ଷରୁ ଦିଆଯାଉଥିବା କିରୋସିନ ମାସେ ଯାଉ ନାହିଁ। କିରୋସିନ ଆଣିବାକୁ ସେମାନଙ୍କୁ ୪ କି.ମି. ଦୂର ଯିବାକୁ ପଡୁଛି । କେତେକ ଗ୍ରାମବାସୀ ବ୍ୟବହାର କରୁଥିବା ମୋବାଇଲ ଚାର୍ଜ କରିବାକୁ ପ୍ରାୟ ୩ କି.ମି. ଦୂର ଯାଉଥିବା ସେ କହିଛନ୍ତି। ବିଜୁଳି ଭଳି ପାନୀୟ ଜଳ ଓ ଅନ୍ୟ ମୌଳିକ ସମସ୍ୟାର ପ୍ରତିକାର ହେଉ ନ ଥିବାରୁ ବାଉଳା ସାହି ସମେତ ଆଖପାଖର ଅନେକ ଗ୍ରାମ ଅବହେଳିତ ହୋଇ ରହିଛି। ଏହି ଅଞ୍ଚଳର ଗ୍ରାମବାସୀ ୨ମାସରେ ଥରେ କିରୋସିନି, ଚାଉଳ ଏକା ସାଙ୍ଗରେ ଆଣିଥାନ୍ତି। ଏଭଳି ପରିସ୍ଥିତିରେ ସଞ୍ଜ ହେଲେ ପିଲାଛଆଙ୍କୁ ଧରି ସେମାନେ ତାଟିକବାଟ ପକାଇ ଅନ୍ଧାର ମଧ୍ୟରେ ରହୁଛନ୍ତି। ବେଳେ ବେଳେ ଜଙ୍ଗଲୀ ଜୀବଜନ୍ତୁ ଗାଁକୁ ପଶି ଆସୁଥିବାରୁ ସେମାନେ ଭୟରେ ଘରୁ ବାହାରି ନ ଥାନ୍ତି । ସରକାରୀ ଭାବେ ଦିଆଯାଉଥିବା କିରୋସିନ ନିଅଣ୍ଟ ପଡୁଥିବାରୁ ଲୋକେ ବାଧ ହୋଇ ଅଧିକ ଟଙ୍କାରେ କଳାବଜାରରୁ କିରୋସିନି କିଣି ଡିବିରି ଜାଳୁଥିବା କହିଛନ୍ତି ରାଜୁ ବାରିକ, ଶାରଦା ବାରିକ ଓ ସୁନି ବାରିକ । ବିଦ୍ୟୁତୀକରଣ କାର୍ଯ୍ୟର ମନ୍ଥରତା ନେଇ ବଡ଼ସାହି ବିଦ୍ୟୁତ୍ ବିଭାଗର କନିଷ୍ଠଯନ୍ତ୍ରୀ ବିଶ୍ୱଜିତ ଓଝାଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ଷାଦିନ ପାଇଁ ମୁଖ୍ୟ କାମ ଅଟକି ଯାଇଛି । ସଂଯୋଗ କାର୍ଯ୍ୟ କରୁଥିବା ଠିକା କର୍ମଚାରୀଙ୍କ ସହ କଥାବାର୍ତ୍ତା ହୋଇ ଖୁବ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରି ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ସେ କହିଛନ୍ତି। ଶିମିଳିପାଳ ପାଦଦେଶରେ ଥିବା ୧୫ରୁ ଉର୍ଦ୍ଧ୍ୱ ଗ୍ରାମରେ ଏପରି ପରିସ୍ଥିତ ଉପୁଜିଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି । ତେବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଧିବାସୀମାନେ ବିକାଶର ସ୍ୱାଦ ଚାଖି ନ ଥିବା ବେଳେ ମୌଳିକ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସମାଜସେବୀ ବାଜି ସିଂ, ୱାର୍ଡମେମ୍ବର ଲକ୍ଷ୍ମୀଧର ସିଂ, ଶୁକୁରା ସିଂ ପ୍ରମୁଖ ଦାବି କରିଛନ୍ତି।


ବିଦ୍ୟୁତ୍ ସଂଯୋଗ ଅପେକ୍ଷାରେ ଥିବା ବାଉଳା ସାହି ବାସିନ୍ଦା।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ୧୦ ଜଣଙ୍କ ନାଁରେ ମାମଲା

**ଭଣ୍ଡାରିପୋଖରୀ,୨୩।୮(ଡି.ଏନ୍.ଏ.):** ବାପଘରୁ ଅଧିକ ଯୌତୁକ ଆଣିବାକୁ ଦାବି କରି ପରି ଦାସ(୨୫) ନାମ୍ନୀ ଜଣେ ମହିଳାଙ୍କୁ ଶାଉଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଅଭିଯୋଗ ନେଇ ନେଇ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ପକ୍ଷରୁ କୁହାଯାଛି ଯେ, ଭଣ୍ଡାରିପୋଖରୀ ବ୍ଲକ ଅଧୀନ ତେସିଙ୍ଗା ପଞ୍ଚାୟତ ଚଡେଇଖୋଲା ଗ୍ରାମର ପରି ଦାସ(୨୫) ଗତ ୩ ବର୍ଷ ତଳେ ବୟାଁବନାପୁର ପଞ୍ଚାୟତ ତାଳପଦା ଗ୍ରାମର ପ୍ରମୋଦ କୁମାର ଦାସଙ୍କୁ ବିବାହ କରିଥିଲେ। ଶାଶୁଘର ପରିବାର ତାଙ୍କୁ ଅକଥନୀୟ ନିର୍ଯାତନା ଦେଉଥିବା ନେଇ ସେ ଥାନାରେ ବୁଧବାର ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୧୪୦/୧୮) ପରିବାରର ୧୦ଜଣଙ୍କ ନାମରେ ରୁଜୁ କରିଛି। ସମ୍ପୃକ୍ତା ମହିଳାଙ୍କର ୨ବର୍ଷର ଝିଅ ଅଛନ୍ତି। ଥାନା ଏସଆଇ ବିକ୍ରମ ହେମ୍ବ୍ରମ ଘଟଣାର ତଦନ୍ତ କରୁଛନ୍ତି।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ତିହିଡ଼ି,୨୩।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ବାଉଁଶବାଗ ଗ୍ରାମର ଦୀପକ ପାତ୍ର (୩୨) ନାମକ ଜଣେ ଯୁବକ ଗୁରୁବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମକଦ୍ଦମା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୀପକ ବାଙ୍ଗାଲୋରରେ ରହୁଥିଲେ। ମାସକ ପୂର୍ବେ ସେ ଘରକୁ ଆସିଥିଲେ। ଗୁରୁବାର ପୂର୍ବାହ୍ନରେ ଦୀପକଙ୍କୁ ତାଙ୍କ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସରପଞ୍ଚଙ୍କୁ ଗାଳିଗୁଲଜ, ଜଣେ ଗିରଫ

**ତିହିଡ଼ି,୨୩।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ସିନ୍ଦୋଳ ପଞ୍ଚାୟତର ସରପଞ୍ଚ ବୈକୁଣ୍ଠ ପାଣିଙ୍କୁ କେତେକ ବ୍ୟକ୍ତି ବୁଧବାର ରାତିରେ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମକଦ୍ଦମା (ନଂ.୨୮୪/୧୮) ରୁଜୁ କରି ସାଟିଉଟି ଗ୍ରାମର ବିଦେଶୀ ମଲିକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ବିଦେଶୀଙ୍କ ସମେତ ଅନ୍ୟ ୨ଜଣ ପୂର୍ବ ଶତ୍ରୁତାକୁ ନେଇ ସରପଞ୍ଚଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ସାପ କାମୁଡ଼ାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ



**ଭଦ୍ରକ ଅଫିସ/ଧାମନଗର, ୨୩।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖପରପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ଯୁବ ବାହିନୀର ଭଦ୍ରକ ଜିଲା ଉପସଭାପତି ଜୟଦେବ ସାହୁଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ବୁଧବାର ରାତିରେ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ଡାକ୍ତରଖାନାକୁ ଅଣାଯାଇଥିଲା। ପରେ କଟକକୁ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିବାରୁ ମୃତଦେହକୁ ଭଦ୍ରକ ଡାକ୍ତରଖାନାକୁ ଫେରାଇ ଅଣାଯାଇଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ଭଦ୍ରକ ଜିଲା ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ସାଂସଦ ଅର୍ଜୁନ ଚରଣ ସେଠୀ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ଜିଲା ଯୁବ ବାହିନୀ ସଭାପତି ତଥାଗତ ସାମଲ, ଜୀବନବିନ୍ଦୁ ସଂଯୋଜକ ଅଜୟ ନାୟକ, ଦୁର୍ଗାଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ମୃତଦେହ ଖପରପଦାକୁ ଆଣାଯାଇ ପଞ୍ଚାୟତ ପରିକ୍ରମା କରାଯାଇ କପାଳୀ ନଦୀ କୂଳ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବିଜେଡିର ପ୍ରଦୀପ ମଲ୍ଲିକ, ହରେକୃଷ୍ଣ ପାଢ଼ୀ, କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ୀ, ଡା. ବିଦ୍ୟାଧର ଜେନା, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଶିକ୍ଷାନୁଷ୍ଠାନକୁ କୁମ୍ଭୀର ଭୟ

**ଆରଡ଼ି,୨୩।୮(ଡି.ଏନ୍.ଏ.)**



ସ୍କୁଲ ରାସ୍ତାରେ ପଡ଼ିଥିବା ବାଲିବସ୍ତା।

**ଜୁଆର ପାଣିରେ ବୁଡୁଛି ରାସ୍ତା**

- ନଈ କୂଳକୁ ଜଗୁଛି ଡଙ୍ଗା।
- ବାଉଁଶ ପାତିଆ ବାଡ଼, ଜାଲ ଦେଉଛି ସୁରକ୍ଷା
- ୨କି.ମି. ବାଟ ବୁଲି ସ୍କୁଲ ଯାଉଛନ୍ତି ପିଲା
- ୩ ବର୍ଷ ହେଲା ସରୁନି ରାସ୍ତା କାମ

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତ ଅଧୀନ ଶୀତଳପୁର ଏକ ଅବହେଳିତ ଗାଁ। ସାଳନ୍ଦୀ ନଦୀ କୂଳରେ ଥିବା ଏହି ଗାଁର ଜମିବାଡ଼ି, ଘରଦ୍ୱାର କ୍ରମେ ନଦୀ ଗର୍ଭକୁ ଚାଲିଯିବା ଆଶଙ୍କା ପ୍ରକାଶ ପାଇଛି। ଅମାବାସ୍ୟା ଓ ପୂର୍ଣ୍ଣିମା ସମୟରେ ନଦୀରେ ଜୁଆର ପାଣି ଆସିଲେ ନଦୀ ତଟ ରାସ୍ତା ପାଣିରେ ବୁଡ଼ି ଯାଉଛି। ମାସକରେ ପ୍ରାୟ ୧୦ ଦିନ ଏହି ସମସ୍ୟା ଲାଗି ରହୁଛି। ଗାଁ ପଛ ପଟେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଯାତାୟାତ ଲାଗି ନଦୀକୂଳ ରାସ୍ତା ଏକମାତ୍ର ମାଧ୍ୟମ। ଜୁଆର ପାଣି ମାଡିବା ସମୟରେ କୁମ୍ଭୀର ଆକ୍ରମଣ ଭୟ ଥିବା ଯୋଗୁ ଲୋକେ ପିଲାଙ୍କୁ ସ୍କୁଲ ଛାଡିବାକୁ ରାଜି ହୋଇ ନ ଥାନ୍ତି। କେତେକ ପିଲା ଏଥିଲାଗି ୨ କି.ମି. ରାସ୍ତା ବୁଲି ସ୍କୁଲ ଯାଉଥିବା ଅଭିଭାବକମାନେ କହିଛନ୍ତି। ସେହିପରି ନଦୀକୂଳ ରାସ୍ତା ଧୋଇ ଯାଇଥିବାରୁ ସେଠାରେ ନାମକୁମାତ୍ର କେତେକ ବାଲିବସ୍ତା ପକାଯାଇଛି। କୁମ୍ଭୀର ଭୟ ଯୋଗୁ ଲୋକେ ନଦୀକୂଳ ରାସ୍ତାକଡରେ ବାଉଁଶ ପାତିଆରେ ବାଡ଼ ଦେଇ ଜାଲ ବେଢ଼ାଇଛନ୍ତି। ସେମାନେ ସେଠାରେ ଏକ ଡଙ୍ଗା ବାନ୍ଧି ରଖିଛନ୍ତି। କୂଳରେ ଡଙ୍ଗା ଥିଲେ କୁମ୍ଭୀର ପାଖକୁ ଆସନ୍ତି ନାହିଁ ବୋଲି ଅନେକେ ବିଶ୍ୱାସ କରନ୍ତି।

ଶୀତଳପୁର ଗାଁକୁ ଯାତାୟାତ ଲାଗି ଆଗରୁ ରାସ୍ତା ନ ଥିଲା। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୧୬ ଜାନୁୟାରୀରୁ ଏହି ଗାଁକୁ ରାସ୍ତା ନିର୍ମାଣ କାମ କରାଯାଉଛି। ୩ ବର୍ଷ ବିତିବାକୁ ବସିଥିଲେ ମଧ୍ୟ କାମ ସରି ନାହିଁ। ମାଟି ଓ ମୋରମ ପକାଇ ଠିକାଦାର ହାତବାନ୍ଧି ବସିଛନ୍ତି। ସେହିବର୍ଷ ଅକ୍ଟୋବର ମାସରେ ସ୍କୁଲ ଯିବା ରାସ୍ତାରେ ପ୍ରଶାସନ ପକ୍ଷରୁ କେତେକ ବାଲିବସ୍ତା ପକାଯାଇଥିଲା। ଏଥର ବର୍ଷାଦିନ ପୂର୍ବରୁ ମୁଠାଏ ବି ମାଟି ପଡ଼ି ନାହିଁ। ଜୁଆର ମାଡି ନ ଥିବା ବେଳେ ପିଲାମାନେ ସେହି ବାଲି ବସ୍ତା ଉପରେ ଚଢି ସ୍କୁଲ ଯାଉଛନ୍ତି। ୧ ମରୁ ୫ମ ଶେଣୀ ପର୍ଯ୍ୟନ୍ତ ଏହି ସ୍କୁଲରେ ୩୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୨ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଯାତାୟାତ ସମସ୍ୟା ସମ୍ପର୍କରେ ଲୋକେ ସ୍ଥାନୀୟ ବ୍ଲକ, ତହସିଲ ଓ ଜିଲା ପ୍ରଶାସନ ସମେତ ସରକାରଙ୍କ ନିକଟରେ ଦାବି କରି ନିରାଶ ହୋଇଥିବା କହିଛନ୍ତି। ଜଳସେଚନ ବିଭାଗ ପକ୍ଷରୁ ଶୀତଳପୁରକୁ ସୁରକ୍ଷା ଦେବା ଲାଗି ୨୦୧୨ରେ ନଦୀକୂଳକୁ ପଥର ପ୍ୟାକିଂ କରିବା ସକାଶେ ଯୋଜନା କରାଯାଇଥିଲା। ଏହା କାଗଜପତ୍ରରେ ସୀମିତ ହୋଇରହିଛି। ରାଜନୈତିକ ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ଉକ୍ତ ଗ୍ରାମର ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବା ରଷିକେଶ ମାଝୀ, ମଧୁସୂଦନ ନାୟକଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍କୁଲକୁ ସଂଯୋଗ କରୁଥିବା ରାସ୍ତା ତୁରନ୍ତ ନିର୍ମାଣ ହେବା ଦରକାର ବୋଲି ଶିକ୍ଷକ ଆଦିତ୍ୟ କୁମାର ତରାଇ କହିଛନ୍ତି।

## ମେଧାବୀ ଛାତ୍ରୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା

**ବାସୁଦେବପୁର,୨୩।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ଗୁଆଗାଁ ଗ୍ରାମର ମେଧାବୀ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ(୧୩)ଙ୍କ ଅକାଳ ବିୟୋଗ ପରେ ତାଙ୍କ ଗ୍ରାମରେ ଏକ ସ୍ମୃତିଚାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ସଭାରେ ଶିକ୍ଷକ ଗୋବିନ୍ଦ ମଲିକ, ରମେଶ ମହାରଣା, ବଳରାମ ଜେନା, ସ୍ୱର୍ଣ୍ଣଲତା ଦାସ, ଅର୍ଚ୍ଚନା ଦାସ, କୁସୁମଲତା ମଲିକ, ପ୍ରଭାତୀ ନାୟକ, ମହାପ୍ରସାଦ ସ୍ୱାମୀଙ୍କ ସମେତ କେତେକ ସହପାଠୀ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଜଣେ ମେଳାପୀ, ମେଧାବୀ ଛାତ୍ରୀ ଭାବରେ ସେ ଗ୍ରାମ ଓ ବିଦ୍ୟାଳୟରେ ସମସ୍ତଙ୍କ ଆଦରଭାଜନ ଥିଲେ। ପ୍ରିୟଙ୍କା ପ୍ରିୟଦର୍ଶିନୀ ହେଉଛନ୍ତି ଗୁଆଗାଁ ଗ୍ରାମର ଶ୍ରୀଧର ବାରିକଙ୍କର ଝିଅ। ଗତ ୧୭ ତାରିଖରେ ଜ୍ୱରରେ ପୀଡିତ ଥାଇ ଚିକିତ୍ସାଧୀନ ଥିବା ଅବସ୍ଥାରେ ଭଦ୍ରକ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଗୁଆଗାଁ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢୁଥିଲେ।

# ହାର୍ ମାନି ନାହାନ୍ତି ଗୋବିନ୍ଦ

**ବନ୍ତ,୨୩।୮(ସ୍ୱ.ପ୍ର.)**

**ଦିନକର କାହାଣୀ**

ଦେଶ ଦୁନିଆର ଖବର ଜାଣିବା ଲାଗି ସକାଳୁ ସକାଳୁ ଆଗରପଡ଼ା ବଜାର ଓ ଆଖପାଖ ଅଞ୍ଚଳର ଲୋକେ ତାଙ୍କୁ ଚାହିଁ ବସିଥାନ୍ତି। ରାତି ନ ପାହୁଣୁ ସେ ଆସି ପହଞ୍ଚିଯାନ୍ତି ଆଗରପଡ଼ା ବଜାରରେ। ବସ୍‌ରୁ ଖବରକାଗଜ ଓହ୍ଲାଇ ଲାଗିଯାଆନ୍ତି କାମରେ। ଗୋଟିଏ ହାତ କଟିଯାଇଥିଲେ ବି ସେ ଆଜି ପର୍ଯ୍ୟନ୍ତ ହାର୍ ମାନି ନାହାନ୍ତି। ଏପରି ଜଣେ କର୍ତ୍ତବ୍ୟନିଷ୍ଠ ନିଆରା ମଣିଷ ହେଉଛନ୍ତି ଗୋବିନ୍ଦ ସାହୁ, ଯେକି ଖବରକାଗଜ ବିତରଣ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଜଣେ ସରଳ ଓ ସେବାକାରୀ ମଣିଷ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ମଧ୍ୟ ରହିଛି।

ଗୋବିନ୍ଦଙ୍କ ଘର ଆଗରପଡ଼ା ନିକଟ ମହାନ୍ତିପଡ଼ା ପଞ୍ଚାୟତ ବଉଳଡିହ ଗ୍ରାମରେ। ମାତା କମଳା ସାହୁ, ପିତା କୁନ ସାହୁ । ଗୋବିନ୍ଦଙ୍କୁ ମାତ୍ର ୧୮ ମାସ ହୋଇଥିବା ସମୟରେ ବାପାଙ୍କର ଅକାଳ ବିୟୋଗ ଘଟିଥିଲା। ଏଭଳି ଅସହାୟ ସ୍ଥିତିରେ ପୁଅଙ୍କୁ ମଣିଷ କରିବାକୁ ଅଣ୍ଟା ଭିଡ଼ିଥିଲେ ମା' କମଳା। ୧୫ ବର୍ଷ ବୟସର ହୋଇଥିବା ବେଳେ ଗୋବିନ୍ଦଙ୍କ ମା' ଆରପାରିକୁ ଚାଲିଗଲେ। ଏଭଳି ଅବସ୍ଥାରେ ପେଟ



ଖବରକାଗଜ ବିକ୍ରେତା ଗୋବିନ୍ଦ ସାହୁ।

ପୋଷିବା ପାଇଁ ଗୋବିନ୍ଦ ଦିଲ୍ଲୀକୁ ଚାଲି ଯାଇ ଏକ ଘରୋଇ କମ୍ପାନୀରେ ମେଶିନ ଅପରେଟର ଭାବେ କାମ କରିଥିଲେ। କିଛିବର୍ଷ ପରେ ସେ ବୈବାହିକ ଜୀବନ ଆରମ୍ଭ କରିଥିଲେ। କିନ୍ତୁ ମେଶିନରେ କାମ କରିବା ସମୟରେ ତାଙ୍କ ଡାହାଣ ହାତ ପାପୁଲି କଟି ଯାଇଥିଲା। ଶେଷରେ ଭିନ୍ନକ୍ଷମ ହୋଇ ଫେରି ଆସିଥିଲେ ଗାଁକୁ। ସଂସାର ଚଳାଇବା ନିମନ୍ତେ ଗତ ୫ ବର୍ଷ ଧରି ସେ ଖବରକାଗଜ

**ଅନ୍ୟ ପାଇଁ ସାଜିଛନ୍ତି ଉଦାହରଣ**

ବିକ୍ରିକୁ ନିଜର ପେସା ଭାବେ ବାଛି ନେଇଛନ୍ତି। ଧରିତ୍ରୀ ସମେତ ବିଭିନ୍ନ ଖବରକାଗଜକୁ ଝୁଲାରେ ରଖି ଗୋଟିଏ ହାତରେ ସାଇକେଲ ଚଳାଇ ବାହାରି ପଡ଼ନ୍ତି ଗ୍ରାହକଙ୍କୁ ବାଣ୍ଟିବା ପାଇଁ। ପରେ ଘରକୁ ଫେରି ଖାଇପିଇ ବିଶ୍ରାମ ନେଇ ପୁଣି ଗ୍ରାହକଙ୍କଠାରୁ ଟଙ୍କା ଅସୁଲି ଲାଗି ବାହାରି ଯାଆନ୍ତି। ଏଥିରେ ସ୍ତ୍ରୀ ମଞ୍ଜୁଲତା, ଝିଅ ସ୍ୱପ୍ନା ଓ କଳ୍ପନା ତାଙ୍କୁ ସାହାଯ୍ୟ କରନ୍ତି। କେବେ କୌଣସି ସରକାରୀ ସାହାଯ୍ୟ ପାଇବାକୁ ଆଶା ନ ରଖି ସେ ଦୈନନ୍ଦିନ ନିଜ କର୍ମ କରିଚାଲିଛନ୍ତି। ତାଙ୍କ ନିକଟରେ ହାର୍ ମାନିଛି ଭିନ୍ନକ୍ଷମତା। ସ୍ୱଳ୍ପ ରୋଜଗାରରେ ଦୁଇ ଝିଅଙ୍କୁ ପାଠ ପଢାଇବା ସହ ନିଜର ଗୁଜୁରାଣ ମେଣ୍ଟାଇ ପାରୁଛନ୍ତି। ନିଜ କର୍ମ ଉପରେ ବିଶ୍ୱାସ ରଖିଥିବା ଗୋବିନ୍ଦ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେ କହନ୍ତି, ଖବରକାଗଜ ବିକ୍ରି ଭଳି ସେବା କାର୍ଯ୍ୟ ତାଙ୍କୁ ଅଧିକ ସନ୍ତୋଷ ଦେଇଛି। ଏହା ମଧ୍ୟ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ସେ କହନ୍ତି। ଏଥିଲାଗି ଖରାବର୍ଷାକୁ ଖାତିର ନ କରି ସେ କାମ କରି ଚାଲିଛନ୍ତି।



ଜ୍ଞାନବିଜ୍ଞାନ ମେଳାରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ର।

# ଜ୍ଞାନବିଜ୍ଞାନ ମେଳା: ୪୦ ପ୍ରକଳ୍ପ ପ୍ରଦର୍ଶିତ

**ଧାମନଗର,୨୩।୮(ଡି.ଏନ୍.ଏ.)**

ଧାମନଗର ବ୍ଲକ ଧୂଷୁରୀ ସରସ୍ୱତୀ ଶିଶୁମନ୍ଦିରରେ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ହୃଷୀକେଶ ବଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ପ୍ରତି ଶିଶୁଙ୍କ ଧାରଣା ସୁଦୃଢ଼ କରିବା ପାଇଁ ଏଭଳି ବିଜ୍ଞାନ ମେଳା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଧାନଆଚାର୍ଯ୍ୟା ନମିତା ରାଉତ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ହରିହର ବେହେରା ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ରୁକ୍ମଣୀ ଗୁପ୍ତା, ଉପସଭାପତି କାହ୍ନୁଚରଣ ପଣ୍ଡା, କୋଷାଧ୍ୟକ୍ଷ ପ୍ରତାପ ସାଏନ୍ତ, ସଦସ୍ୟା ସନ୍ଧ୍ୟାରାଣୀ ନାୟକ ଯୋଗଦେଇ ପ୍ରଦର୍ଶନକାରୀଙ୍କୁ ଉତ୍ସାହିତ କରିଥିଲେ। ମୋଟ ୪୦ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଚାରକ ଭାବେ ନଦୀଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ହେମନ୍ତ କୁମାର ସୂତାର, ଦୀପକ ରଞ୍ଜନ ପଣ୍ଡା ଯୋଗଦେଇ ମୂଲ୍ୟାୟନ କରିଥିଲେ। ୨୦ଟି ପ୍ରକଳ୍ପକୁ ସଙ୍କୁଳସ୍ତରକୁ ମନୋନୀତ କରାଯାଇଥିଲା। ଶେଷରେ ବିଶ୍ୱଜିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖର୍ଚ୍ଚ କାଟ କରି ବନ୍ୟା ପ୍ରପୀଡ଼ିତଙ୍କୁ ସାହାଯ୍ୟ କଲେ ଛାତ୍ରୀ



କେରଳ ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ଦେଇଥିବା ଛାତ୍ରୀ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ।

**ଭଣ୍ଡାରିପୋଖରୀ,୨୩।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବଳଦେବଜୀଉ ନୋଡାଲ ଉପ୍ରା ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ହରପ୍ରିୟା ସାମ୍ବଲ କେରଳ ବନ୍ୟା ପ୍ରପୀଡିତଙ୍କ ସାହାଯ୍ୟ ପାଇଁ ନିଜ ବୃତ୍ତି ଅର୍ଥରୁ ୨୫୦ ଟଙ୍କା ଗୁରୁବାର କେରଳ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫପାଣ୍ଠିକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ମାଧ୍ୟମରେ ପଠାଇଛନ୍ତି। ହରପ୍ରିୟା ତାଙ୍କ ପିତା ଗୌତମ ସାମ୍ବଲଙ୍କ ଦ୍ୱାରା ଉତ୍ସାହିତ ହୋଇ ନିଜ ଖର୍ଚ୍ଚ କାଟ କରି ଏହି ଅର୍ଥରାଶି ପଠାଇଛନ୍ତି। ଅତ୍ୟନ୍ତ ଗରିବ ଅନୁସୂଚିତ ଜାତିର ଏହି ପରିବାର କେରଳବାସୀଙ୍କ ଦୁଃଖ ବୁଝିବାରେ ସମର୍ଥ ହୋଇ ସହାୟତା ପ୍ରଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମିତା ମହାନ୍ତି କହିଛନ୍ତି। ଅନୁରୂପ ଭାବେ ମମିତା ମହାନ୍ତି ଗୁରୁବାର ୫୦୦ ଟଙ୍କା କେରଳ ବନ୍ୟା ପ୍ରପୀଡ଼ିତଙ୍କୁ ପାଇଁ ପଠାଇଥିବା ଜଣାଯାଇଛି।

## ମେଗା ଚକ୍ଷୁ ଚିକିତ୍ସା ଶିବିର

**ବନ୍ତ,୨୩।୮(ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ାଠାରେ ଭଦ୍ରକ ଭୂମିକା ହସ୍‌ପିଟାଲ ଓ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ ଜଣ ରୋଗୀଙ୍କ ଆଖିରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଛନ୍ତି। ଚକ୍ଷୁ ଚିକିତ୍ସକ ସୁଜାତା ସ୍ୱାଇଁ ଶିବିରକୁ ଉଦ୍‌ଘାଟନ କରି ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ୩୫ ରୋଗୀଙ୍କୁ ପରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ଚିହ୍ନଟ ୧୦ ଜଣଙ୍କୁ ଅସ୍ତ୍ରୋପଚାର କରିବା ପାଇଁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଭଦ୍ରକ ଭୂମିକା ହସ୍‌ପିଟାଲକୁ ନିଆଯାଇଛି। ଚକ୍ଷୁ ସହାୟକ ବସନ୍ତ କୁମାର ବେହେରା, ପାରାମେଡିକାଲ କର୍ମଚାରୀ ମଧୁ ଜେନା ପ୍ରମୁଖ ସହାୟତା କରିଥିଲେ।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

**ଭଦ୍ରକ ଅଫିସ,୨୩।୮**



ଅପର୍ତ୍ତିବିନ୍ଧା ରାସ୍ତାର ଦୁରବସ୍ଥା।

ଭଦ୍ରକ ପୌରାଞ୍ଚଳ ଅଧୀନ ୧୩ ନମ୍ବର ୱାର୍ଡ ଅପର୍ତ୍ତିବିନ୍ଧା ମୁଖ୍ୟବଜାର ଛକରୁ ଭଦ୍ରକରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ପାଖ ଦେଇ ଅପର୍ତ୍ତିବିନ୍ଧାର ଶେଷସୀମା ପର୍ଯ୍ୟନ୍ତ ଯାଇଥିବା ଦୀର୍ଘ ଦେଢ଼ କି.ମି. ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। ଆଗାମୀ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ରାସ୍ତା ମରାମତି କରା ନ ଗଲେ ଜିଲାପାଳଙ୍କ ଅଫିସ୍ ଘେରାଉ ସହ ଆମରଣ ଅନଶନ କରାଯିବ ବୋଲି ଅପର୍ତ୍ତିବିନ୍ଧାର ବୟୋଜ୍ୟେଷ୍ଠ ନାଗରିକ ଲକ୍ଷ୍ମଣ ମିଶ୍ରଙ୍କ ସମେତ ନବକିଶୋର ସାହୁ, ଆସିମ ଖାଁ, ମୀର ଅନ୍‌ସାର, ଅର୍ଜୁନ ମହାନ୍ତି, ସୁଦର୍ଶନ ବେହେରା, ଅଞ୍ଜନ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ଉକ୍ତ ରାସ୍ତା ଦେଇ ନ୍ୟୁ କଲୋନୀ, ମୀରସାହି, ଶୁଦ୍ର ସାହି, ଯେନା ସାହି ଓ ଗାନ୍ଧୀବାଳା ଆଶ୍ରମ ସମେତ ସ୍ଥାନୀୟ ଅଞ୍ଚଳବାସୀ ଦୈନିକ ସହରକୁ ଯାତାୟାତ କରିଥାନ୍ତି। ଡାକ୍ତରଖାନା, ବ୍ୟାଙ୍କ, କୋର୍ଟ କଚେରି ଆଦି ବିଭିନ୍ନ ଅଫିସ କାମ ସହ ଲୋକେ ଦୈନିକ ବଜାର ସଉଦା କରିବା ପାଇଁ ଏହି ରାସ୍ତା ଦେଇ ଯାଇଥାନ୍ତି। ସ୍କୁଲ, କଲେଜ ଛାତ୍ରୀଛାତ୍ର ମଧ୍ୟ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ସହରକୁ ଯୋଗାଯୋଗ କରିବାର ଏହା ହେଉଛି ଏକମାତ୍ର ରାସ୍ତା। ଉକ୍ତ ରାସ୍ତାର ଅପର୍ତ୍ତିବିନ୍ଧା ଛକଠାରୁ କିଛି ଅଂଶ ଭଦ୍ରକ ପୌରପାଳିକା ଅଧୀନରେ ଥିବାବେଳେ ଅନ୍ୟ ଭାଗ ସାଳନ୍ଦୀ କେନାଲ ଡିଭିଜନ ଅଧୀନରେ ରହିଛି। ବିଭାଗୀୟ ଅଧିକାରୀ ଓ ରାଜନେତାମାନେ ରାସ୍ତା ମରାମତି ଲାଗି ବିଭିନ୍ନ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ।

# ମଧ୍ୟାହ୍ନଭୋଜନରେ ଅଚଳାବସ୍ଥା

**ଧାମନଗର,୨୩।୮(ଡି.ଏନ୍.ଏ.)**

- ୧୮ ବିଦ୍ୟାଳୟକୁ ୩ମାସ ହେବ ଚାଉଳ ଯୋଗାଣ ବନ୍ଦ
- ଧାର ଉଧାରରେ ୧୫ ଶହ ଛାତ୍ରୀଛାତ୍ରଙ୍କୁ ଦିଆଯାଉଛି ଖାଦ୍ୟ
- ବିଇଓଙ୍କୁ ଜଣାଇଲେ ୨ ସିଆରସିସି

ଭଦ୍ରକ ଜିଲା ଧାମନଗର ବ୍ଲକରେ ବିଭିନ୍ନ ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣ ୩ ମାସ ହେବ ବନ୍ଦ ରହିଛି। ସୋମବାର ସୁଦ୍ଧା ଚାଉଳ ଯୋଗାଇ ଦିଆ ନ ଗଲେ ଧାର ଉଧାର କରି ବିଦ୍ୟାଳୟରେ ଆଉ ରୋଷେଇ କରିବା ସମ୍ଭବ ହେବ ନାହିଁ ବୋଲି ଗୁରୁବାର ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଯାଇଛି ।

ଅସୁରାଳୀ ଦେଶବନ୍ଧୁ ସାଧନ କେନ୍ଦ୍ର ଅଧୀନ ସିଆରସିସି ନିରାକାର ରାଉତ ଏବଂ ହୁନକ ମଲ୍ଲିକ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣ ବନ୍ଦ ଘଟଣା ନେଇ ଗୁରୁବାର ବିଇଓ ପବିତ୍ର ମୋହନ ବାରିକଙ୍କୁ ଭେଟି ଏ ବିଷୟରେ ଜଣାଇଛନ୍ତି। ଦେଶବନ୍ଧୁ ସାଧନ କେନ୍ଦ୍ର ଅଧୀନରେ ଥିବା ୧୮ ବିଦ୍ୟାଳୟରେ ପ୍ରାୟ ୧୫ ଶହ ଛାତ୍ରୀଛାତ୍ରଙ୍କୁ ୩ ମାସ ହେବ ଧାର ଉଧାର କରି ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ଶିକ୍ଷକମାନେ ଆଉ ଅଧିକ ଦିନ ଏହାକୁ ଜାରି ରଖି ପାରିବେ ନାହିଁ। ଏ କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହେଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସିଆରସିସିମାନେ କହିଛନ୍ତି। ଉଲ୍ଲେଖନୀୟ ଯେ, ପୋଲିସ ପକ୍ଷରୁ ଏଠାକାର ଦୁଇଟି ସ୍ଥାନରୁ ୨୬୦ ଏବଂ ୩୧୯ ବସ୍ତା ଚାଉଳ ଜବତ ହେବା ପରେ ଧାମନଗର ବ୍ଲକରେ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ଅନିୟମିତତା ପଦାକୁ ଆସିଥିଲା। ସେବେଠାରୁ ବିଭିନ୍ନ ବିଦ୍ୟାଳୟକୁ ଚାଉଳ ଯୋଗାଣ ବନ୍ଦ ରହିଛି। ଚାଉଳ ଜବତ ଘଟଣାର ଅସଲ ଗୁମର ଏଯାଏ ଫିଟି ନ ଥିବା ବେଳେ ପୋଲିସ ତଦନ୍ତରେ ଶିଥିଳତା, ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନହେବା, ଜବତ ଚାଉଳ କୁଆଡେ ଗଲା ସେ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଲାଗି ରହିଛି।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ବୈଠକ

**ଭଦ୍ରକ ଅଫିସ,୨୩।୮ :** ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ସାଧାରଣ ବୈଠକ ଭଦ୍ରକ ସ୍ଥିତ ବାଲ ଗୋପାଲ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ଏଥିରେ ଅଧକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିକଟରେ ପ୍ରାର୍ଥନା କରାଯାଇଥିଲା । ବୈଠକର ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା, ଶ୍ରୀମନ୍ଦିରରେ ନିୟୋଜିତ ସେବାୟତ ସଂଖ୍ୟା ନିର୍ଣ୍ଣୟ ଏବଂ ଭକ୍ତଙ୍କ ଠାରୁ ଯୋର ଜୁଲମ ମରି ଦକ୍ଷିଣା ଆଦାୟ କରାଯିବା ସମ୍ପର୍କିତ ତିନୋଟି ପ୍ରସ୍ତାବ ଗ୍ରହଣ କରାଯାଇ ଶ୍ରୀମନ୍ଦିର ସଂସ୍କାର କମିଶନର ଓ ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ପଠାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ପ୍ରଚାର ସମିତିର ବାର୍ଷିକ ମୁଖପତ୍ର 'ନୀଳ କନ୍ଦର' ପ୍ରକାଶନ ସମ୍ପର୍କିତ ଆଲୋଚନା କରାଯାଇଥିଲା। ବୈଠକରେ ଆବାହକ ଶରତ କୁମାର ସାହୁ, ଶରତ କୁମାର ମହାନ୍ତି, ପଦ୍ମଲୋଚନ ମହାପାତ୍ର, ହରିହର ଦାସ, ପ୍ରଫୁଲ୍ଲ ପରିଡା, କୃଷି କବି ଅରୁଣ କୁମାର ପାତ୍ର, ନାରାୟଣ ଚନ୍ଦ୍ର ପ୍ରଧାନ, ବାବୁଲାଲ ଦାସ, ଲକ୍ଷ୍ମୀଧର ଖଟୁଆ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ଛେଳି ଫସଲ ଖାଇବାକୁ କେନ୍ଦ୍ରକରି ମହିଳାଙ୍କୁ ଆକ୍ରମଣ

**ଭଦ୍ରକ ଅଫିସ,୨୩।୮:** ବିଲରେ ପଶି ଛେଳି ଫସଲ ଖାଇବା ଘଟଣାକୁ କେନ୍ଦ୍ରକରି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଜଗଦଳପୁର ଗ୍ରାମରେ ଗଣ୍ଡଗୋଳ ଘଟିଛି। ଫସଲ ନଷ୍ଟ ଘଟଣାକୁ ବିରୋଧ କରୁଥିବା ପଦ୍ମାବତୀ ଦାସ ନାମ୍ନୀ ଜଣେ ମହିଳାଙ୍କୁ କେତେକ ଲୋକ ବୁଧବାର ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ଭଦ୍ରକ ଜିଲା ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରୁଥିବା କହିଛି।

# ବିପଦସଙ୍କୁଳ ପୁରାତନ ପ୍ରାଥମିକ ବିଦ୍ୟାଳୟ

**ପଦ୍ମପୁର,୨୩।୮(ଡି.ଏନ.ଏ.)**

**ବାରଣ୍ଡାରେ ୬୧ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ**

ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ଗ୍ରାମର ପୁରାତନ ପ୍ରାଥମିକ ବିଦ୍ୟାଳୟ ବିପଦସଙ୍କୁଳ ସ୍ଥିତିରେ ରହିଛି। ଏହାର ଛାତ ଭାଙ୍ଗିଯାଇ ପଲସ୍ତରା ଖସିପଡିଲାଣି। ୧୯୫୪ ରୁ ନିର୍ମିତ ଏହି ପୁରାତନ ପ୍ରାଥମିକ ବିଦ୍ୟାଳୟର ଜରାଜୀର୍ଣ୍ଣ ଅବସ୍ଥା ଯୋଗୁ ଛାତ୍ରୀଛାତ୍ରଙ୍କୁ ଏହାର ବାରଣ୍ଡାରେ ବସାଇ ପାଠ ପଢାଯାଉଛି । ଶିକ୍ଷା ବିଭାଗ ତରଫରୁ ଏଯାଏ ଏହି ଜରାଜୀର୍ଣ୍ଣ ବିଦ୍ୟାଳୟକୁ ଅସୁରକ୍ଷିତ ଘୋଷଣା କରାଯାଇନାହିଁ।

ଉଲ୍ଲେଖନୀୟ ଯେ, କିଛିଦିନ ତଳେ ବିଦ୍ୟାଳୟର ଛାତ ପଲସ୍ତରା ଖସିବାରୁ ପ୍ରଧାନଶିକ୍ଷକ ପ୍ରଭାତ କୁମାର ମଣ୍ଡଳ ଆଘାତପ୍ରାପ୍ତ ହୋଇଥିଲେ। ଏଭଳି ପରିସ୍ଥିତିରେ ଶ୍ରେଣୀଗୃହରେ ପିଲାଙ୍କୁ ବସାଇ ପାଠ ପଢାଇବା ସକାଶେ ଅଭିଭାବକମାନେ ରାଜି ହୋଇ ନ ଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପରିଚାଳନା କମିଟି କର୍ମକର୍ତ୍ତା ବ୍ଲକ ଶିକ୍ଷା ବିଭାଗ ଅଧିକାରୀଙ୍କୁ ବହୁବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କିଛି ପ୍ରତିକାର କରାଯାଇ ନାହିଁ। ଏହି ଶିକ୍ଷାନୁଷ୍ଠାନରେ ପଢୁଥିବା ୬୧ ଛାତ୍ରୀଛାତ୍ରଙ୍କ ପାଇଁ ଗୋଟିଏ ମାତ୍ର ଶ୍ରେଣୀ ଗୃହ ରହିଛି। ନିରାପତ୍ତା ଦୃଷ୍ଟିରୁ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଏବେ ବାରଣ୍ଡାରେ ବସାଇ ଶିକ୍ଷାଦାନ କରୁଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାରାୟଣ ମଲିକଙ୍କୁ ପଚାରିବାରୁ ଭାଙ୍ଗିଯାଇଥିବା ବିଦ୍ୟାଳୟ ଗୃହକୁ ଅସୁରକ୍ଷିତ ଘୋଷଣା କରାଯାଇ ନୂତନ ଶ୍ରେଣୀଗୃହ ନିର୍ମାଣ ଲାଗି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଇନ୍‌ଟାକର କୁଇଜ୍ ପ୍ରତିଯୋଗିତା।

# ରାଜ୍ୟସ୍ତରକୁ ୨ ମନୋନୀତ

**ଭଦ୍ରକ ଅଫିସ,୨୩।୮**



ଆୟୋଜିତ କୁଇଜ ପ୍ରତିଯୋଗିତା।

ଭଦ୍ରକ ଇନ୍‌ଟାକ ଶାଖା ଦ୍ୱାରା ଜିଲାସ୍ତରୀୟ ସର୍ବଭାରତୀୟ ଐତିହ୍ୟ କୁଇଜ୍ ପ୍ରତିଯୋଗିତା କନ୍‌ଭେନର ଦିଗମ୍ବର ମହାନ୍ତିଙ୍କ ନିର୍ଦ୍ଦେଶରେ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ଜିଲାର ୯ଟି ହାଇସ୍କୁଲର ୬୮ ଛାତ୍ରୀଛାତ୍ର ୩୪ ଟିମ୍‌ରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଗୋଟିଏ ଟିମ୍‌ର ୨ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସହକନ୍‌ଭେନର ପ୍ରଭାକର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଡା. କମଳାକାନ୍ତ ଜେନା କୁଇଜ୍ ମାଷ୍ଟର ଭାବେ ଲିଖିତ ଓ ମୌଖିକ କୁଇଜ୍ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଇନ୍‌ଟାକ ଶାଖାର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚୟନ ହୋଇଥିବା କୃତୀ ପ୍ରତିଯୋଗୀ ଆସନ୍ତା ୮ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଇନ୍‌ଟାକର ଭଦ୍ରକ ଶାଖାର ବାର୍ଷିକ ଉତ୍ସବରେ ଶ୍ରେଷ୍ଠ ୪ ଦଳର ୮ଜଣଙ୍କୁ ପୁରସ୍କୃତ କରାଯିବ।

### ପ୍ରସ୍ତାବିତ ଜେଲ ସ୍ଥାନ ବୁଲି ଦେଖିଲେ ଡିଆଇଜି

**ଭଦ୍ରକ ଅଫିସ,୨୩।୮**

ଭଦ୍ରକ ତହସିଲ ଅଧୀନ ବହୁଦରଡା ନିକଟରେ ନୂତନ ଉପକାରାଗାର ନିର୍ମାଣ କରାଯିବାକୁ ପ୍ରଶାସନିକ ସ୍ତରରେ ସ୍ଥିର କରାଯାଇଛି। ଏଥିପାଇଁ ଗୁରୁବାର କଟକ ରେଞ୍ଜ ଡିଆଇଜି ନିରଞ୍ଜନ ଦାସ ଓ ଜେଲ ବିଭାଗ ଡିଆଇଜି ଗୋପବନ୍ଧୁ ମଲିକ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ତହସିଲଦାର ପ୍ରଦୀପ ସାହୁ, ଭଦ୍ରକ ଜେଲର ଚିନ୍ମୟ ପାତ୍ର ପ୍ରମୁଖ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ଉଲ୍ଲେଖନୀୟ ଯେ, ପୂର୍ବରୁ ଅମରଗଡିଆ ନିକଟରେ ଜେଲ ନିର୍ମାଣ କରାଯିବ ବୋଲି ଦୀର୍ଘ ୪ ବର୍ଷ ବିତିଯାଇଥିଲେ ମଧ୍ୟ ବୈଷୟିକ ସମସ୍ୟା କାରଣରୁ ସେଠାରେ ଜେଲ ନିର୍ମାଣ ଲାଗି ସ୍ଥିର ହୋଇପାରି ନ ଥିଲା। ଏବେ ବହୁଦରଡା ନିକଟରେ ୨୦ ଏକର ଜମିରେ ଉପକାରାଗାର ନିର୍ମାଣ ସକାଶେ ସ୍ଥାନ ଚିହ୍ନଟ କରାଯାଇଛି। ଏହି ପରିଦର୍ଶନ ବେଳେ ଭଦ୍ରକ ବିଧାୟକ ପ୍ରତିନିଧି ରାଧାକାନ୍ତ ସାମଲ ଓ ସ୍ଥାନୀୟ ସରପଞ୍ଚ ମୁକୁନ୍ଦଦେବ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

**ଭଦ୍ରକ ଅଫିସ,୨୩।୮**

ଭଦ୍ରକ ଜିଲା ପ୍ରଶାସନ ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକସ୍ତରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଭଦ୍ରକ ଜିଲାର ୭ଟି ବ୍ଲକରେ ଏହି କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଆରମ୍ଭ ହୋଇ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ଭଣ୍ଡାରିପୋଖରୀ ବ୍ଲକର ମାଳଦା ପଞ୍ଚାୟତ ଜଳହରିଠାରେ ସରସ୍ୱତୀ ଉଚ୍ଚ ବିଦ୍ୟାପୀଠ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ୩୦ ତାରିଖରେ ଧାମନଗର ବ୍ଲକର ଦୋବଲ ହାଇସ୍କୁଲ, ସେପ୍ଟେମ୍ବର ୬ରେ ବାସୁଦେବପୁରର ଇରମ ଶହୀଦ ମେମୋରିଆଲ ହାଇସ୍କୁଲ, ୧୨ରେ ଭଦ୍ରକର ଚରମ୍ପା ଆର୍‌ସିବିଏଲ୍ ସ୍କୁଲ, ୨୦ରେ ବନ୍ତର ନିଳକ ଆଦର୍ଶ ବିଦ୍ୟାଳୟ, ଅକ୍ଟୋବର ୪ ରେ ଚାନ୍ଦବାଲି ଗୋପୀନାଥପୁର ହାଇସ୍କୁଲ ଏବଂ ୧୧ ତାରିଖରେ ତିହିଡ଼ି ବ୍ଲକ ବିଲଣା ହାଇସ୍କୁଲ ପରିସରରେ ଶିବିର ଅନୁଷ୍ଠିତ ହେବ ବୋଲି ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ମୟୂରଭଞ୍ଜ

### ଛାତ୍ରଙ୍କୁ ମାଡ଼ ଅଭିଯୋଗ

**ବାରିପଦା ଅଫିସ,୨୩।୮:** ବାରିପଦା ତକତପୁରସ୍ଥିତ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଗୁରୁବାର ସେହି ବିଶ୍ୱ ବିଦ୍ୟାଳୟର ଅନ୍ୟ ଛାତ୍ରମାନେ ମାଡ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବିଶ୍ୱବିଦ୍ୟାଳୟର ପିଜି ବିଭାଗ ପ୍ରଥମ ବର୍ଷର ଛାତ୍ର ଅମରଜ୍ୟୋତି ମିଶ୍ର ଏନେଇ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅମରଜ୍ୟୋତିଙ୍କ ଅଭିଯୋଗ ମୁତାବକ ପୂର୍ବତନ ଛାତ୍ର ସଂସଦ ସଭାପତିଙ୍କ ସମେତ ୩ ଜଣ ତାଙ୍କୁ ଧମକ ଚମକ ଦେବା ସହ ମାଡ ମାରିଥିଲେ। ସେଠାରୁ ସେ କୌଶଳ କ୍ରମେ ଖସିଯାଇ କୁଳପତିଙ୍କ ନିକଟରେ ଓ ଏନେଇ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ବେଳେ ଏହା ଏକ ରାଜନୈତିକ ବିବାଦ ବୋଲି ଚର୍ଚ୍ଚା ହେଉଛି।

# ଉଦଳା ବଣିକ ସଂଘ ନିର୍ବାଚନ ପ୍ରଚାର ଜୋରଦାର

**ଉଦଳା, ୨୩।୮ (ଡି.ଏନ.ଏ.)**

- ୫ ପଦବୀ ପାଇଁ ୧୨ ପ୍ରାର୍ଥୀ
- ସେପ୍ଟେମ୍ବର ୨ ରେ ନିର୍ବାଚନ

ମୟୂରଭଞ୍ଜ ଜିଲା ଉଦଳା ବଣିକ ସଂଘର ତ୍ରିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଅନୁଷ୍ଠିତ ହେବ । ପୂର୍ବ ବିଜ୍ଞପ୍ତି ଅନୁଯାୟୀ ମନୋନୟନ ପତ୍ର ଦାଖଲ, ଯାଞ୍ଚ, ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସଭାପତି ପଦରେ ୩ ଜଣ, ଉପସଭାପତି ୨ ଜଣ, ସମ୍ପାଦକ ୩ ଜଣ, ସହ ସମ୍ପାଦକ ୨ ଜଣ ଏବଂ କୋଷାଧ୍ୟକ୍ଷ ପଦବୀରେ ୨ ଜଣ ଲେଖାଏଁ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଉଭା ହୋଇଛନ୍ତି । ସର୍ବୋପରି ୫ ପଦବୀ ପାଇଁ ୧୨ ଜଣ ପ୍ରାର୍ଥୀ ଛିଡା ହୋଇଥିବା ନିର୍ବାଚନ ଦାୟିତ୍ୱରେ ଥିବା ଉଦଳା ବାର ଆସୋସିଏସନର ସମ୍ପାଦକ ଆଇନଜୀବି ବସନ୍ତ କୁମାର ପରିଡା ସୂଚନା ଦେଇଛନ୍ତି । ସମସ୍ତ ପଦବୀ ପାଇଁ ଛିଡା ହୋଇଥିବା ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି । ଏହି ନିର୍ବାଚନରେ ମୋଟ ୧୨୫୪ ଜଣ ଭୋଟର ସେମାନଙ୍କର ମତଦାନ କରିବେ। ସଭାପତି ପଦବୀରେ ସୋମନାଥ ସାହୁ, ଯାତ୍ରା ଅଭିନେତା ସନ୍ତୋଷ କୁମାର ବେହେରା, ରବିନ୍ଦ୍ର କୁମାର ପରିଡା ପ୍ରାର୍ଥୀ ହୋଇଥିବା ବେଳେ ଉପସଭାପତି ଗଣେଶ୍ୱର ବାରିକ, ମନୋରଞ୍ଜନ ସେନାପତି ପ୍ରାର୍ଥୀ ହୋଇଛନ୍ତି । ସେହିଭଳି ସଂପାଦକ ପଦବୀ ପାଇଁ ନରେଶ ଚନ୍ଦ୍ର ସାହୁ, ଧୀରେନ୍ଦ୍ର ଖଣ୍ଡେଲୱାଲ ଏବଂ ରତ୍ନାକର ବେହେରା ପ୍ରାର୍ଥୀ ହୋଇଥିବା ବେଳେ ସହ ସମ୍ପାଦକ ଭାବେ କିଶୋର ବେହେରା ଏବଂ ଶେଷଧର ପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ତାଛଡା କୋଷାଧ୍ୟକ୍ଷ ଭାବେ ମୃଗାଙ୍କ ମହାନ୍ତି ଏବଂ ନିଳାଦ୍ରି ବିହାରୀ ସିଂହ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ଜଣାପଡିଛି ।

### ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର

**ବଡ଼ସାହି,୨୩।୮(ସ୍ୱ.ପ୍ର)**

ବଡ଼ସାହି ଥାନା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତଜଣକ ହେଲେ ସାନ୍ତନୁ ନାଏକ(୪୦) । ବୁଧବାର ନାବାଳିକାଙ୍କ ମା' ବିଲକୁ କାମ କରିବା ପାଇଁ ଯାଇଥିବା ସମୟରେ ନାବାଳିକା ଜଣକ ଏକୁଟିଆ ଘରେ ଥିଲେ । ଏହାର ସୁଯୋଗ ନେଇ ସାନ୍ତନୁ ତାଙ୍କ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଉକ୍ତ ସମୟରେ ନାବାଳିକାଙ୍କ ୨ ଭଉଣୀ ପହଞ୍ଚି ଚିତ୍କାର କରିବାରୁ ଅଭିଯୁକ୍ତଜଣକ ସେଠାରୁ ଖସି ପଳାଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ ୧୨୧/୧୮) ରୁଜୁ କରି ଉଭୟଙ୍କର ଡାକ୍ତରୀ ମାଇନା କରାଇଛି । ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଦକ୍ଷତା ବୃଦ୍ଧି ତାଲିମ ଶିବିର


ଶିବିରରେ ଉପସ୍ଥିତ ଅତିଥି ମାନେ ।

**କପ୍ତିପଦା୨୩।୮(ଡି.ଏନ୍.ଏ.)**

କପ୍ତିପଦା ରେଞ୍ଜ ଅଧିନରେ ଥିବା ୨୪ଟି ବନ ସୁରକ୍ଷା ସମିତିର ସଦସ୍ୟାସଦସ୍ୟଙ୍କୁ ନେଇ ଏକ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବାରିପଦା ବନଖଣ୍ଡ ସହକାରୀ ବନ ସଂରକ୍ଷକ ବିନୋଦ ବିହାରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ସଦସ୍ୟାସଦସ୍ୟଙ୍କୁ ଅବଗତ କରିଛନ୍ତି । ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨କୁ ବନ ସୁରକ୍ଷା ସମିତି ସ୍ତରରେ କିପରି ସଫଳତାର ସହିତ କାର୍ଯ୍ୟକାରୀ କରାଯିବ ଓ ଲୋକମାନେ କିପରି ବିଭିନ୍ନ ପ୍ରକାର ଆୟ ବୃଦ୍ଧିକାରୀ ପନ୍ଥା ଅବଲମ୍ବନ କରି ଆର୍ଥିକ ଦିଗରେ ନିଜକୁ ସୁଦୃଢ଼ କରି ପାରିବେ ସେ ସମ୍ପର୍କରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂ, ଖଣ୍ଡିୟ ପରିଚାଳନା ଏକକ ଅଜିତ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଭିଭାଷଣ ଦେଇଥିଲେ । ବନପାଳ ଶୋଭାକର ସିଂ, କ୍ଷେତ୍ର ସଂଯୋଜକ ସୁଶାନ୍ତ ବାରିକ୍, ଅତସି ସେନାପତି, ଅଶ୍ୱିନୀ କୁମାର ବେହେରା, ଦୀପକ୍ କୁମାର ସାମଲ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# କଂଗ୍ରେସର ବ୍ଲକ କାର୍ଯ୍ୟକାରିଣୀ

**ଭଞ୍ଜକିଆ,୨୩।୮(ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା ରରୁଆଁ ହାଟପଡିଆ କମ୍ୟୁନିଟି ସେଣ୍ଟରରେ ପ୍ରଦେଶ କଂଗ୍ରେସ୍ କମିଟିର ବ୍ଲକ୍ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଥ୍‌ସ୍ତରୀୟ କମିଟି ଗଠନ କରି ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ଦିଗରେ ଆଲୋଚନା କରାଯାଇଥିଲା। ଯଶିପୁର ନିର୍ବାଚନ ମଣ୍ଡଳୀର ପ୍ରଦେଶ କଂଗ୍ରେସ୍ କମିଟି ସଦସ୍ୟ ପ୍ରକାଶ ଚନ୍ଦ୍ର ମହାନ୍ତି ଓ କବୀର ଦାସ, ଜୋନ୍ ସଭାପତି ଗୌରାଙ୍ଗ ଗିରି, ଦେବେନ୍ଦ୍ର ପିଙ୍ଗୁଆ, ଯଶିପୁର ବ୍ଲକ୍ ସଭାପତି ମହେନ୍ଦ୍ର ନାଏକ, ଉପସଭାପତି ରଜତ ବାରିକ, ଶୁକ୍ରୁଳି ବ୍ଲକ୍ କଂଗ୍ରେସ୍ ସଭାପତି ଘାସିରାମ ନାଏକ, ରରୁଆଁ ବ୍ଲକ୍ ସଭାପତି ଅଶୋକ ହିନ୍ଦୁଆର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ୧୨ଟି ପଞ୍ଚାୟତର କଂଗ୍ରେସ୍ ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଗୋଡାପଳସା ପଞ୍ଚାୟତର ସୁଦର୍ଶନ ନାୟକ, ନିୟୁନ୍ତି ପଞ୍ଚାୟତର ମଧୁସୂଦନ ହେମ୍ବ୍ରମ୍, ଭଞ୍ଜକିଆର ବିଦ୍ୟାଧର ବାରିକ, ତିଳକୁଟୀର କୃଷ୍ଣଚନ୍ଦ୍ର ତିରିଆ, ରରୁଆଁର ବାବୁଲି ନାଏକ, ଅଙ୍ଗାରପଦାର ବିବେକା ମହାନ୍ତ, ବୈଦ୍ୟନାଥର ନରେଶ ନାୟକ, ନୂଆଗାଁ କଳାକର ନାଏକ, ପାନପତ୍ରିଆ ପଞ୍ଚାୟତର ଗୁରୁଚରଣ ସଏ, ବୁଡାମରା ପଞ୍ଚାୟତର ବିଭୂତି ବାରିକ, ଘାଗରବେଡାରେ ଏମ୍‌ଡି ହାଲିମ୍ ଓ ନରଷଣ୍ଡା ପଞ୍ଚାୟତରେ ରାଜେନ୍ଦ୍ର ନାଏକ ମନୋନୀତ ହୋଇଥିବା ଜଣାପଡିଛି।

### କୃଷକଙ୍କୁ ପେନସନ ଦାବିରେ ବିକ୍ଷୋଭ ସମାବେଶ

**ରାଇରଙ୍ଗପୁର, ୨୩।୮ (ଡିଏନଏ)**

ମୟୂରଭଞ୍ଜ ଜିଲା ଭାରତୀୟ କମ୍ୟୁନିଷ୍ଟ ଶାଖା ପକ୍ଷରୁ ଗୁରୁବାର ତିରିଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିକୁ ନେଇ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଥିଲା। ମହାନଦୀ ଜଳ ସମସ୍ୟା, କୃଷିଋଣ ଛାଡ, କୃଷକଙ୍କୁ ପେନସନ ପ୍ରଦାନ, ଦରବୃଦ୍ଧି ସମେତ କେତେକ ସମସ୍ୟା ପରେ ଆନ୍ଦୋଳନକାରୀ ନେତୃବୃନ୍ଦ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଦାୟୀ କରି ତୀବ୍ର ସମାଲୋଚନା କରିଥିଲେ। ଏହି ବିକ୍ଷୋଭରେ ସିପିଆଇ(ଏମ୍)କମ୍ୟୁନିଷ୍ଟ ଦଳ ମୟୂରଭଞ୍ଜ ଶାଖା ପରିଷଦର ସମ୍ପାଦକ ଯୋଗବନ୍ଧୁ ମିଶ୍ର ଏବଂ ସହସମ୍ପାଦକ ପ୍ରଶାନ୍ତ ମିଶ୍ର, ତିରିଙ୍ଗ ବ୍ଲକ ଜୋନର ଦଳୀୟ ବରିଷ୍ଠ ନେତା ତଥା ସମ୍ପାଦକ ତ୍ରିନାଥ ପାତ୍ର, ମହିଳା ନେତ୍ରୀ ପାର୍ବତୀ ଦାସ ମୋଚି ପ୍ରମୁଖ ଯୋଗ ଦେଇଥିଲେ। ବିକ୍ଷୋଭକାରୀଗଣ ତିରିଙ୍ଗ ବ୍ଲକ ପରିସର ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର


@ ରୂପାଲି


@ ସୀତାଂଶୁ


@ ଫୈଜଲ୍



@ ଦେବ୍


@ ଅବନ୍ତିକା


@ ମନୋଜ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଉଦ୍‌ଯାପିତ




ନୀଳଗିରି, ୨୩।୮(ଡି.ଏନ.ଏ.): ନୀଳଗିରି ସହରସ୍ଥିତ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଜିଲା ଶିକ୍ଷାଧିକାରୀ ହୃଷିକେଶ କାଣ୍ଡିଙ୍କ ଅଧକ୍ଷତାରେ ଗୁରୁବାର ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ତହସିଲଦାର ମନୋରମା ଭୂୟାଁ ସମାଜକୁ ଦିଗଦର୍ଶନ ଦେବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ବିଡିଓ ରାମଦାସ ଟୁଡୁ ଓ ଦୀପ୍ତିକାନ୍ତ ମହାପାତ୍ର ମତବ୍ୟକ୍ତ କରିଥିଲେ। ଖଇରା ବିଇଓ ଧରଣୀଧର ପାତ୍ର, ସିମୁଳିଆର ମାୟାଧର ସାହୁ, ଏସସିଇଆରଟି ସାଧନ କର୍ମୀ ବିଦ୍ୟାଧର କମିଳା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ନାୟକ, ଅବସରପ୍ରାପ୍ତ ମେଜର ସିରିଶ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ଗିରିଙ୍କ ତତ୍ତ୍ୱାବଧାନ ତଥା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ସହଯୋଗ କରିଥିଲେ। ଏହି ଅବସରରେ କେସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅନନ୍ତ ରଣା, ଓଷ୍ଟାର ଜିଲା ଓ ବ୍ଲକ ସମ୍ପାଦକ ସମେତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧମିକ ବିଦ୍ୟାଳୟର ୨୪୦ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# ଡାକ୍ତର ପଦବୀ ପୂରଣ, କୋର୍ଟ ପ୍ରତିଷ୍ଠା ଦାବି ତେଜିଲା

**ବସ୍ତା,୨୩।୮(ସ୍ୱ.ପ୍ର.)**

ବସ୍ତାରେ ବହୁ ବର୍ଷ ଧରି ପ୍ରସ୍ତାବିତ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ କୋର୍ଟ କାର୍ଯ୍ୟକାରୀ ହେବା ଏବଂ ମେଡ଼ିକାଲରେ ଡାକ୍ତର ଅଭାବ ସମସ୍ୟାର ପ୍ରତିକାର ଦାବି ନେଇ ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ଭାଜପା ପକ୍ଷରୁ ଗଣଧାରଣା ଆନ୍ଦୋଳନ ଦିଆଯିବ। ଏନେଇ ଭାଜପା ଜାତୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରା ଗୁରୁବାର ସ୍ଥାନୀୟ ଡାକବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଭାଜପା ପକ୍ଷରୁ ଦର୍ଶାଯାଇଛି ଯେ, ବିଗତ ୧୦ବର୍ଷ ଧରି ବସ୍ତା ପୋଲିସ ସବ୍‌ଡିଭିଜନ ଅଞ୍ଚଳକୁ ନେଇ ଏକ ବିଚାର ବିଭାଗୀୟ କୋର୍ଟ ପ୍ରତିଷ୍ଠା ପାଇଁ ସରକାରୀ ନିଷ୍ପତ୍ତି ସାଙ୍ଗକୁ ଆଇନ ମନ୍ତ୍ରାଳୟର ସ୍ୱୀକୃତି ପାଇଛି। ଅପାରଗ ଜନପ୍ରତିନିଧି ଓ ରାଜ୍ୟସରକାରଙ୍କର ବସ୍ତାବାସୀଙ୍କ ପ୍ରତି ବୈମାତୃକ ମନୋଭାବ ଯୋଗୁ ଅଦ୍ୟାବଧି

**୧ ରେ ଭାଜପାର ଗଣଧାରଣା**




ଖବରଦାତା ସମ୍ମିଳନୀରେ ଅତିଥି।

| Sl. No. | Description of Materials | Cost of tender specification (in Rs.) (Nonrefundable) | Period of sale of tender specification | Last date & time for submission of tender | Due date & Time for opening of tender | EMD (in Rs.) |
|---|---|---|---|---|---|---|
| 1 | "Repair and Re-tubbing of 06 Nos. of (BHEL make) Hydro Generator Air Coolers. | Rs.7080/- (Rs. 6000/- + GST @ 18%) | Dt. 29.08.2018 to Dt. 11.09.2018 upto 1:00 PM | Dt. 11.09.2018 up to 4 PM | Dt. 11.09.2018 up to 4.30 PM | 1% of quoted value |

For further details, Terms & Conditions download the tender documents, please visit our website **www.ohpcltd.com**.
04002/11/0049/1819
`Unit Head, Upper Kolab HEP, OHPC Limited, Bariniput

**GOVERNMENT OF ODISHA** No.405-B
**OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR**
Mail ID: - sepwdsbp@rediffmail.com, Fax & Ph. No. 0663-2412303

## e - Procurement

**BID IDENTIFICATION No SENC(R&B) /06/ 2018-19**

No. 2229 Dtd.18.08.2018

1. The **Superintending Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for execution of Road works as detailed in the DTCN from the eligible class of contractors.
2. No. of works **09 (Nine) Nos. Road Works**
3. Tender Cost: **Rs. 10,000.00**
4. Class of contractor: **"B" Class, "A" Class & "Special" Class**
5. Date & Time of available in website & receipt of Bids from **25.08.2018 to 17.00 hours of 10.09.2018**
6. Date of opening of Technical Bid **15.09.2018 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in**.
8. Any corrigendum / Addendum will be displayed in the website **www.tendersodisha.gov.in**.

Superintending Engineer
Northern (R&B) Circle, Sambalpur

34035/11/0009/1819

**GOVERNMENT OF ODISHA, OFFICE OF THE SUPERINTENDING ENGINEER, RURAL WORKS CIRCLE, KENDRAPARA-JAJPUR,** e-mail:- serw_kpd@yahoo.com

Letter No.- 1051 Date :- 20.08.2018

634-O

## 1st Corrigendum Notice

**to Bid Identification No. Tender Online RCK - 07/ 18**
Letter No.- 956, Dated 06.08.2018

I) Period of availability of tenders on-line/ Date of time of bidding on-line/last date of seeking clarification/ Date of opening of tender papers:

The details are revised as follows:

| Procurement Officer | Bid Identification No. | Availability of Tender on-line for bidding upto | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|
| | | | | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Circle, Kendrapara-Jajpur | Tender Online RCK - 07/18 | 04.09.2018 upto 5.00 PM | 01.09.2018 upto 2.00 PM | 05.09.2018 at 11.00 AM | 12.09.2018 to 11.00 AM |

25129/11/0014/1819 *Sd./- Superintending Engineer, Rural Works Circle, Kendrapara-Jajpur*

# ଓଡ଼ିଶା ସରକାର
# ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଭୂ-ଅର୍ଜନ(ସିଭିଲ) ଉପ-ବିଭାଗ

## ଘୋଷଣା

File No.COL/JAJ/VIIL-38/2018/449/LA(Civil)dated 24.07.18

No.-XXIV-49: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ପାରିପାଲେଇ, ଥାନା- ବଡଚଣା ନଂ.-୧୨୨୭, ତହସିଲ- ଦର୍ପଣ, ଜିଲ୍ଲା- ଯାଜପୁରରେ ନିମ୍ନ ସୂଚିତ 'କ' କଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ହରିଦାସପୁର-ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୯୬୦୬/ରା.ବି.ପ୍ରା ତା୦୬।୦୯।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ପାରିପାଲେଇ**, ଥାନା- ବଡଚଣା ନଂ.-୧୨୨୭, ତହସିଲ- ଦର୍ପଣ, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ହରିଦାସପୁର- ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ, ନାନପୁର, ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ଯାଜପୁର ତହସିଲ : ଦର୍ପଣ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପାରିପାଲେଇ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୩.୫୮୬ | ଏ.୦.୫୨୦ | ଏଥି ସହିତ ସଂଲଗ୍ନ ଅଛି |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ଯାଜପୁର ତହସିଲ : ଦର୍ପଣ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୨୪.୦୪.୧୮ ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଯାଜପୁର

**ଭୂମି ଅନୁସୂଚୀ**

ମୌଜା- ପାରିପଲେଇ ଥାନା- ବଡଚଣା ଥାନା ନଂ.- ୧୨୨୭
ତହସିଲ- ଦର୍ପଣ ହାଲ୍ ଥାନା- ବାଲିଚନ୍ଦ୍ରପୁର ଜିଲ୍ଲା- ଯାଜପୁର

| ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା ଏକରରେ | ଅଧିକୃତ ରକବା ଏକରରେ | ଜମିର କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୨୭ | ୧୮୪୬ | ୦.୨୨୯ | ୦.୦୨୫ | ଚକ ଶାରଦ | ଉପେନ୍ଦ୍ର କୁମାର ଦାସ, ବ୍ରଜ ସୁନ୍ଦର ଦାସ, ରବୀନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ନୃସିଂହ ଚରଣ ଦାସ, ପି- ଉମାଚରଣ ଦାସ, ସତ୍ୟଭାମା ଦାସ, ସ୍ୱା- ଉମାଚରଣ ଦାସ, ଜା- କରଣ, ସା- ନିଜଗାଁ |
| ୧୯୫ | ୧୮୩୦ | ୦.୨୪୭ | ୦.୦୯୦ | ଚକ ଶାରଦ | କେଶବଚନ୍ଦ୍ର ବେହେରା, ପି- ଗୋବିନ୍ଦଚନ୍ଦ୍ର ବେହେରା, ଜା- ତନ୍ତି, ସା- ନିଜଗାଁ |
| ୩୧୯ | ୧୮୨୨ | ୦.୨୫୦ | ୦.୦୪୫ | ଚକ ଶାରଦ | ଦଇତାରୀ ଘଡେଇ, ପି- ଭଜି ଘଡେଇ, ଚଞ୍ଚଳା ଘଡେଇ, ସ୍ୱା- ଦଇତାରୀ ଘଡେଇ, ରମେଶ ଘଡେଇ, ପି- ପାଣ୍ଡୁ ଘଡେଇ, ଜା-ତନ୍ତି, ସା- ନିଜଗାଁ |
| ୫୦୧ | ୧୮୨୪ | ୦.୨୨୭ | ୦.୦୨୫ | ଚକ ଶାରଦ | ମଣି ଘଡେଇ, ପି- ବାଞ୍ଛୁ ଘଡେଇ, ଜା- ତନ୍ତି, ସା- ନିଜଗାଁ |
| ୫୪୦ | ୧୮୪୫ | ୦.୪୨୧ | ୦.୦୩୫ | ଚକ ଶାରଦ | ମୁରଲୀଧର ଘଡେଇ, ପି- ଚକ୍ରଧର ଘଡେଇ, ଝୁଲଣା ଘଡେଇ, ପି- ଗଣି ଘଡେଇ, ଜା- ତନ୍ତି, ସା- ନିଜଗାଁ |
| ୬୦୯ | ୧୮୪୮ | ୦.୧୬୩ | ୦.୦୨୦ | ଶାରଦ | ଲକ୍ଷ୍ମୀ ବାରିକ, ପି- ଶତ୍ରୁଘ୍ନ ବାରିକ, ଜା- ଭଣ୍ଡାରୀ, ସା- ନିଜଗାଁ |
| ୬୧୪ | ୧୮୨୫ | ୦.୨୪୯ | ୦.୦୨୫ | ଚକ ଶାରଦ | ଲକ୍ଷ୍ମୀଧର ଘଡେଇ, ଅନନ୍ତ କିଶୋର ଘଡେଇ, ରବୀନ୍ଦ୍ରନାଥ ଘଡେଇ, ପି- ମୁକ୍ତେଇ ଘଡେଇ, କୁସ ଘଡେଇ, ପି- ସନେଇ ଘଡେଇ, ଜା- ତନ୍ତି, ସା- ନିଜଗାଁ |
| ୬୨୦ | ୧୮୪୦ | ୦.୨୭୦ | ୦.୦୬୫ | ଚକ ଶାରଦ | ସଞ୍ଜୀବ କୁମାର ପ୍ରଧାନ, ଅଶୋକ କୁମାର ପ୍ରଧାନ, ସତିଶ କୁମାର ପ୍ରଧାନ, ପି- ନିକୁଞ୍ଜ କିଶୋର ପ୍ରଧାନ, ସେବତୀଲତା ପ୍ରଧାନ, ସ୍ୱା- ନିକୁଞ୍ଜ କିଶୋର ପ୍ରଧାନ, ଯୁଗଳ କିଶୋର ପ୍ରଧାନ, ପି- ଗୋକୁଳାନନ୍ଦ ପ୍ରଧାନ, ସୁନାମଣି ପ୍ରଧାନ, ସ୍ୱା- ଗୋକୁଳାନନ୍ଦ ପ୍ରଧାନ, ଜା- ଖଣାୟତ, ସା- ନିଜଗାଁ |
| ୬୨୭ | ୧୮୨୬ | ୧.୦୬୩ | ୦.୧୩୦ | ଚକ ଶାରଦ | ସଚ୍ଚିଦାନନ୍ଦ ଦାସ, ମୁକ୍ତି ଦାସ, ପରି ଦାସ, ପି- ଦୀନବନ୍ଧୁ ଦାସ, ଚନ୍ଦ୍ରଶେଖର ଦାସ, ସୂର୍ଯ୍ୟ ଶେଖର ଦାସ, ପି- ଗୋପିନାଥ ଦାସ, ଜା- କରଣ, ସା- ନିଜଗାଁ |
| ୬୮୨ | ୧୮୨୩ | ୦.୨୦୬ | ୦.୦୩୫ | ଚକ ଶାରଦ | ଶ୍ରୀଧର ଘଡେଇ, ଗୁରୁ ଚରଣ ଘଡେଇ, ଚନ୍ଦ୍ରମଣି ଘଡେଇ, ପି- ଶ୍ୟାମ ଘଡେଇ, ଜା- ତନ୍ତି, ସା- ନିଜଗାଁ |
| ୭୩୦ | ୧୮୪୭ | ୦.୨୬୧ | ୦.୦୨୫ | ଚକ ଶାରଦ | ହଳଧର ବେହେରା, ପି-ଶତ୍ରୁଘ୍ନ ବେହେରା, ଜା- ତନ୍ତି, ସା- ନିଜଗାଁ |
| ମୋଟ | | | ୦.୫୨୦ | | |

24163/14/0025/1819 ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ

# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

LA Case No.- 932 / 29.06.2018
File No. 4/2018 Dated ........................

**No. V-40:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ଗୋଧେଇନାଳୀ, ଥାନା- ପାଟଣା, ନଂ.-୨୧୨, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ଏ.୨୩.୨୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ........................ / ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| କେନ୍ଦୁଝର | ସାହାରପଡ଼ା | ଗୋଧେଇନାଳୀ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୦୬.୬୮ | ଏ.୨୩.୨୩ | ଏଥିସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୧ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

**LAND SCHEDULE FOR PERMANENT ACQUISITION OF LAND FOR LEFT MAIN DISTRIBUTARY MINOR, SUB-MINOR OF DEO IRRIGATION PROJECT**
ମୌଜା- ଗୋଧେଇନାଳୀ, କ୍ରମିକ ସଂଖ୍ୟା- ୨୧୨, ଥାନା- ପାଟଣା, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝର

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୧୫୨<br>୧୫୯ | ୧.୦୯<br>୧.୧୫ | ୦.୩୩<br>୦.୧୮ | ଟାଇଲା ଏକ<br>ଟାଇଲା ଏକ | କନ୍ଧା ମାଝୀ, ପି- ଶ୍ରୀରାମ ମାଝୀ, ଦୁର୍ଗା ମାଝୀ, ସାଲୁଗୁ ମାଝୀ, ନାରାୟଣ ମାଝୀ, ଗୋବିନ୍ଦ ମାଝୀ, ପି- ସିଦା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୨ | ୩ | ୧୬୩ | ୨.୧୦ | ୦.୩୪ | ଟାଇଲା ଏକ | କାରିଆ ମାଝୀ, ପି- ଶାକଲା ମାଝୀ, ଶୁକୁଦା ମାଝୀ, ଜା- ସାନ୍ତାଳ | |
| ୩ | ୪ | ୩୦ | ୦.୨୦ | ୦.୦୩ | ସାରଦ ଏକ | କାରୁ ମାଝୀ, ପି- ଗାଙ୍ଗୁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | ନିରଂଶ ପକ୍ଷେ ଜବରଦଖଲ- ହାରା ମାଝୀ, ରେଣ୍ଡା ମାଝୀ, ନାରଣ ମାଝୀ, ପି- ଡେବରା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ |
| ୪ | ୮ | ୧୪୨ | ୦.୬୦ | ୦.୨୪ | ଟାଇଲା ଏକ | କୈଳାଶ ମାଝୀ, ସିଦାମ ମାଝୀ, ପ୍ରଧାନ ମାଝୀ, ପି- କଲେ ମାଝୀ, କାହ୍ନୁ ମାଝୀ, ପି- ଲେପା ମାଝୀ, କାଲେ ମାଝୀ, ପି- ହାଜମା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୫ | ୧୨ | ୭୦<br>୮୯<br>୧୭୮ | ୨.୭୭<br>୨.୦୭<br>୧.୮୭ | ୦.୫୭<br>୦.୦୨<br>୦.୬୦ | ବାଜେଫସଲ ଦୁଇ<br>ବାଜେଫସଲ ଦୁଇ<br>ଟାଇଲା ଏକ | ଚେତନ ମାଝୀ, ପି- ରାତୁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ, ଜବରଦଖଲ- ବାଣିଜ ମାଝୀ, ପି- ସୁକୁଦା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୬ | ୧୩ | ୨୨<br>୨୫<br>୩୮ | ୩.୩୦<br>୪.୦୦<br>୩.୭୨ | ୦.୭୦<br>୧.୩୩<br>୧.୧୨ | ଟାଇଲା ଏକ<br>ସାରଦ ଏକ<br>ଟାଇଲା ଏକ | ଚୈତନ୍ୟ ମାଝୀ, ଗୋପାଳ ମାଝୀ, ଧନେଶ୍ୱର ମାଝୀ, ପି- ଶ୍ରୀରାମ ମାଝୀ, ରାମ ମାଝୀ, ରୁପାଇ ମାଝୀ, ଟିଲୁ ମାଝୀ, ପି- ଦାଡଗା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୭ | ୧୬ | ୧୪<br>୧୮୦<br>୧୮୧ | ୧.୮୨<br>୨.୨୮<br>୩.୩୪ | ୦.୯୪<br>୦.୨୮<br>୦.୩୮ | ଟାଇଲା ଏକ<br>ଟାଇଲା ଏକ<br>ଟାଇଲା ଏକ | ଦାସ ମାଝୀ, ପି- ସିଙ୍ଗଲରାଇ ମାଝୀ, ସାଉରୁ ମାଝୀ, ଶ୍ରୀରାମ ମାଝୀ, ପି- ଅନନ୍ଦା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୮ | ୨୦ | ୧୬୪<br>୨୦୨<br>୧୭୬/୪୩୯ | ୦.୮୫<br>୦.୫୬<br>୨.୭୬ | ୦.୦୨<br>୦.୦୩<br>୦.୮୦ | ଟାଇଲା ଏକ<br>ଟାଇଲା ଏକ<br>ଟାଇଲା ଏକ | ନାଇକ ମାଝୀ, ପି- ସୁରାଇ ମାଝୀ, ଚନ୍ଦ୍ର ମାଝୀ, ଦୁଃଖିଆ ମାଝୀ, ପି- ଫୁଲମାଲି ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୯ | ୨୧ | ୭୧<br>୭୨<br>୧୬୦<br>୧୬୧<br>୨୦୦<br>୨୦୩<br>୨୦୪ | ୧.୦୬<br>୦.୪୩<br>୧.୪୧<br>୧.୮୭<br>୧.୭୦<br>୧.୨୩<br>୦.୫୬ | ୦.୯୧<br>୦.୨୨<br>୦.୦୨<br>୦.୫୪<br>୦.୦୧<br>୦.୨୬<br>୦.୧୮ | ବାଜେଫସଲ ଦୁଇ<br>ବାଜେଫସଲ ଦୁଇ<br>ଟାଇଲା ଏକ<br>ଟାଇଲା ଏକ<br>ସାରଦ ତିନି<br>ସାରଦ ଏକ<br>ସାରଦ ଏକ | ନାରଣ ବେହେରା, ପି- ରୂପା ବେହେରା, ଜା- କୁମ୍ଭାର, ବା- ବଳିଆଡିହା | ଜବରଦଖଲ- କାରୁଆ ମାଝୀ, ସୁକୁଦା ମାଝୀ, ପି- ସାକିଲା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ |
| ୧୦ | ୨୩ | ୨୦<br>୨୨/୪୦୧ | ୦.୨୨<br>୦.୨୨ | ୦.୦୨<br>୦.୦୨ | ଟାଇଲା ଏକ<br>ଟାଇଲା ଏକ | ନାରଣ ପାତ୍ର, ସିଦ ପାତ୍ର, ପି- ଲକ୍ଷ୍ମୀଧର ପାତ୍ର, ଭାଗୀରଥି ପାତ୍ର, ପି- କରୁଣା ପାତ୍ର, ଜା- ପାଣ, ବା- ନିଜଗାଁ | |
| ୧୧ | ୨୪ | ୭୩<br>୧୬୬<br>୧୬୭ | ୩.୫୮<br>୧୦.୨୫<br>୦.୫୦ | ୧.୧୭<br>୦.୭୭<br>୦.୦୯ | ବାଜେଫସଲ ଦୁଇ<br>ଟାଇଲା ଏକ<br>ଟାଇଲା ଏକ | ପଦନ ମାଝୀ, ପି- ସୁନ୍ଦରା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୧୨ | ୨୬ | ୬୫<br>୧୭୫ | ୨.୨୧<br>୦.୪୭ | ୦.୦୨<br>୦.୧୬ | ଟାଇଲା ଏକ<br>ଟାଇଲା ଏକ | ପାନ ମାଝୀ, ପି- ଫାତେ ମାଝୀ ଜା- ସାନ୍ତାଳ, ବା- ନିଜଗାଁ | ବେଆଇନ ଖରିଦ ସୂତ୍ରେ ଦଖଲ- ଦୋଳଗୋବିନ୍ଦ ମହାନ୍ତ, ପି- ବୁଧୁ ମହାନ୍ତ, ଜା- କୁଡୁମି, ବା- ବଡ଼ବାଲିପସି, ରେଜିଷ୍ଟାର୍ଡ ଦଲିଲ ନମ୍ବର- ୫୧୬, ତା୦୫।୦୩।୬୫ ଜରସମନ- ଟ.୩୫୦.୦୦ |
| ୧୩ | ୨୭ | ୧୭<br>୩୫<br>୩୯<br>୧୫୩ | ୧.୬୬<br>୨.୩୦<br>୧.୨୮<br>୧.୯୧ | ୦.୪୦<br>୦.୮୩<br>୦.୦୮<br>୦.୨୯ | ଟାଇଲା ଏକ<br>ଟାଇଲା ଏକ<br>ଟାଇଲା ଏକ<br>ଟାଇଲା ଏକ | ପାରାଉ ମାଝୀ, ପି- ବୁଢ଼ାନ୍ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୧୪ | ୨୮ | ୧୭୪<br>୧୯୯<br>୨୦୦/୫୦୫<br>୨୦୪/୫୦୬ | ୦.୪୫<br>୧.୪୫<br>୧.୩୦<br>୦.୪୪ | ୦.୦୯<br>୦.୩୪<br>୦.୨୬<br>୦.୦୫ | ଟାଇଲା ଦୁଇ<br>ଟାଇଲା ଦୁଇ<br>ସାରଦ ତିନି<br>ସାରଦ ତିନି | ପୁନି ବେହେରା, ସ୍ୱା- ଭିକୁ ବେହେରା, ଜା- କୁମ୍ଭାର, ବା- ଭାଲିଆଡିହା | |
| ୧୫ | ୩୦ | ୪୧<br>୭୮<br>୨୩ | ୮.୦୪<br>୨.୧୬<br>୧.୩୪ | ୦.୦୨<br>୧.୩୯<br>୦.୦୨ | ଟାଇଲା ଏକ<br>ବାଜେଫସଲ ଦୁଇ<br>ଟାଇଲା ଏକ | ବୀରକିଶୋର ମାଝୀ, ଲାଲମୋହନ ମାଝୀ, ହଜାମ ମାଝୀ, ଲାଦ ରାମ ମାଝୀ, ପି- ଦାସମାତ୍ ମାଝୀ, ଭୁଣ୍ଡା ମାଝୀ, କାଲେୟାନ ମାଝୀ, ପି- ବଡ଼ରାମ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୧୬ | ୩୩ | ୩୨ | ୦.୨୯ | ୦.୦୩ | ବାଜେଫସଲ ଦୁଇ | ଭାଗା ମାଝୀ, ପି- ବାସୁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | ଜବରଦଖଲ- ସାନକାଲେ ମାଝୀ, ପି- ଭାଗଲ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ |
| ୧୭ | ୩୪ | ୧୩୮ | ୨.୧୦ | ୦.୭୭ | ଟାଇଲା ଏକ | ଭାଶ ମାଝୀ, ପି- ରାମଦାସ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୧୮ | ୩୫ | ୨୯ | ୦.୧୧ | ୦.୦୫ | ବାଜେଫସଲ ଦୁଇ | ଭୀମା ମାଝୀ, ଦୁର୍ଗା ମାଝୀ, ବାଲାଇ ମାଝୀ, ଅର୍ଜୁନ ମାଝୀ, ପି- ଲକ୍ଷ୍ମଣ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୧୯ | ୩୭ | ୨ | ୨.୯୫ | ୦.୪୮ | ଟାଇଲା ଏକ | ମଙ୍ଗୁଲୁ, ପି- ଫାତେ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | ନିରଂଶ ପେକ୍ଷ, ଜବରଦଖଲ, ଗୋପାଳ ଚନ୍ଦ୍ର ମୁଣ୍ଡା, ପି- କାନ୍ଦରା ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ |
| | | ୩୧ | ୦.୭୦ | ୦.୨୫ | ବାଜେଫସଲ ଦୁଇ | | ନିରଂଶ ପକ୍ଷେ, ଜବରଦଖଲ ନାଇକ ମାଝୀ, ପି- ସୁରାଇ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ |
| ୨୦ | ୪୧ | ୧୭୦<br>୧୭୧ | ୨.୦୯<br>୦.୩୪ | ୦.୪୩<br>୦.୦୪ | ଟାଇଲା ଏକ<br>ଟାଇଲା ଏକ | ଲକ୍ଷ୍ମଣ ମାଝୀ, ପି- ତାନ ମାଝୀ, ଛୋଟା ମାଝୀ, ଦୁବରାଜ ମାଝୀ, ପି- କିସନ ମାଝୀ, ଜାଲେ ମାଝୀ, ସ୍ୱା- ଲକ୍ଷ୍ମଣ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୨୧ | ୪୪ | ୧୭୨ | ୧.୪୪ | ୦.୧୫ | ଟାଇଲା ଏକ | ମିଦ ମାଝୀ, ମସ ମାଝୀ, ରାମ ମାଝୀ, ହାମରା ମାଝୀ, ପି- କାଳିଦାସ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୨୨ | ୪୭ | ୧୯<br>୪୦<br>୨୫/୪୦୪ | ୦.୮୦<br>୨.୮୧<br>୦.୧୦ | ୦.୬୦<br>୧.୬୦<br>୦.୦୩ | ଟାଇଲା ଏକ<br>ଟାଇଲା ଏକ<br>ସାରଦ ଏକ | ସୁକୁଦା ମାଝୀ, ବର୍ଷା ମାଝୀ, ଫାରୁ ମାଝୀ, ପି- ରାମ ମାଝୀ, ବଣିଜ ମାଝୀ, ପି- ସୁଦାମ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | (ପ୍ଲଟ୍ ୨୫/୪୦୪) ଜବରଦଖଲ ଚୈତନ୍ୟ ମାଝୀ, ପି- ଶ୍ରୀରାମ ମାଝୀ, ଜା-ସାନ୍ତାଳ, ବା- ନିଜଗାଁ |
| ୨୩ | ୪୮ | ୬୬<br>୬୭<br>୧୭୯ | ୨.୩୨<br>୦.୧୨<br>୩.୦୦ | ୧.୨୯<br>୦.୦୪<br>୦.୫୪ | ଟାଇଲା ଏକ<br>ଟାଇଲା ଏକ<br>ଟାଇଲା ଏକ | ସୁନ୍ଦର ମାଝୀ, ଦାନ୍ଦୁ ମାଝୀ, ଧନେଶ୍ୱର ମାଝୀ, ପି- ଶ୍ରୀରାମ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | ଜବରଦଖଲ- ଗୋପାଳ ମାଝୀ, ଧନେଶ୍ୱର ମାଝୀ, ପି- ଶ୍ରୀରାମ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ<br>ଜବରଦଖଲ- ବଣିଜ ମାଝୀ, ପି- ଶ୍ରୀରାମ ମାଝୀ, ଜା- ସାନ୍ତାଳ, ବା-- ନିଜଗାଁ<br>ଜବରଦଖଲ- ଗୋପାଳ ମାଝୀ, ପି- ଶ୍ରୀରାମ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ |
| ୨୪ | ୫୧ | ୨୧୪ | ୧.୫୭ | ୦.୨୬ | ଟାଇଲା ଏକ | ସୁମୀ ମାଝୀ, ସାକର ମାଝୀ, ପି- ବିରାଲ ମାଝୀ, ମୁନିରାମ ମାଝୀ, ପି- ଦିଗା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| ୨୫ | ୫୬/୧୪ | ୧୩ | ୧.୯୨ | ୦.୪୫ | ଟାଇଲା ଏକ | ଡିମ୍ବାର ମୁଣ୍ଡା, ପି- ଗୋକୁଳ ମୁଣ୍ଡା, ଜା- କୋହ୍ଲ, ବା- ନିଜଗାଁ | |
| ୨୬ | ୫୬/୨୪ | ୧୫୫ | ୧.୪୮ | ୦.୧୪ | ଟାଇଲା ଏକ | ଯୋଗେନ୍ଦ୍ର ତନ୍ତୀ, ଦୁର୍ଯ୍ୟୋଧନ ତନ୍ତୀ, ଜା- ପାଣ, ବା- ବଡ଼ବାଲିପସି | |
| **ଦେବସ୍ଥଳୀ ପ୍ରତିବଦଳ** | | | | | | | |
| ୨୭ | ୪୮ | ୮୨ | ୦.୫୫ | ୦.୦୧ | ବାଜେଫସଲ ଦୁଇ | ସୁନ୍ଦର ମାଝୀ, ଦାନ୍ଦୁ ମାଝୀ, ଧନେଶ୍ୱର ମାଝୀ, ପି- ଶ୍ରୀରାମ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | ଜବରଦଖଲ- ଭିମ ମାଝୀ, ଦୁର୍ଗା ମାଝୀ, କାଳିଆ ମାଝୀ, ଅର୍ଜୁନ ମାଝୀ, ପି- ଲଖନ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ |
| ମୋଟ | | ୬୦ | ୧୦୬.୬୮ | ୨୩.୨୩ | | | |

24045/14/0033/1819

# ନୂଆ ରଣଜୀ ଫର୍ମାଟ



ନିର୍ମଳ କୁମାର ମିଶ୍ର

ବିସିସିଆଇ ସିଓଏ (କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଶନ୍), ଟେକ୍ନିକାଲ୍ ଆଣ୍ଡ ଫିକ୍ସଚର କମିଟି ଗତ ମେ ୭ ତାରିଖରେ ମୁମ୍ବାଇଠାରେ ଏବଂ ଜୁନ୍ ୨୨ ତାରିଖରେ କୋଲକାତାଠାରେ ବସି ଆଗାମୀ ସିଜନ୍ ପାଇଁ ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛି। ଲୋଧା କମିଟି ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏନଏଡିପି (ନ୍ୟୁ ଏରିଆ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ)କୁ କାର୍ଯ୍ୟକାରୀ କରିବାକୁ ଯାଇ ନର୍ଥ ଇଷ୍ଟ ରାଜ୍ୟଗୁଡ଼ିକରୁ ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ ଏବଂ ଉତ୍ତରାଖଣ୍ଡ ସହିତ ପୂର୍ବରୁ ରଣଜୀ ମାନ୍ୟତା ପାଇଥିବା ବିହାରକୁ ରଣଜୀ ଟ୍ରଫିରେ ପୁନଃ ପ୍ରବେଶ କରାଯାଇଛି। ତେଣୁ ଏଥର ଏହି ୯ଟି ରାଜ୍ୟ ରଣଜୀ ଟ୍ରଫି ଖେଳିବା ନିଶ୍ଚିତ ହୋଇଛି। ତେଣୁ ମୋଟ ଅଂଶ ଗ୍ରହଣକାରୀ ଦଳ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି।

ନୂତନ ଫର୍ମାଟରେ ଏଥର ଖେଳାଯିବ ବିସିସିଆଇର ଏହି ସର୍ବୋଚ୍ଚ ଘରୋଇ ଟୁର୍ଣ୍ଣାମେଣ୍ଟ। ଏହି ଘୋଷଣା ପରେ ରାଜ୍ୟ ଆସୋସିଏଶନ୍‌ଗୁଡିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଲୋଧା କମିଟିର ପ୍ରତିବନ୍ଧକ ସତ୍ତ୍ୱେ ବିଭିନ୍ନ ରାଜ୍ୟ ଆସୋସିଏଶନ ଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ତେବେ ଘରୋଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଏକମାସରୁ କମ୍ ସମୟ ରହିଥିବାରୁ ଏହାର କାର୍ଯ୍ୟକାରିତାକୁ ନେଇ ସିଓଏ ଆଶଙ୍କା ପ୍ରକାଶ କରିଛି। ୨୦୧୭-୧୮ ସିଜନ୍ ରଣଜୀ ଫର୍ମାଟରେ ମୋଟ ୨୮ଟି ଟିମ୍ ଭାଗ ନେଇଥିବା ବେଳେ ୯୧ଟି ମ୍ୟାଚ ଖେଳାଯାଇଥିଲା। ମାତ୍ର ଚଳିତ ସିଜନ୍‌ରେ ୩୭ଟି ଟିମ୍ ଭାଗ ନେବା ଫଳରେ ୧୬୦ଟି ମ୍ୟାଚ ଖେଳାଯିବ।



ଫଳରେ ବିସିସିଆଇକୁ ଅଧିକ ଅର୍ଥ ଏବଂ ପଡ଼ିଆର ଆବଶ୍ୟକ ପଡିବ। ଉତ୍ତମ ଟେକ୍ନୋଲୋଜି ଉପଲବ୍ଧ ଥିବା ପଡ଼ିଆରେ ମ୍ୟାଚ କରିବାକୁ ହେବ। ୮୫ତମ ସଂସ୍କରଣରେ ସର୍ବାଧିକ ସଂଖ୍ୟକ ୨୦୧୭ଟି ମ୍ୟାଚ ଉଭୟ ପୁରୁଷ ଏବଂ ମହିଳା ବିଭାଗର ବିଭିନ୍ନ ଫର୍ମାଟରେ ଖେଳାଯିବ। ଯାହାକି ବିସିସିଆଇ ପାଇଁ ଏକ ସର୍ବକାଳୀନ ରେକର୍ଡ ଅଟେ। ୪ଟି ମୁଖ୍ୟ ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଦୁଲିପ୍ ଟ୍ରଫି ଅଗଷ୍ଟ ୧୭ ତାରିଖରୁ ଆରମ୍ଭ ହୋଇ ଯାଇଥିବାବେଳେ ବିଜୟ ହଜାରେ ଟ୍ରଫି ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଚାଲିବ। ଦେଓଧର ଟ୍ରଫି ଅକ୍ଟୋବର ୨୩ରୁ ୨୭ (୪ଟି ଏକଦିବସୀୟ ମ୍ୟାଚ), ରଣଜୀ ଟ୍ରଫି ନଭେମ୍ବର ୧ରୁ ଆରମ୍ଭ ହୋଇ ଫେବୃୟାରୀ ୬ ପର୍ଯ୍ୟନ୍ତ ଚାଲିବ। ସେହିପରି ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଆଇପିଏଲ ଖେଳାଳି ନିଲାମ ପରେ ଫେବୃୟାରୀ ୨୧ତାରିଖରୁ ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି।

ରଣଜୀ ଟ୍ରଫିରେ ୪ଟି ଗ୍ରୁପ ରହିଛି। ଗ୍ରୁପ-ଏ (୯ଟି ଦଳ), ଗ୍ରୁପ-ବି (୯ଟି ଦଳ), ଗ୍ରୁପ-ସି (୧୦ ଦଳ) ଏବଂ ପ୍ଲେଟ ଗ୍ରୁପରେ ସମସ୍ତ ନୂତନ ଦଳ (୯ଟି) ସ୍ଥାନ ପାଇଛନ୍ତି। ଗ୍ରୁପ -ଏ ଏବଂ ଗ୍ରୁପ-ବି ରୁ ଶ୍ରେଷ୍ଠ ୫ଟି ଦଳ, ଗ୍ରୁପ୍-ସିରୁ ଶ୍ରେଷ୍ଠ ୨ଟି ଦଳ ଏବଂ ପ୍ଲେଟ ଗ୍ରୁପରୁ ଶ୍ରେଷ୍ଠ ଗୋଟିଏ ଦଳ ନକ୍ ଆଉଟ ପର୍ଯ୍ୟାୟ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଗତବର୍ଷର ରଣଜୀ ଟ୍ରଫି ଫଳାଫଳ ଆଧାରରେ ଏଲିଟ୍ ଗ୍ରୁପ୍-ଏ ଏବଂ ଗ୍ରୁପ-ବିରେ ଶ୍ରେଷ୍ଠ ୧୮ଟି ଦଳ ସ୍ଥାନ ପାଇଥିବା ବେଳେ ଗ୍ରୁପ-ସି ରେ ଅନ୍ୟ ୧୦ଟି ଦଳ ସେମାନଙ୍କର ସଫଳତାର ରେକର୍ଡ ଅନୁସାରେ ସ୍ଥାନ ପାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ଲେଟ ଗ୍ରୁପର ଶ୍ରେଷ୍ଠ ଦଳ ଆସନ୍ତା ବର୍ଷ ଏଲିଟ୍ ଗ୍ରୁପ୍-ସିରେ ସ୍ଥାନ ପାଇବ। ସେହିପରି ଗ୍ରୁପ୍-ଏ ଏବଂ ଗ୍ରୁପ୍-ବିର ଟେବୁଲ ଶେଷରେ ଥିବା ଦୁଇଟି ଦଳ ଆସନ୍ତା ବର୍ଷ ଗ୍ରୁପ-ସିକୁ ଯିବେ। ବିଜୟ ହଜାରେ ଟ୍ରଫି ମଧ୍ୟ ରଣଜୀ ଫର୍ମାଟରେ ଅନୁଷ୍ଠିତ ହେବ।

ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଟି୨୦ ମ୍ୟାଚ ଗୁଡିକ ୫ଟି ଗ୍ରୁପରେ ଖେଳାଯିବ। ଗ୍ରୁପ-ଏ ଏବଂ ଗ୍ରୁପ-ବିରେ ୮ଟି ଲେଖାଏ ଦଳ ରହିଥିବା ବେଳେ ଗ୍ରୁପ୍-ସି, ଡି ଏବଂ ଇ ରେ ୭ଟି ଲେଖାଏଁ ଦଳ ରହିବେ। ପୂର୍ବବର୍ଷର ସଫଳତା ଆଧାରରେ ଏବଂ ର୍‍ୟାଙ୍କିଙ୍ଗ ସହିତ ଦଳ ଗୁଡିକ ୫ଟି ଗ୍ରୁପରେ ସ୍ଥାନ ପାଇବେ। ରଣଜୀ ଟ୍ରଫିରେ ଲିଗ୍ ମ୍ୟାଚ ଗୁଡ଼ିକ ଘରୋଇ ଏବଂ ବାହାର ପରିବେଶରେ ହେବାର ସମ୍ଭାବନା ଥିବାବେଳେ ନକ୍ ଆଉଟ୍ ମ୍ୟାଚ ଗୁଡିକ ନିରପେକ୍ଷ ଭେନ୍ୟୁରେ ଖେଳାଯିବ।

ନୂଆ ଫର୍ମାଟ ଅନୁସାରେ ଓଡ଼ିଶା ରଣଜୀ ଦଳ ପୁନର୍ବାର ଏଲିଟ୍ ଗ୍ରୁପ-ସିରେ ସ୍ଥାନ ପାଇଛି। ଗତ ବର୍ଷ ଗ୍ରୁପ-ସିରେ ସ୍ଥାନ ପାଇଥିବା ଟିମ୍ ଓଡ଼ିଶା ୬ଷ୍ଠ ସ୍ଥାନ ଅଧିକାର କରିଥିଲା। ଦଳ ୨ଟି ମ୍ୟାଚ ହାରିଥିଲା ଏବଂ ୪ଟି ମ୍ୟାଚ୍ ଡ୍ର ରଖିବାରେ ସଫଳ ହୋଇଥିଲା। ମଧ୍ୟ ପ୍ରଦେଶ ଏବଂ ମୁମ୍ବାଇ ଏହି ଗ୍ରୁପରୁ ନକ୍ ଆଉଟ୍ ପର୍ଯ୍ୟାୟକୁ ଯାଇଥିଲେ। ନ୍ୟୁ ଏରିଆ ଡେଭଲପମେଣ୍ଟ ପ୍ରୋଗ୍ରାମ ମାଧ୍ୟମରେ ନୂତନ ଭାବରେ ରଣଜୀ ଫର୍ମାଟରେ ସାମିଲ ହୋଇଥିବା ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଆସୋସିଏସନ୍‌ଗୁଡିକ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହୋଇଥିବା ବେଳେ ଏହି ରାଜ୍ୟର ଯୁବ ଖେଳାଳିମାନେ ଫର୍ମାଟକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି।

## ରଣଜୀ ଗ୍ରୁପିଂ

- **ଏଲିଟ୍ ଗ୍ରୁପ୍ 'ଏ':** ବରୋଦା, ଛତିଶଗଡ଼, ଗୁଜରାଟ, କର୍ନାଟକ, ମହାରାଷ୍ଟ୍ର, ବମ୍ବେ, ରେଳବାଇ, ସୌରାଷ୍ଟ୍ର, ବିଦର୍ଭ।
- **ଏଲିଟ ଗ୍ରୁପ୍ 'ବି':** ଦିଲ୍ଲୀ, ବେଙ୍ଗଲ, କେରଳ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ହାଇଦ୍ରାବାଦ୍, ହିମାଚଳପ୍ରଦେଶ, ତାମିଲନାଡୁ।
- **ଏଲିଟ୍ ଗ୍ରୁପ୍ 'ସି':** ଓଡ଼ିଶା, ଆସାମ, ଗୋଆ, ହରିୟାଣା, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, ସର୍ଭିସେସ୍, ରାଜସ୍ଥାନ, ତ୍ରିପୁରା, ଉତ୍ତରପ୍ରଦେଶ।
- **ପ୍ଲେଟ ଗ୍ରୁପ୍:** ବିହାର, ଅରୁଣାଚଳପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ, ଉତ୍ତରାଖଣ୍ଡ ।

## କପି

ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ
ଟିମ୍ ଟ୍ୟୁଟରରେ ଝଡ଼
ଟିମ୍ ମେମ୍ବରଙ୍କ ଫଟୋରେ ବିରାଟ
ଅନୁଷ୍କା ଘରଣୀ ବଡ଼
ବଡ଼ ମୁଖେ ନାହିଁ ବାଡ଼
ନୈଶ୍ୟ ଭୋଜି କହି ବିସିସିଆଇଟା
କହେ କଥା ଭାଇ ଛାଡ଼।
ଜାପାନ ପରିକା ଶ୍ରୀଲଙ୍କା କ୍ରିକେଟ
ଅଡିଏନ୍ସ କଥା ଧର
ସାଉଥ୍ ଆଫ୍ରିକା-ଶ୍ରୀଲଙ୍କା ମ୍ୟାଚ
ଚାଲୁଥିଲା ରବିବାର
ଲଙ୍କା ହାରିଗଲା ଧୀର
ହାର ଗ୍ଲାନି ଭୁଲି ଦର୍ଶକ ପଡ଼ିଆ
ସଫା କରି ପପୁଲାର।
ତେର ବର୍ଷ ବୟସରେ ସିନିୟର
କ୍ରିକେଟ ଦଳରେ ଖେଳି
ଆୟର୍ଲାଣ୍ଡର ଏଲିନା ହକିରେ
ଏବେ ପୁଣି ବାହୁବଳି
ଭଲକର କପି କାଳି
ମନ୍ଦ କପିକଲେ ଅଧାରେ ଜୀବନ
ନଉକାଟା ଯାଏ ଟଳି।

-ସୁବାସ ଚନ୍ଦ୍ର ପ୍ରଧାନ

# ବଲ୍ ବ୍ୟାଡ୍‌ମିଣ୍ଟନର ନୂଆ ପ୍ରତିଭା ଆଶୁତୋଷ



କମ୍ ଲୋକପ୍ରିୟ ହୋଇଥିଲେ ମଧ୍ୟ ବଲ୍ ବ୍ୟାଡମିଣ୍ଟନ କ୍ରୀଡ଼ାରେ ବିଶ୍ୱର ଅନେକ ଦେଶ ସକ୍ରିୟ ଅଛନ୍ତି। କ୍ରିକେଟ୍ ପାଗଳ ଭାରତରେ ବଲ୍‌ବ୍ୟାଡମିଣ୍ଟନ୍ ନିଜ ଉପସ୍ଥିତି ଏବଂ ପରିଚୟ ପାଇଁ ସଂଘର୍ଷ କରୁଛି । ଅନ୍ୟ ରାଜ୍ୟଗୁଡ଼ିକ ଭଳି ଓଡ଼ିଶାରେ ମଧ୍ୟ ସ୍ଥିତି ସମାନ । ତେବେ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବ ସତ୍ତ୍ୱେ ବହୁ ଖେଳାଳି ଏହି କ୍ରୀଡ଼ାକୁ ଆପଣାଇଛନ୍ତି । ପ୍ରବଳ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ହିଁ ଏମାନଙ୍କ ପୁଞ୍ଜି। ବଲ୍ ବ୍ୟାଡମିଣ୍ଟନ୍‌କୁ କ୍ୟାରିୟର କରି ଆଗକୁ ବଢ଼ିବାକୁ ସ୍ୱପ୍ନ ଦେଖୁଥିବା ଏପରି ଜଣେ ଖେଳାଳି ହେଲେ ବ୍ରହ୍ମପୁରର ଆଶୁତୋଷ ରଥ । ନିଜ ଅଞ୍ଚଳରେ ସୁନା ପୁଅ ଭାବେ ପରିଚିତ ଆଶୁତୋଷ। କାରଣ ହେଲା, ବ୍ରହ୍ମପୁର ଭଳି ଏକ ସହରରୁ ଯାଇ ସେ ଭାରତୀୟ ଦଳରେ ସାମିଲ୍ ହୋଇପାରିଛନ୍ତି। ମାର୍ଚ୍ଚ ୧୭ରୁ ୧୯ ପର୍ଯ୍ୟନ୍ତ ମାଲେସିଆରେ ଅନୁଷ୍ଠିତ ହୋଇଥିଲା ଟେଷ୍ଟ ସିରିଜ୍। ଭାରତ ସହ ଏହି ସିରିଜ୍‌ରେ ଖେଳିଥିଲେ ଇଣ୍ଡୋନେସିଆ ଏବଂ ମାଲେସିଆ । ବିଶ୍ୱସ୍ତରୀୟ ଏହି ପ୍ରତିଯୋଗିତାରେ ଭାରତକୁ ମିଳିଛି ସ୍ୱର୍ଣ୍ଣ ପଦକ । ଆଉ ଏକ ସ୍ୱର୍ଣ୍ଣ ବିଜୟୀ ଦଳରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇ କେବଳ ନିଜ ଅଞ୍ଚଳ ପାଇଁ ନୁହେଁ ସମଗ୍ର ରାଜ୍ୟର ସୁନା ପୁଅ ପାଲଟିଯାଇଛନ୍ତି ଆଶୁତୋଷ ।

ବଲ୍ ବ୍ୟାଡମିଣ୍ଟନ ଦୁନିଆକୁ ଆଶୁତୋଷଙ୍କ ଆଗମନ ମଧ୍ୟ ଅକସ୍ମାତ। ବ୍ରହ୍ମପୁରର ଅଗ୍ରଣୀ କ୍ଲବ, ଆଲ୍‌ଫା ସ୍ପୋର୍ଟିଂ ପାଇଁ କ୍ରିକେଟ ଖେଳୁଥିଲେ ଆଶୁତୋଷ । ୨୦୧୫ ମସିହାର କଥା। ସେହି ସମୟରେ ଖଲିକୋଟ କଲେଜ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବଲ୍ ବ୍ୟାଡ଼ମିଣ୍ଟନ୍ ପ୍ରତିଯୋଗିତା ଚାଲିଥାଏ। ଏକଦା କ୍ରିକେଟରେ କ୍ୟାରିୟର୍ କରିବାକୁ ଲକ୍ଷ୍ୟ ରଖିଥିବା ଆଶୁତୋଷ ହଠାତ୍ ବଲ୍ ବ୍ୟାଡମିଣ୍ଟନ୍ ପ୍ରତି ଆକର୍ଷିତ ହେବାରେ ଲାଗିଲେ । ପୂର୍ବରୁ ଏହି ଖେଳ ବିଷୟରେ ବିଶେଷ ଜ୍ଞାନ ନ ଥିଲେ ମଧ୍ୟ ଖେଳିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ। ଜଣାଶୁଣା କୋଚ ସଞ୍ଜୟ ବିଷୋୟୀ ଏବଂ ସୁନିତା ପଣ୍ଡାଙ୍କ ଅଧୀନରେ ପ୍ରଶିକ୍ଷଣ ନେଲେ। କ୍ରିକେଟ ବ୍ୟାଟ ଛାଡ଼ି ହାତରେ ଧରିଲେ ର୍‍ୟାକେଟ୍ । ଉଭୟଙ୍କଠାରୁ ବଲ୍ ବ୍ୟାଡମିଣ୍ଟନ ଟେକ୍‌ନିକ୍ ଶିଖିଲେ। ଏହା ପରଠୁ ଆଉ ଆଶୁତୋଷ ପଛକୁ ଫେରି ଚାହିଁନାହାନ୍ତି। ଧୀରେ ଧୀରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଗୁଡ଼ିକରେ ଭାଗନେଲେ । ୨୦୧୬ମସିହା ଜୁନ୍ ୧୦ତାରିଖରେ ଜଗତସିଂହପୁରଠାରେ ଆୟୋଜିତ ହୋଇଥିଲା ୨୩ତମ ରାଜ୍ୟ ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍। ପ୍ରଥମ ଟୁର୍ଣ୍ଣାମେଣ୍ଟରେ ସେ ପ୍ରଭାବି ପ୍ରଦର୍ଶନ କରିଥିଲେ। ଏହା ପରେ ସେହି ବର୍ଷ ଡିସେମ୍ବର ୧୧ତାରିଖରେ ଜୟପୁରଠାରେ ଅନୁଷ୍ଠିତ ୨୪ତମ ସିନିୟର ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍‌ରେ ଗଞ୍ଜାମ ତରଫରୁ ଖେଳିଥିଲେ । ଏହା ପରେ ଗୋଟିଏପରେ ଗୋଟିଏ ପାହାଚ ଚଢ଼ି ଆଗକୁ ବଢ଼ିଥିଲେ ଆଶୁତୋଷ । ୨୦୧୭ଜୁନ୍ ୮ରେ ୨୪ତମ ରାଜ୍ୟ ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍, ୨୦୧୭ ଡିସେମ୍ବର ୧ ତାରିଖରେ କଟକଠାରେ ଅନୁଷ୍ଠିତ ୨୫ତମ ସିନିୟର ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଖେଳିବାକୁ ସେ ସୁଯୋଗ ପାଇଥିଲେ।

ରାଜ୍ୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ଆଶୁତୋଷଙ୍କ ପ୍ରଭାବୀ ପ୍ରଦର୍ଶନ ରାଜ୍ୟ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲା । ଫଳରେ ଖୁବ୍ ଶୀଘ୍ର ତାଙ୍କୁ ଓଡ଼ିଶା ଦଳରେ ସ୍ଥାନ ମିଳିଥିଲା । ୨୦୧୭ଜୁନ ୨୭ତାରିଖରେ ଦିଲ୍ଲୀଠାରେ ଆୟୋଜିତ ସିନିୟର ଆନ୍ତଃଜୋନ୍ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍‌ରେ ସେ ଓଡ଼ିଶା ତରଫରୁ ଖେଳିବାକୁ ସୁଯୋଗ ପାଇଥିଲେ। ଏହା ପରେ ସେହି ବର୍ଷ ଡିସେମ୍ବର ୪ରେ ୬୩ତମ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ଖେଳିଥିଲେ। ଏହି ଚାମ୍ପିୟନ୍‌ଶିପ୍‌ରେ ତାଙ୍କ ପ୍ରଦର୍ଶନରେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏଣୁ ତାଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଥିଲା । ଭାରତ ତରଫରୁ ସେ ଏବେ ମାଲେସିଆ ଏବଂ ଇଣ୍ଡୋନେସିଆ ବିରୋଧରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଖେଳି ସଫଳତା ହାସଲ କରିଛନ୍ତି ।

ବ୍ରହ୍ମପୁର ସହର ପାଣିଗ୍ରାହୀପେଣ୍ଠ ବ୍ରଜରାଜନଗର ଚତୁର୍ଥ ଲେନ୍ ନିବାସୀ ଲକ୍ଷ୍ମୀ କୁମାରୀ ରଥ ଓ ପ୍ରଶାନ୍ତ କୁମାର ରଥଙ୍କ ପୁଅ ଆଶୁତୋଷ । ବାପା ପ୍ରଶାନ୍ତ ଜଣେ ପୋଲିସ ଅଧିକାରୀ । ବଲ୍‌ବ୍ୟାଡମିଣ୍ଟନ୍‌ରେ କ୍ୟାରିୟର୍ ଗଢ଼ିବାକୁ ସ୍ୱପ୍ନ ଥିବା କୁହନ୍ତି ଆଶୁତୋଷ । ସଂପ୍ରତି ସେ ଏକ ଘରୋଇ କଲେଜରେ ବିସିଏ ପ୍ରଥମ ବର୍ଷର ଛାତ୍ର । ପାଠ ସହ ଖେଳକୁ ସେ ସମାନ ଗୁରୁତ୍ୱ ଦିଅନ୍ତି ବୋଲି କହିଛନ୍ତି । ରାଜ୍ୟ ବାହାରେ ସେ ଅନେକ ଟୁର୍ଣ୍ଣାମେଣ୍ଟରେ ଭାଗନେଇଛନ୍ତି। ଓଡ଼ିଶା ଅପେକ୍ଷା ଅନ୍ୟ ରାଜ୍ୟଗୁଡ଼ିକରେ ବଲ୍‌ବ୍ୟାଡମିଣ୍ଟନ ପ୍ରତି ବହୁତ ପ୍ରୋତ୍ସାହନ ରହିଛି। ଓଡ଼ିଶାରେ ଭଲ କୋଚ ନ ଥିବା ଯୋଗୁ ଭଲ ଖେଳାଳି ବାହାରି ପାରୁନାହାନ୍ତି। ଖଲିକୋଟ କଲେଜ ଷ୍ଟାଡିୟମ୍‌ରେ କେତେକ ଖେଳାଳି ଏବଂ କୋଚ ସୁନୀତା ପଣ୍ଡା ଏବଂ ସଞ୍ଜୟ ବିଷୋୟୀଙ୍କ ଉଦ୍ୟମରେ ମାଟିରେ ଏକ କୋର୍ଟ ନିର୍ମାଣ କରାଯାଇଛି । ସେଥିରେ ସେମାନେ ଖେଳୁଛନ୍ତି। ଅର୍ଥାଭାବ ରହିଛି । ଯଦି ସରକାର ଏକ ସ୍ୱତନ୍ତ୍ର କୋର୍ଟ ନିର୍ମାଣ ସହ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବେ, ତେବେ ବ୍ରହ୍ମପୁରରୁ ମଧ୍ୟ ବହୁ ଖେଳାଳି ବାହାରିପାରିବେ ବୋଲି କହିଛନ୍ତି ଆଶୁତୋଷ ।

**ବଲ୍ ବ୍ୟାଡମିଣ୍ଟନ୍‌କୁ କ୍ୟାରିୟର କରି ଆଗକୁ ବଢ଼ିବାକୁ ସ୍ୱପ୍ନ ଦେଖୁଥିବା ଖେଳାଳି ଜଣକ ହେଲେ ବ୍ରହ୍ମପୁରର ଆଶୁତୋଷ ରଥ । ଭାରତୀୟ ଦଳରେ ସାମିଲ ହୋଇ ସ୍ୱର୍ଣ୍ଣ ପଦକ ପାଇଥିବାରୁ କେବଳ ନିଜ ଅଞ୍ଚଳ ପାଇଁ ନୁହେଁ ସମଗ୍ର ରାଜ୍ୟର ସୁନା ପୁଅ ପାଲଟିଯାଇଛନ୍ତି ଏହି ବଲ ବ୍ୟାଡ୍‌ମିଣ୍ଟନ ପ୍ରତିଭା ।**

-ଆଶୀର୍ବାଦ ରାଉତ, ବ୍ରହ୍ମପୁର

## ହକି ବିଶ୍ୱକପ
# ସଜେଇ ହେଉଛି କଳିଙ୍ଗ

ଜାକର୍ତ୍ତା/ପାଲେମବାଙ୍ଗ ଏସିଆନ ଗେମ୍ସରେ ଭାରତୀୟ ହକି ଦଳ ରେକର୍ଡ ସୃଷ୍ଟି ସହ ଦମ୍‌ଦାର ପ୍ରଦର୍ଶନ ବଜାୟ ରଖିଥିବାବେଳେ ବିଶ୍ୱକପ ମହାକୁମ୍ଭ ପାଇଁ ସଜେଇ ହେଉଛି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏହି ମେଗା ଇଭେଣ୍ଟ। ଭାଗନେବେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ। ତାରକା ଖେଳାଳିଙ୍କ ଉପସ୍ଥିତିରେ ଦେଖିବାକୁ ମିଳିବ ହକି ରୋମାଞ୍ଚ। ଏଥିପାଇଁ କେବଳ ଓଡ଼ିଶା କାହିଁକି ସମଗ୍ର ବିଶ୍ୱ କ୍ରୀଡ଼ାପ୍ରେମୀଙ୍କ ନଜର ଏବେ କଳିଙ୍ଗ ଷ୍ଟାଡିୟମ ଆଡ଼କୁ ଆକର୍ଷିତ ହେବାକୁ ଲାଗିଛି। ଏସିଆନ ଗେମ୍ସ କପ୍ ପରେ ଏହି ଆକର୍ଷଣ ଆହୁରି ବଢ଼ିବ। କାରଣ ଜାକର୍ତ୍ତାରେ ଭାରତ ପ୍ରଥମ ମ୍ୟାଚରେ ଇଣ୍ଡୋନେସିଆକୁ ୧୭-୦ ଏବଂ ଦ୍ୱିତୀୟ ମ୍ୟାଚରେ ହଂକଂ ଚାଇନାକୁ ୨୬-୦ ଗୋଲରେ ହରାଇ ୮୬ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛି। ଏସିଆଡ୍‌ରେ ଯଦି ଭାରତ ଚାମ୍ପିୟନ ହୁଏ ତେବେ ବିଶ୍ୱକପ ପ୍ରତି ଦର୍ଶକଙ୍କ ଆକର୍ଷଣ ଯେ ଦ୍ୱିଗୁଣିତ ହେବ ଏଥିରେ ଦ୍ୱିମତ ନାହିଁ।

### ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ବିଶ୍ୱକପର ଗୁରୁତ୍ୱକୁ ଦୃଷ୍ଟିରେ ରଖି ହକି ଗ୍ୟାଲେରିର ସମ୍ପ୍ରସାରଣ ଏବଂ ଷ୍ଟାଡିୟମ ନବୀକରଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସୁରକ୍ଷା ଦୃଷ୍ଟିରୁ ଅନ୍ତର୍ଜାତୀୟ ହକି ଫେଡେରେଶନ ଏବଂ ହକି ଇଣ୍ଡିଆର ପରାମର୍ଶକ୍ରମେ ହକି ଷ୍ଟାଡିୟମକୁ ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ଜନସାଧାରଣଙ୍କ ପାଇଁ ବନ୍ଦ କରାଯାଇଛି। ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଷ୍ଟାଡିୟମ ମଧ୍ୟକୁ ପ୍ରବେଶରେ କଟକଣା ଲାଗିଛି। "ନିର୍ମାଣ କାର୍ଯ୍ୟ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟାଡିୟମ ବାହାର କାର୍ଯ୍ୟ ପାଖାପାଖି ଆଉ ଏକ ସପ୍ତାହ ମଧ୍ୟରେ ଶେଷ ହୋଇଯିବ। ଭିତର ରଙ୍ଗ, ସାଜସଜ୍ଜା ଏବଂ ଅନ୍ୟାନ୍ୟ କାର୍ଯ୍ୟ ସପ୍ତାହେ/ଦୁଇ ସପ୍ତାହ ମଧ୍ୟରେ ସରିବ। ତେଣୁ ଆହତ ସମସ୍ୟା ଏବଂ ଅନ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖା ଯାଇ ଏଫଆଇଏଚ୍ ଓ ହକି ଇଣ୍ଡିଆ ପ୍ରତିନିଧିଙ୍କ ପରାମର୍ଶ କ୍ରମେ ଷ୍ଟାଡିୟମକୁ ବନ୍ଦ ରଖା ଯାଇଛି" ବୋଲି ଷ୍ଟାଡିୟମ ଇନ୍‌ଚାର୍ଜ ବାରିଜ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। ନର୍ଥ, ଇଷ୍ଟ ଓ ସାଉଥ୍ ଷ୍ଟାଣ୍ଡରେ ସିଟ୍ ସ୍ଥାପନ ହୋଇ ସାରିଛି। ଭିଆଇପି ଗ୍ୟାଲେରି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟାଡିୟମର ପ୍ରବେଶ ଦ୍ୱାରକୁ ମଧ୍ୟ ସଜା ଯାଉଛି। ଷ୍ଟାଡିୟମ ନିକଟରେ ୨ଟି ଫୁଟ୍ ଓଭରବ୍ରିଜ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। "ଟୁର୍ଣ୍ଣାମେଣ୍ଟ ସମୟରେ ସୁରକ୍ଷା ବ୍ୟବସ୍ଥା ପାଇଁ ୭୦-୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ବିଶ୍ୱକପ୍‌ରେ ଭାଗ ନେବାକୁ ଥିବା ପ୍ରତ୍ୟେକ ଦଳ ପାଇଁ (ସୁରକ୍ଷା ଅଧିକାରୀ) ପିଏସ୍‌ଓ ଓ ପ୍ରୋଟୋକଲ୍ ଅଫିସର ନିଯୁକ୍ତ କରାଯିବ" ବୋଲି ପୋଲିସ୍ କମିଶନର ସତ୍ୟଜିତ୍ ମହାନ୍ତି ପ୍ରକାଶ କରିଛନ୍ତି।



ନବନିର୍ମିତ କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସ।

### ଉତ୍ସାହ ବଢ଼ିଛି

ବିଶ୍ୱକପ୍‌କୁ ହକିପ୍ରେମୀମାନେ ଯେପରି ସୁବିଧାରେ ଉପଭୋଗ କରିପାରିବେ ତାହାକୁ ଦୃଷ୍ଟିରେ ରଖାଯାଇ ଅନ୍‌ଲାଇନ୍ ଟିକେଟ ବିକ୍ରି ବହୁ ଦିନ ପୂର୍ବରୁ ଆରମ୍ଭ ହୋଇଛି। ଏଥିପ୍ରତି ମଧ୍ୟ ଦର୍ଶକଙ୍କ ଉତ୍ସାହ ପରିଲକ୍ଷିତ ହୋଇଛି। ଉଦ୍‌ଘାଟନୀ ଦିବସ ପାଇଁ ଅନ୍‌ଲାଇନ୍‌ରେ ଉପଲବ୍ଧଥିବା ନର୍ଥ, ସାଉଥ୍ ଓ ଇଷ୍ଟ ଷ୍ଟାଣ୍ଡର ସମସ୍ତ ଟିକେଟ ବିକ୍ରି ହୋଇଯିବା ଏହାର ଜ୍ୱଳନ୍ତ ଉଦାହରଣ। ହକି ବିଶ୍ୱକପ ଦେଖିବାକୁ ଆସୁଥିବା ଦର୍ଶକମାନେ ସ୍ମରଣୀୟ ଅନୁଭୂତି ନେଇ ଫେରିବେ। ଏଥିପାଇଁ ଆୟୋଜକ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କେବଳ ଷ୍ଟାଡିୟମର ଚତୁଃପାର୍ଶ୍ୱ ନୁହେଁ ସମଗ୍ର ସହରର ସୌନ୍ଦର୍ଯ୍ୟୀକରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ହକି ବିଶ୍ୱକପ ପ୍ରତି ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଆହୁରି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

### ଅବଗଣନା ଆରମ୍ଭ

ହକି ବିଶ୍ୱକପର ୧୦୦ ଦିନିଆ ଅବଗଣନା ଗତ ୨୦ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ଜାକର୍ତ୍ତାରେ ଥିବା ହକି ଖେଳାଳିମାନେ 'ଆଉ ୧୦୦ ଦିନ ରହିଲା, ଆଗାମୀ ନଭେମ୍ବରରେ ଭାରତରେ ଦେଖାହେବ, ଭୁବନେଶ୍ୱର ଚାଲ, ଭାରତ ଆପଣମାନଙ୍କୁ ଅପେକ୍ଷା କରିଛି''ଆଦି ଲେଖାଥିବା ପ୍ଲାକାର୍ଡ ଧରି ହକି ବିଶ୍ୱକପ ଦେଖିବାକୁ କ୍ରୀଡ଼ାପ୍ରେମୀଙ୍କୁ ଆହ୍ୱାନ କରିଛନ୍ତି। ବିଶ୍ୱକପ ପୂର୍ବରୁ ଏଠାରେ ଭାରତୀୟ ଦଳର ୨ ପର୍ଯ୍ୟାୟ ବିଶିଷ୍ଟ କ୍ୟାମ୍ପ ହେବ। ପ୍ରଥମ କ୍ୟାମ୍ପ ସେପ୍ଟେମ୍ବର ୧୬ରୁ ଅକ୍ଟୋବର ୧୪ ଏବଂ ଦ୍ୱିତୀୟ କ୍ୟାମ୍ପ ନଭେମ୍ବର ୧ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟିକେଟ ନ ପାଇ ଷ୍ଟାଡିୟମ ଭିତରକୁ ଯାଇ ପାରୁ ନ ଥିବା ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ। ଭୁବନେଶ୍ୱରର ୪ଟି ସ୍ଥାନ ଇଉ୍‌କୋ ପ୍ରଦର୍ଶନୀ ପଡ଼ିଆ, ଜନତା ମଇଦାନ, ଆଦିବାସୀ ପଡ଼ିଆ ଓ ବରମୁଣ୍ଡା ପଡ଼ିଆରେ ବଡ଼ ଏଲଇଡି ସ୍କ୍ରିନ ଲଗାଯିବାର ଯୋଜନା ରହିଛି ବୋଲି କ୍ରୀଡ଼ା ସଚିବ ବିଶାଳ ଦେବ ସୂଚନା ଦେଇଛନ୍ତି।

### ଫ୍ୟାନ ଜୋନ

ହକି ବିଶ୍ୱକପ ଦେଖିବାକୁ ଆସୁଥିବା ଦର୍ଶକଙ୍କ ପାଇଁ ଭଲ ଖବର ହେଲା ଯେ ଏଥର ପ୍ରଥମଥରପାଇଁ ଫ୍ୟାନ ଜୋନ୍ ରହିବ। ଫଳରେ ଟିକେଟଧାରୀ ଦର୍ଶକମାନେ ଗେଟ୍ ନମ୍ବର-୩ ନିକଟରେ ଫ୍ୟାନ ଜୋନ୍‌ରେ ସେମାନଙ୍କ ପ୍ରିୟ ହକି ତାରକାଙ୍କ ସହ କଥା ହେବାର ସୁଯୋଗ ପାଇବେ। ଏଥିରେ ଫୁଡ୍ କୋର୍ଟ ଏବଂ ମ୍ୟୁଜିକ୍ ପ୍ରଭୃତି ଉପଲବ୍ଧ ହେବ।

### ଗ୍ରୁପ 'ସି'ରେ ଭାରତ

ମେଗା ଇଭେଣ୍ଟରେ ଭାଗ ନେବାକୁ ଯାଉଥିବା ୧୬ ଦଳକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଆୟୋଜକ ଭାରତ ଗ୍ରୁପ'ସି'ରେ ବେଲ୍‌ଜିୟମ, କାନାଡ଼ା ଓ ଦକ୍ଷିଣ ଆଫ୍ରିକା ସହିତ ସ୍ଥାନ ପାଇଛି। ଗ୍ରୁପ 'ଏ'ରେ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ସ୍ପେନ, ଫ୍ରାନ୍ସ, ଗ୍ରୁପ 'ବି'ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଆୟର୍ଲାଣ୍ଡ, ଚାଇନା ଏବଂ ଗ୍ରୁପ 'ଡି'ରେ ନେଦରଲାଣ୍ଡ୍ସ, ଜର୍ମାନୀ, ମାଲେସିଆ ଓ ପାକିସ୍ତାନ ସ୍ଥାନ ପାଇଛି। ଲିଗ୍ ପର୍ଯ୍ୟାୟରେ ମୋଟ ୩୬ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ଗ୍ରୁପର ଶୀର୍ଷସ୍ଥାନୀୟ ୪ ଦଳ ସିଧା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ମ୍ୟାଚ ମାଧ୍ୟମରେ କ୍ୱାର୍ଟର ଫାଇନାଲର ଅବଶିଷ୍ଟ ୪ଟି ସ୍ଥାନ ଦଖଲ କରିବେ।

"ସରକାର ମେସେଜିଂ ଆପ୍‌ଗୁଡିକ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରିବା ସପକ୍ଷରେ ନାହାନ୍ତି, ମାତ୍ର ଏହାର ଅପବ୍ୟବହାର ରୋକିବା ଉପରେ ଗୁରୁତ୍ୱ ଦେଉଛନ୍ତି।"
–ଅରୁଣା ସୁନ୍ଦର ରାଜନ, ଟେଲିକମ୍ ସଚିବ



"ଟଙ୍କା ମୂଲ୍ୟ ହ୍ରାସଜନିତ ପ୍ରଭାବକୁ ନେଇ ବେଶି ଚିନ୍ତା କରିବାର ଆବଶ୍ୟକତା ନାହିଁ।"
–ସଞ୍ଜୀବ ସାନ୍ୟାଲ, ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା, ଅର୍ଥ ମନ୍ତ୍ରଣାଳୟ



## ସଂକ୍ଷେପରେ

### ୫ଜି ଅତିରିକ୍ତ ସ୍ପେକ୍ଟ୍ରମ ଆବଣ୍ଟନ ଲାଗି ସୁପାରିସ

ନୂଆଦିଲ୍ଲୀ,୨୩-୮(ପି.ଟି.) ଦେଶରେ ୫ଜି ଆରମ୍ଭ କରିବା ଲାଗି ରୋଡମ୍ୟାପ ପ୍ରସ୍ତୁତ କରିବାକୁ ଗଠନ ହୋଇଥିବା ଷ୍ଟିଅରିଂ କମିଟି ପରବର୍ତ୍ତୀ ଜେନେରେସନର ୱାରଲେସ ସର୍ଭିସ ଯୋଗାଣ ଲାଗି ଅତିରିକ୍ତ ସ୍ପେକ୍ଟ୍ରମ ଆବଣ୍ଟନ କରିବାକୁ ସୁପାରିସ କରିଛନ୍ତି। ଏଥିପାଇଁ ଚଳିତବର୍ଷ ପ୍ରଥମ କିସ୍ତି ରେଡିଓୱେଭ ଆବଣ୍ଟନ ନେଇ ଘୋଷଣା କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ସରକାରଙ୍କୁ କରାଯାଇଥିବା ସୁପାରିସରେ କୁହାଯାଇଛି। କେନ୍ଦ୍ର ସରକାର ଦେଶରେ ନୂଆ ସ୍ପେକ୍ଟ୍ରମ ପଲିସି ଜରିଆରେ ଟେଲିକମ ସେକ୍ଟରକୁ ଆଗେଇନେବାକୁ ଯାଉଥିବା ବେଳେ କମିଟି ପକ୍ଷରୁ ଗୁରୁବାର ଦାଖଲ କରାଯାଇଥିବା ରିପୋର୍ଟରେ ବହୁ ସୁପାରିସ କରାଯାଇଛି। ୫ଜି ଯୋଗୁ ଦେଶର ଅର୍ଥନୀତି ଉପରେ ୧ ଟ୍ରିଲିୟନ ଡଲାର ପ୍ରଭାବ ପଡିବାକୁ ଯାଉଛି ବୋଲି ରିପୋର୍ଟରେ କୁହାଯାଇଛି।

### ୟୁ.କେ. ବର୍ମା ଆସୋଚାମ୍ ମହାସଚିବ

ନୂଆଦିଲ୍ଲୀ,୨୩-୮(ପି.ଟି): ଶିଳ୍ପ ସଂଘ ଦି ଆସୋସିଏଟେଡ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ(ଆସୋଚାମ)ର ନୂଆ ମହାସଚିବ ଭାବେ ଉଦୟ କୁମାର ବର୍ମା ଗୁରୁବାର ଯୋଗ ଦେଇଛନ୍ତି। ବର୍ମା ଜଣେ ଅବସରପ୍ରାପ୍ତ ପ୍ରଶାସକ ଥିବାବେଳେ ବର୍ତ୍ତମାନର ମହାସଚିବ ଡି.ଏସ୍ ରାୱତଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ। ରାୱତ ଆସୋଚାମର ମହାସଚିବ ପଦବୀରେ ଦୀର୍ଘ ୧୪ ବର୍ଷ କାର୍ଯ୍ୟ କରିବା ପରେ ଉକ୍ତ ପଦବୀ ଛାଡିଥିବା ସଂଘ ଏକ ଇସ୍ତାହାରରେ ପ୍ରକାଶ କରିଛି। ଅପରପକ୍ଷରେ ବର୍ମା ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରିବା ସହ ୨୦୧୩ ଜୁନ ୩୦ରେ ଅବସର ଗ୍ରହଣ କରିଥିଲେ। ଉଭୟ କେନ୍ଦ୍ର ତଥା ରାଜ୍ୟ ସ୍ତରରେ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି। ପୂର୍ବତନ ମହାସଚିବ ରାୱତ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସରକାର ଏବଂ କମ୍ପାନୀଗୁଡିକ ମଧ୍ୟରେ ଉତ୍ତମ ସମ୍ବନ୍ଧ ରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଉଭୟ ଘରୋଇ ତଥା ବିଶ୍ୱ ସ୍ତରର ନେଟ୍‌ୱର୍କରେ ଆସୋଚାମକୁ ପ୍ରତିନିଧିତ୍ୱ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ବୋଲି ସଂଘର ସଭାପତି ସନ୍ଦୀପ ଜଜୋଡିଆ କହିଛନ୍ତି। ବର୍ମାଙ୍କର ଅଭିଜ୍ଞତା ଆସୋଚାମ ପାଇଁ ବିଶେଷ ଭାବେ ଲାଭକାରୀ ହେବ ବୋଲି ସେ ସୂଚନା ଦେଇଛନ୍ତି।

### ଅଭିବୃଦ୍ଧି ୭.୫% ରହିବ:ମୁଡିସ୍



ନୂଆଦିଲ୍ଲୀ,୨୩-୮: ଭାରତର ଆର୍ଥିକ ଅଭିବୃଦ୍ଧି ହାର ଚଳିତ ବର୍ଷ ଓ ୨୦୧୯ରେ ୭.୫% ରହିବ ବୋଲି ବିଶ୍ୱ ରେଟିଂ ଏଜେନ୍ସି ମୁଡିସ୍ ପକ୍ଷରୁ ଏହାର ରିପୋର୍ଟରେ ଅନୁମାନ କରାଯାଇଛି। ମୁଡିସ୍ ଇନଭେଷ୍ଟର ସର୍ଭିସ ରିପୋର୍ଟରେ କୁହାଯାଇଛି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଭାରତ ପାଇଁ ଚ୍ୟାଲେଞ୍ଜ ହୋଇଥିଲେ ହେଁ ଏହା ଏହି ବାହ୍ୟ ଚାପକୁ ସହଜରେ ସାମ୍ନା କରିପାରିବ। ଆର୍ଥିକ ବର୍ଷ ୨୦୧୮-୧୯ରେ ବିଶ୍ୱର ଆର୍ଥିକ ଦୃଶ୍ୟପଟ ଉପରେ ଏଜେନ୍ସି ରିପୋର୍ଟରେ କୁହାଯାଇଛି ଯେ, ଗତ କିଛି ମାସ ହେଲା ଇନ୍ଧନ ଦାମରେ ଅହେତୁକ ବୃଦ୍ଧି ଯୋଗୁ ପ୍ରାୟ ସବୁ ଦେଶର ମୁଦ୍ରା ଅସ୍ଥିର ହୋଇଛି। ତେବେ ଜି-୨୦ରେ ବହୁ ଦେଶର ଆର୍ଥିକ ସ୍ଥିତି ଅତ୍ୟନ୍ତ ମଜଭୁତ ରହିବାର ସମ୍ଭାବନା ରହିଛି। ୨୦୧୮ ଲାଗି ଜି-୨୦ ଦେଶର ଅଭିବୃଦ୍ଧି ହାର ୩.୩ ପ୍ରତିଶତ ଓ ୨୦୧୯ରେ ୩.୧ ପ୍ରତିଶତ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଭାରତର ଅର୍ଥନୀତି ଅଭିବୃଦ୍ଧି ଉଭୟ ୨୦୧୮ ଓ ୨୦୧୯ ଲାଗି ୭.୫% ରହିବ ବୋଲି ସ୍ପଷ୍ଟ କରାଯାଇଛି। ଉଲ୍ଲେଖଥାଉକି, ଏଥିପୂର୍ବରୁ ମୁଡିସ୍ ୨୦୧୮ ଲାଗି ଏହାର ରିପୋର୍ଟରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୭.୫%ରୁ ୭.୩%କୁ ହ୍ରାସ ପାଇବ ବୋଲି ଅନୁମାନ କରିଥିଲା। କିନ୍ତୁ ମୁଡିସ୍‌ର ଅନୁମାନକୁ ଭୁଲ୍ ପ୍ରମାଣିତ କରି ଦେଶର ଆର୍ଥିକ ବିକାଶ ହାର ପ୍ରଥମ କ୍ୱାର୍ଟରରେ ୭.୭% ରହିଛି।

# ଲାଞ୍ଜିଗଡ଼ ୟୁନିଟ୍ କ୍ଷମତା ବଢ଼ାଇବ ବେଦାନ୍ତ

ନୂଆଦିଲ୍ଲୀ,୨୩-୮(ପି.ଟି.)

- ବାର୍ଷିକ ୬ ନିୟୁତ ଟନକୁ ବଢ଼ିବ
- ୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ ହେବ କାର୍ଯ୍ୟ
- ନିୟମଗିରି ବାଦ୍ ବିକଳ୍ପ ବକ୍ସାଇଟ ବ୍ୟବସ୍ଥା ଉପରେ ଗୁରୁତ୍ୱ
- ସମ୍ପ୍ରସାରଣ ନେଇ ସ୍ପଷ୍ଟ କଲେ ବେଦାନ୍ତ ସିଇଓ



ଅନିଲ ଅଗ୍ରୱାଲଙ୍କ ବେଦାନ୍ତ ଲିମିଟେଡ୍ ଓଡିଶାର କଳାହାଣ୍ଡି ଜିଲାସ୍ଥିତ ଲାଞ୍ଜିଗଡରେ ଥିବା ଏହାର ରିଫାଇନେରି କ୍ଷମତାକୁ ବଢାଇବ। ୨୦୨୧ ସୁଦ୍ଧା ଉକ୍ତ ୟୁନିଟର କ୍ଷମତା ବାର୍ଷିକ ୬ ନିୟୁତ ଟନ୍‌କୁ ବୃଦ୍ଧି କରିବା ଲାଗି କମ୍ପାନୀ ଯୋଜନା ରଖିଛି। ନିୟମଗିରିରୁ ବକ୍ସାଇଟ ପାଇବା ଆଶା ଏକ ପକ୍ଷେ ବିଫଳ ହେବା ଯୋଗୁ କମ୍ପାନୀ ବିକଳ୍ପ ବକ୍ସାଇଟ ବ୍ୟବସ୍ଥା ସପକ୍ଷରେ ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୟୁନିଟ୍‌ର ସମ୍ପ୍ରସାରଣ ଆବଶ୍ୟକତା ପୂରଣ ଲାଗି ବକ୍ସାଇଟର ପର୍ଯ୍ୟାପ୍ତ ବିକଳ୍ପ ରହିଛି। ନିୟମଗିରି ପର୍ବତରେ ରହିଥିବା ଗୁଣବତ୍ତା ବକ୍ସାଇଟ ବାଦ୍ ବିକଳ୍ପ ଆଧାରରେ ଏଭଳି ଯୋଜନା ହାତକୁ ନିଆଯିବ ବୋଲି କମ୍ପାନୀର ଆଲୁମିନା ଏବଂ ପାୱାର ବିଜନେସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଅଜୟ କୁମାର ଦୀକ୍ଷିତ ଗୁରୁବାର ସୂଚନା ଦେଇଛନ୍ତି।

ଲାଞ୍ଜିଗଡରେ ରହିଥିବା କମ୍ପାନୀର ୟୁନିଟରୁ ଗତବର୍ଷ ବାର୍ଷିକ ୧.୨ ନିୟୁତ ଟନ୍ ଆଲୁମିନା ଉତ୍ପାଦନ ହୋଇଥିଲା। ୟୁନିଟ୍‌ର ବର୍ତ୍ତମାନର ବାର୍ଷିକ କ୍ଷମତା ୨ ନିୟୁତ ଟନ୍ ରହିଛି। ଉକ୍ତ ୟୁନିଟ୍ ଲାଗି କମ୍ପାନୀ ଘରୋଇ ବଜାରର ବିଭିନ୍ନ ଖଣିରୁ ୨.୫ରୁ ୩ ନିୟୁତ ଟନ୍ ବକ୍ସାଇଟ ବର୍ତ୍ତମାନ ଆମଦାନୀ କରୁଛି। ୟୁନିଟ୍‌ର ସମ୍ପ୍ରସାରଣ ହେଲେ ବାର୍ଷିକ ମୋଟ୍ ୧୮ ନିୟୁତ ଟନ୍ ବକ୍ସାଇଟ ଆବଶ୍ୟକ ହେବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ନିୟମଗିରିରୁ କମ୍ପାନୀ ବକ୍ସାଇଟ ଲାଭକରିବାର ଯୋଜନା ରହିଥିଲା। ରାଜ୍ୟ ସରକାରଙ୍କ ଖଣି ନିଗମ ପକ୍ଷରୁ କମ୍ପାନୀକୁ ବକ୍ସାଇଟ ଯୋଗାଣ ହେବାର ଯୋଜନା ଧାର୍ଯ୍ୟ ହୋଇଥିଲା। ମାତ୍ର ଉକ୍ତ ଖଣି ଖନନକୁ ସ୍ଥାନୀୟ ଅଞ୍ଚଳରେ ବିରୋଧ ହେବା ଯୋଗୁ ସର୍ବୋଚ୍ଚ ନ୍ୟାୟାଳୟ ୨୦୧୩ରେ ଉକ୍ତ ଯୋଜନା ଉପରେ ନିଷେଧାଦେଶ ଜାରି କରିଥିଲେ।

ଘରୋଇ ବଜାରର ବକ୍ସାଇଟ ଆଧାରରେ ଏହି ସମ୍ପ୍ରସାରଣ ହେବ। ଘରୋଇ ବଜାରରେ ବିଡ଼ିଂ ତଥା ଲିଙ୍କେଜ କମ୍ପାନୀକୁ ମିଳିବା ନେଇ ଆଶାବାଦୀ ରହିଛୁ ବୋଲି ଦୀକ୍ଷିତ ସୂଚନା ଦେଇଛନ୍ତି। ନୂଆ ବକ୍ସାଇଟ ଖଣି ନିଲାମରେ ବେଦାନ୍ତ ଭାଗନେବ ବୋଲି ସେ ସ୍ପଷ୍ଟ କରିଛନ୍ତି। କମ୍ପାନୀ ବର୍ତ୍ତମାନ ବ୍ରାଜିଲ ଏବଂ ଗୁଏନାରୁ ବକ୍ସାଇଟ ଆମଦାନୀ କରୁଥିବା ବେଳେ ଏହା ଆନ୍ଧ୍ର ପ୍ରଦେଶର ବନ୍ଦରକୁ ଆସୁଛି। ସେଠାରୁ ଲାଞ୍ଜିଗଡକୁ ୨୭୫ କିମି ଟ୍ରେନ ଯୋଗେ ବକ୍ସାଇଟ ଆସୁଛି। ସମ୍ପ୍ରସାରଣ ଲାଗି କମ୍ପାନୀ ପରିବେଶ ସହ ଅନ୍ୟାନ୍ୟ ମଞ୍ଜୁରୀ ଲାଭ କରିଛି। ଏଥି ଲାଗି ନୂଆ ଜମିର ଆବଶ୍ୟକତା ନାହିଁ। ସମ୍ପ୍ରସାରଣ କାର୍ଯ୍ୟ ୨୦୨୧ ସୁଦ୍ଧା ଶେଷ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ■ଭାରତର ନିର୍ଦ୍ଦେଶକୁ ମାନିବନି ହ୍ୱାଟ୍ସଆପ୍
# ସଫ୍ଟୱେର ତିଆରି କରିବାକୁ ଅରାଜି




ନୂଆଦିଲ୍ଲୀ,୨୩-୮

ହ୍ୱାଟ୍ସଆପ୍ ନିଜ ପ୍ଲାଟଫର୍ମରେ ସୂଚନାର ମୂଳ ଉତ୍ସ ଜାଣିବା ଲାଗି ସଫ୍ଟୱେୟାର ତିଆରି କରିବ ନାହିଁ। ଏସଂକ୍ରାନ୍ତରେ ଭାରତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ କମ୍ପାନୀ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ହ୍ୱାଟ୍ସଆପରେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା ପ୍ରଚାର ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ଭିଡ ଦ୍ୱାରା ହିଂସାକାଣ୍ଡ ବ୍ୟାପୁଛି ବୋଲି ଭାରତ ଅଭିଯୋଗ କରିଛି। ଏହାକୁ ରୋକିବା ଲାଗି କମ୍ପାନୀ ଏଭଳି ସୂଚନାର ମୂଳ ଉତ୍ସ ଖୋଜି ବାହାର କରିବା ଉଦ୍ଦେଶ୍ୟରେ ସଫ୍ଟୱେୟାର ବିକଶିତ କରୁ ବୋଲି ଭାରତ ପକ୍ଷରୁ ଏହାକୁ ଦୁଇଥର ନିର୍ଦ୍ଦେଶ ଦିଆଯାଇଥିଲା।

କମ୍ପାନୀର ନିଷ୍ପତ୍ତି ସମ୍ପର୍କରେ ଉଲ୍ଲେଖ କରି ହ୍ୱାଟ୍ସଆପ୍ ମୁଖପାତ୍ର କହିଛନ୍ତି ଯେ, ଡାକ୍ତର, ବ୍ୟାଙ୍କ, ପରିବାରବର୍ଗ ଭଳି ସାଧାରଣ ଲୋକେ ସମ୍ବେଦନଶୀଳ ସୂଚନାର ଆଦାନପ୍ରଦାନ ଲାଗି ହ୍ୱାଟ୍ସଆପ୍ ଉପରେ ନିର୍ଭରଶୀଳ। ଏଭଳି ସଫ୍ଟୱେର ବିକଶିତ କରିବା ଦ୍ୱାରା ଏଣ୍ଡ୍ ଟୁ ଏଣ୍ଡ୍ ଏନକ୍ରିପସନ ଉପରେ ଏହାର ପ୍ରଭାବ ପଡିବ। ଏହାଦ୍ୱାରା ସୋସିଆଲ ମିଡିଆର ଦୁରୁପଯୋଗ ସମ୍ଭାବନା ଆହୁରି ବଢ଼ିଯିବ। ଅପରପକ୍ଷରେ କମ୍ପାନୀ ଭାରତରେ ସମସ୍ତ ପକ୍ଷଙ୍କ ସହ ମିଶି ମିଥ୍ୟା ସୂଚନା ପ୍ରଦାନରୁ ଦୂରେଇ ରହିବା ନେଇ ସମସ୍ତଙ୍କୁ ପ୍ରବର୍ତ୍ତାଇବ। ସୂଚନାଥାଉକି, ହ୍ୱାଟ୍ସଆପ ପ୍ରମୁଖ କ୍ରିସ ଡାନିଏଲ୍ସ ନିକଟରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଭେଟିଥିଲେ। ଦେଶରେ ହ୍ୱାଟ୍ସଆପ୍‌ର ଏକ ସ୍ଥାନୀୟ କର୍ପୋରେଟ ଅଫିସ ସ୍ଥାପନ କରିବାକୁ କମ୍ପାନୀକୁ କୁହାଯାଇଛି ବୋଲି ବୈଠକ ପରେ ଶ୍ରୀ ପ୍ରସାଦ ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ। ତେବେ ଡାନିଏଲ୍ସ ଏସଂକ୍ରାନ୍ତରେ କୌଣସି ମତାମତ ଦେଇ ନଥିଲେ। କେନ୍ଦ୍ର ସରକାର ହ୍ୱାଟ୍ସଆପ୍,ଫେସବୁକ ଓ ଟ୍ୱିଟର ଭଳି ସୋସିଆଲ ମିଡିଆ ମାଧ୍ୟମରେ ମିଥ୍ୟା ସୂଚନା ପ୍ରଚାରକୁ ରୋକିବା ଲାଗି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛନ୍ତି।

# 'ଟ୍ରେନ୍ ୧୮'ର ପରୀକ୍ଷାମୂଳକ ଶୁଭାରମ୍ଭ ହେବ

ନୂଆଦିଲ୍ଲୀ,୨୩-୮

**କ'ଣ ରହିଛି ସୁବିଧା**
- ସ୍ୱୟଂଚାଳିତ ଡୋର, ଅତ୍ୟାଧୁନିକ ଫୁଟ୍ ଷ୍ଟେପ୍
- ଅନ୍‌ବୋର୍ଡ ୱାଇଫାଇ, ଇନଫୋଟେନମେଣ୍ଟ
- ଜିପିଏସ୍ ସୂଚନା ସେବା
- ମଡ୍ୟୁଲାର ଟଏଲେଟ୍, ବାୟୋ ଭାକ୍ୟୁମ୍ ସିଷ୍ଟମ୍
- ଉନ୍ନତ ସିଟ୍, ଏଲଇଡି ଲାଇଟ
- ଦିବ୍ୟାଙ୍ଗଙ୍କ ସୁବିଧା ମୁତାବକ ଟଏଲେଟ୍




ରେଲୱେ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ସ୍ୱଳ୍ପ ଦ୍ରୁତଗାମୀ 'ଟ୍ରେନ୍ ୧୮' ସେପ୍ଟେମ୍ବର ପହିଲାରୁ ପରିକ୍ଷାମୂଳକ ଭାବେ ଗଡିବ। ଏ ନେଇ ରେଲୱେର ଜଣେ ବରିଷ୍ଠ ଅଧିକାରି ଗୁରୁବାର ସୂଚନା ଦେଇଛନ୍ତି। ସେପ୍ଟେମ୍ବରରେ ଏହି ଟ୍ରେନର ପରୀକ୍ଷାମୂଳକ ଶୁଭାରମ୍ଭ ନେଇ ରେଳ ମନ୍ତ୍ରଣାଳୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ଅଧିକାରୀ ଜଣଙ୍କ କହିଛନ୍ତି। ପରୀକ୍ଷଣ ପରେ ଯାଇ ଏହାର ଚଳାଚଳ ନେଇ ନିଷ୍ପତ୍ତି ହେବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ରେଲୱେର ଟେକ୍ନିକାଲ ଆଡଭାଇଜର ଭାବେ କାର୍ଯ୍ୟ କରୁଥିବା ରିସର୍ଚ୍ଚ ଡିଜାଇନ ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ (ଆର୍‌ଡିଏସଓ) ଏହାର ପରୀକ୍ଷଣ କରିବା ସହ ବୈଧତା ନେଇ ରିପୋର୍ଟ ଦେବ।

ଏହାକୁ ପୂର୍ବରୁ ଜୁଲାଇରେ ଆଣିବା ଲାଗି ସମୟ ସୀମା ଧାର୍ଯ୍ୟ କରାଯାଇଥିଲା। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି(ଆଇସିଏଫ୍)ରେ ଉକ୍ତ ଟ୍ରେନକୁ ପ୍ରସ୍ତୁତ କରାଯାଇଛି। ଏହାର ଘଣ୍ଟାପ୍ରତି ବେଗ ୧୬୦ କିମି ରହିବ। ନୂଆ ଟ୍ରେନ ଶୁଭାରମ୍ଭ ହେଲେ ଶତାବ୍ଦୀ ଏକ୍ସପ୍ରେସ ସ୍ଥାନରେ ଏହା ଚଳାଚଳ କରିବ ବୋଲି ରେଳ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏଭଳି ୬ ଟ୍ରେନ ପ୍ରସ୍ତୁତି ଯୋଜନା ରହିଛି। ନୂଆ ଟ୍ରେନରେ ପରିବର୍ଦ୍ଧିତ ଯାତ୍ରୀ ସୁବିଧା ରହିବ।

■ ବିମୁଦ୍ରୀକରଣକୁ ୨୧ ମାସ

# ଏଟିଏମ୍ ରିକାଲିବ୍ରେଶନ ସାରିନି ଏସ୍‌ବିଆଇ

ନୂଆଦିଲ୍ଲୀ,୨୩-୮(ପି.ଟି)




- ୧୮ ହଜାର ଏଟିଏମ୍‌ରେ ଆସୁନି ନୂଆ ନୋଟ୍
- ରିକାଲିବ୍ରେଶନରେ ସାରିଛି ୨୨.୫ କୋଟି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏହାର ମୋଟ୍ ଅଟୋମେଟେଡ୍ ଟେଲର ମେଶିନ(ଏଟିଏମ୍) ମଧ୍ୟରୁ ଆଉ ୧୮,୧୩୫ର ରିକାଲିବ୍ରେଶନ କରିବ। ବିମୁଦ୍ରୀକରଣର ୨୧ ମାସ ପରେ ମଧ୍ୟରେ ବ୍ୟାଙ୍କ ଏହି ଏଟିଏମ୍‌ଗୁଡିକର ରିକାଲିବ୍ରେଶନ କରିନ ଥିବା ସୂଚନା ଅଧିକାର ଦ୍ୱାରା ମଗାଯାଇଥିବା ତଥ୍ୟରୁ ଏହା ଜଣା ପଡିଛି। ରିକାଲିବ୍ରେଶନ ଏକ ଧାରା ହୋଇଥିବା ବେଳେ ଏଟିଏମ୍‌ରେ ଟଙ୍କା ଧରି ରଖୁଥିବା କ୍ୟାସେଟ୍‌ଗୁଡିକୁ ପରିବର୍ତ୍ତନ କରାଯାଇଥାଏ। ଏହା ନୋଟର ଆକାର ଅନୁସାରେ ହୋଇଥାଏ ବୋଲି ଜଣା ଯାଇଛି। ମଧ୍ୟପ୍ରଦେଶ ସୂଚନା ଅଧିକାର କର୍ମୀ ଚନ୍ଦ୍ର ଶେଖର ଗୌଡ ଏଟିଏମ୍ ରିକାଲିବ୍ରେଶନ ନେଇ ଏସ୍‌ବିଆଇର ଉତ୍ତର ଲୋଡିଥିଲେ। ସୂଚନା ଯୋଗ୍ୟ ବିମୁଦ୍ରୀକରଣ ପରେ ବଜାରରକୁ ଆସିଥିବା ୨୦୦୦, ୫୦୦ ସମେତ ଅନ୍ୟ ନୋଟଗୁଡିକ ଲାଗି ଏଟିଏମ୍ ରିକାଲିବ୍ରେଶନର ଆବଶ୍ୟକତା ରହିଥିଲା। ମୋଟ୍ ୫୯,୫୫୧ ଏଟିଏମ୍ ମଧ୍ୟରୁ ୪୧,୩୮୬ ରିକାଲିବ୍ରେଶନ ହୋଇଥିବା ବ୍ୟାଙ୍କ ସୂଚନା ଦେଇଛି। ଏଥି ଲାଗି ୨୨.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଏହା କହିଛି। ଏପରି ସ୍ଥିତିରେ ୧୮,୧୩୫ ଏଟିଏମ୍‌ରେ ନୂଆ ନୋଟ୍ ଆସୁ ନ ଥିବା ବ୍ୟାଙ୍କ ସୂଚନା ଦେଇଛି।

# କାର୍ଯ୍ୟରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଜେଟ୍‌ଲୀ

ନୂଆଦିଲ୍ଲୀ,୨୩-୮(ପି.ଟି)

କେନ୍ଦ୍ର ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଦୀର୍ଘଦିନ ପରେ ଗୁରୁବାର ପୁଣି ଥରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। କିଡ୍‌ନୀ ପ୍ରତ୍ୟାରୋପଣ ଚିକିତ୍ସା ଯୋଗୁ ସେ ଦୀର୍ଘଦିନ ହେବ ଅଫିସ ଆସୁ ନ ଥିଲେ। ତାଙ୍କ ସ୍ଥାନରେ ଅନ୍ତରୀଣ ଅର୍ଥମନ୍ତ୍ରୀ ଭାବେ ପୀୟୁଷ ଗୋଏଲ କାର୍ଯ୍ୟଭାର ତୁଲାଉଥିଲେ। ଦୀର୍ଘ ୧୦୦ ଦିନ ପରେ ଜେଟ୍‌ଲୀ ପୁଣିଥରେ ଅଫିସରେ ଯୋଗ ଦେଇଥିବା ବେଳେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କୁ ଭେଟିଛନ୍ତି। ମେ ୧୪ରେ ଜେଟ୍‌ଲୀଙ୍କର ଅପରେଶନ ହୋଇଥିବା ବେଳେ ଏହାର ଦେଢ ମାସ ଆଗରୁ ସେ ଅଫିସ ଆସିବା ବନ୍ଦ କରି ଦେଇଥିଲେ।ଗୁରୁବାର ଜେଟଲୀ ନର୍ଥ ବ୍ଲକସ୍ଥିତ କାର୍ଯ୍ୟାଳୟରେ ଦିନ ୧୧ଟାରେ ତାଙ୍କର ବ୍ୟକ୍ତିଗତ ଷ୍ଟାଫଙ୍କ ସହ ନଜର ଆସିଥିଲେ। କାର୍ଯ୍ୟରେ ଆରମ୍ଭ ଲାଗି ଡାକ୍ତର ତାଙ୍କୁ ଅନୁମତି ଦେବା ପରେ ସେ ଅଫିସରେ ଯୋଗ ଦେଇଥିବା ଜଣେ ଅଧିକାରୀ କହିଛନ୍ତି। ଏହି ଅବସରରେ ସେ ଅର୍ଥ ସଚିବ ହସମୁଖ ଆଧିଆଙ୍କ ସମେତ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି), କେନ୍ଦ୍ରୀୟ ପରୋକ୍ଷ ତଥା ସୀମା ଟିକସ ବୋର୍ଡ(ସିବିଆଇସି)ର ଉଚ୍ଚ ପଦାଧିକାରୀଙ୍କୁ ଭେଟିଛନ୍ତି।

■ ଭିଡିଓକନ୍ ଋଣ ମାମଲା

# ଅଢ଼େଇ ମାସରେ ଚନ୍ଦାଙ୍କ ଭାଗ୍ୟ ନିର୍ଦ୍ଧାରଣ

ନୂଆଦିଲ୍ଲୀ,୨୩-୮



ଚନ୍ଦା କୋଚ୍ଚର

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଭିଡିଓକନ ଗ୍ରୁପକୁ ଦିଆଯାଇଥିବା ଋଣରେ ଏହାର ଏମ୍‌ଡି ତଥା ସିଇଓ ଚନ୍ଦା କୋଚ୍ଚରଙ୍କ ହାତ ରହିଥିବା ନେଇ ଯାଞ୍ଚ କରୁଥିବା ଜଷ୍ଟିସ ବି.ଏନ. ଶ୍ରୀକ୍ରିଷ୍ଣା କମିଟିର ରିପୋର୍ଟ ଆସନ୍ତା ଅଢ଼େଇ ମାସ ମଧ୍ୟରେ ଆସିଯିବ। ଏହି ରିପୋର୍ଟ ମିଳିବା ପରେ ହିଁ ଚନ୍ଦାଙ୍କ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବ୍ୟାଙ୍କ ଅଧ୍ୟକ୍ଷ ଜି.ସି. ଚତୁର୍ବେଦୀ ଗୁରୁବାର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡରୁ ଅବସର ନେବାକୁ ଯାଉଥିବା ଚନ୍ଦା ପୁନର୍ବାର ତାଙ୍କୁ ବୋର୍ଡରେ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଛନ୍ତି।

ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଚତୁର୍ବେଦୀ କହିଛନ୍ତି ଯେ, ଶ୍ରୀକ୍ରିଷ୍ଣା କମିଟି ରିପୋର୍ଟକୁ ବ୍ୟାଙ୍କ ଅପେକ୍ଷା କରିଛି। ଏହା ଆସନ୍ତା ୨ରୁ ଅଢ଼େଇ ମାସ ମଧ୍ୟରେ ମିଳିଯିବ। ଏହାପରେ ବ୍ୟାଙ୍କ ଚନ୍ଦାଙ୍କ ସମ୍ପର୍କରେ ନିଷ୍ପତ୍ତି ନେବ। ସେହିପରି ଭିଡିଓକନ ଗ୍ରୁପକୁ ଋଣ ଦେବା ମାମଲାରେ ଶ୍ରୀକ୍ରିଷ୍ଣା କମିଟିର ରିପୋର୍ଟ ମିଳିବା ପରେ ହିଁ ଷ୍ଟକ ମାର୍କେଟ ନିୟନ୍ତ୍ରକ ସେବି ପକ୍ଷରୁ ଦିଆଯାଇଥିବା ନୋଟିସର ଜବାବ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡର ସଦସ୍ୟ ଥିବା ଚନ୍ଦା ପୁନର୍ବାର ବୋର୍ଡର ସଦସ୍ୟ ପଦରେ ନିଯୁକ୍ତ ହେବାକୁ ଆଗ୍ରହୀ ଥିବା ବ୍ୟକ୍ତ କରିଛନ୍ତି। ଏସମ୍ପର୍କରେ ୨୦୧୭-୧୮ ବାର୍ଷିକ ସାଧାରଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଥାଉକି, ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡରେ ୮ ଜଣ ସଦସ୍ୟ ରହିଛନ୍ତି। ତନ୍ମଧ୍ୟରେ ୪ ଜଣ ସ୍ୱାଧୀନ ସଦସ୍ୟ ଅଛନ୍ତି। ଦୁଇ ଜଣ ନନ୍-ଏକଜିକ୍ୟୁଟିଭ ଡାଇରେକ୍ଟରଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ମନୋନୀତ କରାଯାଏ। ଯେଉଁଦିନ ଆଇସିଆଇସିଆଇ ସିକ୍ୟୁରିଟିଜର ବାର୍ଷିକ ସାଧାରଣ ବୈଠକ ବସିବ ସେହିଦିନ ଚନ୍ଦାଙ୍କ ବୋର୍ଡରେ କାର୍ଯ୍ୟକାଳ ଶେଷ ହେବ।


RDA

## ROURKELA DEVELOPMENT AUTHORITY
UDIT NAGAR, ROURKELA- 769012

Advertisement No. 3689 /RDA, XI-79/2018 Dated : 23.08.2018

**APPOINTMENT OF PLANNING ASSISTANT AND AMIN IN ROURKELA DEVELOPMENT AUTHORITY ON CONTRACTUAL BASIS**

1. Applications are invited in the prescribed format from the eligible candidates for contractual appointment to the post of Planning Asistant and Amin in Rourkela Development Authority, Rourkela having requisite qualification noted against each from the recognized institution of the Odisha Council of Technical Education & Vocational Training and +2 Pass with survey training respectively.

| Sl. No. | Name of the Post | No. of Post | Educational Qualification | Monthly remun-eration | Minimum / Maximum age limit | Tenure of contract |
|---|---|---|---|---|---|---|
| 1 | Planning Assistant | 01 | Diploma in Resource Management Environmental Studies, Planning Forestry or Diploma in Architecture or related field and some experience in a planning office or the equivalent combination of training and experience | Negotiable | Not less than 21 years or more than 35 years | 1 year (extendable based on perfor-mance) |
| 2 | Amin | 03 | +2 Pass with survey training and some experience in field survey over revenue land for 3 years. | Negotiable | Not less than 21 years or more than 35 years | 1 year (extendable based on perfor-mance) |

2. The application in prescribed format (Annexure-A) along with two recent passport size photographs duly signed in full on the front side, proof of residence, self certified copies of educational qualifications with mark sheets of HSC examination and above character certificate from a Gazetted Officer and copies of work experience must be sent by Registered post / Speed Post/ Courier so as to reach the Secretary, RDA, Rourkela, Uditnagar, Rourkela - 769012, District - Sundargarh on or before 29.09.2018.
3. Any application received beyond the stipulated date, incomplete in any respect or in violation of any condition is liable for rejection.
4. The particulars indicating the required qualifications, terms and conditions, application form, last date of submission of application etc. can be down loaded from the website of Rourkela Development Authority http://rda-rourkela.in

**Sd./- Secretary, Rourkela Development Authority**



idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.**
**Tender Call Notice No. Civil/EST- 32 / 2018 -19 / 17391 Dt. 20.08.2018**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, delivery, installation, testing and commissioning of 13 Passenger Panoramic machine room less Elevator for Tech Tower, Bhubaneswar.

| Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID. No. Civil - EST-32/ 2018-19 | 04 (Four) Calendar Months | Rs.1,48,93,220.00 | 18.00 Hours of 28.08.2018 | 17.00 Hours of 12.09.2018 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

**Sd/-**
**Chief General Manager (Civil), I/C**
**IDCO, Bhubaneswar**

## ସଂକ୍ଷେପରେ

### ବାସ୍କେଟ ବଲ: ଭାରତୀୟ ମହିଳା ଆଉଟ୍

ଜାକର୍ତ୍ତା, ୨୩।୮(ପି.ଟି.)- ଏସିଆନ୍ ଗେମ୍ସ ବାସ୍କେଟ ବଲ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। ଏହା ସହିତ ଏସିଆନ ଗେମ୍ସରୁ ମହିଳା ଦଳ ବିଦାୟ ନେଇଛି। ଅନ୍ତିମ ଗ୍ରୁପ୍ ଏ ମ୍ୟାଚରେ ଭାରତ ଆୟୋଜକ ଇଣ୍ଡୋନେସିଆଠାରୁ ୬୬-୭୯ରେ ପରାସ୍ତ ହୋଇଛି। ଏହା ପୂର୍ବରୁ ଭାରତ କାଜାଖସ୍ତାନଠାରୁ ୬୧-୭୯, ତାଇପେଠାରୁ ୬୧-୮୪ ଓ ମିଳିତ କୋରିଆ ଦଳଠାରୁ ୫୪-୧୦୪ରେ ପରାସ୍ତ ହୋଇଥିଲା। ଭାରତ ଗ୍ରୁପରେ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଥିବା ବେଳେ ତାଲିପେ ଶାର୍ଷରେ ରହିଛି। ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ।

### ଗୋଆ ରଣଜୀ ଦଳରେ ଆଖାରଙ୍କ ପୁଅ

ପଣଜୀ,୨୩।୮: ଆଗାମୀ ରଣଜୀ ସିଜନ ଲାଗି ଘୋଷିତ ସାମ୍ଭାବ୍ୟ ଗୋଆ ଦଳରେ ସ୍ଥାନ ପାଇଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଜାରୁଦ୍ଦିନଙ୍କ ପୁଅ ମହମ୍ମଦ ଆସାଦ୍ଦିନ। ନିଜ ସମୟରେ ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଥିବା ଆଖାରୁଦ୍ଦିନ ଏବେ ଗୋଆ ଦଳର ମେଣ୍ଟର ଦାୟିତ୍ୱରେ ଅଛନ୍ତି କିନ୍ତୁ ଗୋଆ କ୍ରିକେଟ ଆସୋସିଏସନ (ଜିସିଏ) ପକ୍ଷରୁ ଏ ନେଇ କୌଣସି ଘୋଷଣା କରାଯାଇନାହିଁ। ନିକଟରେ ପୂର୍ବତନ ଅଧିନାୟକ କହିଥିଲେ, ଗୋଆ କ୍ରିକେଟକୁ ସାହାଯ୍ୟ କରିବା ଲାଗି ସେ କିଛି ବି କରିପାରିବେ। ତେବେ ସେ ରାଜ୍ୟ ଦଳକୁ ପରାମର୍ଶ ଦେବେ ବୋଲି ସ୍ପଷ୍ଟ ହୋଇଛି। "ଆଖାରୁଦ୍ଦିନ ଦଳୀୟ ପରାମର୍ଶ ଦାୟିତ୍ୱ ବୁଝାଇବା ଲାଗି ରାଜି ହୋଇଯାଇଛନ୍ତି କିନ୍ତୁ ଏ ନେଇ ଜିସିଏ ପକ୍ଷରୁ ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ" ବୋଲି ଜିସିଏର ଜଣେ କର୍ମକର୍ତ୍ତା କହିଛନ୍ତି। ଆଖାରୁଦ୍ଦିନଙ୍କ ୨୮ ବର୍ଷୀୟ ପୁଅ ଗତ ମଙ୍ଗଳବାର ବସିଥିଆଇ ପକ୍ଷରୁ ଜିସିଏ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଆଣ୍ଟି କରପସନ ସେମିନାରରେ ଯୋଗ ଦେଇଥିଲେ। ଆଉ ଏବେ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ସେ ଏପର୍ଯ୍ୟନ୍ତ ରଣଜୀ ପଦାର୍ପଣ କରି ନ ଥିଲେ ମଧ୍ୟ ହାଇଦ୍ରାବାଦ ଘରୋଇ ଲିଗ୍‌ରେ ଖେଳୁଛନ୍ତି। ସେ ରାଜନୀତି ଯୋଗୁ କ୍ରିକେଟକୁ ପ୍ରାଧାନ୍ୟ ଦେଇନାହାନ୍ତି। କିନ୍ତୁ ତାଙ୍କ ନିକଟରେ ଦକ୍ଷତା ଅଛି।

### ଏଏଫ୍‌ସି କପ୍ ସେମିରେ ହାରିଲା ବେଙ୍ଗାଲୁରୁ ଏଫ୍‌ସି

ବେଙ୍ଗାଲୁରୁ,୨୩।୮(ପି.ଟି.)- ଚଳିତ ଏଏଫ୍‌ସି କପ୍ ଇଣ୍ଟର ଜୋନ ପ୍ରତିଯୋଗିତାରେ ବେଙ୍ଗାଲୁରୁ ଏଫ୍‌ସି ଦଳ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ସେମିଫାଇନାଲରେ ପରାଜିତ ହୋଇଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୨-୩ ଗୋଲରେ ତୁର୍କମେନିସ୍ତାନ କ୍ଲବ ଆଲଟ୍ୟାନ ଆସ୍ୟାର ଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ତୁର୍କମେନିସ୍ତାନ କ୍ଲବ ପକ୍ଷରୁ ଦୁଇଟି ଗୋଲ ହୋଇଥିଲା। ମାତ୍ର ସେମାନେ ସ୍କୋର କରି ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଓହ୍ଲାଏ ଓଭାଲସାରେଭୋ ୪୬ତମ ଗୋଲ ଦେଇ ଭ୍ରମଣକାରୀ ଦଳକୁ ୩-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଏହାପରେ ରାହୁଲ ଭେକେ (୬୩ତମ) ଓ ଉଦିନ ପାର୍ଥିଲୁ (୮୮ତମ) ସ୍କୋର କରି ଆଲଟ୍ୟାନ ଆସ୍ୟା କ୍ଲବର ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ।

# ୧୫ ବର୍ଷୀୟ ଶୁଟର ଶାର୍ଦ୍ଦୁଳଙ୍କୁ ରୌପ୍ୟ

ପାଲେମବାଙ୍ଗ, ୨୩।୮(ପି.ଟି.)

ଏସିଆନ୍ ଗେମ୍ସରେ ଭାରତକୁ ଶୁଟିଂରେ ଆଉ ଏକ ରୌପ୍ୟ ପଦକ ମିଳିଛି। ୧୬ ବର୍ଷୀୟ ସୌରଭ ଚୌଧୁରୀ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିବା ପରେ ଆଉ ଜଣେ ସ୍ୱଳ୍ପ ବୟସ୍କ ଶୁଟର ଦେଶ ପାଇଁ ପଦକ ଜିତିଛନ୍ତି। ଗୁରୁବାର ପଞ୍ଚମ ଦିବସରେ ଭାରତର ୧୫ ବର୍ଷୀୟ ଶାର୍ଦ୍ଦୁଳ ବିହାନ ପୁରୁଷ ଡବଲ ଟ୍ରାପ୍ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଉତ୍ତରପ୍ରଦେଶର ମିରଟ ସହରର ଶାର୍ଦ୍ଦୁଳ ଫାଇନାଲରେ ୭୩ ଶୁଟ୍ କରିଥିଲେ। ଫାଇନାଲକୁ ଯିବା ପୂର୍ବରୁ ସେ ଯୋଗ୍ୟତାପର୍ଯ୍ୟାୟରେ ମଧ୍ୟ ଦମ୍ଦାର ପ୍ରଦର୍ଶନ କରି ଶୀର୍ଷ ସ୍ଥାନରେ ରହିଥିଲେ।

ତେବେ ଏହି ଇଭେଣ୍ଟରେ ଦକ୍ଷିଣ କୋରିଆର ୩୪ ବର୍ଷୀୟ ହ୍ୟୁନଉ ଶିନ୍ ସ୍ୱର୍ଣ୍ଣ ଓ କାତାରର ୪୨ ବର୍ଷୀୟ ଶୁଟର ହମାଦ ଅଲି ଅଲ ମାରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସାଧାରଣ ଶଟ୍‌ଗନ୍ ଇଭେଣ୍ଟରେ ବୟସ୍କ ଶୁଟର ପ୍ରାଧାନ୍ୟବିସ୍ତାର କରିଥିବା ଲକ୍ଷ୍ୟ କରାଯାଏ। କିନ୍ତୁ ଗୁରୁବାର ଏପରି ହୋଇ ନ ଥିଲା। ୨୦୦୩ରେ ଜନ୍ମଗ୍ରହଣ କରିଥିବା ଶାର୍ଦ୍ଦୁଳ ଏବେ ମିରଟର ମୋଦିପୁରମ୍ ସ୍ଥିତ ଦୟାବତୀ ମୋଦି ଏକାଡେମୀରେ ଦଶମ ଶ୍ରେଣୀରେ ପଢୁଛନ୍ତି। ଅଭିଜ୍ଞ ତଥା ବୟସ୍କ ଶୁଟରଙ୍କ ଉପସ୍ଥିତି ତାଙ୍କୁ ଆଦୌ ବିଚଳିତ କରି ନ ଥିଲା। ବ୍ରୋଞ୍ଜ ପଦକ ଜିତିଥିବା ହମାଦ ବୟସରେ ତାଙ୍କଠାରୁ ୩ ଗୁଣା ହେବେ। ଶାର୍ଦ୍ଦୁଳଙ୍କ ରୌପ୍ୟ ସହ ଭାରତ ଜାକାର୍ତ୍ତାରିଙ୍ଗ୍ ଶୁଟିଂ ରେଞ୍ଜରେ ମୋଟ ଉପରେ ଅଷ୍ଟମ ପଦକ ହାସଲ କରିଛି।

ଏବେ ଭାରତୀୟ ଶୁଟରମାନେ ଅଳ୍ପ ବୟସରେ ବଡ଼ ବଡ଼ ଇଭେଣ୍ଟରେ ପଦକ ଜିତିବାର ଅଭ୍ୟାସ ଆରମ୍ଭ କଲେଣି। ଏହାପୂର୍ବରୁ ୧୫ ବର୍ଷରେ ଅନିଶ ଭାନୱାଲା ଓ ୧୬ ବର୍ଷରେ ମନୁ ଭାକର



ରୌପ୍ୟପଦକ ସହ ଯୁବ ଶୁଟର ଶାର୍ଦ୍ଦୁଳ ବିହାନ।

ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୪ ବର୍ଷ ତଳେ ଶାର୍ଦ୍ଦୁଳ ଶୁଟିଂକୁ କ୍ରୀଡ଼ାରୂପେ ସହ ଗ୍ରହଣ କରି କ୍ୟାରିୟର ଆରମ୍ଭ କରିଥିଲେ। ସେ ଶାମଲିରେ ରହୁଥିବା କୋଚ୍ ଅନୱର ସୁଲତାନଙ୍କ ତତ୍ତ୍ୱାବଧାନରେ ଶୁଟିଂ ଶିକ୍ଷା କରିବା ଆରମ୍ଭ କରିଥିଲେ। ଶାର୍ଦ୍ଦୁଳଙ୍କ ଏହି ସଫଳତାରେ କୋଚ୍ ଅନୱର ବେଶ୍ ଖୁସି ଜାହିର କରିଛନ୍ତି। ଏବେ ଟ୍ରାପ୍ ଇଭେଣ୍ଟ ପାଇଁ ତାଙ୍କୁ ପ୍ରସ୍ତୁତ କରାଇବି ବୋଲି ସେ କହିଛନ୍ତି। ଶାର୍ଦ୍ଦୁଳଙ୍କ ପାଖରେ ଅସାଧାରଣ ପ୍ରତିଭା ରହିଛି ଓ ଆଗକୁ ସେ ଆହୁରି ସଫଳ ହେବେ ବୋଲି ସୁଲତାନ ଆଶା ପ୍ରକାଶ କରିଛନ୍ତି। ସମୟ ଅଭାବ ସତ୍ତ୍ୱେ ପାଠପଢା ଓ ଶୁଟିଂରେ ସେ ସନ୍ତୁଳନ ରକ୍ଷା କରି ମାତ୍ର ୧୫ ବର୍ଷ ବୟସରେ ଏସିଆନ ଗେମ୍ସ ରୌପ ପଦକ ହାସଲ କରିବା ଏକ ବଡ଼ ସଫଳତା ବୋଲି ଶାର୍ଦ୍ଦୁଳଙ୍କ ମନୋଜ କହିଛନ୍ତି। ପୂର୍ବରୁ ମୁଁ ନର୍ଥ ଜୋନ୍ ମିଟ୍‌ରେ ଏକ ପଦକ ହାସଲ କରିଥିଲି ବୋଲି ଶାର୍ଦ୍ଦୁଳ କହିଛନ୍ତି।

ଡାହାଣହାତି ଶୁଟର ଶାର୍ଦ୍ଦୁଳ ୨୦୧୭ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୬୧ତମ ଶଟ୍‌ଗନ୍ ଜାତୀୟ ଶଟ୍‌ଗନ୍ ଚାମ୍ପିୟନଶିପରେ ୪ଟି ନ୍ୟାଶନାଲ ଟାଇଟଲ ହାସଲ କରିଥିଲେ। ସେହିପରି ଜର୍ମାନୀରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍‌ରେ ମଧ୍ୟ ସେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଭାରତୀୟ କୋଚ୍ ମାନସେର ସିଂ ଶାର୍ଦ୍ଦୁଳଙ୍କ ପ୍ରଦର୍ଶନକୁ ତାରିଫ କରିଛନ୍ତି। ସବୁ ପ୍ରତିଯୋଗୀ ମୋଠାରୁ ଅଧିକ ବୟସର ଓ ଏଥିପାଇଁ ମୋତେ ମାନେସର ସାର୍ ନିର୍ଭୀକ ଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାକୁ ପରାମର୍ଶ ଦେଇଥିଲେ ବୋଲି ଶାର୍ଦ୍ଦୁଳ କହିଛନ୍ତି। ନ୍ୟାଶନାଲ ରାଇଫଲ ଆସୋସିଏସନ ଅଫ ଇଣ୍ଡିଆ (ଏନ୍‌ଆରଏଆଇ) ଅଧ୍ୟକ୍ଷ ରଣିନ୍ଦର ସିଂ ମଧ୍ୟ ଏହି ଐତିହାସିକ ପ୍ରଦର୍ଶନ ପାଇଁ ଶାର୍ଦ୍ଦୁଳଙ୍କୁ ତାରିଫ କରିଛନ୍ତି।

ପୁରୁଷ ଡବଲ ଟ୍ରାପ୍‌ରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ଶୁଟର ଅଙ୍କୁର ମିତ୍ତଲ ଫାଇନାଲରେ ପ୍ରବେଶ କରିପାରି ନ ଥିଲେ। ଶ୍ରେୟାସି ସିଂ ଓ ବର୍ଷା ବର୍ମନ ମଧ୍ୟ ନିରାଶ କରିଥିଲେ। ମହିଳା ଡବଲ ଟ୍ରାପ୍‌ରେ ଏହି ଦୁଇ ଖେଳାଳି ଯଥାକ୍ରମେ ଷଷ୍ଠ ଓ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

## ପୁରୁଷ ଦଳର ବିପର୍ଯ୍ୟୟ, ଫାଇନାଲରେ ମହିଳା



ପୁରୁଷ କବାଡିରେ ଭାରତ ଓ ଇରାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଜାକର୍ତ୍ତା, ୨୩।୮(ପି.ଟି.)

ଏସିଆନ ଗେମ୍ସରେ ଭାରତୀୟ କବାଡି ଦଳର ପତିଆରା ଶେଷରେ ଖର୍ବ ହୋଇଛି। ଇତିହାସରେ ପ୍ରଥମଥର ପାଇଁ ଭାରତୀୟ ପୁରୁଷ କବାଡି ଦଳ ଫାଇନାଲକୁ ଉଠିବାରେ ବିଫଳ ହେବା ସହ ପ୍ରଥମଥର ପାଇଁ ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଫଳରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଦୌଡ଼ରୁ ଭାରତ ବାଦ ପଡିବା ସହ ଶେଷରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଭାରତ ଇରାନଠାରୁ ପରାସ୍ତ ହୋଇ ଝଟ୍‌କା ଖାଇଛି । ପୂର୍ବରୁ ଏସିଆଡ୍‌ରେ ଭାରତୀୟ ପୁରୁଷ ଦଳ ସବୁବେଳେ ସ୍ୱର୍ଣ୍ଣ ପଦକ ହାସଲ କରି ଆସୁଥିଲା। କ୍ରମାଗତ ୭ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତ ସେମିରେ ଇରାନଠାରୁ ୧୮-୨୭ରେ ପରାସ୍ତ ହୋଇଛି। ପରାଜୟ ପରେ କେତେକ ଭାରତୀୟ ଖେଳାଳିଙ୍କ ଆଖିରେ ଲୁହ ଆସିଯାଇଥିଲା। ଇରାନ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରି ବାଜି ମାରିଥିଲା। ଏହି ମ୍ୟାଚରେ ଭାରତ ଚାପର ସମ୍ମୁଖୀନ ହୋଇଥିବା ପରିଲକ୍ଷିତ ହୋଇଥିଲା। ଭାରତୀୟ ପୁରୁଷ ଦଳ ପୂର୍ବରୁ ୭ଥର ସ୍ୱର୍ଣ୍ଣ ଜିତିଥିଲା।

ଅପରପକ୍ଷରେ ଭାରତୀୟ ମହିଳା କବାଡି ଦଳ କ୍ରମାଗତ ତୃତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଭାରତ ପ୍ରଭାବ ବିସ୍ତାର କରି ଖେଳିବା ସହ ଚାଇନିଜ ତାଇପେଇକୁ ୨୭- ୧୪ରେ ପରାସ୍ତ କରି ଫାଇନାଲକୁ ଉଠିଛି। ଗତ ଦୁଇଟିସଂସ୍କରଣରେ ଭାରତ ସ୍ୱର୍ଣ୍ଣ ଜିତିଥିଲା। ପୁଣି ଭାରତୀୟ ମହିଳା ଦଳ ମଧ୍ୟ ୨୦୧୨, ୨୦୧୩ ଓ ୨୦୧୪ରେ ୩ଥର ବିଶ୍ୱକପ୍ ହାସଲ କରିଥିଲା। ଏବେ ଫାଇନାଲରେ ଭାରତ ଇରାନ୍ କିମ୍ବା ଥାଇଲାଣ୍ଡକୁ ଭେଟିବ। ଗ୍ରୁପ୍ ଏ'ରେ ଶୀର୍ଷ ସ୍ଥାନରେ ରହିବା ସହ ଭାରତ ସେମିରେ ପ୍ରବେଶ କରିଥିଲା।

## ନିରାଶ କଲେ ଭାରତୀୟ ରୋୟର

ପାଲେମବାଙ୍ଗ, ୨୩।୮(ପି.ଟି.)

ଏସିଆନ ଗେମ୍ସ ରୋଇଂରେ ଭାରତୀୟ ରୋୟରମାନେ ଗୁରୁବାର ମାମୁଲି ପ୍ରଦର୍ଶନ କରିଛନ୍ତି। ଭାରତ ପାଖାପାଖି ୪ଟି ମେଡାଲ ହାତଛଡ଼ା କରିଛି। ଏଥି ମଧ୍ୟରେ ପୁରୁଷ ସିଙ୍ଗଲ ସ୍କଲ୍ ଓ ଡବଲ ସ୍କଲ୍ସ ମଧ୍ୟ ସାମିଲ ରହିଛି।

ସ୍ୱର୍ଣ୍ଣ ଫେଭରାଇଟ ଦତ୍ତୁ ଭୋକାନାଲ ସିଙ୍ଗଲ ସ୍କଲ୍ ଫାଇନାଲରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହା ଭାରତ ପାଇଁ ଜବରଦସ୍ତ ଝଟ୍‌କା ସଦୃଶ ହୋଇଛି। ସେହିପରି ଡବଲ ସ୍କଲ୍‌ରେ ଭାରତକୁ ଆହୁରି ନିରାଶ ହେବାକୁ ପଡ଼ିଛି। ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଫେଭରାଇଟ ସାୱର୍ଣ୍ଣ ସିଂ ଓ ଓମ୍ ପ୍ରକାଶ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ସେହିପରି ପୁରୁଷ ପେୟାର ଇଭେଣ୍ଟରେ ଭାରତ ମଲକିତ ସିଂ ଓ ଗୁରିନ୍ଦର ସିଂ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛନ୍ତି। ପୁରୁଷ ଲାଇଟଓ୍ୱେଟ୍ ଫୋରରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ତେବେ ଶୁକ୍ରବାର ଭାରତ ରୋଇଂରେ କେତେଟି ପଦକ ଜିତିବା ଆଶା କରାଯାଉଛି।

## ଖାଡେଙ୍କ ନୂତନ ଜାତୀୟ ରେକର୍ଡ

ଜାକର୍ତ୍ତା,୨୩।୮(ପି.ଟି.)

ବିର୍ଦ୍ଧୱଲ ଖାଡେ ୫୦ ମିଟର ବଟରଫ୍ଲାଏ ସନ୍ତରଣ ଇଭେଣ୍ଟରେ ନୂତନ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ଖାଡେ ଯୋଗ୍ୟତା ପର୍ଯ୍ୟାୟରେ ୨ୟ ହିଟ୍ ଅଂଶଗ୍ରହଣ କରି ରେସ୍‌କୁ ୨୪.୦୯ ସେକେଣ୍ଡରେ ଶେଷ କରି ନିଜ ରେକର୍ଡ ଭାଙ୍ଗିଛନ୍ତି। ସେ ୯ ବର୍ଷ ପୂର୍ବେ ଜାତୀୟ ରେକର୍ଡର (୨୪.୧୪ ସେ.) ଅଧିକାରୀ ହୋଇଥିଲେ। କିନ୍ତୁ ସେ ପଦକ ପର୍ଯ୍ୟାୟରେ ସେ ବିଫଳ ହୋଇଛନ୍ତି। ସେ ଫାଇନାଲ ରେସ୍‌କୁ ୨୪.୪୮ ସେକେଣ୍ଡ ଶେଷ କରି ଅନ୍ତିମ ତଥା ୮ମ ସ୍ଥାନରେ ରହିଥିଲେ।

## ଅଙ୍କିତାଙ୍କୁ ବ୍ରୋଞ୍ଜ, ଆଉ ୨ ପଦକ ନିଶ୍ଚିତ

ପାଲେମବାଙ୍ଗ, ୨୩।୮ (ପି.ଟି.)

ଏସିଆନ୍ ଗେମ୍ସ ଟେନିସ୍‌ରେ ଗୁରୁବାର ଭାରତ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି। ମହିଳା ଖେଳାଳି ଅଙ୍କିତା ରାଇନା ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଭାରତ ପାଇଁ ଆଉ ୨ ପଦକ ନିଶ୍ଚିତ ହୋଇଛି। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ବିଶ୍ୱର ୧୮୯ତମ ଖେଳାଳି ଅଙ୍କିତା ବିଶ୍ୱର ୩୪ ନମ୍ବର ଖେଳାଳି ଟପ୍ ସିଡ୍ ଚାଇନାର ଶୁଆଇ ଝାଙ୍ଗଙ୍କଠାରୁ ୪-୬, ୬-୭ ସେଟରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ୨୫ ବର୍ଷୀୟା ଅଙ୍କିତା ବେଶ୍ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲେ। ସାନିଆ ମିର୍ଜାଙ୍କ ପରେ ଅଙ୍କିତା ଦ୍ୱିତୀୟ ମହିଳା ଖେଳାଳି ଭାବେ ସିଙ୍ଗଲ୍ସରେ ଏସିଆନ ଗେମ୍ସ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ସାନିଆ ୨୦୦୬ ଦୋହା ଏସିଆଡ୍‌ରେ ରୌପ୍ୟ ଓ ୨୦୧୦ ଗୁଆଙ୍ଗଝୁ ସଂସ୍କରଣରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ଅଙ୍କିତା ରାଇନା।

ସେହିପରି ପୁରୁଷ ଡବଲ୍ସ ଇଭେଣ୍ଟରେ ଅଭିଜ୍ଞ ଭାରତୀୟ ଯୋଡି ରୋହନ ବୋପାନା ଓ ଦିଭିଜ୍ ଶରଣ ସେମିଫାଇନାଲରେ ବିଜୟୀ ହୋଇ ଫାଇନାଲକୁ ଉଠିଛନ୍ତି। ଫଳରେ ଅତିକମରେ ଏହି ଯୋଡି ରୌପ୍ୟ ପଦକ ଜିତିବା ନିଶ୍ଚିତ ହୋଇଛି। ତେବେ ଶୁକ୍ରବାର ସ୍ୱର୍ଣ୍ଣ ପଦକ ପାଇଁ ଏହି ଯୋଡି ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ବୋପାନା- ଶରଣ ସେମିରେ ଜାପାନର କାଇଟୋ ଉସୁଗି ଓ ଶୋ ଶିମାବୁକୁରୋଙ୍କୁ ୪-୬,୬-୩,୧୦-୮ ସେଟରେ ହରାଇ ଫାଇନାଲକୁ ଉଠିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ୧୬୧ ନମ୍ବର ଖେଳାଳି ଭାରତର ପ୍ରାଜନେଶ ଗୁଣେଶ୍ୱରନ କ୍ୱାର୍ଟର ଫାଇନାଲରେ ଦକ୍ଷିଣ କୋରିଆର ୨୭୩ ନମ୍ବର ଖେଳାଳି କ୍ୱୋନ ସୁନଉଙ୍କୁ ୬-୭, ୬-୪, ୭-୬ ମାରାଥନ ସେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ ଗୁଣେଶ୍ୱରନଙ୍କୁ ୪ ଘଣ୍ଟା ଆବଶ୍ୟକ ହୋଇଥିଲା। ଫଳରେ ସେ ଅତିକମ୍‌ରେ ବ୍ରୋଞ୍ଜ ଜିତିବା ନିଶ୍ଚିତ ହୋଇଛି।

## ସ୍କ୍ୱାଶରେ ଘୋଷାଲ- ସାନ୍ଧୁ ପଦକ ନିଶ୍ଚିତ କଲେ

ଜାକର୍ତ୍ତା, ୨୩।୮(ପି.ଟି.)

ଏସିଆନ୍ ଗେମ୍ସରେ ଭାରତ ସ୍କ୍ୱାଶରେ ଅତିକମ୍‌ରେ ଏକ ବ୍ରୋଞ୍ଜ ପଦକ ନିଶ୍ଚିତ କରିଛି। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଭାରତ ସୌରଭ ଘୋଷାଲ ଓ ହରିନ୍ଦର ପାଲ ସାନ୍ଧୁ ପରସ୍ପରକୁ ଭେଟିବେ। ଫଳରେ ଜଣେ ଭାରତୀୟ ଖେଳାଳି ସେମିକୁ ଉଠିବେ। ଫଳରେ ଭାରତକୁ ରୌପ୍ୟ ବ୍ରୋଞ୍ଜ ମିଳିବା ନିଶ୍ଚିତ ହୋଇଛି। ଅନ୍ୟପଟେ ମହିଳା ସିଙ୍ଗଲ୍ସରେ ଜ୍ୟୋସ୍ନା ଚିନାପ୍ପା ଓ ଦୀପିକା ପାଲିକଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଘୋଷାଲ ଶ୍ରୀଲଙ୍କାର ମହମ୍ମଦ ଇସ୍‌ମାଇଲ ମୁଲ୍ଲାର ୱାକିଲଙ୍କୁ ୧୧-୨୧, ୧୧-୨, ୧୧-୧ ସିଧା ସଳଖ ଗେମ୍‌ରେ ପ୍ରଥମେ ପରାସ୍ତ କରିଥିଲେ। ସେହିପରି ସାନ୍ଧୁ କୋରିଆର କୋ ୟୋଙ୍ଗଜୋଙ୍ଗଙ୍କୁ ୧୧-୮, ୧୧-୩, ୧୧-୫ରେ ପ୍ରଥମେ ହରାଇ ଅଗ୍ରଗତି କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଘୋଷାଲ ପାକିସ୍ତାନର ଅସଲାମ ତାୟବଙ୍କୁ ୧୧-୫, ୧୧-୩, ୧୧-୧୩, ୧୧-୮ରେ ଓ ସାନ୍ଧୁ ଫିଲିପାଇନ୍ସର ଗାର୍ସିଆ ରୋବେର୍ଟ ଆଣ୍ଡ୍ରୁଙ୍କୁ ୧୧-୪, ୨-୧୧, ୧୨-୧୦, ୧୫-୧୩ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୫୫ | ୪୦ | ୨୧ | ୧୧୬ |
| ଜାପାନ | ୨୫ | ୨୮ | ୩୩ | ୮୬ |
| କୋରିଆ | ୧୬ | ୨୦ | ୨୭ | ୬୩ |
| ଇରାନ | ୧୦ | ୯ | ୮ | ୨୭ |
| ଇଣ୍ଡୋନେସିଆ | ୮ | ୬ | ୧୦ | ୨୪ |
| ଥାଇଲାଣ୍ଡ | ୬ | ୪ | ୧୬ | ୨୬ |
| ଉତ୍ତର କୋରିଆ | ୬ | ୨ | ୫ | ୧୩ |
| ଚାଇନିଜ୍ ତାଇପେ | ୫ | ୬ | ୧୧ | ୨୨ |
| ଉଜବେକିସ୍ତାନ | ୪ | ୮ | ୭ | ୧୯ |
| ଭାରତ | ୪ | ୪ | ୧୦ | ୧୮ |

## ସିନ୍ଧୁ, ସାଇନା ଦ୍ୱିତୀୟ ରାଉଣ୍ଡରେ

ଜାକର୍ତ୍ତା,୨୩।୮(ପି.ଟି.)

ଏସିଆନ ଗେମ୍ସ ବ୍ୟାଡମିଣ୍ଟନ ଚାମ୍ପିୟନଶିପରେ ଦୁଇ ଭାରତୀୟ ମହିଳା ତାରକା ପି.ଭି. ସିନ୍ଧୁ ଓ ସାଇନା ନେହ୍‌ୱାଲ ବିଜୟ ଅଭିଯାନ ଆରମ୍ଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ଓପନିଂ ରାଉଣ୍ଡରେ ବିଶ୍ୱର ୫୨ ନମ୍ବର ଖେଳାଳି ଭୁ ଥି ଟ୍ରାଙ୍ଗଠାରୁ କଡ଼ା ସଂଘର୍ଷର ସମ୍ମୁଖୀନ ହୋଇଥିଲେ ମଧ୍ୟ ଶେଷରେ ୨୧- ୧୦, ୧୨-୨୧, ୨୩-୨୧ରେ ୫୨ ମିନିଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

ସେହିପରି ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ଇରାନର ସୋରାୟା ଅଖାଜିଆଘଙ୍କୁ ମାତ୍ର ୨୬ ମିନିଟରେ ୨୧- ୭, ୨୧- ୯ରେ ଅତି ସହଜରେ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଉଭୟ ଖେଳାଳି ଇଣ୍ଡୋନେସିଆ ଖେଳାଳିମାନଙ୍କୁ ଭେଟିବେ। ସିନ୍ଧୁ ଫୁନ୍ସୁଙ୍କ ଗ୍ରିଗୋରିଆ ମାରିସ୍କାଙ୍କୁ ଓ ସାଇନା





ରିଟର୍ନ ଶଟ୍ ଅବସରରେ ପି.ଭି. ସିନ୍ଧୁ ଓ ସାଇନା ନେହ୍‌ୱାଲ।

### ଋତୁପର୍ଣ୍ଣା ପଣ୍ଡା ହାରିଲେ

ଫିତ୍ରିଆନିଙ୍କୁ ଭେଟିବେ।

ସେହିପରି ମହିଳା ଡବଲ୍ସ ଇଭେଣ୍ଟରେ ଭାରତ ଅଶ୍ୱିନୀ ପୋନାପ୍ପା ଓ ଏନ୍ ସିକ୍କି ରେଡ୍ଡୀ ୨୧-୧୬, ୨୧-୧୫ରେ ହଂକଂର ଏନ୍‌ଜି ୱିଙ୍ଗ୍ ୟୁଙ୍ଗ୍ ଓ ୟେୟୁଙ୍ଗ ଏନଗାଟିଙ୍ଗଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ପୁରୁଷ ଡବଲ୍ସରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟପଦକ ବିଜେତା ଭାରତର ଚିରାଗ ଶେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ହଂକଂର ଯୋନି ଲୁଙ୍ଗ୍ ଓ ଚୁନ ହେଇ ଟାମଙ୍କୁ ୨୧-୧୨, ୨୧- ୧୪ରେ ହରାଇ ଅଗ୍ରଗତି କରିଛନ୍ତି।

ମହିଳା ଡବଲ୍ସରେ ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା ଓ ଆରତି ସୁନିଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହି ଯୋଡି ୧୧-୨୧,୬- ୨୧ରେ ଥାଇଲାଣ୍ଡର ଛାୟାନ୍ତି ଚଲଡଚାଲମ ଓ ଫାଟାଇମାସ ମୁଏନୱଙ୍ଗଙ୍କଠାରୁ ପରାସ୍ତ ହୋଇଛନ୍ତି।



ସାଉଥାମ୍ପଟନଠାରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରେ ଭାରତ ବିଜୟ ହାସଲ କରିପାରେ, କାରଣ ସେଠିକାର କଣ୍ଡିଶନ ଓ ପିଚ୍ ଭାରତୀୟଙ୍କୁ ସୁହାଇବ।

–ହରଭଜନ ସିଂ, ଭେଟେରାନ ଅଫ୍ ସ୍ପିନର



ୟୋ ୟୋ ଟେଷ୍ଟରେ ଫେଲ୍ ହେବାରୁ ମୁଁ ଇଂଲଣ୍ଡ ଟୁର୍‌ରେ ସାମିଲ ହୋଇ ପାରିଲିନି। ଏଥିପାଇଁ ଦୁଃଖିତ ଥିଲେ ମଧ୍ୟ ଏହି ବ୍ୟବସ୍ଥାକୁ ମୁଁ ବିରୋଧ କରେନି।

–ଅମ୍ବାତି ରାୟୁଡୁ, ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ଟି୨୦ ଫର୍ମାଟରୁ ଝୁଲଣଙ୍କ ଅବସର



ନୂଆଦିଲ୍ଲୀ,୨୩।୮ -ଭାରତୀୟ ମହିଳା ଦଳର ପେସର ଝୁଲଣ ଗୋସ୍ୱାମୀ ଗୁରୁବାର ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଛନ୍ତି। ଫଳରେ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳକୁ ଅଭିଜ୍ଞ ବୋଲରଙ୍କ ବିନା ଖେଳିବାକୁ ପଡ଼ିବ। ୱେଷ୍ଟଇଣ୍ଡିଜ୍‌ଠାରେ ଚଳିତବର୍ଷ ନଭେମ୍ବରରେ ଏହି ଆଇସିସି ଇଭେଣ୍ଟ ଖେଳାଯିବ। ୨୦୦୬ରୁ ଆରମ୍ଭ ହୋଇଥିବା ଛୋଟିଆ ଫର୍ମାର୍ଟରେ ସେ ୬୮ ମ୍ୟାଚ୍ ଖେଳିଛନ୍ତି। ୩୫ ବର୍ଷୀୟା ବୋଲର ୫୮ ଉଇକେଟ ନେଇଛନ୍ତି। ଏହି ଫର୍ମାଟରେ ୨୦୧୨ ଅଷ୍ଟ୍ରେଲିଆ ବିପକ୍ଷରେ ୧୧ ରନ୍ ବିନିମୟରେ ୫ ଉଇକେଟ ନେଇଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ତାଙ୍କ ବ୍ୟତୀତ ସ୍ପିନର ପୁନମ ଯାଦବ(୫୩) ଓ ଏକତା ବିସ୍ତ (୫୦) ଭାରତୀୟ ବୋଲର ଭାବେ ୫୦ରୁ ଊର୍ଦ୍ଧ୍ୱ ଉଇକେଟ ନେଇଛନ୍ତି। ତେବେ ସେ ଦିନିକିଆ ଫର୍ମାଟରେ ଜାତୀୟ ଦଳ ଲାଗି ଉପଲବ୍ଧ ରହିବେ ବୋଲି ସୂଚନା ଦେଇଛନ୍ତି। ଉଲ୍ଲେଖଥାଉ କି, ଝୁଲଣ ଅନ୍ତର୍ଜାତୀୟ ଦିନିକିଆରେ ସର୍ବାଧିକ ଉଇକେଟ ନେଇଥିବା ବୋଲର। ସେ ଏକମାତ୍ର ବୋଲର ଭାବେ ୨୦୦ ଦିନିକିଆ ଉଇକେଟ ନେଇଛନ୍ତି। ଏହାବାଦ୍ ସେ ଏକମାତ୍ର ଭାରତୀୟ ବୋଲର ଭାବେ ସମସ୍ତ ଫର୍ମାଟରେ ୫ ଉଇକେଟ ହାସଲ ନେଇଛନ୍ତି।

### ପୂର୍ବତନ ବ୍ରାଜିଲ ଫୁଟ୍‌ବଲ ମୁଖ୍ୟଙ୍କୁ ୪ବର୍ଷ ଜେଲ୍



ନ୍ୟୁୟର୍କ, ୨୩।୮(ଏଏଫ୍‌ପି):ଫିଫା ଦୁର୍ନୀତି ସ୍କାଣ୍ଡାଲରେ ସମ୍ପୃକ୍ତି ପାଇଁ ଆମେରିକାର ଜଣେ ବିଚାରପତି ୮୬ ବର୍ଷୀୟ ପୂର୍ବତନ ବ୍ରାଜିଲ ଫୁଟ୍‌ବଲ ମୁଖ୍ୟଙ୍କୁ ୪ବର୍ଷ ଜେଲ ଦଣ୍ଡବିଧାନ କରିଛନ୍ତି। କୋପା ଆମେରିକା ଓ କୋପା ଲିବର୍ଟାଡୋର୍ସ ଭଳି ବଡ଼ ଟୁର୍ନାମେଣ୍ଟର ପ୍ରସାରଣ ଅଧିକାର ଚୁକ୍ତି ନେଇ ସ୍ପୋର୍ଟ୍ସ ମାର୍କେଟିଂ କମ୍ପାନୀଗୁଡ଼ିକଠାରୁ ୬.୬ ନିୟୁତ ଆମେରିକୀୟ ଡଲାର ଲାଞ୍ଚ ନେଇଥିବା ଅଭିଯୋଗରେ ଜୋସ୍ ମାରିଆ ମାରିନ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୫ ମେ ୨୭ରେ ଜୁରିଚ୍‌ର ଏକ ବିଳାସପୂର୍ଣ୍ଣ ହୋଟେଲରୁ ଦୁର୍ନୀତି ଅଭିଯୋଗରେ ଯେଉଁ ୭ଜଣ ଫିଫା ଅଫିସିଆଲ ଗିରଫ ହୋଇଥିଲେ ସେମାନଙ୍କ ମଧ୍ୟରେ ମାରିନ୍ ଅନ୍ୟତମ ଥିଲେ। ଗିରଫ ୭ଜଣଙ୍କୁ ମଧ୍ୟରୁ ମାରିନ ପ୍ରଥମ ବ୍ୟକ୍ତି ଭାବେ ଆମେରିକା ସଂଘୀୟ କୋର୍ଟ ଦ୍ୱାରା ଦଣ୍ଡିତ ହୋଇଛନ୍ତି।

# ଶୀର୍ଷକୁ ଫେରିଲେ କୋହଲି

ଦୁବାଇ, ୨୩।୮(ପି.ଟି.)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନଟିଂହାମରେ ଇଂଲଣ୍ଡ ବିପକ୍ଷରେ ସମାପ୍ତ ହୋଇଥିବା ୩ୟ ଟେଷ୍ଟରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ କୋହଲି ଶୀର୍ଷ ସ୍ଥାନକୁ ଫେରିବାରେ ସଫଳ ହୋଇଛନ୍ତି। ଏହି ମ୍ୟାଚ୍‌ର ଉଭୟ ଇନିଂସରେ କୋହଲି ଯଥାକ୍ରମେ ୯୭ ଓ ୧୦୩ ରନ ସମେତ ମୋଟ୍ ୨୦୦ ରନ ସଂଗ୍ରହ କରିଥିଲେ। କୋହଲିଙ୍କ ଏହି ଇନିଂସ ଯୋଗୁ ଭାରତ ମ୍ୟାଚ୍‌କୁ ୨୦୩ ରନର ବୃହତ ବ୍ୟବଧାନରେ ଜିତି ନେଇଥିଲା। ଚଳିତ ସିରିଜର ପ୍ରଥମ ମ୍ୟାଚ୍‌ର ଉଭୟ ଇନିଂସରେ କୋହଲି ଯଥାକ୍ରମେ ୧୪୯ ଓ ୫୧ ରନର ଇନିଂସ ଖେଳିଥିଲେ। ଏହି ଇନିଂସ ଯୋଗୁ ସେ ପ୍ରଥମଥର ଲାଗି ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ଲାଭ କରିଥିଲେ। ତେବେ ଲର୍ଡ୍ସ ଟେଷ୍ଟରେ ନୈରାଶ୍ୟଜନକ ବ୍ୟାଟିଂ ପ୍ରଦର୍ଶନ ଯୋଗୁ ତାଙ୍କୁ ଶୀର୍ଷ ମାନ୍ୟତା ହରାଇବାକୁ ପଡ଼ିଥିଲା। ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗରେ କୋହଲିଙ୍କ ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୯୩୭ ରହିଛି, ଯାହା ସର୍ବକାଳୀନ ଏକାଦଶତମ ରେଟିଂ ପଏଣ୍ଟ। ଟପ୍-୧୦ ରେଟିଂ ପଏଣ୍ଟ ମଧ୍ୟରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସାର୍ ଡନ୍ ବ୍ରାଡ୍‌ମ୍ୟାନ (୯୬୧ ପଏଣ୍ଟ) ରହିଥିବାବେଳେ ଷ୍ଟିଭ ସ୍ମିଥ୍ (୯୪୭), ଲେନ୍ ହଟ୍ଟନ (୯୪୫), ଜ୍ୟାକ ହବ୍ସ (୯୪୨), ରିକି ପଣ୍ଟିଂ (୯୪୨), ପିଟର ମେ (୯୪୧), ଗ୍ୟାରୀ ସୋବର୍ସ, କ୍ଲାଏଡ୍ ୱାଲକଟ୍, ଭିଭିଆନ୍ ରିଚାର୍ଡ୍ସ ଓ କୁମାର ସଙ୍ଗକାରା (ସମସ୍ତେ ୯୩୮ ପଏଣ୍ଟ) ପର୍ଯ୍ୟାୟକ୍ରମେ ପଛକୁ ପଛ ରହିଛନ୍ତି।

### ବ୍ରାଡମ୍ୟାନ, ପଣ୍ଟିଂଙ୍କୁ ଟପିଲେ

ନୂଆଦିଲ୍ଲୀ,୨୩।୮(ପି.ଟି.)

ବିରାଟ କୋହଲି ପ୍ରଥମ ଟେଷ୍ଟ ଅଧିନାୟକ ଭାବେ ଦଳର ବିଜୟ ଲାଗି ୭ମ ଥର ୨୦୦ କିମ୍ବା ତାଠାରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ଏହି କ୍ଷେତ୍ରରେ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡମ୍ୟାନ ଓ ରିକି ପଣ୍ଟିଂଙ୍କୁ ଅତିକ୍ରମ କରିଛନ୍ତି। ଉଭୟେ ପୂର୍ବତନ ଅଷ୍ଟ୍ରେଲିଆନ ୬ ଥର ଦଳୀୟ ବିଜୟରେ ୨୦୦ କିମ୍ବା ତାଠାରୁ ଊର୍ଦ୍ଧ୍ୱ ରନ କରିଥିଲେ। ଏହି ତାଲିକାରେ କୋହଲିଙ୍କ ବ୍ୟତୀତ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରହିଛନ୍ତି। ୨୦୧୩ରେ ଚେନ୍ନାଇଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ୨୨୪ ରନ୍ କରିଥିଲେ।



ଏହାବାଦ୍ ଭାରତୀୟ ଅଧିନାୟକ ଭାବେ କୋହଲି ୧୦ମ ଥର ଲାଗି ଦ୍ୱିଶତକ ମାରିଛନ୍ତି। ଯେ କୌଣସି ଭାରତୀୟ ଅଧିନାୟକଙ୍କ ପାଇଁ ଏହା ମଧ୍ୟ ଏକ ରେକର୍ଡ।

### ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍

ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ବ୍ୟାଟ୍ସମ୍ୟାନ ତାଲିକାରେ ୨ୟ ସର୍ବୋଚ୍ଚ ଭାରତୀୟ ଖେଳାଳି ଭାବେ ଚେତେଶ୍ୱର ପୂଜାରା (୬ଷ୍ଠ) ରହିଛନ୍ତି। ନଟିଂହାମ ଟେଷ୍ଟରେ ଭଲ ଇନିଂସ ଖେଳିଥିଲେ ମଧ୍ୟ ତାଙ୍କ ମାନ୍ୟତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେବେ ଅଜିଙ୍କ୍ୟ ରାହାନେ, ଶିଖର ଧାୱନ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଯଥାକ୍ରମେ ୪ଟି, ୪ଟି ଓ ୮ଟି ସ୍ଥାନ ଉପରକୁ ଉଠିଛନ୍ତି। ରାହାନେ ୧୯ତମ ସ୍ଥାନରେ ରହିଥିବାବେଳେ ଧାୱନ ୨୨ ଓ ପାଣ୍ଡ୍ୟା ୫୧ତମ ସ୍ଥାନ ଲାଭ କରିଛନ୍ତି। ବୋଲିଂ ମାନ୍ୟତାରେ ମଧ୍ୟ ପାଣ୍ଡ୍ୟା ଏକାଥରକେ ୨୩ଟି ପାହାଚ ଉପରକୁ ଉଠି ୫୧ତମ ସ୍ଥାନ ପାଇଛନ୍ତି। ସେହିଭଳି ନଟିଂହାମ ବିଜୟରେ ୫ ଉଇକେଟ୍ ହାସଲ କରିଥିବା ଯଶପ୍ରୀତ୍ ବୁମ୍‌ରା ୮ଟି ପାହାଚ ଲମ୍ଫ ପ୍ରଦାନ କରି କ୍ୟାରିୟର ଶ୍ରେଷ୍ଠ ୩୭ତମ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡର ଜୋଶ୍ ବଟ୍‌ଲର ୨୨ଟି ସ୍ଥାନ ଉପରକୁ ଉଠି ୪୭ତମ ସ୍ଥାନରେ ରହିଛନ୍ତି।

# ଶୁଭେନ୍ଦୁଙ୍କୁ ପ୍ରଶିକ୍ଷକ ଦାୟିତ୍ୱ

କଟକ ଅଫିସ,୨୩।୮

ଚାଇନାର ସାଙ୍ଘାଇଠାରେ ୧୫ ବର୍ଷରୁ କମ୍ ବାଳକ ଜୀନସାନ କପ୍ ଅନ୍ତର୍ଜାତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ନିମନ୍ତେ ଭାରତୀୟ ଦଳ ଗୁରୁବାର କଟକରୁ ଚାଇନା ଅଭିମୁଖେ ଯାତ୍ରା କରିଛି। ଗତ ୫ ତାରିଖରୁ କଟକରେ ଜାତୀୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଚାଲିଥିଲା। ଘୋଷିତ ଜାତୀୟ ଦଳରେ ଓଡ଼ିଶାର ୨ ଖେଳାଳିଙ୍କୁ ମିଶାଇ ମୋଟ୍ ୪ଜଣ ଉକ୍ତ ଟୁର୍ନାମେଣ୍ଟ ନିମନ୍ତେ ଚାଇନା ଗସ୍ତରେ ଯାଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ୨ ଓଡ଼ିଶା ଖେଳାଳି ହେଲେ ପୁରୁଷୋତ୍ତମ କେରକେଟା ଓ ଅମନ ଖାଲ୍‌କୋ। ମୁଖ୍ୟ କୋଚ୍ ଭାବେ ରାଜ୍ୟର ଏଏଫ୍‌ସି-ଏ ଲାଇସେନ୍ସ ପ୍ରାପ୍ତ କୋଚ୍ ଶୁଭେନ୍ଦୁ ପଣ୍ଡା ଓ ଫିଜିଓ ଭାବେ ମୁକ୍ତି ପ୍ରସାଦ ଦାସ ଦଳରେ ରହିଛନ୍ତି। ଶୁକ୍ରବାର ଦିଲ୍ଲୀରେ ପହଞ୍ଚିବା ପରେ ଦଳ ସେଠାରୁ ଚାଇନା ଯାତ୍ରା କରିବ ବୋଲି ଜଣାପଡ଼ିଛି।



ଶୁଭେନ୍ଦୁ ପଣ୍ଡା

### ଆଜିଠାରୁ ରାଜ୍ୟ ସିନିୟର ମହିଳା ଫୁଟ୍‌ବଲ ଶିବିର

କଟକ ଅଫିସ,୨୩।୮

ଆଗାମୀ ଦିନରେ ହେବାକୁ ଥିବା ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ନିମନ୍ତେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ କଟକରେ ରାଜ୍ୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ। ଶିବିର ଶୁକ୍ରବାରଠାରୁ ଆରମ୍ଭ ହେବ। ଶିବିରରେ ଯୋଗଦେବାକୁ ଥିବା ଇଚ୍ଛୁକ ଖେଳାଳିମାନେ ଫାଓ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତ ଏ', ଭାରତ ବି' ବିଜୟୀ

ବେଙ୍ଗାଲୁରୁ, ୨୩।୮ (ପି.ଟି.)

ମନୀଷ ପାଣ୍ଡେ (୯୫) ଓ ଅମ୍ବାତି ରାୟୁଡୁ (୬୨)ଙ୍କ ଅପରାଜିତ ବ୍ୟାଟିଂ ସହାୟତାରେ ଭାରତ ବି' ଓ ଭାରତ ଏ' ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଏ' ଓ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ବିଜୟ ହାସଲ କରିଛନ୍ତି। ଚଳିତ ଚତୁଃରାଷ୍ଟ୍ରୀୟ ସିରିଜରେ ଗୁରୁବାର ବର୍ଷା ବାଧାପ୍ରାପ୍ତ ଏକ ମ୍ୟାଚରେ ଭାରତ ବି' ଡକ୍‌ୱର୍ଥ-ଲୁଇସ୍ ପଦ୍ଧତିରେ ୩୦ ରନରେ ଦକ୍ଷିଣ ଆଫ୍ରିକା ଏ' ଦଳକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ଭାରତ ଏ' ୫ ଉଇକେଟରେ ବିଜୟ ହାସଲ କରିଛି।

ଏଠାରୁ ୪୦ କିଲୋମିଟର ଦୂର ଆଲୁରଠାରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଏ' ୪୭.୩ ଓଭରରେ ୨୩୧ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସେନୁରାନ ମୁଥୁସ୍ୱାମୀ ୫୫ ରନ ଏବଂ ଫରହାନ ବେହାର୍ଡିନ ୪୩ ରନ କରିଥିଲେ।

ବୋଲିଂରେ ଭାରତ ବି' ତରଫରୁ ପ୍ରସିଦ୍ଧ କ୍ରିଷ୍ଣା ୪୯ରନ ବିନିମୟରେ ୪ଟି ଉଇକେଟ ନେଇଥିବା ବେଳେ ଶ୍ରେୟାସ ଗୋପାଳ ତାଙ୍କ ୧୦ ଓଭର ବୋଲିଂରେ ୪୨ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ସିଦ୍ଧାର୍ଥ କାଉଲ, ନବଦୀପ ସଇନି ଓ ଦୀପକ ହୁଡା ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ।

ଜବାବରେ ଭାରତ ବି' ୨୭ ବଲ ବାକି ୫ ଉଇକେଟ ବିନିମୟରେ ୨୧୪ ରନ କରିଥିବାବେଳେ ବର୍ଷା ହୋଇଥିଲା।



ଭାରତ ଏ' ଓ ଅଷ୍ଟ୍ରେଲିଆ ଏ' ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

### ଚତୁଃରାଷ୍ଟ୍ରୀୟ ସିରିଜ

ଅମ୍ପାୟରମାନେ ବାଧ୍ୟ ହୋଇ ଡି-ଏଲ୍ ପଦ୍ଧତିରେ ଫଳାଫଳ ଘୋଷଣା କରିଥିଲେ।

ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ଭାରତ ବି' ମାତ୍ର ୨୨ ରନ ସ୍କୋରରେ ଦୁଇଟି ଉଇକେଟ ହରାଇଥିଲା। କିନ୍ତୁ ଶବନମ ଗିଲ୍ (୪୨) ଓ ପାଣ୍ଡେ ତୃତୀୟ ଉଇକେଟରେ ୮୮ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। କେଦାର ଯାଦବ (୨୩) ଓ ଈଶାନ କିଷାନ (୨୪) ଯଥାକ୍ରମେ ସିସାଣ୍ଡା ମଗଲା ଓ ମୁଥୁସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ ମଧ୍ୟ ଦଳକୁ ବିଜୟ ଦ୍ୱାର ଦେଶରେ ପହଞ୍ଚାଇ ଦେଇଥିଲେ। ଦକ୍ଷିଣ ଆଫ୍ରିକା ଏ' ପକ୍ଷରୁ ଡେନ୍ ପାଟରସନ ଦୁଇଟି ଉଇକେଟ ଅକ୍ତିଆର କରିଥିବାବେଳେ ତାବ୍ରେଜ୍ ଶାମ୍‌ସି ମୁଥୁସାମି ଓ ମଗଲା ପ୍ରମୁଖ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

ଅନ୍ୟପକ୍ଷରେ ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଏ' ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୩୨ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ ଏ' ଏକଦା ୨୯ରନରେ ଅଧିନାୟକ ଶ୍ରେୟାସ ଆୟାରଙ୍କ ସମେତ ୪ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ରାୟୁଡୁଙ୍କ ଲଢୁଆ ଅର୍ଦ୍ଧ ଶତକ ଏବଂ କ୍ରୁନାଲ ପାଣ୍ଡ୍ୟା (୪୯)ଙ୍କ ଉପଯୋଗୀ ଇନିଂସ ସହାୟତାରେ ଭାରତ ଏ' ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଭାରତ ଏ' ୩୮.୩ ଓଭରରେ ୫ ଉଇକେଟ ବିନିମୟରେ ୧୫୨ ରନ କରି ମ୍ୟାଚ ଜିତିନେଇଥିଲା। ଅଷ୍ଟ୍ରେଲିଆ ଏ' ତରଫରୁ ଝେ ରିଚାର୍ଡସନ ୩ଟି ଏବଂ ଆଷ୍ଟନ ଅଗର ଏବଂ ଡି' ଆର୍ସି ଶର୍ଟ ଗୋଟିଏ ଲେଖାଏଁ ଉଇକେଟ ଦଖଲ କରିଥିଲେ।

# ଜୁନିୟର ବାଳିକା ଜାତୀୟ ଫୁଟବଲ: କ୍ୱାର୍ଟରରେ ଓଡ଼ିଶା

କଟକ ଅଫିସ,୨୩।୮

ଗୋଆଠାରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ଓଡ଼ିଶା ପ୍ରବେଶ କରିଛି । ଲିଗ୍ ପର୍ଯ୍ୟାୟରେ ୨ଟି ଯାକ ମ୍ୟାଚ୍ ଓଡ଼ିଶା ସହଜରେ ବିଜୟୀ ହୋଇଥିଲା । ଗତ ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୮-୨ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିବା ବେଳେ ଗୁରୁବାରର ମ୍ୟାଚ୍‌ରେ ଅରୁଣାଚଳପ୍ରଦେଶକୁ ୪-୦ ଗୋଲରେ ହରାଇଛି । ଅରୁଣାଚଳପ୍ରଦେଶ ବିପକ୍ଷ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଓଡ଼ିଶା ପକ୍ଷରୁ ଗୋଟିଏ ଗୋଲ ହୋଇଥିଲା । ୨୩ତମ ମିନିଟ୍‌ରେ ଦୀପା ନାୟକ ଦେଇଥିବା ଏହି ଗୋଲ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧକୁ ୧-୦ ଗୋଲରେ ଅଗ୍ରଣୀ ରଖିଥିଲା । ସୁସ୍ମିତା ତନ୍ତୀ ୬୯ତମ ମିନିଟରେ ଅନ୍ୟଏକ ଗୋଲ ଦେଇ ଗୋଲ ବ୍ୟବଧାନରେ ବୃଦ୍ଧି ଆଣିଥିଲେ । ମ୍ୟାଚ୍‌ର ଅନ୍ତିମ କିଛି ମିନିଟ୍ ଅର୍ଥାତ୍ ୮୧ତମ ଓ ୮୯ତମ ମିନିଟ୍‌ରେ ମନୀଷା ନାୟକ ୨ଟି ଗୋଲ ଦେବା ଯୋଗୁଁ ଓଡ଼ିଶା ୪-୦ର ବିଜୟ ଲାଭ କରିଛି। କ୍ୱାର୍ଟର ମୁକାବିଲାରେ ଓଡ଼ିଶା କେଉଁ ଦଳକୁ ଭେଟିବ ତାହା ଏ ଯାଏଁ ସ୍ଥିର ହୋଇ ନାହିଁ।



ଉତ୍କଳ କରାଟେ ମିଟ୍‌ରେ ଷ୍ଟ୍ରଙ୍ଗ୍ ମ୍ୟାନ୍ ପ୍ରତିଯୋଗିତା ଅବସରରେ ଜଣେ ପ୍ରତିଯୋଗୀ।

# ଡିପିଏସ୍‌କୁ ହରାଇଲା ୟୁନିଟ୍-୬

ଭୁବନେଶ୍ୱର, ୨୩।୮(ସ୍ପୋର୍ଟ୍ସ ବ୍ୟୁରୋ)

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତାରେ ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସରକାରୀ ୟୁନିଟ୍-୬ ହାଇସ୍କୁଲ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚ୍‌ରେ ୟୁନିଟ୍-୬ ହାଇସ୍କୁଲ ୧-୦ ଗୋଲରେ ଡିପିଏସ୍ କଳିଙ୍ଗାକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ବିକାଶ ନାୟକ ମ୍ୟାଚ୍‌ର ୩୧ତମ ମିନିଟ୍‌ରେ ଏକମାତ୍ର ଗୋଲ୍‌ଟି କରିଥିଲେ। ୟୁନିଟ୍-୬ ହାଇସ୍କୁଲର ପ୍ରଧାନ ଶିକ୍ଷକ ମଧୁସୂଦନ ମଲିକ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳର ସୋନୁ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ସରକାରୀ ୟୁନିଟ୍-୧ ହାଇସ୍କୁଲ ଓ ରାମକୃଷ୍ଣ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ୨ୟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଥିଲେ। ଟାଟା ସ୍ପଞ୍ଜ୍ ଆଇରନ୍‌ର ଏମ୍‌ଡି ସଞ୍ଜୟ ପଟ୍ଟନାୟକ ଓ ବରିଷ୍ଠ ଅଧିକାରୀ ଶ୍ରୀକାନ୍ତ କୁମାର ମିଶ୍ର ଅତିଥି ଭାବେ ୨ୟ ମ୍ୟାଚ୍‌ରେ ଉପସ୍ଥିତ ରହି ୟୁନିଟ୍-୧ ହାଇସ୍କୁଲର ମଳୟ ମାଝିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ତପନ ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ପ୍ରିୟନାଥ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଅମିୟ ମିଶ୍ର, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସରୋଜ ମହାରଣା, ଶ୍ରୀକାନ୍ତ ପଣ୍ଡା, କୀର୍ତ୍ତି ସ୍ୱାଇଁ, ରାଜେନ୍ଦ୍ର ବାରିକ, ଚନ୍ଦ୍ରକାନ୍ତ ବାରିକ ଖେଳ ପରିଚାଳନା କରିଥିଲେ। ମହେଶ୍ୱର ସିଂ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର କଳିଙ୍ଗ ବିଦ୍ୟାପୀଠ (ସାମପୁର) ଓ ଡିଏଭି (ୟୁନିଟ-୮) ଏବଂ ଅରବିନ୍ଦ ହାଇସ୍କୁଲ (ଗଣ୍ଡରପୁର) ଓ କିସ୍ ମଧ୍ୟରେ ମୁକାବିଲା ଅନୁଷ୍ଠିତ ହେବ।





ଅତିଥିଙ୍କ ଠାରୁ ମଳୟ ମାଝି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ୟୁଥ୍ ଅଲିମ୍ପିକ୍ସ ପାଇଁ ଭାରତୀୟ ମହିଳା, ପୁରୁଷ ହକି ଦଳ ଘୋଷିତ

### ଭାରତୀୟ ପୁରୁଷ ଦଳ

ଗୋଲକିପର: ପ୍ରଶାନ୍ତ କୁମାର ଚୌହାନ, ପୱନ, ଡିଫେଣ୍ଡର: ରବିଚନ୍ଦ୍ର ସିଂ ମୋଇରଙ୍ଗଥେମ୍, ସଞ୍ଜୟ, ମିଡ୍‌ଫିଲ୍ଡର: ବିବେକ ସାଗର ପ୍ରସାଦ (ଅଧିନାୟକ), ମନିନ୍ଦର ସିଂ, ଫରୱାର୍ଡ: ଶିବମ୍ ଆନନ୍ଦ, ରାହୁଲ କୁମାର ରାଜଭାର, ସୁଦୀପ ଚିରମାକୋ।





ବିବେକ ସାଗର ପ୍ରସାଦ

### ଭାରତୀୟ ମହିଳା ଦଳ

ଗୋଲକିପର: ବିଚୁ ଦେବୀ ଖାରିବାମ, ଖୁସ୍‌ବୁ, ଡିଫେଣ୍ଡର: ଈଶିକା ଚୌଧାରୀ, ସାଲିମା ଟେଟେ(ଅଧିନାୟିକା), ମିଡ୍‌ଫିଲ୍ଡର: ରୀତ୍, ଚେତନା, ଫରୱାର୍ଡ: ସଙ୍ଗୀତା କୁମାରୀ, ମୁମତାଜ ଖାଁ, ଲାଲରେମସିଆମି।





ସାଲିମା ଟେଟେ

ନୂଆଦିଲ୍ଲୀ, ୨୩।୮

ବୁଏନ୍ସ ଆରିଜଠାରେ ୟୁଥ୍ ଅଲିମ୍ପିକ ଗେମ୍ସ ଅକ୍ଟୋବର ୬ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ହେବାକୁଥିବା ଫାଇଭ୍-ଏ-ସାଇଡ୍ ହକି ଟୁର୍ନାମେଣ୍ଟ ପାଇଁ ଗୁରୁବାର ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷିତ ହୋଇଛି। ପ୍ରତି ଦଳରେ ୯ ଜଣ ଲେଖାଏ ଖେଳାଳି(୨ ଗୋଲକିପର, ୨ ଡିଫେଣ୍ଡର, ୨ ମିଡ୍‌ଫିଲ୍ଡର, ୩ ଫରୱାର୍ଡ) ରହିଛନ୍ତି। ସାଲିମା ଟେଟେ ମହିଳା ଓ ବିବେକ ସାଗର ପ୍ରସାଦ ପୁରୁଷ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ୟୁଥ୍ ଅଲିମ୍ପିକ୍ସରେ ୧୨ଟି ଲେଖାଏ ମହିଳା ଓ ପୁରୁଷ ଦଳ ଭାଗନେବେ। ପୁରୁଷ ବିଭାଗରେ ଭାରତ ୨୦୧୪ ୟୁଥ୍ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଅଷ୍ଟ୍ରେଲିଆ, ରୌପ୍ୟପଦକ ହାସଲକାରୀ କାନାଡ଼ା, ଆୟୋଜକ ଆର୍ଜେଣ୍ଟିନା, ଅଷ୍ଟ୍ରିଆ, ବାଂଲାଦେଶ, ପୋଲାଣ୍ଡ, ମେକ୍ସିକୋ, ମାଲେସିଆ, କେନିୟା, ଜାମ୍ବିଆ ଓ ଭାନୁଆଟୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ମହିଳା ଦଳ ୨୦୧୪ ଚାମ୍ପିୟନ ଚାଇନା, ଆୟୋଜକ ଆର୍ଜେଣ୍ଟିନା, ଅଷ୍ଟ୍ରିଆ, ପୋଲାଣ୍ଡ, ଉରୁଗୁଏ, ମେକ୍ସିକୋ, ଅଷ୍ଟ୍ରେଲିଆ, ନାମ୍ବିଆ, ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ଭାନୁଆଟୁକୁ ଭେଟିବ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୪/୨୦୧୮ Balasore, Friday, August 24/ 2018

# ସ୍ୱାଗତ ତୋରଣ ଉଦ୍‌ଘାଟିତ

ଭଦ୍ରକ ଅଫିସ,୨୩।୮



ଆରଡିରେ ନବନିର୍ମିତ ସ୍ୱାଗତ ତୋରଣ ।

- ଆରଡି ଆଖଣ୍ଡଳମଣି ପୀଠକୁ ଯାଉଥିବା ଭକ୍ତଙ୍କ ଉଦ୍ଦେଶ୍ୟରେ ନିର୍ମିତ
- ନିର୍ଦ୍ଧାରିତ ତାରିଖ ପୂର୍ବରୁ ଉଦ୍‌ଘାଟନ ନେଇ ଚର୍ଚ୍ଚା

ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ପୀଠକୁ ଯାଉଥିବା ଯାତ୍ରୀଙ୍କୁ ସ୍ୱାଗତ କରାଯିବା ଉଦ୍ଦେଶରେ ଭଦ୍ରକ ଆରଡିଛକରେ ଏକ ସୁରମ୍ୟ ସ୍ୱାଗତ ତୋରଣ ନିର୍ମାଣ କରାଯାଇଛି। ପ୍ରାୟ ୧୧ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତରଫରୁ ନିର୍ମିତ ଏହି ସ୍ୱାଗତ ତୋରଣ ଗୁରୁବାର ଉଦ୍‌ଘାଟତ ହୋଇଛି। ଗେଲପୁର ସରପଞ୍ଚ ମାନସୀ ରାଉତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ଅଶୋକ ପରିଜା, ଯୁବନେତା ସୁବ୍ରତ ରାଉତ, ନାଏବ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ପୂଜା ପାଠ ଓ ହୋମ କରାଯାଇ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡସଭ୍ୟ ଶଶାଂସୁ ଶେଖର ନାୟକ, ରାଜୀବ ଦାସ, ସ୍ୱର୍ଣ୍ଣପ୍ରଭା ଜେନା, ତୃପ୍ତିମୟୀ ନାୟକ, ଗୀତାଞ୍ଜଳୀ ମଲିକ ତଥା ଗେଲପୁର ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଓ ଆଖପାଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଆସନ୍ତା ୨୬ ତାରିଖରେ ଏହି ତୋରଣକୁ ଉଦ୍‌ଘାଟନ କରାଯିବା ପାଇଁ ପୂର୍ବରୁ ପ୍ରସ୍ତୁତି ଚୂଡାନ୍ତ ହୋଇଥିଲା। ନିର୍ଦ୍ଧାରିତ ତାରିଖ ପୂର୍ବରୁ ଏହାକୁ ଉଦ୍‌ଘାଟନ କରାଯାଇଥିବାରୁ ଏ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

## ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ: ୮ ଗିରଫ

ତିହିଡ଼ି,୨୩।୮(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ପାଳିଆବିନ୍ଧା ପଞ୍ଚାୟତ ଅଧୀନ ପାଳିଆ ମୁସଲିମ ବସ୍ତିରେ ବୁଧବାର ପୂର୍ବ ଶତ୍ରୁତାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଉଭୟ ଗୋଷ୍ଠୀ ପକ୍ଷରୁ ଏ ସମ୍ପର୍କରେ ତିହିଡ଼ି ଥାନାରେ ପାଲଟା ଅଭିଯୋଗ କରାଯାଇଛି। ପୋଲିସ ୨ଟି ପୃଥକ ମକଦ୍ଦମା (ନଂ ୨୮୨/୧୮ ଓ ୨୮୩/୧୮) ରୁଜୁ କରି ଉଭୟପକ୍ଷର ୮ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ମୁନା ସାହା, ରାଜୁ ସାହା, ମିଥୁନ ସାହା, ସୋନୁ ସାହା, ତାନା ସାହା, ସଲିମ ବିବି, ମାମୁନି ବେଗମ ଓ ରାଜ ସାହା । ବୁଧବାର ଅପରାହ୍ନରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିବାରୁ ସୋନୁ ଓ ମିଥୁନ ଆହତ ହୋଇଥିଲେ । ଆହତ ବ୍ୟକ୍ତି ଦ୍ୱୟଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତିକରାଯାଇଛି।

# ଗାଡ଼ି ଚାଳନା ଶିଖାଇବାକୁ ଆସି ଜୀବନ ଗଲା

ରାସଗୋବିନ୍ଦପୁର,୨୩।୮

ଗାଡି ଚାଳନା ଶିକ୍ଷା ଦେବା କାଳ ହେଲା। ନୂତନ ଭାବେ ଗାଡି ଚଳାଉଥିବା ଜଣେ ଯୁବକ ଭୁଲବଶଃତ ଗାଡି ନେଇ ନିଜ ପ୍ରଶିକ୍ଷକଙ୍କ ଉପରେ ଚଢାଇ ଦେବାରୁ ତାଙ୍କ ମୃତ୍ୟୁ ହୋଇଛି। ଏପରି ଦୁଃଖଦ ଘଟଣା ଗୁରୁବାର ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍‌ରେ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଦରଡ଼ା ଗ୍ରାମର ଭଗବାନ ସାହୁ (୫୫)।

ମୟୂରଭଞ୍ଜ ଜିଲା ସିଂଲା ଥାନା ଅନ୍ତର୍ଗତ ଗୁହାଲଡ଼ିହା ଗ୍ରାମର ଶମ୍ଭୁନାଥ ଜେନା (୩୮) ଗାଡି ଚାଳନା ଶିଖିବା ପାଇଁ ଏକ ବୋଲରୋ ନେଇ ଗୁରୁବାର ଅପରାହ୍ନରେ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ତାଙ୍କୁ ଗାଡ଼ି ଡ୍ରାଇଭିଂ ଶିଖାଇବା ପାଇଁ ଭଗବାନ ସାହୁ ଆସି ପହଞ୍ଚିଥିଲେ। ଶମ୍ଭୁନାଥଙ୍କୁ ତାଲିମ ପ୍ରଦାନ ପରେ ଭଗବାନ ଏୟାରଷ୍ଟ୍ରିପ୍ର ଚଟାଣରେ ବସିଥିଲେ। ମାତ୍ର ଉକ୍ତ ସମୟରେ ଗାଡି ଏକୁଟିଆ ଚଳାଉଥିବା ଶମ୍ଭୁନାଥ ନିୟନ୍ତ୍ରଣ ହରାଇ ଅଚାନକ ତାଙ୍କ ଉପରେ ଗାଡି ଚଢାଇ ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭଗବାନଙ୍କୁ ଚିକିତ୍ସା ପାଇଁ ରାସଗୋବିନ୍ଦପୁର ଡାକ୍ତରଖାନାକୁ ନେଉଥିଲା। ହେଲେ ବାଟରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଲିସ ଗାଡ଼ି ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ହାତୀ ଆକ୍ରମଣରେ ମହିଳା ମୃତ

ଭଞ୍ଜକିଆ,୨୩।୮

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଶୁକ୍ରୁଲି ବ୍ଲକ ରରୁଆଁ ସେକ୍ସନ ଯାମୁଣ୍ଡି ଗ୍ରାମର ଶର୍ମିଷ୍ଠା ମହାନ୍ତଙ୍କୁ ଏକ ଦନ୍ତାହାତୀ କଚାଡି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ କରନ୍ତି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କୁ ଯାମୁଣ୍ଡି ପଞ୍ଚାୟତରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ ଦିଆଯାଇଥିଲା। ଘଟଣା ଦିନ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ରାତିରେ ଯାଉଥିବା ବେଳେ ହାତୀ ହାବୁଡରେ ପଡିଯାଇଥିଲେ। ସୂଚନାଯୋଗ୍ୟ ଯେ, ଦନ୍ତା ହାତୀ ଆକ୍ରମଣରେ ଉକ୍ତ ମହିଳାଙ୍କୁ ମିଶାଇ ୩ ଜଣଙ୍କର ମୃତ୍ୟୁ ହୋଇସାରିଲାଣି। ଗତ ୧୬ ତାରିଖରେ ବୁଡାମରା ଗ୍ରାମର କାଇରା ହୋ ଏବଂ ୨୧ରେ ଜୁମୁରିଆ ଗ୍ରାମର ରବୀନ୍ଦ୍ର ମହାନ୍ତଙ୍କୁ ହାତୀ କଚାଡି ମାରି ଦେଇଥିଲା। ଏକସପ୍ତାହ ମଧ୍ୟରେ ୩ଜଣଙ୍କ ପ୍ରାଣହାନୀ ଘଟିଥିବା ବେଳେ ବନ ବିଭାଗ ପକ୍ଷରୁ ହାତୀଟିକୁ ଘଉଡାଇବା ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।







୧୦
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୨୪ ଅଗଷ୍ଟ, ୨୦୧୮



# ଲୁହାପଥର ପରିବହନ ବାଧାପ୍ରାପ୍ତ

■ ଜିପିଏସ୍‌ରେ ବୈଷୟିକ ତ୍ରୁଟି
■ କ୍ଷତି ସହିଲେ ଟ୍ରକ୍ ମାଲିକ

କେନ୍ଦୁଝର/ଯୋଡ଼ା, ୨୩।୮(ସ୍ୱ.ପ୍ର./ଡି.ଏନ୍.ଏ.)

ରାଜ୍ୟରେ ଖଣିଜ ସମ୍ପଦ ଚୋରି ରୋକିବା ପାଇଁ ପ୍ରତ୍ୟେକ ପରିବହନ ଯାନରେ ଲଗାଯାଉଥିବା ଗ୍ଲୋବାଲ ପୋଜିସନିଂ ସିଷ୍ଟମ(ଜିପିଏସ୍) ବ୍ୟବସ୍ଥାରେ ସମସ୍ୟା ପାଲଟିଛି। କମ୍ପ୍ୟୁଟର ଜରିଆରେ ଖଣିଜ ପରିବହନ କରୁଥିବା ଟ୍ରକ୍ ଓ ଡରଗୁଡିକର ଗତିବିଧି ଜଣାପଡ଼ିବା ପାଇଁ ୨୦୧୬ ଅକ୍ଟୋବର ୧ରୁ ଜିପିଏସ୍ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଥିଲା। ଉକ୍ତ କାର୍ଯ୍ୟ ପାଇଁ ୭ ସଂସ୍ଥା ଜିପିଏସ୍ ଲଗାଇବା ଠିକା ନେଇଥିଲେ। ଉକ୍ତ ସଂସ୍ଥାମାନେ ବେଶ୍ ଲାଭବାନ ହୋଇଥିଲେ ହେଁ ତାହା ଲଗାଇବା ପାଇଁ ନିୟୋଜିତ କର୍ମଚାରୀଙ୍କ ଅଭିଜ୍ଞତା ଅଭାବରୁ ସୁଚାରୁ ଭାବେ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଜିଲା ତଥା ରାଜ୍ୟର ହଜାର ହଜାର ଗାଡି ମାଲିକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟର ୧୪ଟି ଖଣି ସର୍କଲର ୫୬ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍‌ରେ ଜିପିଏସ୍ ଲଗାଯାଇଥିବାବେଳେ ରାଜ୍ୟ ସରକାରଙ୍କ ଓଡ଼ିଶା ସ୍ପେଶ ଆପ୍ଲିକେଶନ ସେଣ୍ଟର ମାଧ୍ୟମରେ ୭ଟି ସଂସ୍ଥାକୁ ଜିପିଏସ୍ ଲଗାଇବାକୁ ଅନୁମତି ପାଇଥିଲେ। ଉକ୍ତ ସଂସ୍ଥାଗୁଡିକ ମାଧ୍ୟମରେ କେନ୍ଦୁଝର ଏବଂ ଯୋଡା ସର୍କଲରେ ପାଖାପାଖି ୧୬ ହଜାର ଟ୍ରକ୍ ଓ ଟିପ୍ପରରେ ଜିପିଏସ୍ ଲଗାଯାଇଥିଲା। ଏଥିମଧ୍ୟରୁ ମାତ୍ର ୧ ହଜାର ଟ୍ରକ୍ ଓ ଡରର ଜିପିଏସ୍ ନୂତନ ସର୍ଭର ସହ ଲିଙ୍କ୍ ହୋଇଥିବାବେଳେ ଆଉ ପାଖାପାଖି ୧୫,୪୩୮ ଟ୍ରକ୍, ଟିପରରେ ଲିଙ୍କ ହୋଇ ନ ଥିବାରୁ ସେଗୁଡିକ ବୁଧବାରରୁ ଚାଲିବାରେ ସମସ୍ୟା ଭୋଗିବାକୁ ପଡିଛି। ପ୍ରଥମେ ଜିପିଏସ୍ ସିଷ୍ଟମ ନ ମିଳିବାରୁ ଅନେକ ଟ୍ରକ୍ ମାଲିକ ଏଜେଣ୍ଟମାନଙ୍କଠାରୁ ଚଢା ଦରରେ ଜିପିଏସ୍ କିଣି ଲଗାଇବାକୁ ବାଧ ହୋଇଥିଲେ। ଲାଗିଥିବା ଜିପିଏସ୍‌ଗୁଡିକ କାମ କରୁ ନ ଥିବାରୁ ଟ୍ରକ୍ ନିୟମିତ ଚାଲିବା ବଦଳରେ ବନ୍ଦ ହେବା ଭଳି ପରିସ୍ଥିତି ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କର ନୋଡାଲ ଏଜେନ୍ସି ଓଡିଶା ସ୍ପେଶ ଆପ୍ଲିକେଶନ ସେଣ୍ଟର ଏହାର ବୈଷୟିକ ପରାମର୍ଶ ଦେଉଥିଲେ ହେଁ ପରିଚାଳନାଗତ ତ୍ରୁଟି ଏବଂ ନିମ୍ନମାନର ଜିପିଏସ୍ ଯୋଗାଣ ଯୋଗୁଁ ସମସ୍ୟା ଦେଖାଦେଇଛି। ଉନ୍ନତ ଏବଂ ଉଚ୍ଚ କ୍ଷମତା ସଂପନ୍ନ ଯନ୍ତ୍ର ଟ୍ରକ୍‌ରେ ଲଗାଇବାକୁ ସର୍ତ୍ତ ରହିଥିଲେ ମଧ୍ୟ କମ୍ପାନୀ ବିଫଳ ହୋଇଥିବା ବହୁ ଟ୍ରକ୍ ମାଲିକ ଅଭିଯୋଗ କରିଛନ୍ତି।

ଏପରିକି ଜିପିଏସ୍ ନବୀକରଣ ସମୟରେ ଅନେକ ଅସୁବିଧା ସୃଷ୍ଟି ହେବାରୁ ବହୁ ଟ୍ରକ ମାଲିକ ଖର୍ଚ୍ଚାନ୍ତ ହୋଇ ବିଳମ୍ବରେ ନବୀକରଣ କରିବାକୁ ସକ୍ଷମ ହୋଇଥିଲେ। ବର୍ତ୍ତମାନ ଜିପିଏସ୍ ବ୍ୟବସ୍ଥା ଠିକ୍ ଭାବରେ କାମ କରୁ ନ ଥିବାରୁ ନିର୍ଦ୍ଧାରିତ ହୋଇଥିବା ଅଗଷ୍ଟ ୨୨ଠାରୁ କେନ୍ଦୁଝର ଜିଲାର ୧୫୪୩୮ ଟ୍ରକ୍ ଏବଂ ରାଜ୍ୟର ୫୦ ହଜାରରୁ ଅଧିକ ଟ୍ରକ୍ ଚାଲିବାରେ ସମସ୍ୟା ଦେଖାଦେଇଥିବା ଟ୍ରକ ମାଲିକମାନେ ମତବ୍ୟକ୍ତ କରୁଛନ୍ତି। ଯୋଡ଼ା ଖଣି ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ କହିଛନ୍ତି ଯେ, ଜିପିଏସ ଲଗାଉଥିବା ସଂସ୍ଥା ଗୁଡିକ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନେଉଛନ୍ତି। ତାହା ସ୍ୱାଭାବିକ ହେବାକୁ ଅନ୍ୟୁନ ୧୦ ଦିନ ଲାଗିବ। ଗାଡି ବନ୍ଦ ହେଲେ ଟ୍ରକ୍ ମାଲିକ କ୍ଷତି ସହିବା ସହ ରାଜ୍ୟରେ ଥିବା ବିଭିନ୍ନ କଳକାରଖାନାରେ ଅଚଳାବସ୍ଥା ସୃଷ୍ଟି ହେବ। ଗାଡି ଡ୍ରାଇଭର, ହେଲପର ରୋଜଗାର ହରାଇବେ। ଭେଣ୍ଡରମାନଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେଉଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଟ୍ରକ୍ ମାଲିକମାନେ ଦାବି କରୁଛନ୍ତି। ଏ ନେଇ ଜିଲାର ବିଭିନ୍ନ ସଂଘର ମିଳିତ ଆନୁକୂଲ୍ୟରେ ଗୁରୁବାର ଯୋଡ଼ାସ୍ଥିତ ଏକ ହୋଟେଲଠାରେ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଡା ଟ୍ରକ୍ ଓନର ଆସୋସିଏଶନ ପକ୍ଷରୁ ସଭାପତି ଭକ୍ତବନ୍ଧୁ ମହାନ୍ତ, ସମ୍ପାଦକ ରବି ନାରାୟଣ ଦାସ, ଯୁଗ୍ମ ସମ୍ପାଦକ ଜୟନ୍ତ କୁମାର ବେହେରା, ମାଇନିଂ ଏରିଆ ଟ୍ରକ ଓନର ଆସୋସିଏଶନର ସଭାପତି ରଞ୍ଜୀତ ବାରିକ, ସମ୍ପାଦକ ସତ୍ୟପ୍ରିୟ ବାରିକ, କୋଷାଧ୍ୟକ୍ଷ ବାବୁଲାଲ ସାହୁ, ବଡବିଲ ଟ୍ରକ୍ ଓନର ଆସୋସିଏଶନର ସଭାପତି ଦୟାଲ ସିଂ, ଉପସଭାପତି ରାଜ୍ ଗୁପ୍ତା, ସମ୍ପାଦକ ଚନ୍ଦ୍ର ଗୁପ୍ତ ପ୍ରସାଦ, ଯୁଗ୍ମ ସମ୍ପାଦକ ଅଞ୍ଜନୀ ସିଂ ପ୍ରମୁଖ ଉପସ୍ଥିତ ରହି ଖଣି ଅଞ୍ଚଳ ପରିବହନ କାର୍ଯ୍ୟରେ ନିୟୋଜିତ ଗାଡି ଗୁଡିକରେ ଜିପିଏସ ସିଷ୍ଟମ ଅଚଳ ନେଇ କ୍ଷତିଗ୍ରସ୍ତ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ସ୍ୱାମୀଙ୍କୁ ୭ ବର୍ଷ ଜେଲ

ଚମ୍ପୁଆ, ୨୩।୮(ଡି.ଏନ.ଏ.)

ଚମ୍ପୁଆ ଅତିରିକ୍ତ ଜିଲା ଦୌରା ଜଜ ଡ. ପବିତ୍ର ମୋହନ ସାମଲ ଏକ ବଧୂ ହତ୍ୟା ମାମଲାର ବିଚାର କରି ମୃତ ମହିଳାଙ୍କ ସ୍ୱାମୀଙ୍କୁ ୭ବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଆଦାୟ ନ ହେଲେ ଆଉ ୧ ବର୍ଷ ଜେଲଦଣ୍ଡ ଆଦେଶ ରହିଛି। ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏହି ରାୟ ପ୍ରକାଶ ପାଇଛି। ଯୋଡ଼ା ଥାନା ବିଲେଇପଦା ଗୌଡସାହିର ଜଗେନ ବାରିକଙ୍କ ପୁଅ ଗୋପ ନୟାକଟ ଥାନା ଫୁଲଝରର ଧଳାଡିହି ଗ୍ରାମରେ କବିବର ବାରିକଙ୍କ ଝିଅ ଦମୟନ୍ତୀ ବାରିକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ନଗଦ ୧ ଲକ୍ଷ ଟଙ୍କା ଏବଂ ହିରୋହଣ୍ଡା ମଟର ସାଇକେଲ ଦାବି କରାଯାଇଥିଲା। ଦାବି ମୁତାବକ ଯୌତୁକ ଦିଆଯାଇ ନ ଥିବାରୁ ନବବଧୂଙ୍କୁ ନିର୍ଯ୍ୟାତନାର ଶିକାର ହୋଇଥିଲେ। ପରେ ଦମୟନ୍ତୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ମଧୁସୂଦନ ପତି ମାମଲା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ତେଲକୋଇ, ୨୩।୮(ଡି.ଏନ.ଏ.): ତେଲକୋଇ ଥାନା ଆକୁଳ-ବିମଳାଠାରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ସିରିଗିଡା ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ରସାନନ୍ଦ ନାଏକ(୭୦)। ଆକୁଳ ପଞ୍ଚାୟତ ମୁଣ୍ଡା ସାହିଠାରେ ତାଙ୍କୁ ଏକ ବାଇକ ଧକ୍କା ଦେଇଥିଲା। ଗୁରୁତର ହୋଇ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବିମଳା ପଞ୍ଚାୟତ ମୁଖ୍ୟାଳୟଠାରେ ଏକ ଟାଟା ଏସି ଧକ୍କାରେ ଶରତ ମୁଖୀ(୩୫) ଗୁରୁତର ହୋଇଛନ୍ତି। ସେ ତେଲକୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଟାଟା ଏସିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଗୋଷ୍ଠୀ ସଂଘର୍ଷ: ୭ ଆହତ

ଆନନ୍ଦପୁର, ୨୩।୮(ସ୍ୱ.ପ୍ର.): ଘସିପୁରା ଥାନା ଅଞ୍ଚଳର ଏକ କଲେଜର ଜଣେ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତକୁ କେନ୍ଦ୍ରକରି ଗୁରୁବାର ୨ ଗାଁ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ମଧ୍ୟରୁ କେତେ ଜଣଙ୍କୁ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇ ଥିବାବେଳେ ଗୁରୁତରଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କିଛି ଦିନ ତଳେ ତରୀମୂଳ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ରେକୁଟିଆ ଗ୍ରାମର ଜଣେ ଛାତ୍ର କଲେଜ ଗେଟ୍ ସମ୍ମୁଖରେ କମେଣ୍ଟ ମାରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାକୁ ନେଇ କେତେ ଜଣ ଛାତ୍ରୀ ସମ୍ପୃକ୍ତ କଲେଜ ଅଧ୍ୟକ୍ଷଙ୍କୁ ଜଣାଇଥିବାବେଳେ ସମସ୍ୟାର କୌଣସି ସମାଧାନ ହୋଇପାରି ନ ଥିଲା। ଫଳରେ ଦୁଇ ଗାଁ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଗଣ୍ଡଗୋଳରେ ରେକୁଟିଆ ଗ୍ରାମର ସଂଗ୍ରାମ କେଶରୀ ଚକ୍ର, ବୁବୁନ କେଶୀ ଗୁରୁତର ଆହତ ହୋଇଛନ୍ତି। ତରୀମୂଳ ଗ୍ରାମର ସ୍ମୃତି ରଞ୍ଜନ ରାଉତ ମଧ ଗୁରୁତର ଆହତ ହୋଇଛନ୍ତି।

### ପଥର ବୋଝେଇ ଟ୍ରାକ୍ଟର ଜବତ

କେନ୍ଦୁଝର, ୨୩।୮ (ସ୍ୱ.ପ୍ର.): ସଦର ରେଞ୍ଜ ବନ କର୍ମଚାରୀ ଗୁରୁବାର ଗୋପାଳପୁର ଅଞ୍ଚଳରୁ ଏକ ପଥର ବୋଝେଇ ଟ୍ରାକ୍ଟର ଜବତ କରିଛି। ବେଆଇନ ଭାବେ ଗୋପାଳପୁର ଜଙ୍ଗଲରୁ ପଥର ଚାଲାଣ ହେଉଥିବା ବେଳେ ଜବତ କରାଯାଇଥିବା ରେଞ୍ଜ ଅଧିକାରୀ ଅନ୍ତର୍ଯ୍ୟାମୀ ବେହେରା କହିଛନ୍ତି। ଉକ୍ତ ଜଙ୍ଗଲରୁ ଆଖପାଖ ଅଞ୍ଚଳର କ୍ରଶରଙ୍କୁ ବେଆଇନ ଭାବେ ପଥର ଖନନ କରାଯାଇ ଚାଲାଣ ହେଉଥିଲେ ହେଁ ରାଜସ୍ୱ ବିଭାଗ କ୍ରଶର ଗୁଡିକ ଉପରେ ଚଢ଼ାଉ କରି ଧରପଗଡ କରୁ ନ ଥିବାରୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା କ୍ଷତି ହେଉଛି। ଘଟଗାଁ ତହସିଲ ପକ୍ଷରୁ କେତେକ କ୍ରଶର ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ହେଁ ସଦର ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସନ୍ଦେହ ଉପୁଜିଛି।

### ମଦ ଜବତ ୪ ବେପାରୀ ଗିରଫ

ପାଟଣା, ୨୩।୮(ସ୍ୱ.ପ୍ର.): ପାଟଣା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗୁରୁବାର ମଦ ଜବତ ହୋଇଛି। ମଦ ବିକ୍ରି ଅଭିଯୋଗରେ ୪ ଜଣ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି ହେଉଛନ୍ତି ଖିରେଇଟାଙ୍ଗିର ଗ୍ରାମର ଶ୍ରାବଣୀ ନାଏକ, ବୈଜନ୍ତୀ ନାଏକ, କଣ୍ଟିଆପଡ଼ାର କାଳିଆ ବେହେରା ଏବଂ ମଣ୍ଟୁ ବେହେରା। ସେମାନଙ୍କଠାରୁ ୩୪ ଲି. ମହୁଲି ଜବତ ହୋଇଥିବା ପାଟଣା ଅବକାରୀ ଉପନିରୀକ୍ଷାକ ନରେନ୍ଦ୍ର କୁମାର ପ୍ରଧାନ କହିଛନ୍ତି।

### ନୂତନ ଅଧ୍ୟକ୍ଷ ଦାୟିତ୍ୱ ନେଲେ ଇଂ. ଜ୍ଞାନରଞ୍ଜନ

କେନ୍ଦୁଝର, ୨୩।୮(ସ୍ୱ.ପ୍ର.): ସ୍ଥାନୀୟ ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଭାବେ ଇଂ. ଜ୍ଞାନରଞ୍ଜନ ଦାସ ଗତ ୧୪ରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ କଳ୍ପତରୁ ତୀର୍ଥବାସୀ ପରିଡ଼ାଙ୍କ ବିୟୋଗରେ ପରେ ପଦବୀ ଖାଲି ପଡ଼ିଥିଲା। ଇଂ. ଦାସ ପୂର୍ବରୁ ବଡ଼ବିଲ ସରକାରୀ ଆଇଟିଆଇରେ ୧୦ ବର୍ଷ ଧରି ଅଧ୍ୟକ୍ଷ ଭାବେ ରହି ବହୁ ଉନ୍ନୟନମୂଳକ କାମ କରିଥିଲେ। ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟରେ ଉପାଧ୍ୟକ୍ଷ ଦାୟିତ୍ୱରେ ରହି ସୁରୁଖରେ କାର୍ଯ୍ୟ ନିର୍ବାହ ମଧ କରିଥିଲେ।

■ ୪ର୍ଥ ଦିନରେ ଶ୍ରମିକ ଧର୍ମଘଟ

# ସାମିଲ ହେଲେ ଶତାଧିକ ଶ୍ରମିକ



ଶ୍ରମିକଙ୍କ ଧାରଣା ଜାରି ରଖିଛନ୍ତି।

ଯୋଡ଼ା, ୨୩।୮(ଡି.ଏନ.ଏ.)

ଯୋଡ଼ା ଖଣି ମଣ୍ଡଳ ଓ ସୁନ୍ଦରଗଡ଼ ଜିଲା କୋଇଡା ଖଣି ମଣ୍ଡଳର ଜୁରୁଡିସ୍ଥିତ ଏସେଲ ମାଇନିଂ ଇଣ୍ଡଷ୍ଟ୍ରିଜ ଖଣିରେ ଶ୍ରମିକଙ୍କ ଧର୍ମଘଟ ଚତୁର୍ଥ ଦିନରେ ପହଞ୍ଚିଛି। ସୁନ୍ଦରଗଡ ଜିଲା କୋଇଡା ଏସେଲ ଖଣିରୁ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ଓ ଯୋଡ଼ା ଖଣି ମଣ୍ଡଳର ଜିଲିଂ ଖଣିର ୧୨ ଶହରୁ ଊର୍ଦ୍ଧ୍ୱ ଶ୍ରମିକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଆଇଟିୟୁସି ଶ୍ରମିକ ସଂଘଠନର ସହବନ୍ଧିତ କେନ୍ଦୁଝର ମାଇନ୍ସ ଫରେଷ୍ଟ ୱାରକର୍ସ ୟୁନିୟନ ଓ ସୁନ୍ଦରଗଡ, କେନ୍ଦୁଝର ଡିଷ୍ଟ୍ରିକ୍ଟ ମଜଦୁର ୟୁନିୟନ ଆନ୍ଦୋଳନ ଡାକରା ଦେଇଛି। ଶ୍ରମିକ ସଂଘର ସାଧାରଣ ସମ୍ପାଦକ ମହେଶ୍ୱର ରାଉତ କହିଛନ୍ତି ଯେ, ଯୋଡ଼ା ଖଣି ମଣ୍ଡଳର ଏସେଲ ମାଇନିଂର ଜିଲିଂ ଖଣିରେ ବିଭାଗୀୟ ସ୍ଥାୟୀ ଶ୍ରମିକଙ୍କ ସହ ସୁନ୍ଦରଗଡର କୋଇଡା ଏସେଲ ଖଣିରେ ବିଭାଗୀୟ ସ୍ଥାୟୀ ଶ୍ରମିକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବୁଧବାର ୫ ଦଫା ଦାବି ଉପରେ କେନ୍ଦ୍ରିୟ ଶ୍ରମ କମିଶନର ରାଉରକେଲା କାର୍ଯ୍ୟାଳୟରେ ହେବାକୁ ଥିବା ଆଲୋଚନାରେ କମ୍ପାନୀ ଅଧିକାରୀ ଯୋଗ ଦେଇ ନ ଥିବାରୁ ଆଲୋଚନା ବିଫଳ ହେବାରୁ ଧର୍ମଘଟ ଜାରି ରହିଛି।

ଖଣି ଅଞ୍ଚଳରେ ଥିବା ସମସ୍ତ ଖଣି କମ୍ପାନୀରେ ଅବସର ଗ୍ରହଣ କରିବାର ବୟସ ୬୦ବର୍ଷ ରଖିଥିବା ବେଳେ ବିର୍ଲା କମ୍ପାନୀର ଏସେଲ ଖଣି ୫୮ ବର୍ଷ ବୟସରେ ଅବସର ପ୍ରଦାନ କରୁଅଛି ବୋଲି ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ମହାନ୍ତ ଅଭିଯୋଗ କରିଛନ୍ତି। ଶ୍ରମିକ ସଙ୍ଗଠନର ସାଧାରଣ ସମ୍ପାଦକ ମହେଶ୍ୱର ରାଉତଙ୍କୁ ପଚାରିବାରୁ କର୍ଣ୍ଣାଟକ ହାଇକୋର୍ଟ ରିଟ ପିଟିସନ ୧୪୫୭୬/୨୦୧୭ରେ ଦେଇଥିବା ରାୟରେ ୬୦ବର୍ଷ ଅବସର ବୟସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୩ରୁ ଖଣି ଅଞ୍ଚଳରେ ଥିବା ସମସ୍ତ ଖଣି ଏହାକୁ ଲାଗୁ କରିଥିବା ବେଳେ ଏସେଲ ଖଣି ଲାଗୁ କରୁନାହିଁ। ଦାବି ଗୁଡିକ ପୂରଣ ନ ହେବା ପର୍ଯ୍ୟନ୍ତ ଧର୍ମଘଟ ଜାରି ରହିବ ବୋଲି ସେ କହିଛନ୍ତି।

## ମଣିଷ ପଣିଆଁରୁ ବଞ୍ଚିଗଲା ଜୀବନ

ଆନନ୍ଦପୁର, ୨୩। ୮(ସ୍ୱ.ପ୍ର.): ଜଣେ ଖାକିପୋଷାକ ପିନ୍ଧା ପୋଲିସ ବାବୁଙ୍କ ମଣିଷ ପଣିଆ ପାଇଁ ଗୁରୁବାର ଗୋଟିଏ ଜୀବନ ବଞ୍ଚି ଯାଇଛି। ନିଜ ପୋଲିସ କାର୍ଯ୍ୟକୁ ପଛରେ ରଖି ମାନବିକତା ଦେଖାଇଛନ୍ତି ପୋଲିସ୍ ଅଫିସର ଜଣଙ୍କ। ଦୁର୍ଘଟଣା ଘଟି ଗୁରତର ଅବସ୍ଥାରେ ଛଟପଟ ହେଉଥିବା ଯୁବକଙ୍କୁ ଉଚିତ୍ ସମୟରେ ଉପଯୁକ୍ତ ଚିକିତ୍ସା ମିଳିପାରିଛି। କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଭଦ୍ରକ-ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥର ବଞ୍ଚୋଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ବାଇକ୍ ଆରୋହୀ ସୋସ ଥାନ ବାଙ୍ଗର ଗାଁର ନନ୍ଦନ ସାହୁ ରାସ୍ତା କଡରେ ପଡିଥିଲେ। ସ୍ଥାନୀୟ କେତେକ ଲୋକେ ପହଞ୍ଚି ନନ୍ଦନଙ୍କୁ ଡାକ୍ତରଖାନା ନେବାକୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଅପେକ୍ଷାରେ ରହିଥାନ୍ତି। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ଯୋଗୁଁ ନନ୍ଦନଙ୍କ ଅବସ୍ଥା ଗୁରୁତର ହୋଇ ପଡୁଥିଲା। ସ୍ପେସାଲ କାର୍ଯ୍ୟରେ ପାଇଁ ତରତର ହୋଇ ନନ୍ଦିନଦା ଥାନାର ସବ୍‌ଇନ୍ସପେକଟର ବିଜୟ କୁମାର ମଲ୍ଲିକ୍ ଗାଡିରେ ସେହିବାଟ ଦେଇ ଯାଉଥିଲେ। ପରେ ସବ୍‌ଇନ୍ସପେକଟର ନିଜେ ଦୁର୍ଘଟଣାଗ୍ରସ୍ତ ଯୁବକକୁ ହାତରେ ଉଠାଇ ଗାଡିରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚାଇ ଚିକିତ୍ସା କରାଇଥିଲେ। ପରେ ଗୁରୁତର ନନ୍ଦନଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ପଠାଯାଇଛି। ମଲ୍ଲିକଙ୍କ ଏହି ମଣିଷ ପଣିଆକୁ ସବୁରି ମହଲରେ ପ୍ରଶଂସା କରାଯାଇଛି।

## କେରଳ ବନ୍ୟା ପୀଡ଼ିତଙ୍କୁ ଆର୍ଥିକ ସହାୟତା



ପୂର୍ବତନ ସାମରିକ କର୍ମଚାରୀ ସଂଘର କର୍ମକର୍ତ୍ତା।

ଚମ୍ପୁଆ, ୨୩।୮(ଡି.ଏନ.ଏ.)

କେରଳ ବନ୍ୟା ପୀଡିତଙ୍କ ପାଇଁ ସହାୟତା ପାଇଁ ଚମ୍ପୁଆ ପୂର୍ବତନ ସାମରିକ କର୍ମଚାରୀ ସଂଘ ପକ୍ଷରୁ ପ୍ରୟାସ କରାଯାଇଛି। ରାଷ୍ଟ୍ରୀୟ ବିପତ୍ତି ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏବଂ ବିଭିନ୍ନ ବେସରକାରୀ ସଙ୍ଗଠନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଥିବା ବେଳେ ଚମ୍ପୁଆ ପୂର୍ବତନ ସାମରିକ କର୍ମଚାରୀ ସଂଘ ପକ୍ଷରୁ ପଦକ୍ଷେପ ନିଆଯାଇଛି। ପଦକ୍ଷେପ ସ୍ୱରୂପ ସଂଘର କର୍ମଚାରୀ ଚମ୍ପୁଆର ବିଭିନ୍ନ ଦୋକାନ ବଜାର, ଜନସାଧାରଣ, ଆଇନଜୀବୀଙ୍କ ପାଖରୁ ଅର୍ଥ ଯୋଗାଡ କରିବା ସହ ସମସ୍ତ କର୍ମଚାରୀ ଗୋଟିଏ ଦିନର ପେନଶନ୍ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆଦାୟ ଅର୍ଥକୁ କେରଳ ସରକାରଙ୍କ ପକ୍ଷରୁ ରିଲିଫ ଏକାଷ୍ଟ ମାଧ୍ୟମରେ ପଠାଯିବ ବୋଲି ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କୁ ଚିଠି ଲେଖିଲେ ଜିଲା ଯୋଜନା କମିଟି ଅଧ୍ୟକ୍ଷ

କେନ୍ଦୁଝର, ୨୩।୮(ସ୍ୱ.ପ୍ର.)

ଅବହେଳିତ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାର ଭିତ୍ତିଭୂମି ବିକାଶ ପାଇଁ ଜିଲାପାଳ ତଥା ଜିଲା ଖଣିଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଆଶିଷ ଠାକରେଙ୍କୁ ଜିଲା ଯୋଜନା କମିଟିର ଅଧ୍ୟକ୍ଷ ହୃଶିକେଶ ନାୟକ ଚିଠି ଲେଖିଛନ୍ତି। ମେଡିକାଲରେ ବିଦ୍ୟୁତ୍ ସମସ୍ୟା ଦେଖାଦେଉଛି। ମେଡିକାଲରେ ଅନବରତ ବିଦ୍ୟୁତ୍ ଯୋଗାଣ ପାଇଁ ୨୫ କେଭିଏ ଜେନେରେଟର ଯୋଗାଇଦେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି। ପାନୀୟ ଜଳ ସମସ୍ୟା ଲାଗି ରହିଛି। ରୋଗୀମାନେ ପାଣି ପାଇଁ ଅସୁବିଧା ଭୋଗୁଛନ୍ତି। ୨ଟି ଗଭୀର ନଳକୂପ ଖନନ ଏବଂ ଓଭରହେଡ ଟାଙ୍କି ନିର୍ମାଣ କରାଗଲେ ପାଣି ସମସ୍ୟା ଦୂର ହୋଇପାରିବ ବୋଲି ଉଲ୍ଲେଖ କରିଛନ୍ତି। ନୂତନ ୱାର୍ଡ ନିର୍ମାଣର ଆବଶ୍ୟକତା ରହିଛି। ଆବଶ୍ୟକ ଗୃହ ନିର୍ମାଣ ସହିତ ସରାମ ଯୋଗାଇବାକୁ ଦାବି କରିଛନ୍ତି।

ଡିଏମଏଫରୁ ଚମ୍ପୁଆ ମହତାବ ହାଇସ୍କୁଲରେ ଶ୍ରେଣୀକକ୍ଷ, ହଷ୍ଟେଲ, ସାଇକେଲ ଷ୍ଟାଣ୍ଡ ଓ ଅଡିଟରିଅମ ନିର୍ମାଣ, ଆଞ୍ଚଳିକ ମହାବିଦ୍ୟାଳୟ, ପାଟଣାରେ ଶ୍ରେଣୀ ଗୃହ ଓ ବିଜ୍ଞାନ ଲାବରାଟୋରୀ ନିର୍ମାଣ, ରିମୁଳି କଲେଜ ପାଇଁ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ଡି.ବି. କଲେଜ, ତୁରୁମୁଙ୍ଗା, ଆଞ୍ଚଳିକ ମହାବିଦ୍ୟାଳୟ, ଉଦୟପୁର, ଭୀମକୁଣ୍ଡ ମହାବିଦ୍ୟାଳୟ, ଡୁମୁରିଆ ପାଇଁ ଅତିରିକ୍ତ ଶ୍ରେଣୀଗୃହ, ବାଳିକା ହଷ୍ଟେଲ, ପାନୀୟଜଳ ପ୍ରକଳ୍ପ ନିର୍ମାଣ, ଲାଇବ୍ରେରୀ, ବିଜ୍ଞାନ ଲାବରାଟୋରୀ ଆଦି ପ୍ରତିଷ୍ଠା ପାଇଁ ଡିଏମଏଫରୁ ଅର୍ଥ ଅନୁମୋଦନ କରିବାକୁ ଜଣାଇଛନ୍ତି। କଲେଜ ଓ ବିଦ୍ୟାଳୟ ତଥା ମେଡିକାଲକୁ ଗସ୍ତ ବେଳେ ଏହିସବୁ ସମସ୍ୟା ଦେଖିବାକୁ ପାଇଥିବା ବିଧାୟକ ହୃଶିକେଶ ନାୟକ କହିଛନ୍ତି।

## ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

ରାଇସୁଆଁ, ୨୩।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଥାନା ସିଲିସୁଆଁ ଗ୍ରାମର ଅନଳ ଦେହୁରିଙ୍କୁ ସଦର ପୋଲିସ ମଦ ବିକ୍ରି ଅଭିଯୋଗରେ ଗିରଫ କରିଛି। ତାଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ୬ ଲିଟର ବିଦେଶୀ ମଦ ଜବତ ହୋଇଛି।

■ ଦଧିବାମନଜୀଉ ମନ୍ଦିରରୁ ସୁନାଚିତା ଚୋରି ଘଟଣା

## ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ

ଆନନ୍ଦପୁର, ୨୩।୮(ସ୍ୱ.ପ୍ର.)

ଆନନ୍ଦପୁରର ଆରାଧ୍ୟ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରୁ ତିନି ଠାକୁରଙ୍କର ସୁନାଚିତା ଗତ ଜୁନ୍ ୧ରେ କେହି ଦୁର୍ବୃତ୍ତ ଚୋରି କରି ନେଇ ଯାଇଛନ୍ତି। ଉକ୍ତ ଚୋରି ଘଟଣାରେ ଅଦ୍ୟାବଧି ପୋଲିସ ଚୋରଙ୍କ କୌଣସି ସନ୍ଧାନ ପାଇ ନ ଥିବା ଅଭିଯୋଗ ହୋଇଛି। ଚୋରି ଦିନ ସକାଳୁ ମନ୍ଦିର ପୂଜକ ଜଗବନ୍ଧୁ ଦାଶ ରୀତିନୀତି କରିବାକୁ ଆସି ମନ୍ଦିର ଚାବି ଖୋଲି ତିନି ଠାକୁରଙ୍କର ସୁନାଚିତା ନ ଥିବା ଦେଖିବାକୁ ପାଇଥିଲେ। ମନ୍ଦିରରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ପୂଜକ ମନ୍ଦିର ପରିଚାଳକଙ୍କୁ ଜଣାଇଥିଲେ। ମନ୍ଦିରର କୌଣସି ବି ପାର୍ଶ୍ୱ ଓ ଚାବି ଭଙ୍ଗା ଯାଇ ନ ଥିବା ବେଳେ ଚୋରି କେମିତି ସମ୍ଭବ ହେଲା ତାହା ସାଧାରଣରେ ସନ୍ଦେହକୁ ଘନୀଭୂତ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୦୬/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମନ୍ଦିରର ପୂଜକଙ୍କୁ ଜେରା କରିଥିଲେ ସୁଦ୍ଧା ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ଟେର୍ ପାଇ ନ ଥିବା ସହଜରେ ଗ୍ରହଣ କରିପାରିନାହାନ୍ତି ସ୍ଥାନୀୟ ବାସିନ୍ଦା ତଥା ଶ୍ରଦ୍ଧାଳୁ। ତଦନ୍ତ ଦାୟିତ୍ୱରେ ଥିବା ଆନନ୍ଦପୁର ଥାନା ଏସ୍‌ଆଇ ରଶ୍ମିରଞ୍ଜନ ଦାଶଙ୍କୁ ପଚାରିବାରୁ ଅନୁସନ୍ଧାନ ଚାଲିଛି। ଖୁବ୍‌ଶୀଘ୍ର ଚୋରି ସମ୍ପର୍କିତ ସମସ୍ତ ତଥ୍ୟ ହାସଲ ହେବ ବୋଲି ସେ କହିଛନ୍ତି।

# ବେଧଡ଼କ କାଠ ଚୋରି, ଜଙ୍ଗଲ ଧ୍ୱଂସ

■ ଗାଁ ମୁହାଁ ହେଉଛନ୍ତି ହାତୀ
■ ଧରପଗଡ଼ କରୁନି ବନ ବିଭାଗ

କେନ୍ଦୁଝର, ୨୩।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଜଙ୍ଗଲ ଧ୍ୱଂସ ପାଉଥିବାରୁ ହାତୀମାନେ ଗାଁ ମୁହାଁ ହେଉଛନ୍ତି। ଫଳରେ ଲୋକଙ୍କ ବ୍ୟାପକ କ୍ଷୟକ୍ଷତି ଘଟୁଛି। ବନ ବିଭାଗ ଜଙ୍ଗଲ ଲୁଟ ରୋକିବାରେ ବିଫଳ ହେଉଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ଥିବା ବନ ସୁରକ୍ଷା ସମିତିଙ୍କୁ ସୁଦୃଢ କରାଯାଉ ନ ଥିବାରୁ ସେମାନେ ମଧ ଜଙ୍ଗଲ ସୁରକ୍ଷା କରିପାରୁନାହାନ୍ତି। କାଠ ମାଫିଆମାନେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ଏବଂ ବନ ବିଭାଗ କର୍ମଚାରୀଙ୍କୁ ହାତ କରି ବଡ ଶାଳ ଗଛ କାଟି ଚାଲାଣ କରୁଛନ୍ତି। କେତେ ଜଣ ବନ କର୍ମଚାରୀ ବିମୁଦ୍ରିକରଣ ସମୟରେ କାଠ ମାଫିଆଙ୍କ ଜରିଆରେ ଟଙ୍କା ବଦଳାଇ ଥିଲେ ଏବଂ ମାଫିଆଙ୍କ ଗାଡିରେ ବାହାରକୁ ବୁଲାବୁଲି କରିବାକୁ ଯାଉଥିବାରୁ ଏଭଳି ଘଟଣାକୁ ଧରପଗଡ କରାଯାଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏଭଳି କିଛି ମାସ ହେଲା ତାଳପଦା, ନୁଣଝରଣ, ଧୋଗୋଠ ଓ ଆଖପାଖ ଗ୍ରାମ ନିକଟ ଜଙ୍ଗଲରୁ ବିହାରୀ ଲୋକଙ୍କ ଦ୍ୱାରା ବହୁ ସଂଖ୍ୟାରେ ଗଛ କଟାଇଯାଇ ସେଠାରେ ସାଇଜ କରି ଗାଡିରେ କେନ୍ଦୁଝର ସହର ତଥା ଅନ୍ୟ ଅଞ୍ଚଳକୁ ଚାଲାଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଲୋକ ବିରୋଧ କରିଥିଲେ ହେଁ ଭୟଭୀତ କରି ଚୁପ କରାଯାଇଥିବା ଅଭିଯୋଗ ହୋଇଛି।

ଗଛ କଟାଯାଉଥିବାରୁ ଜଙ୍ଗଲ ଓ ପରିବେଶ ନଷ୍ଟହେବା ସହ ହାତୀଙ୍କ ଆଶ୍ରୟ ସ୍ଥଳୀ ନଷ୍ଟ ହେଉଛି। ଫଳରେ ହାତୀମାନେ ଗାଁ ଗଣ୍ଡାରେ ପଶି ଉପଦ୍ରବ ଚଳାଉଛନ୍ତି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି। ଏକଦା ଘଞ୍ଚ ଜଙ୍ଗଲଥିବା ଉକ୍ତ ଅଞ୍ଚଳରେ ବହୁ ଜୀବଜନ୍ତୁ ବସବାସ କରୁଥିଲେ। ଜଙ୍ଗଲ କଟାଯିବା ଫଳରେ ବନ୍ୟପ୍ରାଣୀ ଅନ୍ୟତ୍ର ପଳାୟନ କରୁଥିବାରୁ ପରିବେଶବିତମାନେ ଚିନ୍ତା ପ୍ରକଟ କରୁଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ଥିବା ବନ ବିଭାଗ ଏ ନେଇ ଧରପଗଡ କରୁନାହିଁ। ପରୋକ୍ଷରେ ମାଫିଆଙ୍କଠାରୁ ଅନୁକମ୍ପା ନେଇ ସହାୟତା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସଦର ରେଞ୍ଜ ଅଧିକାରୀ ଅନ୍ତର୍ଯ୍ୟାମୀ ବେହେରାଙ୍କୁ ପଚାରିବାରୁ ବେଆଇନ ଜଙ୍ଗଲ କଟାଯାଉଥିଲେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

■ ଘସିପୁରାରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ

# ୬ କୋଟି ଅନୁଦାନ ଅନୁମୋଦନ

ଆନନ୍ଦପୁର, ୨୩।୮(ସ୍ୱ.ପ୍ର.)

ଘସିପୁରା ବ୍ଲକରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ହୋଇଥିଲା। ସାଇଁକୁଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ଆନନ୍ଦପୁର ବିଧାୟକ ମାୟାଧର ଯେନ, ଜିଲାପାଳ ଆଶିଷ ଠାକରେ, ଜିଲାପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଆନନ୍ଦପୁର ଭାରାପ୍ରାପ୍ତ ଉପଜିଲାପାଳ ତପନ ନାୟକ, ଘସିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଆନନ୍ଦପୁର ଏମପି ପ୍ରତିନିଧି ଦେବପ୍ରିୟ ପାତ୍ର, ଆନନ୍ଦପୁର ବିଡିଓ ଉମାକାନ୍ତ ପରିଡ଼ା, ଜିଲା ପରିଷଦ ସଭ୍ୟ ତୁସୀଲ କୁମାର ମୁର୍ମୁ, ଇତିଶ୍ରୀ ବେହେରା, ସାଇଁକୁଳ ସରପଞ୍ଚ ବିଭାଷ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସହ ୨୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ,




ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

■ 'ଆମେ ବିଜ୍ଞାନ ଯୁଗର ପିଲା' ପରିବେଷଣ
■ ଯୋଗଦେଲେ ୨୫ ପଞ୍ଚାୟତର ଲୋକ

ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ସିଧାପ୍ରସାରଣ ଦ୍ୱାରା ଘସିପୁରା ବ୍ଲକର 'ଆମ ଗାଁ ଆମ ବିକାଶ' ଯୋଜନାକୁ ସାକାର କରିବା ନିମନ୍ତେ ୬ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଅନୁଦାନ ଅନୁମୋଦନ କରିଥିଲେ। ଅନୁଦାନରେ ବ୍ଲକର ବିଭିନ୍ନ ପଞ୍ଚାୟତରେ କମ୍ୟୁନିଟି ସେଣ୍ଟର୍, ଗାଧୁଆ ତୋଠ ଓ ଚେଞ୍ଜିଂ ରୁମ୍, ରାସ୍ତା ଘାଟ ନିର୍ମାଣ, ଠାକୁରାଣୀ ପୀଠ ନିର୍ମାଣ କରାଯାଇ ଗାଁକୁ ବିକାଶ ଅଭିମୁଖି କରାଯିବର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଶାଳପଡା ବିଣାପାଣି କଳାନିକେତନର ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ 'ଆମ ଗାଁର ପାଣିପବନ', 'ଏ ମାଟିର କଥା', 'ଆମେ ବିଜ୍ଞାନ ଯୁଗର ପିଲା' ଆଦି ନୃତ୍ୟଶିଳ୍ପୀମାନେ ପରିବେଷଣ କରି ଉପସ୍ଥିତ ଘସିପୁରା ବ୍ଲକ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରେ ଜନସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନନ୍ଦପୁର ଏସଡିପିଓ ମହେଶ୍ୱର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମଚନ୍ଦ୍ରପୁର ଆଇଆଇସି ରାଜେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ପୋଲିସ ବାହିନୀ ମୁତୟନ ହୋଇଥିଲେ।